# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୮/୨୦୨୦ (୧୩ ପୃଷ୍ଠା) | Bhubaneswar, Tuesday, July 28/2020 | ★★★★★★

୪୭ଶ ଭାଗ ୨୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଇଂଲଣ୍ଡ ଦଳରେ ଟୋପ୍‌ଲେ**

ଆୟର୍ଲାଣ୍ଡ ବିପକ୍ଷ ଏକଦିବସୀୟ କ୍ରିକେଟ ସିରିଜ ପାଇଁ ଇଂଲଣ୍ଡ ଦଳକୁ ଫେରିଛନ୍ତି ବାମହାତୀ ପେସର ରିଷି ଟୋପ୍‌ଲେ।

୧୩

୧୦

**ଭାଇଜାନ୍‌ଙ୍କ ପ୍ରେମରେ ପଡ଼ିଥିଲେ କ୍ରିତି**

ବଲିଉଡ୍ ନାୟିକା କ୍ରିତି ସାନନ ସଲ୍‌ମାନଙ୍କୁ ବହୁତ ହ୍ୟାଣ୍ଡସମ୍ ବୋଲି କହିବା ସହ ତାଙ୍କ ଆଟିଚ୍ୟୁଡ୍‌କୁ ପସନ୍ଦ କରିଛନ୍ତି। ତାଙ୍କ ସହ କାମ କରିବାକୁ ମୋର ଡ୍ରିମ ଅଛି ବୋଲି କ୍ରିତି କହିଛନ୍ତି।



## ଭାରତ ଆସୁଛି ୫ ରାଫାଲ ଯୁଦ୍ଧବିମାନ



- ବୁଧବାର ଅମ୍ବାଲା ବାୟୁସେନା ଘାଟିରେ ପହଞ୍ଚିବ
- ୨୦୨୧ ସୁଦ୍ଧା ଫ୍ରାନ୍ସରୁ ୩୬ଟି ଆସିବ
- ଖୁବ୍‌ଶୀଘ୍ର ଲାଗିବ ହାମର କ୍ଷେପଣାସ୍ତ୍ର

**ନୂଆଦିଲ୍ଲୀ/ପ୍ୟାରିସ୍,୨୭।୭:** ଫ୍ରାନ୍ସରୁ ପ୍ରଥମ ପର୍ଯ୍ୟାୟରେ ଭାରତ ସୋମବାର ୫ଟି ରାଫାଲ ଯୁଦ୍ଧବିମାନ ଆଣିବାରେ ସଫଳ ହୋଇଛି। ପ୍ରାୟ ୭ ହଜାର କି.ମି. ପାର୍‌ହୋଇ ବୁଧବାର ଅମ୍ବାଲା ବାୟୁସେନା ଘାଟିରେ ଏହି ଶକ୍ତିଶାଳୀ ଯୁଦ୍ଧବିମାନଗୁଡ଼ିକ ପହଞ୍ଚିବ। ମଝିରେ କେବଳ ୟୁଏଇରେ ଅଟକିବା ପରେ ନୂଆଦିଲ୍ଲୀ ଆଗମନ କରିବ। ଏନେଇ ଫ୍ରାନ୍ସରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଜେ. ଆଶ୍ରଫ ସୂଚନା ଦେଇଛନ୍ତି। ରାଫାଲ ଆସିବା ପରେ ଭାରତର ପ୍ରତିରକ୍ଷା କ୍ଷେତ୍ର ଅଧିକ ସୁଦୃଢ଼ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଭାରତ ଓ ଫ୍ରାନ୍ସ ସରକାରଙ୍କ ମଧ୍ୟରେ ଏନେଇ ୪ ବର୍ଷ ତଳେ ଚୁକ୍ତି କରାଯାଇଥିଲା। ୫୯ ହଜାର କୋଟି ଟଙ୍କାରେ ଫ୍ରାନ୍ସଠାରୁ ଭାରତ ୩୬ଟି ରାଫାଲ ଯୁଦ୍ଧବିମାନ କିଣିବା କାର୍ଯ୍ୟକ୍ରମ ରହିଛି। ଏହି ଯୁଦ୍ଧବିମାନ ☞ପୃଷ୍ଠା-୪

# କର୍ମଚାରୀ ବୋଝ ନେବାକୁ ଅମଙ୍ଗ ଟିପିସିଏଲ୍

**ଭୁବନେଶ୍ୱର,୨୭।୭(ବ୍ୟୁରୋ)**



- ସେସୁ ଉପରେ ଗ୍ରୀଡ୍‌କୋ, ଓପିଟିସିଏଲ୍ ବକେୟା ୨୦୧୧କୋଟି
- ବକେୟା ଟଙ୍କା ପଇଠ କରିବାକୁ ଓଇଆର୍‌ସିକୁ ଚିଠି ଲେଖିଲା ଓପିଟିସିଏଲ୍
- କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ମାନିବାକୁ ଟିପିସିଏଲ୍ ଅରାଜି
- ଓଇଆର୍‌ସିରେ ଦାଖଲ କଲା ରିଭ୍ୟୁ ପିଟିଶନ

ରାଜ୍ୟବାସୀଙ୍କୁ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇଦେବାକୁ ସରକାର ବିଦ୍ୟୁତ୍ ବ୍ୟବସ୍ଥାକୁ ଘରୋଇକରଣ କରୁଛନ୍ତି। ହେଲେ ଘରୋଇ କମ୍ପାନୀ ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାରୁ ଲାଭବାନ ହେଉଥିବାବେଳେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ମିଳିବା ବଦଳରେ ରାଜକୋଷ ଉପରେ ଋଣର ପାହାଡ଼ ଛିଡ଼ା ହୋଇଯାଉଛି। କେବଳ ସେତିକି ନୁହେଁ, ଦୁର୍ବଳ ଭିତ୍ତିଭୂମି ଯୋଗୁ ବୈଷୟିକ ଓ ବାଣିଜ୍ୟିକ କ୍ଷତି ମଧ୍ୟ ବଢ଼ିଯାଉଛି। ଗ୍ରୀଡ୍‌କୋ ଏବଂ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ(ଓପିଟିସିଏଲ୍)ର ବକେୟା ବିଦ୍ୟୁତ୍‌ଦେୟକୁ ରାଜ୍ୟର ୪ ବିଦ୍ୟୁତ୍‌ବିତରଣ କମ୍ପାନୀ ସେସୁ, ନେସ୍‌କୋ, ସାଉଥ୍‌କୋ ଏବଂ ୱେସ୍‌କୋ ପଇଠ କରୁନାହାନ୍ତି। ଏପରି ସ୍ଥଳେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ସେସୁ ସମ୍ପତ୍ତିକୁ ମାତ୍ର ୩୫୦ କୋଟି ଟଙ୍କାରେ ଆକଳନ କରି ପୁଣି ଏକ ଘରୋଇ କମ୍ପାନୀ ଟାଟା ପାୱାର କମ୍ପାନୀ ଲିମିଟେଡ୍(ଟିପିସିଏଲ) ହାତକୁ ଟେକି ଦେବା ଘଟଣାକୁ ନେଇ ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ପ୍ରଶ୍ନ ଉଠାଇଛି। ସେସୁ ଉପରେ ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍‌ର ପ୍ରାୟ ୨୦୧୧ କୋଟି ଟଙ୍କା ବକେୟା ପଡ଼ିଛି। ବକେୟା ଟଙ୍କା ପାଇବା ପାଇଁ ଓପିଟିସିଏଲ ଓଇଆରସିକୁ ଚିଠି ଲେଖିଛି। ଅପରପକ୍ଷରେ ଟିପିସିଏଲ୍ ସେସୁର ପରିଚାଳନା ଭାର ନେବା ପରେ ଏବେ ସେସୁ କର୍ମଚାରୀଙ୍କ ବୋଝ ବୋହିବାକୁ କମ୍ପାନୀ ଅମଙ୍ଗ ହୋଇଛି। ଚୁକ୍ତିରେ ସଂଶୋଧନ ଆଣିବା ପାଇଁ ଓଇଆର୍‌ସି ନିକଟରେ ଏକ ରିଭ୍ୟୁ ପିଟିଶନ ଦାଏର କରିଛି, ଯାହାର ଶୁଣାଣି ଜୁଲାଇ ୨୮ ମଙ୍ଗଳବାର ହେବା ସମ୍ଭାବନା ରହିଛି।

ଉପଭୋକ୍ତାଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୧୯୯୯ରେ ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ଭାଙ୍ଗି ସମଗ୍ର ବିଦ୍ୟୁତ ବ୍ୟବସ୍ଥାକୁ ଘରୋଇକରଣ କରିଥିଲେ। ତତ୍କାଳୀନ ସେସ୍‌କୋକୁ ଆମେରିକାସ୍ଥିତ କମ୍ପାନୀ ଏଇଏସ୍ ହାତରେ ଟେକି ଦିଆଯାଇଥିଲା। ଉକ୍ତ କମ୍ପାନୀ ବିଦ୍ୟୁତ୍ ବ୍ୟବସ୍ଥାକୁ ସଜାଡ଼ିବା ପରିବର୍ତ୍ତେ ଦେବାଳିଆ କରି ୨୦୦୨ରେ ଛାଡ଼ି ଚାଲି ଯାଇଥିଲା। ସେବେଠାରୁ ଓଇଆର୍‌ସି ପ୍ରଶାସକ ନିଯୁକ୍ତ କରି ସେସୁକୁ ଚଳାଇ ଆସୁଥିଲେ। ଦୀର୍ଘ ଦୁଇ ଦଶନ୍ଧିକାଳ ଚଳାଇବାପରେ ୨୦୨୦ଜୁନ୍ ପହିଲାରୁ ସେସୁର ପରିଚାଳନା ଭାର ଟାଟା ପାୱାର ଟିପିସିଏଲ୍‌କୁ ହସ୍ତାନ୍ତର କରାଯାଇଛି। ଏହି କମ୍ପାନୀ ଏବେ ସେସୁ ବଦଳରେ ଟାଟା ପାୱାର ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିସିଓଡିଏଲ୍) ନାମରେ ପରିଚାଳନା କରୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରୀଡ୍‌କୋ ଏବଂ ଟିପିସିଏଲ୍ ମଧ୍ୟରେ ଏ ନେଇ ଚୁକ୍ତି ହୋଇଛି। ଏଥିରେ ରାଜ୍ୟ ସରକାରଙ୍କ ୪୯ ପ୍ରତିଶତ ଅଂଶଧନ ଥିବାବେଳେ ଟିପିସିଏଲର ୫୧ପ୍ରତିଶତ ଅଂଶଧନ ରହିଛି। ଚୁକ୍ତି ଅନୁଯାୟୀ ଟାଟା ପାୱାର ସେସୁକୁ ପରିଚାଳନା କରିବା ସହ ଉନ୍ନତ ସେବା, ବୈଷୟିକ ଓ ବାଣିଜ୍ୟିକ କ୍ଷତି କମାଇବା, ନୂତନ ପ୍ରକଳ୍ପ ପାଇଁ ପୁଞ୍ଜିନିବେଶ ଇତ୍ୟାଦି କରିବ। ଏଥିସହିତ ସେସୁରେ ଥିବା ୪,୯୧୭ ସ୍ଥାୟୀ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ରକ୍ଷା କରିବା ସହ ୪୩୫ଠିକା କର୍ମଚାରୀଙ୍କୁ ମଧ୍ୟ ରଖିବାକୁ ଚୁକ୍ତିରେ ଉଲ୍ଲେଖ ରହିଥିଲା। ଏପରି କି ସେସୁର କୌଣସି ବକେୟା ବୋଝକୁ ଟିପିସିଏଲ ବହନ କରିବ ନାହିଁ। କେବଳ ଆସନ୍ତା ୫ବର୍ଷ ମଧ୍ୟରେ ଉପଭୋକ୍ତାଙ୍କ ଉପରେ ବକେୟା ଥିବା ୨୦୦ କୋଟି ବିଦ୍ୟୁତ ବିଲ୍ ପଇଠ କରିବ ବୋଲି ଚୁକ୍ତିରେ ଉଲ୍ଲେଖ କରାଯାଇଛି। ହେଲେ ଏବେ ସେସୁ ☞ପୃଷ୍ଠା-୪

# ଚିନ୍ତା ବଢ଼ାଇଛି ୩ ଜିଲା

## ଆଉ ୧୫୦୩ ଚିହ୍ନଟ, ୭ ମୃତ, ୫୮୧ ସୁସ୍ଥ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

- ପ୍ରତିଦିନ ଗଞ୍ଜାମ, ଖୋର୍ଦ୍ଧା ଓ କଟକରୁ ୬୫ପ୍ରତିଶତ ଆକ୍ରାନ୍ତ ଚିହ୍ନଟ

**୨୬** ହଜାର ଟପିଲା ସଂକ୍ରମିତ ସଂଖ୍ୟା



ରାଜ୍ୟରେ କରୋନା ଉପରମୁହାଁ ରହିଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ବଢ଼ିଚାଲିଛି। ଆଗକୁ ବଢ଼ିବ କି କମିବ ତାହା କହି ହେବ ନାହିଁ। ତେବେ ରାଜ୍ୟର ୩ ଜିଲା ଏବେ ଚିନ୍ତା ବଢ଼ାଇଛି। ଗଞ୍ଜାମ, ଖୋର୍ଦ୍ଧା ଓ କଟକରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ପ୍ରତିଦିନ ରାଜ୍ୟରୁ ବାହାରୁଥିବା ଆକ୍ରାନ୍ତଙ୍କ ମଧ୍ୟରେ ୬୦ରୁ ୬୫ ପ୍ରତିଶତ କେବଳ ଏହି ୩ ଜିଲାରୁ ରହୁଛନ୍ତି, ଯେଉଁଥିପାଇଁ ସଂକ୍ରମିତ ସଂଖ୍ୟା ବଢ଼ିବାରେ ଲାଗିଛି। ଏହିସବୁ ଜିଲାରୁ ସଂକ୍ରମଣକୁ ନିୟନ୍ତ୍ରଣ କରାଗଲେ, ରାଜ୍ୟରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା କମିଯିବ ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି।

ଗତ ୨୪ ଘଣ୍ଟାରେ ରାଜ୍ୟର ୨୮ ଜିଲାରୁ ଆଉ ୧୫୦୩ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧,୦୦୨ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୫୦୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏଥିମଧ୍ୟରୁ ଗଞ୍ଜାମରେ ସର୍ବାଧିକ ୪୯୧ଜଣ ଥିବାବେଳେ ଖୋର୍ଦ୍ଧାରୁ ୨୨୩ ଓ କଟକରୁ ୧୩୬ଜଣ ରହିଛନ୍ତି। ଫଳରେ ଗଞ୍ଜାମରେ ମୋଟ ଆକ୍ରାନ୍ତ ସଂଖ୍ୟା ୯ହଜାର ପାର୍ କରିଥିବାବେଳେ ମୃତ୍ୟୁ ୮୨କୁ ଛୁଇଁଛି। ଖୋର୍ଦ୍ଧାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୨୬୦ ଥିବାବେଳେ ମୃତ୍ୟୁ ସଂଖ୍ୟା ୧୮ରେ ପହଞ୍ଚିଛି। ସେହିପରି କଟକରେ ନୂଆ ୧୩୬ଜଣଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧,୮୨୫ରେ ପହଞ୍ଚିଛି ଓ ୧୦ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ସେହିପରି କନ୍ଧମାଳ ଓ ଗଜପତିରୁ ୭୩ଜଣ ଲେଖାଏ, ରାୟଗଡ଼ା ୬୮, ସୁନ୍ଦରଗଡ଼ ୫୭, ଯାଜପୁର ୫୧, କେନ୍ଦୁଝର ୪୩, କୋରାପୁଟ ଓ ମାଲକାନଗିରିରୁ ୩୪ଜଣ ଲେଖାଏ, ଢେଙ୍କାନାଳ ୩୨, ମୟୂରଭଞ୍ଜ ୨୮, ଭଦ୍ରକ ୨୫, ବରଗଡ଼ ୨୩, ☞ପୃଷ୍ଠା-୪




# ୨୯ରେ ମାଟ୍ରିକ ରେଜଲ୍ଟ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

- ପୂର୍ବାହ୍ନ ସାଢ଼େ ୧୧ଟାରୁ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ
- ଅଗଷ୍ଟ ୧୦ ପର୍ଯ୍ୟନ୍ତ କାର୍ଯ୍ୟ କରିବ କଣ୍ଟ୍ରୋଲ ରୁମ୍
- ଅଗଷ୍ଟରେ ପ୍ରକାଶ ପାଇବ ଯୁକ୍ତ୨ ପରୀକ୍ଷାଫଳ

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ଆସନ୍ତା ୨୯ ତାରିଖରେ ପ୍ରକାଶ ପାଇବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସକାଳ ୯ଟାରେ ଭିଡିଓ କନ୍‌ଫରେନ୍ସିଂରେ ଏହି ରେଜଲ୍ଟ ପ୍ରକାଶ ପାଇବ। ପୂର୍ବାହ୍ନ ସାଢ଼େ ୧୧ଟାରୁ ବୋର୍ଡର ୨ଟି ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ୱେବ୍‌ସାଇଟ୍ ଓ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସେମାନଙ୍କ ଫଳ ଜାଣିପାରିବେ। ଏହି ଦୁଇ ୱେବ୍‌ସାଇଟ୍ ହେଲା www. bseodisha.ac.in ଓ www.bseodisha. nic.in। ଏଥିସହ ୫୬୭୬୭୫୦ରେ ଏସ୍‌ଏମ୍‌ଏସ୍ କଲେ ମଧ୍ୟ ରେଜଲ୍ଟ ମିଳିପାରିବ। ତେବେ ମାଟ୍ରିକ ପରୀକ୍ଷା ଫଳ ସଂକ୍ରାନ୍ତ ଅଧିକ ☞ପୃଷ୍ଠା-୪

# ଅଭିନେତ୍ରୀ ଦୀପା ସାହୁଙ୍କ ପରଲୋକ

## କର୍କଟ ସହ ଲଢ଼େଇ କରି ହାରିଗଲେ ଆଲ୍‌ବମ୍ କୁଇନ୍


ଦୀପା ସାହୁ

**ଭୁବନେଶ୍ୱର,୨୭।୭(ବ୍ୟୁରୋ)**

ଓଡ଼ିଆ ଆଲବମ୍ ଅଭିନେତ୍ରୀ ଦୀପା ସାହୁ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଦୀର୍ଘଦିନ ଧରି କର୍କଟ ରୋଗ ସହ ଲଢେଇ କରୁଥିବା ଏହି ଅଭିନେତ୍ରୀଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୩୫ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ମଣୀନ୍ଦ୍ର ଦତ୍ତ ଏବଂ ଏକମାତ୍ର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭୂମିପୂଜନ






# ଚିଙ୍ଗୁଡ଼ି ପାଇଁ ଜୀବନ ବାଜି

- ନଦୀନାଳରୁ ଧରାଯାଉଛି
- କୁମ୍ଭୀର ଆକ୍ରମଣ ବଢ଼ୁଛି
- ସଚେତନତା କାର୍ଯ୍ୟକ୍ରମ କାମ ଦେଉନି


ମୁଣ୍ଡୁଳି ଜାଲରେ ମାଛ ଧରୁଛନ୍ତି ମହିଳାମାନେ।

**କେନ୍ଦ୍ରାପଡ଼ା ଅଫିସ, ୨୭।୭ (ଜଗନ୍ନାଥ ଧଳ)**

ଏଭଳି କେତେକ ଜୀବିକା ରହିଛି, ଯେଉଁଥିରେ ଜୀବନ ଚାଲିଯାଉଛି। ହେଲେ ଅର୍ଥ ମୋହରେ ଲୋକେ ସେହି ପ୍ରାଣହାନି ଜୀବିକାଠାରୁ ଦୂରେଇ ପାରୁନାହାନ୍ତି। କେନ୍ଦ୍ରାପଡ଼ା ଜିଲାର କୁମ୍ଭୀର ସାଲୁବାଲୁ ହେଉଥିବା ନଦୀ ଓ ଯୋଉରୁ ଚିଙ୍ଗୁଡ଼ି ସଂଗ୍ରହ କରିବା ଅନେକ ଲୋକଙ୍କ ଜୀବିକା। କିନ୍ତୁ ଅସାବଧାନତା ଯୋଗୁ ସେମାନେ କୁମ୍ଭୀର ଆକ୍ରମଣର ଶିକାର ହୋଇ ମୃତାହତ ହେଉଛନ୍ତି। ଗତ ୧୦ବର୍ଷ ମଧ୍ୟରେ ୧୬ ଜଣଙ୍କ କୁମ୍ଭୀର ଆକ୍ରମଣରେ ମୃତ୍ୟୁ ହୋଇଥିବା ବନବିଭାଗ ରିପୋର୍ଟରୁ ଜଣାପଡ଼ିଛି। ବାସ୍ତବରେ ଏହି ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ ବୋଲି ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି। ସେହିପରି କୁମ୍ଭୀର ଆକ୍ରମଣରେ ଶତାଧିକ ବ୍ୟକ୍ତି ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରିଛନ୍ତି।

ସମୁଦ୍ର ଜୁଆର ଛାଡ଼ିଲେ ଭିତରକନିକା ଅଭୟାରଣ୍ୟରେ ଚିଙ୍ଗୁଡ଼ି ସଂଗ୍ରହକାରୀଙ୍କୁ ଦେଖିବାକୁ ମିଳୁଛି। ଏହି ଜାତୀୟ ଉଦ୍ୟାନ ମଧ୍ୟ ଦେଇ ବହିଯାଇଥିବା ନଦୀ ନାଳରୁ ଛୋଟ ଚିଙ୍ଗୁଡ଼ି ଧରି ସେମାନେ ବଜାରରେ ବିକ୍ରି ☞ପୃଷ୍ଠା-୪

## ଦୁର୍ଘଟଣାରେ ୮ ମୃତ

ମଧ୍ୟପ୍ରଦେଶର ଛତରପୁର ଜିଲାରେ ସୋମବାର ଅପରାହ୍ନରେ ଏକ ଏସ୍‌ୟୁଭି ଦୁଇଟି ମୋଟର ସାଇକେଲକୁ ଧକ୍କା ଦେବାରୁ ୪ ଶିଶୁଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ଜାତୀୟ ରାଜପଥ-୭୫ରେ ଏହି ଦୁର୍ଘଟଣା ଘଟିଛି। ମୃତ ୩ ପିଲାଙ୍କ ବୟସ ୧୦ ବର୍ଷରୁ କମ୍ ହୋଇଥିବା ବେଳେ ଅନ୍ୟ ଜଣକ ବୟସ ୧୬ ବର୍ଷ ବୋଲି ଜଣାପଡ଼ିଛି।



ବିହାରର ଗୋପାଳଗଞ୍ଜ ଜିଲାରେ ପ୍ରବଳ ବନ୍ୟାରେ ଘରଗୁଡ଼ିକ ବୁଡ଼ିଯାଇଛି।

## ସୁଦାନ ହିଂସାରେ ୬୦ ମୃତ

**କାଇରୋ,୨୭।୭**

ସୁଦାନର ଡାରଫୁର ଅଞ୍ଚଳରେ ସାନି ହିଂସାକାଣ୍ଡ ଘଟି ୬୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ଏହି ସଂଘର୍ଷ ଫଳରେ ସେଠାରେ ଗଣତନ୍ତ୍ର ଫେରାଇଆଣିବା ପ୍ରକ୍ରିୟା ପ୍ରତି ବିପଦ ସୃଷ୍ଟି ହୋଇଛି। ସୁଦାନରେ ଦୀର୍ଘଦିନ ଶାସନରେ ରହିଥିବା ଓମାର ଅଲ-ବସିରଙ୍କ ଗତବର୍ଷ ସାମରିକ ବିଦ୍ରୋହ ବଳରେ କ୍ଷମତାଚ୍ୟୁତ କରାଯାଇଥିଲା। ସେଠାରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା ସାମରିକ ଶାସନ ଚାଲିଛି। ସୁଦାନରେ ଥିବା ଜାତିସଂଘର ମାନବୀୟ ବ୍ୟାପାର ସମନ୍ୱୟ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ ୱେଷ୍ଟ ଡାରଫୁର ପ୍ରଦେଶ ରାଜଧାନୀ ଗେନେନାଠାରୁ ୪୮ କିଲୋମିଟର ଦୂରରେ ଥିବା ମଷ୍ଟେରି ନାମକ ଗ୍ରାମ ଉପରେ ଶନିବାର ୫୦୦ ସଶସ୍ତ୍ର ବ୍ୟକ୍ତି ଆକ୍ରମଣ କରିଥିଲେ।

# 'କୁଳଭୂଷଣ ଅଧ୍ୟାଦେଶ' ଆଣିବେ ପାକ୍ ସରକାର

**ଇସ୍‌ଲାମାବାଦ,୨୭।୭**

ବିରୋଧୀ ଦଳ ଦ୍ୱାରା ସମାଲୋଚିତ ହୋଇଥିବା ଇମ୍ରାନ ଖାନ୍ ସରକାର ପାକିସ୍ତାନ ଜାତୀୟ ଆସେମ୍ବ୍ଲିରେ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ସମୀକ୍ଷା ଓ ପୁନର୍ବିଚାର ଅଧ୍ୟାଦେଶ ୨୦୨୦ ଆଣିବା ଆଶା କରାଯାଉଛି। ପାକିସ୍ତାନ ଜେଲ୍‌ରେ ଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ରାୟ ବିରୋଧରେ ହାଇକୋର୍ଟରେ ଅପିଲ୍ କରିବା ପାଇଁ ଏହି ଅଧ୍ୟାଦେଶ ଅନୁମତି ଦେବ। ଗତବର୍ଷ ଜୁନ୍‌ରେ ଆଇସିଜେ ଦେଇଥିବା ରାୟ ପରିପ୍ରେକ୍ଷୀରେ ଏଭଳି ଅଧ୍ୟାଦେଶ ଜରୁରୀ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ପାକିସ୍ତାନର ସାମରିକ ଅଦାଲତ କୁଳଭୂଷଣଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ଏହା ବିରୋଧରେ ଅପିଲ ପାଇଁ ତାଙ୍କୁ ସୁଯୋଗ ଦେବା ସହ ଦୂତାବାସ ଜରିଆରେ ଆଇନଗତ ସହାୟତା ଯୋଗାଇଦେବା ପାଇଁ ଆଇସିଜେ ଇସ୍‌ଲାମାବାଦକୁ ନିର୍ଦ୍ଦେଶ ଦେଇଥିଲେ। କୁଳଭୂଷଣ ଜଣେ ଭାରତୀୟ ଗୁପ୍ତଚର ଓ ସେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ପାଇଁ କାର୍ଯ୍ୟ କରୁଥିଲେ ବୋଲି ପାକିସ୍ତାନ ଅଭିଯୋଗ କରିଆସୁଛି। ଏପରିସ୍ଥଳେ ଅଧ୍ୟାଦେଶ ଆଣିବା କୁଳଭୂଷଣଙ୍କ ପ୍ରତି ଦଣ୍ଡ କମାଇବାକୁ ସୁଯୋଗ ଦେବ ବୋଲି ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଏହା ଜାତୀୟ ସୁରକ୍ଷା ପ୍ରସଙ୍ଗ ହୋଇଥିବାରୁ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟର ଉଚ୍ଚ ସଦନରେ ଏହାକୁ ଜୋର୍‌ଦାର ବିରୋଧ କରିବାକୁ ଯୋଜନା କରିଛନ୍ତି। ଦୃଢ଼ ବିରୋଧ ଯୋଗୁ ମେ' ମାସରେ ସରକାର ଏହି ଅଧ୍ୟାଦେଶ ଉପସ୍ଥାପନ କରିବାରେ ଦୁଇଥର ବିଫଳ ହୋଇଥିଲେ। ତେଣୁ ନିମ୍ନ ସଦନରେ ଏହାକୁ ଗୃହୀତ କରାଇବା ସରକାରଙ୍କ ପାଇଁ ବଡ଼ ପ୍ରସଙ୍ଗ ହୋଇଛି।



କୁଳଭୂଷଣ ଯାଦବ

# କ୍ୟାବିନେଟ ପ୍ରସ୍ତାବ ଫେରାଇଦେଲେ ରାଜ୍ୟପାଳ

**ଜୟପୁର,୨୭।୭**



କଲରାଜ ମିଶ୍ର

**ରାଜସ୍ଥାନ ସଙ୍କଟ**

- ଆସ୍ଥାଭୋଟ ଲୋଡ଼ିବାକୁ ଥିଲେ ବିଧାନସଭା ଅଧିବେଶନ ପାଇଁ ସାନି ପ୍ରସ୍ତାବ ଆଣିବାକୁ କହିଲେ
- ପ୍ରଧାନମନ୍ତ୍ରୀଙ୍କୁ ଜଣାଇଲେ ଗେହଲଟ
- ରାଷ୍ଟ୍ରପତିଙ୍କୁ ବିଧାୟକଙ୍କ ସ୍ମାରକପତ୍ର

ରାଜସ୍ଥାନ ବିଧାନସଭା ଅଧିବେଶନ ଡାକିବା ଲାଗି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ରାଜ୍ୟପାଳ କଲରାଜ ମିଶ୍ର ଏହାକୁ ଏଡାଇ ଚାଲିଛନ୍ତି। ଏପରିକି ରାଜ୍ୟ କ୍ୟାବିନେଟ ଦେଇଥିବା ପ୍ରସ୍ତାବକୁ ରାଜ୍ୟପାଳ ଫେରାଇ ଦେଇଛନ୍ତି। ସରକାର ୨୧ ଦିନିଆ ନୋଟିସ୍ ଦେଲେ ଅଧିବେଶନ ଡକାଯିବ ବୋଲି ରାଜ୍ୟପାଳ କହିଛନ୍ତି। ଯଦି ଆସ୍ଥାଭୋଟ ଲୋଡ଼ିବାକୁ ଚାହୁଁଛନ୍ତି ତେବେ ଏହା ଉଲ୍ଲେଖ କରି ସାନି କ୍ୟାବିନେଟ ପ୍ରସ୍ତାବ ପଠାଇଲେ ଶୀଘ୍ର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇପାରିବ ବୋଲି କଲରାଜ କହିଛନ୍ତି। କ୍ୟାବିନେଟ ସୁପାରିସ୍‌କୁ ଫେରାଇଦେବା ସହ ରାଜ୍ୟପାଳ ୩ଟି ପ୍ରସ୍ତାବ ଦେଇଛନ୍ତି। ଯଦି ଆସ୍ଥାଭୋଟ ହୁଏ ତେବେ ସରକାର ଏହାର ସିଧା ପ୍ରସାରଣ କରାଇବା ଉଚିତ । ଏଥିସହିତ କରୋନା ମହାମାରୀ ବ୍ୟାପିଚାଲିଥିବାରୁ ଅଧିବେଶନ ବେଳେ ପ୍ରତିକାର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ହେବ। ଆସ୍ଥାଭୋଟ ଲୋଡ଼ିବାକୁ ଚାହଁ କି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟପାଳ ପ୍ରଶ୍ନ କରିଥିଲେ। କରୋନା ଯୋଗୁ ସବୁ ସଦସ୍ୟଙ୍କୁ ଅଧିବେଶନକୁ ଡାକିବା ସମ୍ଭବ ନୁହେଁ ବୋଲି ପୂର୍ବରୁ ରାଜ୍ୟପାଳ କହିଥିଲେ।

ରାଜ୍ୟପାଳଙ୍କଠାରୁ ନିରାଶ ହେବା ପରେ ଗେହଲଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ ଯୋଗେ ରାଜ୍ୟର ରାଜନୈତିକ ସଙ୍କଟ ସମ୍ପର୍କରେ ଜଣାଇଛନ୍ତି। ଇତ୍ୟବସରରେ ଦଳର କେତେଜଣ ବିଧାୟକ ରାଷ୍ଟ୍ରପତିଙ୍କ ପାଖକୁ ସ୍ମାରକପତ୍ର ପଠାଇ ରାଜ୍ୟରେ ଦେଖାଦେଇଥିବା ସଙ୍କଟର ସମାଧାନ ଲାଗି ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି। ରାଜସ୍ଥାନର ନିର୍ବାଚିତ ସରକାରକୁ ଭାଙ୍ଗିବା ପାଇଁ ଭାଜପା ଘୋଡ଼ାବେପାରରେ ସମ୍ପୃକ୍ତ ଥିବା ସେମାନେ ରାଷ୍ଟ୍ରପତିଙ୍କୁ ଜଣାଇଛନ୍ତି। ଫେୟାରମଣ୍ଟ ହୋଟେଲରେ ରହିଥିବା କଂଗ୍ରେସ ବିଧାୟକମାନଙ୍କୁ ଗେହଲଟ କହିଥିଲେ, ସେ ରାଜ୍ୟପାଳଙ୍କ ଟାଳଟୁଳ ନୀତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଦେଇଛନ୍ତି। ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ନିର୍ବାଚିତ ସରକାରଙ୍କ ପ୍ରସ୍ତାବକୁ ପ୍ରଥମ ଥର ପାଇଁ ରାଜ୍ୟପାଳ ଖାରଜ କରିଦେଇଥିବା ସେ କହିଛନ୍ତି। ଭାଜପା ଦ୍ୱାରା ରାଜ୍ୟରେ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧର ଖୋଲା ଉଲ୍ଲଂଘନ ହେଉଛି। ନିର୍ବାଚିତ ପ୍ରତିନିଧିମାନଙ୍କୁ ଭୟଭୀତ କରିବା ଲାଗି ସିବିଆଇ, ଇଡି ଏବଂ ଆୟକର ବିଭାଗର ଅପବ୍ୟବହାର କରାଯିବା ନିନ୍ଦନୀୟ ବୋଲି ରାଷ୍ଟ୍ରପତିଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ କୁହାଯାଇଛି।

## କଂଗ୍ରେସ ବିରୋଧରେ ଭୋଟଦେବାକୁ ୬ ବିଧାୟକଙ୍କୁ ବିଏସ୍‌ପିର ହୁଇପ୍

ରାଜସ୍ଥାନ ବିଧାନସଭାରେ ଆସ୍ଥାଭୋଟ ହେଲେ ବିଏସ୍‌ପିର ୬ ଜଣ ବିଧାୟକ କଂଗ୍ରେସ ବିରୋଧରେ ଭୋଟ ଦେବା ପାଇଁ ଦଳ ପକ୍ଷରୁ ହୁଇପ୍ ଜାରି ହୋଇଛି। ଫଳରେ ରାଜସ୍ଥାନ ରାଜନୈତିକ ଡ୍ରାମା ଏକ ନୂଆ ମୋଡ଼ ନେଇଛି। ଏହି ବିଧାୟକମାନେ ଗତବର୍ଷ କଂଗ୍ରେସରେ ଯୋଗଦେବା ପାଇଁ ଦଳ ଛାଡ଼ିଥିଲେ। ବିଏସ୍‌ପି ଏକ ସ୍ୱୀକୃତିପ୍ରାପ୍ତ ଜାତୀୟ ଦଳ ହୋଇଥିବାରୁ ରାଜ୍ୟସ୍ତରରେ ଏହା କୌଣସି ଦଳରେ ମିଶିପାରିବ ନାହିଁ ବୋଲି ଏହାର ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମିଶ୍ର କହିଛନ୍ତି। ଏ ସମ୍ପର୍କରେ ବିଧାୟକମାନଙ୍କୁ ଅଲଗା ଅଲଗା ନୋଟିସ ଜାରି କରାଯାଇ ଜଣାଇଦିଆଯାଇଛି। ଯଦି ସେମାନେ ଦଳ ହୁଇପ୍ ବିରୋଧରେ ଭୋଟ ଦିଅନ୍ତି ତେବେ ବିଧାନସଭାରୁ ଅଯୋଗ୍ୟ ଘୋଷିତ ହେବେ ବୋଲି ସତୀଶ କହିଛନ୍ତି।

## ପିଟିଶନ ଫେରାଇନେଲେ ବାଚସ୍ପତି

**ନୂଆଦିଲ୍ଲୀ,୨୭।୭(ପି.ଟି.)**



ସି.ପି. ଜୋଷୀ

ରାଜସ୍ଥାନ ହାଇକୋର୍ଟ ରାୟ ବିରୋଧରେ ସୁପ୍ରିମକୋର୍ଟରେ ବିଧାନସଭା ବାଚସ୍ପତି ଦାଏର କରିଥିବା ପିଟିଶନ ସୋମବାର ପ୍ରତ୍ୟାହାର କରିନେଇଛନ୍ତି। ବାଚସ୍ପତି ସି.ପି. ଜୋଷୀଙ୍କୁ ଆବେଦନ ପ୍ରତ୍ୟାହାର କରିନେବା ପାଇଁ ସର୍ବୋଚ୍ଚ ଅଦାଲତ ଅନୁମତି ଦେଇଥିଲେ। ବହିଷ୍କୃତ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଏବଂ ୧୮ ଅସନ୍ତୁଷ୍ଟ କଂଗ୍ରେସ ବିଧାୟକଙ୍କ ବିରୋଧରେ ଅଯୋଗ୍ୟ ଘୋଷଣା ପ୍ରୋସିଡିଂକୁ ଜୁଲାଇ ୨୪ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବାଚସ୍ପତି ଜୋଷୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୋମବାର ବାଚସ୍ପତିଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଅଦାଲତରେ ହାଜର ହୋଇ ରାଜସ୍ଥାନ ହାଇକୋର୍ଟ ଶୁକ୍ରବାର ଜାରି କରିଥିବା ସାନି ନିର୍ଦ୍ଦେଶନାମାର ଆଇନଗତ ଦିଗ ଉପରେ ଅନୁଧ୍ୟାନ କରୁଛୁ ବୋଲି କହିଥିଲେ। ଜଷ୍ଟିସ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ବି.ଆର୍. ଗଭାଇ ଏବଂ କ୍ରିଷ୍ଣ ମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠକୁ ସିବଲ କହିଥିଲେ, ହାଇକୋର୍ଟ ଗତ ମଙ୍ଗଳବାର ଦେଇଥିବା ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ନ ଲଗାଇବାରୁ ପିଟିଶନ ଅକାମୀ ହୋଇଯାଇଛି। ସାନି ଲିଭ୍ ପିଟିଶନ ଦାଏର ପାଇଁ ବିକଳ୍ପ ଖୋଲା ରହିଥିବା ବାଚସ୍ପତିଙ୍କ ଅନ୍ୟତମ ଓକିଲ ସୁନୀଲ ଫର୍ନାଣ୍ଡେଜ୍ କହିଛନ୍ତି।

# ଐଶ୍ୱର୍ଯ୍ୟା, ଆରାଧ୍ୟା କରୋନା ମୁକ୍ତ



**ମୁମ୍ବାଇ,୨୭।୭:** ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ ଓ ପୁଅ ଅଭିଶେକ ବଚ୍ଚନ କରୋନା ସଂକ୍ରମଣ ଯୋଗୁ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିବାବେଳେ ବୋହୂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ନାତୁଣୀ ଆରାଧ୍ୟାଙ୍କ ରିପୋର୍ଟ ସୋମବାର ନେଗେଟିଭ୍ ଆସିବାରୁ ସେମାନଙ୍କୁ ମୁମ୍ବାଇର ନାନାବତୀ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ଏନେଇ ଅଭିଶେକ ଟୁଇଟ କରି ଜଣାଇଛନ୍ତି। ଗତ ୧୦ ଦିନ ହେବ ମା-ଝିଅ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ଜୁଲାଇ ୧୧ରେ ଅମିତାଭ ଓ ଅଭିଶେକ କରୋନା ପଜିଟିଭ୍ ଚିହ୍ନଟ ହୋଇ ଚିକିତ୍ସା ଲାଗି ସିଟି ହସ୍ପିଟାଲକୁ ଯାଇଥିଲେ। ଏହାର ଦିନକ ପରେ ଐଶ୍ୱର୍ଯ୍ୟା ଓ ଆରାଧ୍ୟାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ପ୍ରାୟ ଏକ ସପ୍ତାହ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ଦୁହେଁ ହସ୍ପିଟାଲ ଯାଇଥିଲେ। ରିପୋର୍ଟ ନେଗେଟିଭ୍ ଆସିବା ପରେ ସୋମବାର ଦୁହେଁ ଘରକୁ ଫେରିଆସିଛନ୍ତି।

## 'ମହାରାଷ୍ଟ୍ର ନିର୍ବାଚନରେ ଏକା ଲଢ଼ିବ ଭାଜପା'

**ମୁମ୍ବାଇ,୨୭।୭:** ଆଗାମୀ ନିର୍ବାଚନରେ କୌଣସି ସହଯୋଗୀଙ୍କୁ ନ ନେଇ ମହାରାଷ୍ଟ୍ରରେ ଭାଜପା ଏକାକୀ ନିର୍ବାଚନ ଲଢ଼ିବ ବୋଲି ଦଳ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ମହାବିକାଶ ଅଘାଡ଼ି ସରକାର ଏକ ଅପବିତ୍ର ମେଣ୍ଟ ବୋଲି ସେ ସମାଲୋଚନା କରି କହିଛନ୍ତି। କେବଳ ଫାଇଦା ହାସଲ ଲାଗି ଶିବସେନା-କଂଗ୍ରେସ-ଏନ୍‌ସିପି ମେଣ୍ଟକରି ସରକାର ଗଢ଼ିଛନ୍ତି। ମହାରାଷ୍ଟ୍ର ସଙ୍ଗଠନ ପଦାଧିକାରୀଙ୍କୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସେ ଆଗାମୀ ଦିନରେ ଏକାକୀ ନିର୍ବାଚନ ଲଢ଼ିବା ଲାଗି ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଛନ୍ତି। ଭର୍ଚୁଆଲ ବୈଠକ ସହ ଆଇଟି ସେଲକୁ ବଳିଷ୍ଠ କରି ଆଗେଇ ଯିବାଲାଗି ସେ ଦଳୀୟ ପଦାଧିକାରୀଙ୍କୁ କହିଛନ୍ତି।



ବାଂଲାଦେଶରେ ପ୍ରବେଶ ପୂର୍ବରୁ ଗେଡ଼େ ରେଲୱେ ଷ୍ଟେଶନରେ ଅପେକ୍ଷାରତ ବ୍ରଡ଼ଗଜ୍ ରେଲଇଞ୍ଜିନ୍।

## ଆମେରିକାରେ କରୋନା ଟିକାର ଚୂଡ଼ାନ୍ତ ପରୀକ୍ଷା

**ୱାଶିଂଟନ,୨୭।୭:** ବିଶ୍ୱର ସର୍ବବୃହତ କୋଭିଡ୍ ଟିକା ପରୀକ୍ଷା ସୋମବାର ଆରମ୍ଭ ହୋଇଛି। ଆମେରିକା ପ୍ରସ୍ତୁତ ଏହି ଟିକା ୩୦ ହଜାର ସ୍ୱେଚ୍ଛାସେବୀଙ୍କ ଉପରେ ପରୀକ୍ଷା ହେବାକୁ ଯାଉଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲଥ ଆଣ୍ଡ ମଡର୍ନା ଆଇଏନ୍‌ସି ଦ୍ୱାରା ବିକଶିତ ଏହି ଟିକା ପ୍ରକୃତରେ କେତେ ସୁରକ୍ଷା ଦେଇପାରିବ ତାହା ଉପରେ ଏପର୍ଯ୍ୟନ୍ତ କୌଣସି ଗ୍ୟାରେଣ୍ଟି ଦିଆଯାଇପାରିନାହିଁ। ଚାଇନା ଓ ବ୍ରିଟେନର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରସ୍ତୁତ ଟିକା ପରୀକ୍ଷା କରାଯାଉଛି।

# ଲଞ୍ଚ ହେଲା 'ମୌସମ' ଆପ୍

**ନୂଆଦିଲ୍ଲୀ,୨୭।୭(ପି.ଟି.)**

ପାଣିପାଗ ସମ୍ପର୍କିତ ସବିଶେଷ ତଥ୍ୟ ଲୋକଙ୍କ ପାଖରେ ଉପଲବ୍ଧ ହେବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ 'ମୌସମ' ଆପ୍ ଲଞ୍ଚ୍ ହୋଇଛି। ଭୂବିଜ୍ଞାନ ମନ୍ତ୍ରୀ ହର୍ଷବର୍ଦ୍ଧନ ସୋମବାର ଏହି ଆପ୍‌ର ଶୁଭାରମ୍ଭ କରିଛନ୍ତି। ଏହା ସହର ଭିତ୍ତିକ ପାଣିପାଗ ପୂର୍ବାନୁମାନ ସମେତ ଅନ୍ୟାନ୍ୟ ସତର୍କ ସୂଚନା ଦେବ। ଇଣ୍ଟରନ୍ୟାଶନାଲ କର୍ପସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଫର ଦି ସେମି-ଅରିଡ୍ ଟ୍ରପିକ୍ସ (ଆଇସିଆର୍‌ଆଇଏସ୍‌ଏଟି), ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟ୍ରପିକାଲ ମେଟେରୋଲୋଜି (ଆଇଆଇଟିଏମ୍) ପୁଣେ ଏବଂ ଭାରତୀୟ ପାଣିପାଗ ବିଭାଗ ମିଳିତ ଭାବେ ଏହି ମୋବାଇଲ ଆପ୍ଲିକେଶନର ବିକାଶ କରିଛନ୍ତି। ଏହି ଆପ୍ ଉଭୟ ଗୁଗଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋରରେ ଉପଲବ୍ଧ। ଏହା ୨୦୦ ସହରକୁ ତତ୍କାଳ ପାଣିପାଗ ସୂଚନା ସମେତ ତାପମାତ୍ରା, ଆର୍ଦ୍ରତା, ପବନର ବେଗ ଓ ଦିଗ ସମ୍ପର୍କରେ ଜଣାଇଦେବ। ଦିନକୁ ୮ ଥର ତଥ୍ୟକୁ ସଂଶୋଧନ କରାଯାଇ ସଦ୍ୟ ସୂଚନା ପ୍ରଦାନ କରାଯିବା ବ୍ୟବସ୍ଥା ହୋଇଛି। ସ୍ଥାନୀୟ ପାଗ ସମ୍ପର୍କରେ ତତ୍କାଳ ସୂଚନା ସହ ପ୍ରତି ୩ ଘଣ୍ଟାରେ ସତର୍କ କରାଇଦିଆଯିବ। ଏହାବ୍ୟତୀତ ଦେଶର ୪୫୦ ସହରରେ ଆଗାମୀ ୭ ଦିନର ପାଣିପାଗ ସମ୍ପର୍କରେ ପୂର୍ବାନୁମାନ ମଧ୍ୟ ମୌସମ ଆପ୍‌ରେ ଉପଲବ୍ଧ ହେବ।

## ପିଏମ୍-କେୟାର୍ସ ମାମଲା: ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୨୭।୭(ପି.ଟି.)**



ସୁପ୍ରିମକୋର୍ଟରେ ପିଏମ୍-କେୟାର୍ସ ପାଣ୍ଠି ମାମଲାର ଶୁଣାଣି ସୋମବାର ଶେଷ ହୋଇ ରାୟ ସଂରକ୍ଷିତ ରଖାଯାଇଛି। ଅଦାଲତରେ କେନ୍ଦ୍ର ସରକାର ପିଏମ୍-କେୟାର୍ସ ଫଣ୍ଡ ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। କରୋନା ମହାମାରୀର ମୁକାବିଲା ପାଇଁ ସ୍ୱେଚ୍ଛାକୃତ ଦାନ ଗ୍ରହଣ କରିବା ନିମନ୍ତେ ଏହା ଏକ ସରକାରୀ ଟ୍ରଷ୍ଟ । ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସ୍‌ଡିଆର୍‌ଏଫ୍)କୁ ବଜେଟରେ ମଞ୍ଜୁର ହୋଇଥିବା ଅର୍ଥ ସହ ଏହାର କୌଣସି ସମ୍ପର୍କ ନ ଥିବା ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ରଖିଥିଲେ। ସେଣ୍ଟର ଫର ପବ୍ଲିକ୍ ଇଣ୍ଟେରେଷ୍ଟ ଲିଟିଗେଶନ (ସିପିଆଇଏଲ୍) ନାମକ ଏନ୍‌ଜିଓ ପକ୍ଷରୁ ପିଏମ୍-କେୟାର ପାଣ୍ଠି ବିରୋଧରେ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। କୋଭିଡ୍-୧୯ ମୁକାବିଲା ପାଇଁ ପିଏମ୍-କେୟାର୍ସରେ ସଂଗୃହୀତ ଅର୍ଥକୁ ଏନ୍‌ଡିଆର୍‌ଏଫ୍‌କୁ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦେବା ଲାଗି ଉକ୍ତ ଏନ୍‌ଜିଓ ପକ୍ଷରୁ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରାଯାଇଥିଲା। ଜଷ୍ଟିସ୍ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏସ୍.କେ. କୌଲ ଏବଂ ଏମ୍.ଆର୍.ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଛନ୍ତି। ସୂଚନାଯୋଗ୍ୟ କୋଭିଡ୍-୧୯ ମହାମାରୀ ସମେତ ଅନ୍ୟାନ୍ୟ ଜରୁରୀ ସ୍ଥିତିର ମୁକାବିଲା ଓ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ୨୮ରେ ପିଏମ୍-କେୟାର୍ସ ପାଣ୍ଠି ଗଠନ କରିଥିଲେ। ପ୍ରଧାନମନ୍ତ୍ରୀ ଏହାର ଅଧ୍ୟକ୍ଷ ଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଏହାର ଏକ୍ସଓଫିସିଓ ଟ୍ରଷ୍ଟି ରହିଛନ୍ତି।

# ଦିନକରେ ୫୦ ହଜାର ସଂକ୍ରମିତ

**ନୂଆଦିଲ୍ଲୀ,୨୭।୭**

- ଗଲାଣି ୩୩ ହଜାରରୁ ଅଧିକ ଜୀବନ
- ଦେଶରେ ୧୪.୭୦ ଲକ୍ଷ ଆକ୍ରାନ୍ତ

୨୪ ଘଣ୍ଟା ମଧ୍ୟରେ ଭାରତରେ ୭୦୮ ଜଣ କରୋନାରେ ପ୍ରାଣ ହରାଇଥିବାବେଳେ ପ୍ରାୟ ୫୦ ହଜାର(୪୯,୯୩୧) ନୂଆ ସଂକ୍ରମଣ ମାମଲା ଦେଖିବାକୁ ମିଳିଛି। ଏଥିସହ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୪.୭୦ ଲକ୍ଷରେ ପହଞ୍ଚିଛି। ମୋଟ ୩୩,୧୧୫ ଲୋକଙ୍କ ଜୀବନ ଗଲାଣି। ଦିନକୁ ଦିନ ଉଗ୍ର ସଂକ୍ରମଣ ସ୍ଥିତି ମୁଣ୍ଡବିନ୍ଧା ବଢ଼ାଇଦେଇଛି। ଆକ୍ଟିଭ୍ ମାମଲା ୪.୯୬ ଲକ୍ଷ ରହିଥିବାବେଳେ ୯.୩୫ ଲକ୍ଷ ଲୋକ ସୁସ୍ଥହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ଦେଶରେ ମୃତ୍ୟୁହାର କମୁଥିବାବେଳେ ସଂକ୍ରମଣ ହାର ବଢ଼ୁଥିବା ଜଣାପଡ଼ିଛି। ଏବେ ସୁସ୍ଥହାର ବଢ଼ି ୬୩.୯୨ ପ୍ରତିଶତରେ ପହଞ୍ଚିଛି।

ଆମେରିକା, ବ୍ରାଜିଲ ପରେ ଭାରତ ବିଶ୍ୱର ତୃତୀୟ ସର୍ବାଧିକ ଭୂତାଣୁ ଆକ୍ରାନ୍ତ ଦେଶ ଭାବେ ଉଭା ହୋଇଥିବାବେଳେ ମାତ୍ର ୭ ଦିନରେ ୩ ଲକ୍ଷ ଲୋକ କରୋନା ଆକ୍ରାନ୍ତ ହେବା ଚିନ୍ତା ବଢ଼ାଇଦେଇଛି। ମହାରାଷ୍ଟ୍ର ସବୁଠାରୁ ଖରାପ ସ୍ଥିତିରେ ରହିଥିବାବେଳେ ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୩.୭୬ ଲକ୍ଷ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୯,୪୩୧ ଜଣ ଭୂତାଣୁ ଆକ୍ରାନ୍ତ ହୋଇଛନ୍ତି। ୧୩,୬୬୦ ଜଣଙ୍କ ଏଠାରେ ମୃତ୍ୟୁ ହୋଇଛି। ତାମିଲନାଡୁରେ ୨.୨୦ ଲକ୍ଷ ଆକ୍ରାନ୍ତ ଥିବାବେଳେ ୩,୫୭୧ ଜଣ ଜୀବନ ହରାଇଛନ୍ତି। ରାଜଧାନୀ ଦିଲ୍ଲୀରେ ୧.୩୧ ଲକ୍ଷ, କର୍ନାଟକରେ ୧.୧ ଲକ୍ଷ, ଆନ୍ଧ୍ରପ୍ରଦେଶରେ ୧.୨ ଲକ୍ଷ, ଉତ୍ତରପ୍ରଦେଶରେ ୭୦ ହଜାର କରୋନା ରୋଗୀ ଅଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବିଶ୍ୱର ୨୧୩ ଦେଶ କରୋନା କବଳିତ ଥିବାବେଳେ ୧୬.୧ ନିୟୁତ ଲୋକ ଏହାଦ୍ୱାରା ଆକ୍ରାନ୍ତ ହେଲେଣି। ମୃତ୍ୟୁସଂଖ୍ୟା ବଢ଼ି ୬.୪୭ ଲକ୍ଷରେ ପହଞ୍ଚିଛି।



## ୩ କୋଭିଡ୍ ପରୀକ୍ଷା କେନ୍ଦ୍ରର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୭।୭**

କରୋନା ମୁକାବିଲାରେ ଭାରତ ଅନ୍ୟ ଦେଶ ତୁଳନାରେ ଭଲ ସ୍ଥିତିରେ ରହିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି। ଠିକ୍ ସମୟରେ ଉପଯୁକ୍ତ ନିଷ୍ପତ୍ତି ନିଆଯିବାରୁ ଏହା ସମ୍ଭବ ହୋଇପାରିଛି ବୋଲି ତିନୋଟି କୋଭିଡ୍-୧୯ ପରୀକ୍ଷା କେନ୍ଦ୍ର ଶୁଭାରମ୍ଭ କରିବା ଅବସରରେ ମୋଦି କହିଥିଲେ। ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ କୋଲକାତା, ମୁମ୍ବାଇ ଓ ନୋଏଡ଼ାରେ ଏହି ଅତ୍ୟାଧୁନିକ ପରୀକ୍ଷା କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ୩ ସହରରେ ଦୈନିକ କୋଭିଡ୍ ପରୀକ୍ଷା ୧୦ ହଜାର ଲେଖାଏ ବଢ଼ିପାରିବ। ଅଧିକ ପରୀକ୍ଷା ଦ୍ୱାରା ଅଧିକରୁ ଅଧିକ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯିବ। ଫଳରେ ସଂକ୍ରମଣ କମାଇବାରେ ଏହା ସହାୟକ ହୋଇପାରିବ।

## ସଂକ୍ଷେପରେ

### ୨୦୧୯-୨୦ରେ ୧.୮୫ ଲକ୍ଷ କୋଟିର ବ୍ୟାଙ୍କ ଠକେଇ

**ନାଗପୁର,୨୭।୭:** ଆର୍ଥିକ ବର୍ଷ ୨୦୧୯-୨୦ରେ ଦେଶର ବାଣିଜ୍ୟିକ ବ୍ୟାଙ୍କ ଏବଂ ବିତ୍ତ ପ୍ରତିଷ୍ଠାନଗୁଡିକରେ ୮୪,୫୪୫ ଠକେଇ ମାମଲା ସାମ୍ନାକୁ ଆସିଛି। ଏହି ମାମଲା ଗୁଡିକରେ ମୋଟ ୧.୮୫ ଲକ୍ଷ କୋଟି ଟଙ୍କା ଠକେଇ ହୋଇଥିବା ରିଜର୍ଭ ବ୍ୟାଙ୍କ ଦେଇଥିବା ଆର୍‌ଟିଆଇରେ ତଥ୍ୟରୁ ଜଣାପଡ଼ିଛି। ସୂଚନା ଅଧିକାରୀ କର୍ମୀ ଅଭୟ କୋଲାରକର ଏହି ତଥ୍ୟ କେନ୍ଦ୍ରୀୟ ବ୍ୟାଙ୍କକୁ ମାଗିଥିଲେ। ବ୍ୟାଙ୍କଗୁଡିକରେ ଏହି ଠକେଇ ୨୦୧୯ ଏପ୍ରିଲ ପହିଲାଠାରୁ ୨୦୨୦ ମାର୍ଚ୍ଚ ୩୧ ମଧ୍ୟରେ ହୋଇଛି। ଏହି ମାମଲାଗୁଡିକରେ କେତେ ସଂଖ୍ୟକ ବ୍ୟାଙ୍କ କର୍ମଚାରୀ ଏବଂ କେତେ ଟଙ୍କା ଏଥିରେ ସମ୍ପୃକ୍ତ ରହିଛି ସେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ। ମାତ୍ର ଏହି ସମୟରେ ୨୬୬୮ ଜଣ ବ୍ୟାଙ୍କ କର୍ମଚାରୀ ଏବଂ ୧୭୮୩ କୋଟି ଟଙ୍କା ଠକେଇ ହୋଇଥିବା ବ୍ୟାଙ୍କଗୁଡିକ ପକ୍ଷରୁ ରିପୋର୍ଟ କରାଯାଇଛି। ରିଜର୍ଭ ବ୍ୟାଙ୍କର ୧୫ ଲୋକପାଳ ଅଫିସ ଏହି ଅବଧିରେ ୨.୧୪ ଲକ୍ଷ ଅଭିଯୋଗ ଦାୟର ହୋଇଛି। ଷ୍ଟେଟ ବ୍ୟାଙ୍କ ବିରୋଧରେ ସର୍ବାଧିକ ୬୩,୨୫୯ ଅଭିଯୋଗ ଆସିଛି। ସେହିଭଳି ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବିରୋଧରେ ୧୮,୭୬୪, ଆଇସିଆଇସିଆଇ ବ୍ୟାଙ୍କ ବିରୋଧରେ ୧୪,୫୮୨, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବିରୋଧରେ ୧୨,୪୬୯ ଏବଂ ଆକ୍ସିସ ବ୍ୟାଙ୍କ ବିରୋଧରେ ୧୨,୨୧୪ ଅଭିଯୋଗ ହସ୍ତଗତ ହୋଇଛି। ୨୦୧୯ ଏପ୍ରିଲ ପହିଲାରୁ ଜୁନ୍ ୩୦ ମଧ୍ୟରେ ୫୬,୪୯୩ ଅଭିଯୋଗ ହସ୍ତଗତ ହୋଇଛି। ବ୍ୟାଙ୍କ ମିଶ୍ରଣ ପରେ ବନ୍ଦ ହୋଇଥିବା କିମ୍ବା ମିଶିଥିବା ଶାଖା ସମ୍ପର୍କରେ ମଧ ଉତ୍ତର ଲୋଡ଼ାଯାଇଛି। ଏହାଦ୍ୱାରା ମୋଟ ୩୮ ଶାଖା ବାଦ୍ ପଡିଛି। ଏସ୍‌ବିଆଇର ୧୩୦ ଶାଖା, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୬୨, ଆଲ୍ଲାହାବାଦ ବ୍ୟାଙ୍କର ୫୯ ଶାଖା ସାମିଲ ରହିଛି।

# ଗୁରୁତରଙ୍କୁ ନେଲାନି ଆମ୍ବୁଲାନ୍ସ

## ଚାଲିଗଲା ମନୋଜଙ୍କ ଜୀବନ

ବ୍ରହ୍ମପୁର ଅଫିସ,୨୭।୭

କରୋନା ମହାମାରୀ ଭୟରେ ହଜିଯାଉଛି ମାନବିକତା। ସଂକ୍ରମଣ ଯୋଗୁ ମଣିଷ ଅଛୁଆଁ ପାଲଟିଯାଉଛି। ଏଭଳି ଅମାନବିକତା ଯୋଗୁ ସୋମବାର ଚାଲିଯାଇଛି ଜଣେ ବ୍ୟକ୍ତିଙ୍କ ଜୀବନ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ପୁରୁଣା ବ୍ରହ୍ମପୁରସ୍ଥିତ

### ହଜିଯାଇଛି ମାନବିକତା

ପ୍ରହଲ୍ଲାଦନଗର ଦ୍ୱିତୀୟ ଗଳି ଅଞ୍ଚଳରେ। ସୋମବାର କରୋନା ସନ୍ଦେହରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟ ଓ ପ୍ରଶାସନିକ କଟକଣା ଯୋଗୁ ଜଣେ ଗୁରୁତର ରୋଗୀ ମନୋଜ ପ୍ରହରାଜଙ୍କ ଜୀବନ ଦୀପ ଲିଭିଯାଇଛି।

ମନୋଜ ପୂର୍ବରୁ ମଧୁମେହରେ ପୀଡିତ ଥିଲେ। ସୋମବାର ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ପରିବାର ଲୋକେ ତାଙ୍କୁ ମେଡିକାଲକୁ ନେବା ଲାଗି ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଖବର ପାଇ ଆମ୍ବୁଲାନ୍ସ ଘର ନିକଟରେ ପହଞ୍ଚିଥିଲା। କିନ୍ତୁ ମନୋଜଙ୍କୁ ନେବାକୁ ଆମ୍ବୁଲାନ୍ସ କର୍ମଚାରୀ ମନାକରି



ମନୋଜ ପ୍ରହରାଜ

ଦେଇଥିଲେ। ସେ କରୋନାରେ ଆକ୍ରାନ୍ତ ହୋଇଥିବା କହି କର୍ମଚାରୀ ସଂକ୍ରମଣ ଭୟରେ ତାଙ୍କୁ ଆମ୍ବୁଲାନ୍ସରେ ନେବାକୁ ମନାକରି ଦେଇଥିଲେ। ମନୋଜଙ୍କ ନାବାଳକ ପୁଅ ରୋଗଗ୍ରସ୍ତ ବାପାଙ୍କୁ ଆମ୍ବଲାନ୍ସରେ ନେବାକୁ କର୍ମଚାରୀଙ୍କ ନିକଟରେ ବହୁ ନେହୁରା ହୋଇଥିଲେ। କିନ୍ତୁ କରୋନା ଭୟରେ ଆମ୍ବୁଲାନ୍ସ ତାଙ୍କୁ ନ ନେଇ ଫେରି ଯାଇଥିଲା। ଶେଷରେ ଚିକିତ୍ସିତ ହୋଇ ନ ପାରି ଘରେ ତାଙ୍କର ମୃତ୍ୟୁ ଘଟିଥିଲା। କରୋନା ଯୋଗୁ ମଣିଷ ମନରୁ ହଜି ଯାଉଥିବା ମାନବିକତା ଯୋଗୁ ମନୋଜଙ୍କୁ ହରାଇ ତାଙ୍କ ପରିବାର ଏବେ ସର୍ବସ୍ୱାନ୍ତ ହୋଇପଡିଛନ୍ତି। ମନୋଜ ନିଜ ମାତାପିତାଙ୍କର ଏକମାତ୍ର ପୁଅ ହୋଇଥିବା ବେଳେ ପରିବାରର ସମ୍ପୂର୍ଣ୍ଣ ଦାୟିତ୍ୱ ତାଙ୍କ ଉପରେ ରହିଥିଲା। ଘରେ ବିଧବା ମା', ସ୍ତ୍ରୀ ଗୋଟିଏ ପୁଅ ଓ ଝିଅକୁ ନେଇ ତାଙ୍କ ସଂସାର। ଏବେ ମନୋଜ ଚିକିତ୍ସା ନ ପାଇ ପ୍ରାଣ ହରାଇବା ଯୋଗୁ ତାଙ୍କ ପରିବାର ବେସାହାରା ହୋଇପଡ଼ିଛି। କେବଳ ମନୋଜ ନୁହନ୍ତି, ସହରରେ ଜରୁରୀକାଳୀନ ସେବା ଅଭାବରୁ ଅନେକ ରୋଗୀ ମୃତ୍ୟୁମୁଖରେ ପଡୁଥିବା ଦୃଷ୍ଟିକୁ ଆସୁଛି।

### କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ନେବ ଆମ୍ବୁଲାନ୍ସ

ଗଛତ୍ରପୁର, (ଡି.ଏନ.ଏ.)

ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ୧୦୮ ଓ ୧୦୪ ଆମ୍ବୁଲାନ୍ସ କର୍ମଚାରୀ ନେଉନାହାନ୍ତି। ଏନେଇ କେତେକଙ୍କ ଜୀବନ ଦୀପ ଲିଭିଯାଇଛି। ଆମ୍ବୁଲାନ୍ସ ଗୁରୁତର ରୋଗୀଙ୍କୁ ନେଉ ନ ଥିବାରୁ ଚିକିତ୍ସା ସେବା ପାଇବାରେ ବିଳମ୍ବ ହେଉଛି। ଏହିସବୁ ଘଟଣା ଦୃଷ୍ଟିକୁ ଆସିବା ପରେ ସୋମବାର ଜିଲା ପ୍ରଶାସନର ନିୟମ ବଦଳିଛି। ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଏ ସମ୍ପର୍କରେ ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଣିକି କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ୧୦୮ ଓ ୧୦୪ ଆମ୍ବୁଲାନ୍ସ ନେବ। ଏହି ଜରୁରୀ ପରିସ୍ଥିତିରେ ସମସ୍ତଙ୍କୁ ଆମ୍ବୁଲାନ୍ସ ସେବା ଯୋଗାଇବା ଆବଶ୍ୟକ। ସମସ୍ତ ୧୦୮ ଓ ୧୦୪ ଆମ୍ବୁଲାନ୍ସ ଚାଳକ ଓ ଷ୍ଟାଫଙ୍କୁ ପିପିଇ କିଟ୍ ପ୍ରଦାନ କରିବାକୁ ସିଡିଏମ୍‌ଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଆମ୍ବୁଲାନ୍ସ ଷ୍ଟାଫଙ୍କୁ ସହଯୋଗ କରନ୍ତୁ, ସେମାନଙ୍କୁ ଦୁର୍ବ୍ୟବହାର କରନ୍ତୁନି। କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ ଦେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।



ପୁରୀ ଜଗନ୍ନାଥ ବଲ୍ଲଭ ମଠରେ ଝୁଲଣ ଦୋଳି ପାଇଁ ସୋମବାର ଜଣେ ଶିଳ୍ପୀ ସୋଲ ଓ ଜରିରେ ଫୁଲ ତିଆରି କରୁଛନ୍ତି।

# ସମ୍‌ରେ କୋଭାକ୍ସିନ୍ ଟିକାର ମାନବ ପରୀକ୍ଷଣ ଆରମ୍ଭ

ଭୁବନେଶ୍ୱର, ୨୭।୭(ବ୍ୟୁରୋ)

କରୋନା ମହାମାରୀର ମୁକାବିଲା ନିମନ୍ତେ 'କୋଭାକ୍ସିନ୍' ଟିକାର ମାନବ ପରୀକ୍ଷଣ ସୋମବାର ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ ଆଣ୍ଡ୍ ସମ୍ ହସ୍ପିଟାଲରେ ଆରମ୍ଭ ହୋଇଛି। ଏ ନେଇ ସମ୍ ହସ୍ପିଟାଲର କମ୍ୟୁନିଟି ମେଡିସିନ ବିଭାଗର ପ୍ରଫେସର ତଥା ଏହି ପରୀକ୍ଷଣ ପ୍ରକ୍ରିୟାର ମୁଖ୍ୟ ପରୀକ୍ଷକ ଡା. ଇ. ଭେଙ୍କଟ ରାଓ ସୂଚନା ଦେଇଛନ୍ତି। ଏହି ପରୀକ୍ଷଣ ନିମନ୍ତେ ଗତ ୨୦ ତାରିଖରେ ଉକ୍ତ ହସ୍ପିଟାଲରେ ପ୍ରିଭେଣ୍ଟିଭ ଆଣ୍ଡ୍ ଥେରାପିଉଟିକ୍ କ୍ଲିନିକାଲ ୟୁନିଟ୍ ଶୁଭାରମ୍ଭ ହୋଇଥିଲା। ଏହି ୟୁନିଟ୍‌ରେ ସୋମବାର ସ୍ୱେଚ୍ଛାସେବୀଙ୍କ ଶରୀରରେ କୋଭାକ୍ସିନର ପ୍ରୟୋଗ କରାଯାଇଛି। ଏହାପୂର୍ବରୁ ସେମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ସ୍କ୍ରିନିଂ କରାଯାଇଥିଲା। ପରୀକ୍ଷଣ ପରେ ସ୍ୱେଚ୍ଛାସେବୀଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି ଓ ସମସ୍ତେ ସୁସ୍ଥ ଅଛନ୍ତି। ଭାରତ ବାୟୋଟେକ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କୋଭାକ୍ସିନ ନାମକ ଏହି ଟିକାର ପରୀକ୍ଷଣ ନିମନ୍ତେ ଅନେକ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ପାଉଥିବା ବୋଲି ଡା. ରାଓ କହିଛନ୍ତି।

ସୂଚନାଯୋଗ୍ୟ, ଭାରତ ବାୟୋଟେକ୍‌କୁ ଏହି 'କୋଭାକ୍ସିନ' ଟିକା ପରୀକ୍ଷଣରେ ସହଯୋଗ କରୁଥିବା ଇଣ୍ଡିଆନ କାଉନ୍‌ସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର) ପରୀକ୍ଷଣ ନିମନ୍ତେ ଦେଶର ୧୨ଟି ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନକୁ ବାଛିଥିବାବେଳେ ଓଡ଼ିଶାର ଏକମାତ୍ର ଅନୁଷ୍ଠାନ ଭାବେ ସମ୍ ହସ୍ପିଟାଲକୁ ମନୋନୀତ କରାଯାଇଛି। ଇଚ୍ଛୁକ ସ୍ୱେଚ୍ଛାସେବୀମାନେ ptctu.soa.ac.in ୱେବ୍‌ସାଇଟ୍‌ରେ ଯୋଗାଯୋଗ କରିପାରିବେ। ସେମାନେ ରୋଗମୁକ୍ତ ହୋଇଥିବା ସହ ସ୍କ୍ରିନିଂ ପ୍ରକ୍ରିୟା ମାଧ୍ୟମରେ କେତେକ ପ୍ରଶ୍ନର ଉତ୍ତର ଦେଇ ୱେବ୍‌ସାଇଟ୍‌ରେ ନିଜ ନାମ ପଞ୍ଜୀକୃତ କରିପାରିବେ।

# ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ

### ଆର୍.କେ. ଶର୍ମା କୃଷି ଉତ୍ପାଦନ କମିଶନର, ସତ୍ୟବ୍ରତ ସାହୁ ଗଣଶିକ୍ଷା ସଚିବ

ଭୁବନେଶ୍ୱର,୨୭।୭(ବ୍ୟୁରୋ)

ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ସୋମବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୮୭ ବ୍ୟାଚ ଆଇଏଏସ୍ ତଥା ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମାଙ୍କୁ କୃଷି ଉତ୍ପାଦନ କମିଶନର ଭାବେ ବଦଳି କରାଯାଇଛି। ସେହିପରି ୧୯୯୧ ବ୍ୟାଚ ଆଇଏଏସ୍ ତଥା ମହିଳା ଶିଶୁ କଲ୍ୟାଣ ଓ ମିଶନ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କୁ ଜଳସମ୍ପଦ ବିଭାଗକୁ ବଦଳି କରାଯାଇଥିବା ବେଳେ ସେ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ଦାୟିତ୍ୱରେ ରହିବେ। ୧୯୯୧ ବ୍ୟାଚ ଆଇଏଏସ୍ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୧୯୯୩ ବ୍ୟାଚ ଆଇଏଏସ୍ ତଥା ଜଳସମ୍ପଦ ସଚିବ ସୁରେନ୍ଦ୍ର କୁମାରଙ୍କୁ ଇସ୍ପାତ ଓ ଖଣି ନିଗମର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ଏଥିସହିତ ତାଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୧୯୯୫ ବ୍ୟାଚ ଆଇଏଏସ୍ ତଥା ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ଚିତ୍ରା ଅରୁମଗମ୍‌ଙ୍କୁ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ସଚିବ ଭାବେ ବଦଳି କରାଯାଇଛି।

# ସାଧାରଣ ମଣିଷର ସାଥୀ ଥିଲେ ବିଜୟ

**ଭୁବନେଶ୍ୱର,୨୭।୭(ବ୍ୟୁରୋ):** ଦିବଂଗତ ବିଜୟ ମହାନ୍ତି ପରିବାରଜନଙ୍କ ପାଖରେ ଯେତିକି ପ୍ରିୟ ଥିଲେ, ତା'ଠାରୁ ଅଧିକ ସାରା ଓଡ଼ିଶାବାସୀଙ୍କ ଆପଣାର ଥିଲେ। ସିନେମା ମାଧ୍ୟମରେ ସାଧାରଣ ମଣିଷର ନିତିଦିନର ଦୁଃଖ ଓ ସୁଖର ସାଥୀ ପାଲଟିଥିଲେ। ତାଙ୍କ ମୃତ୍ୟୁରେ ପ୍ରତିଟି ଓଡ଼ିଆଙ୍କ ଛାତିରେ ଥିବା କୋହମିଶା ଆହାପଦ ତାଙ୍କ ଆତ୍ମାକୁ ଶାନ୍ତି ଦେବ। ତାଙ୍କ ଅସୁସ୍ଥତା ସମୟରେ ଯେଉଁମାନେ ଆମକୁ ଦୃଢ ହୋଇ ତାଙ୍କ ସେବା କରିବା ପାଇଁ ମନୋବଳ ଦେଇଛନ୍ତି ସେମାନଙ୍କୁ ଆମ ପରିବାର ତରଫରୁ କୃତଜ୍ଞତା ଜ୍ଞାପନ କରୁଛୁ।

ତାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ସମସ୍ତଙ୍କର ମନରେ ଇଚ୍ଛା ଅଛି। ମାତ୍ର ଏହି କରୋନା ମହାମାରୀ ସମୟରେ ଓ ପ୍ରଶାସନିକ କଟକଣା ମଧ୍ୟରେ ତାଙ୍କର ନିକଟତର ବନ୍ଧୁ ପରିଜନମାନଙ୍କୁ ନିମନ୍ତ୍ରଣ କରିବାର ସୁଯୋଗ ହରାଉଥିବାରୁ ଆମେ ନିଜକୁ ହତଭାଗ୍ୟ ମନେକରୁଛୁ। ଆଶା କରୁଛୁ ସମସ୍ତେ ନିଶ୍ଚୟ ହୃଦୟଙ୍ଗମ କରିବେ ବୋଲି ବିଜୟଙ୍କ ସ୍ତ୍ରୀ ତନ୍ଦ୍ରା ରାୟ ପ୍ରକାଶ କରିଛନ୍ତି।

ଫିଟ୍ ରହିବାର ଆୟୁର୍ବେଦିକ ସମାଧାନ
ଗ୍ରୀନ୍ ଟି, ଡାଲଚିନି, ତୁଳସୀ, ବିଲାତି ତେନ୍ତୁଳି, ପାଇନ୍ ଆପଲ୍, କୋକମ୍, ଶୁଣ୍ଠି ଇତ୍ୟାଦି
ଭଳି 15 ଆୟୁର୍ବେଦିକ ଜଡ଼ିବୁଟିର ନିର୍ଯାସରେ ପ୍ରସ୍ତୁତ ଜୋଲି ଫ୍ୟାଟ୍ ଗୋ କ୍ୟାପ୍‌ସୁଲ
ଇମ୍ୟୁନିଟି ବଢ଼ାନ୍ତୁ ଏବଂ ମେଟାବୋଲିଜମ୍‌କୁ ତୀବ୍ର କରନ୍ତୁ
ଯାହାଦ୍ୱାରା ଆପଣଙ୍କ ଶରୀରରେ ଅଦରକାରୀ ଚର୍ବି ଜମାହୋଇ ନ ଥାଏ ଏବଂ ଜମାହୋଇ ରହିଥିବା ଚର୍ବି ଶକ୍ତିରେ ରୂପାନ୍ତରିତ ହୋଇଥାଏ । ଭୋକର ତୀବ୍ର ଇଚ୍ଛା ମଧ ନିୟନ୍ତ୍ରିତ ରହିଥାଏ।
ବର୍ଦ୍ଧିତ ମେଟାବୋଲିଜମ୍ ତଥା ବର୍ଦ୍ଧିତ ଇମ୍ୟୁନିଟି ଦ୍ୱାରା ଆପଣ ରହିଥାନ୍ତି
ସୁସ୍ଥ ବି, ସ୍ମାର୍ଟ ବି



2 ପ୍ୟାକ୍ ଜୋଲି ଫ୍ୟାଟ୍ ଗୋ କ୍ୟାପ୍‌ସୁଲ କ୍ରୟ ଉପରେ
1 ପ୍ୟାକ୍ ଜୋଲି ତୁଳସୀ 51 ଗ୍ରୀନ୍ ଟି
ଫ୍ରି


JOLLY
FAT-GO
କ୍ୟାପ୍‌ସୁଲ ଓ ଅଏଲ୍
ସବୁ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ
Helpline» 0161-520-1588

### ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୭।୭(ବ୍ୟୁରୋ): ରାଜ୍ୟରେ ମୌସୁମୀ ଦୁର୍ବଳ ହୋଇଯାଇଛି। ତେବେ ବିହାର ଏବଂ ଉପକୂଳ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କଟକ, ବାଲେଶ୍ୱର, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍‌ୱାର୍ନିଂ ଜାରି କରାଯାଇଛି। ମୌସୁମୀ ଦୁର୍ବଳ ରହୁଥିବାରୁ ରାଜ୍ୟରେ ବର୍ଷା ପରିମାଣ ବହୁ ମାତ୍ରାରେ ହ୍ରାସ ପାଇଛି। ରାଜ୍ୟରେ ୧୦ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁନ୍ ପହିଲାରୁ ଜୁଲାଇ ୨୭ ତାରିଖ ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ଭାବେ ୫୧୧.୬ ପ୍ରତିଶତ ବର୍ଷା ହେବାକୁ ଥିବା ବେଳେ ହୋଇଛି ୪୫୮.୪ ପ୍ରତିଶତ। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଁ ଭାଁ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବାଲେଶ୍ୱରରେ ୩୧.୪ ମିଲିମିଟର ବର୍ଷା ହୋଇଥିବା ବେଳେ ରାୟଗଡ଼ା ୪୩, ନୟାଗଡ଼ ୨୦, ଭବାନୀପାଟଣା ୫.୦, ସୋନପୁର ୩.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା
କୃଷି ବିଭାଗ, ଓଡିଶା ସରକାର ଏବଂ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ
ନିରାପଦ କୃଷକ, ଦେଶର ଗର୍ବ
HDFC ERGO Take it easy!

କୃଷକଙ୍କ କଭରେଜ:
ଏହି ଯୋଜନା ଋଣୀ ଚାଷୀ ବା କୃଷକଙ୍କ ସମେତ ସମସ୍ତ କୃଷକମାନଙ୍କ ପାଇଁ ସ୍ୱେଚ୍ଛାକୃତ ଭାବେ ପ୍ରସ୍ତୁତ କରାଯାଇଛି । ଋଣୀ କୃଷକମାନେ ଯେଉଁମାନେ ଶେଷ ତାରିଖର ୭ ଦିନ ପୂର୍ବରୁ ଯୋଜନାରୁ ନିଜକୁ ବାଦ୍ ଦେଇନାହାନ୍ତି, ସେମାନେ ଏହି ବିତ୍ତୀୟ ସଂସ୍ଥା ଦ୍ୱାରା ଏହି ଯୋଜନା ଅଧୀନରେ ନାମ ତାଲିକାଭୁକ୍ତ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ।



ଅଣଋଣୀ କୃଷକଙ୍କ ପାଇଁ ନାମତାଲିକାଭୁକ୍ତ:
ଅଣ-ଋଣୀ କୃଷକମାନେ ନିକଟତମ ବିତ୍ତୀୟ ସଂସ୍ଥା ମାଧ୍ୟମରେ ସେମାନଙ୍କ ଫସଲକୁ ବୀମାଭୁକ୍ତ କରିପାରିବେ ଯଥା ଜାତୀୟକରଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ପ୍ରାଥମିକ କୃଷି ସମବାୟ ସମିତି (PACS), ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ / ବୀମା ମଧ୍ୟସ୍ଥି / ଜନ ସେବା କେନ୍ଦ୍ର (CSC) / ୱେବସାଇଟ୍ ଲିଙ୍କ୍ ମାଧ୍ୟମରେ ସ୍ୱୟଂ ନାମଲେଖା:
https://pmfby.gov.in/farmerLogin

ଏହି ଯୋଜନା ପାଇବା ପାଇଁ ଚାଷୀଙ୍କ ଠାରୁ ଆବଶ୍ୟକ ଦସ୍ତାବିଜ୍
- ଆଧାର କାର୍ଡ / ପରିଚୟ ପତ୍ରର ନକଲ
- ଉପଯୁକ୍ତ ଭାବରେ ପୂରଣ ହୋଇଥିବା ପ୍ରସ୍ତାବ ଫର୍ମ୍‌ର ନକଲ
- ସର୍ବଶେଷ ଜମି ରେକର୍ଡ / ଷ୍ଟେଟ୍ ରେକର୍ଡ ଅଫ୍ ରାଇଟ୍‌ସ (RoR) / ଜମି ଅଧିକାର ପ୍ରମାଣପତ୍ର (LPC) / ଖସଡ଼ା ଇତ୍ୟାଦିର ନକଲ
- ବନ୍ଧକ କୃଷକମାନଙ୍କ ପାଇଁ ପ୍ରଯୁଜ୍ୟ ଚୁକ୍ତି / ସହମତି ପାଇଁ ଆଫିଡେଭିଟ୍
- ଊଏଗଇ ନମ୍ବର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର କିମ୍ବା କ୍ୟାନସେଲ୍ ହୋଇଥିବା ଚେକ୍ ଥିବା ବ୍ୟାଙ୍କ ପାସବୁକ୍‌ର ନକଲ
- ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଫସଲ ବୁଣିବା ପାଇଁ ଉଦ୍ଦିଷ୍ଟ ବୁଣିବା ପ୍ରମାଣପତ୍ର କିମ୍ବା ଆତ୍ମ ଘୋଷଣା

| ଋତୁ | ଜିଲ୍ଲା | ଅଧିସୂଚିତ ଫସଲ | ଫସଲ ଆଧାରିତ ବୀମା (ଟ. ରେ ପ୍ରତି ହେକ୍ଟର) | କୃଷକ ହାର | କୃଷକ କିସ୍ତି |
|---|---|---|---|---|---|
| ଖରିଫ୍ | ଦେବଗଡ | ଚିନା ବାଦାମ | ୫୫୦୦୦ | ୧.୬୦% | ୮୮୦ |
| ଖରିଫ୍ | ଦେବଗଡ | ମକା | ୪୦୦୦୦ | ୧.୬୦% | ୬୪୦ |
| ଖରିଫ୍ | ଦେବଗଡ | ଧାନ | ୬୫୦୦୦ | ୨.୦୦% | ୧୩୦୦ |
| ଖରିଫ୍ | ଦେବଗଡ | ହରଡ଼ | ୪୦୦୦୦ | ୧.୬୦% | ୬୪୦ |
| ଖରିଫ୍ | କେନ୍ଦ୍ରାପଡ଼ା | ଧାନ | ୫୮୦୦୦ | ୨.୦୦% | ୧୧୬୦ |
| ଖରିଫ୍ | ମୟୂରଭଂଜ | ମକା | ୬୯୫୪୦ | ୨.୦୦% | ୧୩୯୦.୮ |
| ଖରିଫ୍ | ମୟୂରଭଂଜ | ଧାନ | ୭୪୬୦୦ | ୨.୦୦% | ୧୪୯୨ |
| ଖରିଫ୍ | ମୟୂରଭଂଜ | ହରଡ଼ | ୩୯୦୮୮ | ୧.୬୦% | ୬୨୫.୪୧ |
| ଖରିଫ୍ | ନବରଂଗପୁର | ଚିନା ବାଦାମ | ୫୮୭୫୦ | ୨.୦୦% | ୧୧୭୫ |
| ଖରିଫ୍ | ନବରଂଗପୁର | ମକା | ୮୦୨୫୦ | ୨.୦୦% | ୧୬୦୫ |
| ଖରିଫ୍ | ନବରଂଗପୁର | ଧାନ | ୭୮୫୦୦ | ୨.୦୦% | ୧୫୭୦ |
| ଖରିଫ୍ | ବରଗଡ | କପା | ୫୨୫୦୦ | ୫.୦୦% | ୨୬୨୫ |
| ଖରିଫ୍ | ବରଗଡ | ଚିନା ବାଦାମ | ୫୨୫୦୦ | ୨.୦୦% | ୧୦୫୦ |
| ଖରିଫ୍ | ବରଗଡ | ଧାନ | ୬୭୫୦୦ | ୨.୦୦% | ୧୩୫୦ |
| ଖରିଫ୍ | ଭଦ୍ରକ | ଧାନ | ୬୭୦୦୦ | ୨.୦୦% | ୧୩୪୦ |
| ଖରିଫ୍ | ଗଜପତି | କପା | ୬୫୧୨୫ | ୫.୦୦% | ୩୨୫୬.୨୫ |
| ଖରିଫ୍ | ଗଜପତି | ଚିନା ବାଦାମ | ୪୯୫୦୦ | ୨.୦୦% | ୯୯୦ |
| ଖରିଫ୍ | ଗଜପତି | ମକା | ୪୦୨୫୦ | ୨.୦୦% | ୮୦୫ |
| ଖରିଫ୍ | ଗଜପତି | ଧାନ | ୬୦୦୦୦ | ୨.୦୦% | ୧୨୦୦ |
| ଖରିଫ୍ | ଗଜପତି | ମାଣ୍ଡିଆ | ୨୫୦୦୦ | ୧.୬୦% | ୪୦୦ |
| ଖରିଫ୍ | ଜଗତସିଂହପୁର | ଧାନ | ୫୭୫୦୦ | ୨.୦୦% | ୧୧୫୦ |
| ଖରିଫ୍ | ଯାଜପୁର | ଧାନ | ୬୨୫୦୦ | ୨.୦୦% | ୧୨୫୦ |

ଅଧିକ ସୂଚନା ପାଇଁ ଦୟାକରି ନିକଟସ୍ଥ ବ୍ୟାଙ୍କ ଶାଖା / କୃଷି ଅଧିକାରୀ / ଜନ ସେବା କେନ୍ଦ୍ର (CSC) / ବୀମା କମ୍ପାନୀର ଟୋଲ୍ ଫ୍ରୀ ନମ୍ବର 18002660700 ରେ ସମ୍ପର୍କ କରନ୍ତୁ ।

ଏଚ୍‌ଡିଏଫ୍‌ସି ଏର୍ଗୋ ସାଧାରଣ ବୀମା କମ୍ପାନୀ ଲିମିଟେଡ୍ ଆଇଆରଡିଏଆଇ ପଞ୍ଜିକରଣ ନଂ. ୧୪୬ । ସିଆଇଏନ୍: U66030MH2007PLC177117 ... UIN: Pradhan Mantri Fasal Bima Yojan - IRDAN125P0003V01201617 | CSC - Pradhan Mantri Fasal Bima Yojan - HDE-AG-P18-25-V01-17-18. UID: 6067.

**ଆଜିର ମନ୍ତବ୍ୟ**

"ଉଚିତ ନିଷ୍ପତ୍ତି ଯୋଗୁ ଭାରତ କରୋନା ବିରୋଧୀ ଲଢ଼େଇରେ ଭଲ ସ୍ଥିତିରେ ଅଛି।"
—ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୋବାଇଲ ଭ୍ୟାନ୍‌ରେ ହେବ କରୋନା ଟେଷ୍ଟ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ବର୍ତ୍ତମାନ ସ୍ଥିତିରେ କୋଭିଡ୍ ସଂକ୍ରମିତଙ୍କୁ ଚିହ୍ନଟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଚିହ୍ନଟ ପ୍ରକ୍ରିୟାକୁ ବ୍ୟାପକ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ମୋବାଇଲ ଭ୍ୟାନ୍ ବୁଲାଯାଇ କରୋନା ଟେଷ୍ଟିଂ କରାଯିବ। ଗଞ୍ଜାମରେ ମୋବାଇଲ ଭ୍ୟାନ୍ ମାଧ୍ୟମରେ କରୋନା ଟେଷ୍ଟ କରାଯାଉଛି। ରାଜ୍ୟର ଆହୁରି ଅନେକ ସ୍ଥାନରେ ଏହିଭଳି ଟେଷ୍ଟ କରିବା ପାଇଁ ପ୍ରସ୍ତାବ ରହିଛି। ରାଜ୍ୟ ସରକାର ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି , ଅଗଷ୍ଟ ମାସରୁ ଆହୁରି ଅଧିକ ଟେଷ୍ଟିଂ କରାଯିବ। ସେରୋ ସର୍ଭିଲାନ୍ସ ରିପୋର୍ଟ ଅନୁସାରେ ଅଗଷ୍ଟ ମାସରୁ ଦୈନିକ ୧୫ହଜାର ଟେଷ୍ଟ କରିବା ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଆଇସିଏମ୍ଆର୍ ମଧ୍ୟ ଟେଷ୍ଟ ବଢ଼ାଇବାକୁ ନିଷ୍ପତ୍ତି ନେଇଛି। ସେହି ଅନୁସାରେ ରାଜ୍ୟ ସରକାର ଟେଷ୍ଟ ବଢ଼ାଇବେ ବୋଲି ପରିଡ଼ା କହିଛନ୍ତି।

# ଆଉ ୪୭ ଚାଇନା ଆପ୍ ବ୍ୟାନ୍




■ ନଜରରେ ୨୭୫ ଆପ୍
■ ପବ୍‌ଜୀ ଉପରେ ଲାଗିପାରେ କଟକଣା

**ନୂଆଦିଲ୍ଲୀ,୨୭।୭**

ଚାଇନା ସେନା ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଭାରତ ସରକାର ଜାତୀୟ ସୁରକ୍ଷାକୁ ଧ୍ୟାନରେ ରଖି ପ୍ରାରମ୍ଭିକ ପର୍ଯ୍ୟାୟରେ ୫୯ ଚାଇନା ମୋବାଇଲ ଆପ୍ଲିକେଶନ ଉପରେ କଟକଣା ଲଗାଇଥିଲେ। ସୋମବାର ପୁଣି ଥରେ ୪୭ ଚାଇନା ଆପ୍‌କୁ ବ୍ୟାନ୍ କରାଯାଇଛି। ପୂର୍ବରୁ ବ୍ୟାନ୍ ହୋଇଥିବା ଆପ୍ଲିକେଶନର କ୍ଲୋନ୍ ଭାବେ ଏହି ଆପ୍‌ଗୁଡିକ କାର୍ଯ୍ୟ କରୁଥିବା ସରକାରଙ୍କ ୨ ଜଣ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସରକାର ପୂର୍ବରୁ ବାଇଟ୍ ଡାନ୍ସର ଟିକ୍‌ଟକ୍, ଆଲିବାବାର ୟୁସି ବ୍ରାଉଜର ଭଳି ଅନ୍ୟ ଆପ୍ ଗୁଡ଼ିକୁ ଭାରତରେ ବ୍ୟାନ୍ କରିଛନ୍ତି। ବର୍ତ୍ତମାନ କେଉଁ ଆପ୍‌ଗୁଡିକୁ ଭାରତରେ ନିଷିଦ୍ଧ କରାଯାଇଛି ସେ ସମ୍ପର୍କରେ ସବିଶେଷ ତଥ୍ୟ ମିଳି ପାରି ନ ଥିଲେ ହେଁ ଏହି ଆପ୍‌ଗୁଡିକ ୫୯ ବ୍ୟାନ୍ ଆପ୍‌ର କ୍ଲୋନ୍ ବୋଲି କୁହାଯାଇଛି। ସରକାରଙ୍କ ସ୍ପଷ୍ଟୀକରଣ ଆସିବା ପରେ ଯାଇ କେଉଁ ଆପ୍ ହଟାଯାଇଛି ସେ ସମ୍ପର୍କରେ ଜଣାପଡିବ। ସେହିଭଳି କେନ୍ଦ୍ର ସରକାର ୨୭୫ ଚାଇନା ଆପ୍‌ର ଏକ ତାଲିକା ମଗାଇଛନ୍ତି। ଏହି ଆପ୍‌ଗୁଡିକ ଦେଶର ଜାତୀୟ ସୁରକ୍ଷା ଏବଂ ପ୍ରିଭେସିକୁ କ୍ଷତି ପହଞ୍ଚାଉଥିଲେ ସରକାରଙ୍କ ପକ୍ଷରୁ ସେହି ଆପ୍ଲିକେଶନଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଜାତୀୟ ସୁରକ୍ଷାକୁ ବିପଦରେ ପକାଇବା ଆଶଙ୍କା ରହିଥିବା ଟେନ୍‌ସେଣ୍ଟ କମ୍ପାନୀର ପବ୍‌ଜୀ, ଆଲିବାବାର ଆଲି ଏକ୍ସପ୍ରେସ୍, ଫୋନ୍ ମେକର ସାଓମି, ବାଇଟ ଡାନ୍ସ କମ୍ପାନୀର ମ୍ୟୁଜିକ ଷ୍ଟ୍ରିମି ଆପ୍ଲିକେଶନ ରେସୋ ଆଦି ଉପରେ ବ୍ୟାନ୍ ଲାଗିପାରେ। ଭାରତ ସରକାର ୫୯ ଚାଇନା ଆପ୍ ଉପରେ କଟକଣା ଲଗାଇବା ପରେ ଏହା ସହ ସମାନ ଏବଂ କ୍ଲୋନ୍ ହୋଇଥିବା ଆପ୍ଲିକେଶନ ଗୁଗଲ ପ୍ଲେ ଷ୍ଟୋର ର୍ୟାଙ୍କିଙ୍ଗ୍‌ର ଟପ୍‌ରେ ରହୁଥିଲା। ଲାଇକି ଲାଇଟ୍, ସ୍ନାକ୍ ଭିଡିଓ ଭଳି ଆପ୍‌ଗୁଡିକ ଟିକ୍‌ଟକ୍ ଉପରେ ବ୍ୟାନ୍ ଲାଗିବା ପରେ ଲୋକପ୍ରିୟ ହୋଇଛି। ସ୍ନାକ୍ ଭିଡିଓ ଚାଇନା କମ୍ପାନୀ ଦ୍ୱାରା ସ୍ଥାପନ ହୋଇଥିବା ବେଳେ ଏହା ନିକଟରେ ୧୦ ନିୟୁତ ଡାଉନ୍‌ଲୋଡ୍ ହାସଲ କରିଛି। ସେହିଭଳି ସାଓମି ପକ୍ଷରୁ ଆସିଥିବା ଜିଲି ଆପ୍ ଟିକ୍‌ଟକ୍‌ର ବିକଳ୍ପ ହୋଇଛି। ଏହି ଆପ୍‌ର ଡାଉନ୍‌ଲୋଡ୍ ୧୬୭% ବଢ଼ି ୮ ନିୟୁତ ଛୁଇଁଛି। ଜୁନ୍ ୨୯ରେ ଜାରି ଏକ ଅନ୍ତରୀଣ ଅର୍ଡରରେ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ଦେଶର ସୁରକ୍ଷାକୁ ଏହି ଆପ୍‌ଗୁଡିକ ପ୍ରଭାବିତ କରୁଛି। ଏହାକୁ ବିଚାରକରି ସରକାର ଆପ୍‌ଗୁଡ଼ିକ ଉପରେ ବ୍ୟାନ୍ ଲଗାଇବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## କର୍ମଚାରୀ ବୋଝ...

କର୍ମଚାରୀଙ୍କ ବୋଝ ବୋହିବାକୁ କମ୍ପାନୀ ଅମଙ୍ଗ ହୋଇଛି। କର୍ମଚାରୀଙ୍କ ପୁରୁଣା ଚାକିରି ସର୍ତ୍ତାବଳୀକୁ ଟିପିସିଏଲ୍ ମାନିବାକୁ ନାରାଜ। କମ୍ପାନୀ ନିଜ ଅଧୀନରେ ରଖି କର୍ମଚାରୀଙ୍କୁ ପରିଚାଳନା କରିବାକୁ ଚାହୁଁଛି। ଏପରି କି ଉକ୍ତ ସର୍ତ୍ତାବଳୀକୁ ସଂଶୋଧନ କରିବା ଏବଂ ବୈଷୟିକ ଓ ବାଣିଜ୍ୟିକ କ୍ଷତି ହ୍ରାସ ପାଇଁ ଥିବା ନିୟମକୁ ପରିବର୍ତ୍ତନ କରିବା ପାଇଁ ଟିପିସିଏଲ ଓଇଆରସି ନିକଟରେ ଗତ ମାସରେ ଏକ ରିଭ୍ୟୁ ପିଟିଶନ ଦାଖଲ କରିଛି, ଯାହାକି ଓଇଆରସି ମାମଲା ନଂ.୨୭/୨୦୨୦ରେ ପଞ୍ଜୀକୃତ ହୋଇଛି।

ସୂଚନାଯୋଗ୍ୟ ଯେ ବିଦ୍ୟୁତ୍ କିଣା ବାବଦରେ ଗ୍ରୀଡ୍‌କୋର ସେସୁ ଉପରେ ୨ହଜାର କୋଟି ଟଙ୍କା ବକେୟା ଥିବାବେଳେ ଓପିଟିସିଏଲ୍‌ର ୧୧କୋଟି ବକେୟା ରହିଛି। ଏହି ଅର୍ଥ କିପରି ଆଦାୟ ହେବ ଓ ଗ୍ରୀଡ୍‌କୋକୁ ପଇଠ କରାଯିବ ସେ ନେଇ ଚୁକ୍ତିରେ କିଛି ଉଲ୍ଲେଖ କରାଯାଇନାହିଁ। ଚୁକ୍ତି ପୂର୍ବରୁ ରାଜ୍ୟ ସରକାର, ଗ୍ରୀଡ୍‌କୋ କିମ୍ବା ଓପିଟିସିଏଲର ମତାମତ ଲୋଡ଼ାଯାଇଥିଲା। ତେବେ ଉକ୍ତ ଦୁଇ କମ୍ପାନୀ ନିଜର ବକେୟା ଅର୍ଥ ପଇଠ କରିବା ନେଇ ପଦକ୍ଷେପ ନେବାକୁ ଓଇଆର୍‌ସିକୁ ନିବେଦନ କରିଥିଲେ। ତେବେ ସେନେଇ ଚୁକ୍ତିରେ କିଛି ଉଲ୍ଲେଖ କରାଯାଇ ନାହିଁ। ବକେୟା ଅର୍ଥ କିପରି ମିଳିବ ସେନେଇ ଉଭୟ ସଂସ୍ଥା ସନ୍ଦୀହାନ ହୋଇ ପଡ଼ିଛନ୍ତି। କୌଣସି ଜନଶୁଣାଣି ନ କରି କାହା ସ୍ୱାର୍ଥରେ ୫ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିକୁ ତରବରିଆ ଭାବେ ଟେକିଦିଆଗଲା ବୋଲି ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ ପ୍ରଶ୍ନ ଉଠାଇଛନ୍ତି।

ବକେୟା ସମ୍ପର୍କରେ ଗ୍ରୀଡ୍‌କୋର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ବକେୟା ବିଷୟରେ ଓଇଆର୍‌ସିଙ୍କୁ ଜଣାଇ ଦିଆଯାଇଛି। ଉପଭୋକ୍ତାଙ୍କ ଠାରୁ ଟିପିସିଏଲ ଅର୍ଥ ଆଦାୟ କରି ପଇଠ କରିବା ନେଇ ବ୍ୟବସ୍ଥା ହେବ ବୋଲି କହିଛନ୍ତି। ସେହିପରି ଓପିଟିସିଲ୍ ଅଧିକାରୀଙ୍କ କହିବା ହେଲା, ସେସୁ ଉପରେ ଆମର ପ୍ରାୟ ୧୨କୋଟି ଟଙ୍କା ବକେୟା ରହିଛି। ଘରୋଇକରଣ ପୂର୍ବରୁ ଆମକୁ ଏନେଇ କିଛି ପଚରାଯାଇ ନାହିଁ। ଟଙ୍କା ପାଇବା ପାଇଁ ଆମେ ଓଇଆର୍‌ସିଙ୍କୁ ଚିଠି ଲେଖି ଜଣାଇଛୁ। ଗ୍ରୀଡ୍‌କୋ ସିଏମ୍‌ଡି ସୌରଭ ଗର୍ଗ ଗ୍ରୀଡ୍‌କୋ ବକେୟା ବିଷୟରେ ଶକ୍ତି ବିଭାଗ ସଚିବ କହିପାରିବେ ବୋଲି କହିଥିବାବେଳେ ଶକ୍ତି ବିଭାଗ ସଚିବ ନିକୁଞ୍ଜ ଧଳଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।

## ଚିନ୍ତା ବଢ଼ାଇଛି...

ବଲାଙ୍ଗୀର ୨୧, ବାଲେଶ୍ୱର ୧୯, ସମ୍ବଲପୁର ୧୭, କଳାହାଣ୍ଡି, ଝାରସୁଗୁଡ଼ାରୁ ୧୦ଜଣ ଲେଖାଏ, କେନ୍ଦ୍ରାପଡ଼ା ୯, ନୟାଗଡ଼ ୮, ଜଗତ୍‌ସିଂହପୁର ୬, ସୋନପୁର ଓ ପୁରୀରୁ ୪ଜଣ ଲେଖାଏ, ନବରଙ୍ଗପୁର ୨, ଅନୁଗୋଳ ଓ ବୌଦ୍ଧରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ୨୬,୮୯୨କୁ ବୃଦ୍ଧି ପାଇଛି। ଅନ୍ୟପଟେ କରୋନା ଆଉ ୭ଜଣଙ୍କ ଜୀବନ ନେଇଛି। ମୃତକଙ୍କ ମଧ୍ୟରେ ଗଞ୍ଜାମର ୩ଜଣ ଥିବାବେଳେ ସୁନ୍ଦରଗଡ଼, ମାଲକାନଗିରି, କଟକ ଓ ଭୁବନେଶ୍ୱରରୁ ଜଣେ ଲେଖାଏ ରହିଛନ୍ତି। ଗଞ୍ଜାମର ୩ ମୃତକଙ୍କ ମଧ୍ୟରେ ୫୧ବର୍ଷୀୟ ଜଣେ ମହିଳା ଏବଂ ଅନ୍ୟ ଦୁଇଜଣ ପୁରୁଷଙ୍କ ବୟସ ୫୫ ଓ ୫୮ ରହିଛି। ଅନ୍ୟ ସମସ୍ତ ମୃତକ ହେଉଛନ୍ତି ପୁରୁଷ। ଫଳରେ ରାଜ୍ୟରେ ଏବେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୪୭କୁ ବୃଦ୍ଧି ପାଇଛି। ସେପଟେ ରାଜ୍ୟରେ ଆଉ ୫୮୧ଜଣ କରୋନା ଆକ୍ରାନ୍ତ ଆରୋଗ୍ୟ ହୋଇଛନ୍ତି। ଫଳରେ ଆରୋଗ୍ୟଙ୍କ ସଂଖ୍ୟା ୧୭,୩୭୩ରେ ପହଞ୍ଚିଛି। ବର୍ତ୍ତମାନ ୯,୩୩୮ଜଣ ସକ୍ରିୟ ରୋଗୀ ଥିବାବେଳେ ୯,୯୧୯ଜଣ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି।

## ଭାରତ ଆସୁଛି...

ଭାରତୀୟ ବାୟୁସେନାର ଶକ୍ତିବୃଦ୍ଧି କରିବା ସହ ଶତ୍ରୁପକ୍ଷର ଦୃଢ଼ ମୁକାବିଲା କରିବାରେ ସଫଳ ହେବ ବୋଲି କୁହାଯାଉଛି। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏହି ଯୁଦ୍ଧବିମାନରେ ଖୁବ୍‌ଶୀଘ୍ର ହାମର କ୍ଷେପଣାସ୍ତ୍ର ଲଗାଯିବ ବୋଲି ଜଣାପଡ଼ିଛି। ସୀମା ବିବାଦକୁ ନେଇ ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ଲାଗି ରହିଥିବାବେଳେ ଏଭଳି ସମୟରେ ରାଫାଲର ଆଗମନ ଭାରତ ପାଇଁ ଖୁସି ଆଣିଦେଇଛି। ଏଲ୍ଏସିରେ ଚାଇନାର ଦାଦାଗିରି ଓ ପୂର୍ବ ଲଦାଖରେ ଭାରତୀୟ ଯବାନଙ୍କ ସହ ପିଏଲ୍ଏର ରକ୍ତାକ୍ତ ସଂଘର୍ଷ ପରିସ୍ଥିତିକୁ ସରଗରମ କରି ରଖିଛି। ଚାଇନାର ହୀନ କୂଟନୀତି ଓ ବିସ୍ତାରବାଦୀ ଆଭିମୁଖ୍ୟ ଭାରତକୁ ଅଧିକ ସଶକ୍ତ ହେବାକୁ ବାଧ୍ୟ କରିଛି। ରାଫାଲ ଆସିବା ପରେ ଭାରତୀୟ ବାୟୁସେନାର ମନୋବଳ ଦୃଢ଼ ହେବା ସ୍ୱାଭାବିକ। ପୂର୍ବ ଲଦାଖରେ ଏହି ରାଫାଲ ଯୁଦ୍ଧବିମାନକୁ ମୁତୟନ କରାଯିବ ବୋଲି ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ୧୦ଟି ରାଫାଲ ଯୁଦ୍ଧବିମାନ ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଫ୍ରାନ୍ସ ପ୍ରତିପକ୍ଷ ମାଡେମ ଫ୍ଲୋରେନ୍ସ ପାର୍ଲିଙ୍କ ମଧ୍ୟରେ ୨୦୧୯ ଅକ୍ଟୋବରରେ ଚୂଡ଼ାନ୍ତ ହୋଇଥିଲା। ୫ଟି ଯୁଦ୍ଧବିମାନ ଫ୍ରାନ୍ସରେ ଟ୍ରେନିଂ ମିଶନ ଲାଗି ରଖାଯିବାକୁ ନିଷ୍ପତ୍ତି ହୋଇଥିଲା। ଚୁକ୍ତି ମୁତାବକ ଏବେ ଭାରତର ବାୟୁସେନା ପାଇଲଟ ଓ ସହଯୋଗୀମାନେ ଦାସଲ୍ଟ କମ୍ପାନୀ ଦ୍ୱାରା ସେଠାରେ ପ୍ରଶିକ୍ଷଣ ନେଉଛନ୍ତି। ଆଗାମୀ ୯ ମାସ ପର୍ଯ୍ୟନ୍ତ ସେଠାରେ ସେମାନେ ବିମାନ ଉଡ଼ାଣ ଓ ଯୁଦ୍ଧାସ୍ତ୍ର ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ନେବା କାର୍ଯ୍ୟକ୍ରମ ରହିଛି। ୨୦୨୧ ସୁଦ୍ଧା ଭାରତକୁ ସମସ୍ତ ୩୬ ରାଫାଲ ଯୁଦ୍ଧବିମାନ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ପ୍ରକାଶଥାଉ କି, ଭାରତ ଓ ଫ୍ରାନ୍ସ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କ ବହୁ ପୁରୁଣା। ଭାରତ ଫ୍ରାନ୍ସଠାରୁ ତୁଫାନିଜ୍, ମିଷ୍ଟେରେ, ଜାଗୁଆର୍, ମିରେଜ୍ ଭଳି ଅନେକ ଯୁଦ୍ଧବିମାନ କିଣିଛି। ବନ୍ଧୁତା ଦୃଷ୍ଟିରୁ ଫ୍ରାନ୍ସ ସରକାର ମହାମାରୀ କରୋନାର ମୁକାବିଲା ଲାଗି ଭାରତକୁ ମେଡିକାଲ ଯନ୍ତ୍ରପାତି ଓ ବିଶେଷଜ୍ଞ ଦଳ ପଠାଉଥିବା ଜଣାପଡ଼ିଛି।

## ଅଭିନେତ୍ରୀ ଦୀପା...

ଝିଅ ଉପସ୍ଥିତ ଥିଲେ। ଶତାଧିକ ଆଲ୍‌ବମ୍ ସହ ଫିଲ୍ମ ଏବଂ ଧାରାବାହିକରେ ଅଭିନୟ କରି ଲୋକଙ୍କ ମନ ଜିତିଥିବା ଦୀପା ଗତ ଏକବର୍ଷ ଧରି କର୍କଟରେ ପୀଡ଼ିତ ଥିଲେ। ଗତ ଜୁନ୍ ୨୦ରେ ହଠାତ୍ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ଏବଂ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୯୮୫ ଅକ୍ଟୋବର ୨୫ରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିବା ଦୀପା 'ମେଡ୍ ଇନ୍ ଓଡ଼ିଶା' ଆଲବମ ମାଧ୍ୟମରେ ସେ ନିଜ କ୍ୟାରିୟରର ଆରମ୍ଭ କରିଥିଲେ। ଏହି ଆଲବମ ତାଙ୍କୁ ଓଡ଼ିଶାର ଘରେ ଘରେ ପରିଚିତ କରାଇଥିଲା। ଏହାପରେ ଅନୁଭବ ମହାନ୍ତିଙ୍କ ସହ 'କୃଷ୍ଣଚୂଡ଼ା ରଙ୍ଗର ନାଲି ଓଢ଼ଣୀ' ଗୀତରେ ଅଭିନୟ କରି ସୁପରହିଟ୍ ହୋଇଥିଲେ। ଏହାସହ 'ତୋର ଟଣା ଟଣା ଆଖି', 'ହାଏ ହାଏ ତୋ ମଲ୍ଲୀ ଫୁଲ ଗଜରା', 'ଚଗଲା ଫଗୁଣ ଆସି ଏକି କଲା ରାମା', 'ଟେକା ମାରି ଝଡ଼େଇ ଦେବି ଜହ୍ନଲୋ', 'ପାନ ପତରିଆ ମୋ', 'ଏକଡା ଏକଡା ରା', 'ଦବୁ ଯଦି ଗୋରୀ ତୋ ଦିଲ୍ ଦେଇ ଯା' ଓ 'ଲେ ଲେଇଯା ଲଟକମଣୀ' ଆଦି ଦୁଇ ଡଜନରୁ ଅଧିକ ହିଟ୍ ଓଡ଼ିଆ ଗୀତରେ ଦୀପାଙ୍କୁ ଦେଖିବାକୁ ମିଳିଥିଲା। 'ଆଲବମ୍ କୁଇନ୍' ଭାବେ ପରିଚିତ ହେବାପରେ ନିର୍ଦ୍ଦେଶକ ସଞ୍ଜୟ ନାୟକ ତାଙ୍କୁ ନିଜ ଫିଲ୍ମ 'ନାରୀ ଆଖିରେ ନିଆଁ'ରେ ବ୍ରେକ୍ ଦେଇଥିଲେ। ଏହାପରେ ସଞ୍ଜୟ ନାୟକଙ୍କ ଆଉଏକ ଫିଲ୍ମ 'ଧର୍ମର ହେବ ଜୟ'ରେ ଚରିତ୍ର ଅଭିନେତ୍ରୀ ଭାବେ ଦୀପା ନଜରକୁ ଆସିଥିଲେ। ତେବେ ଧାରାବାହିକ 'ବଡ଼ ଘର ବଡ଼ ଗୁମର କଥା'ରେ ଖଳନାୟିକା ଚରିତ୍ରରେ ଅଭିନୟ କରି ଦୀପା ବେଶ୍ ପ୍ରଶଂସିତ ହୋଇଥିଲେ। 'ଉତ୍ତରଦାୟୀ' ନାମକ ଏକ ଧାରାବାହିକରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା। ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବାରୁ ସେ ଆଲବମ୍ ଜଗତରୁ ବିଶ୍ରାମ ନେଇଥିବା ଦୀପା ଏକ ସାକ୍ଷାତକାରରେ କହିଥିଲେ। ଦୀପାଙ୍କ ମୃତ୍ୟୁ ଖବର ମିଳିବା ପରେ ଓଡ଼ିଆ ଚଳଚ୍ଚିତ୍ର ଓ ଟେଲି ଇଣ୍ଡଷ୍ଟ୍ରୀରେ ଶୋକର ଛାୟା ଖେଳିଯାଇଛି। ଅଭିନେତା ବିଜୟ ମହାନ୍ତିଙ୍କ ମୃତ୍ୟୁର କିଛିଦିନ ନ ବିତୁଣୁ ଆଉଜଣେ କଳାକାରଙ୍କୁ ହରାଇଛି ଓଡ଼ିଶା। ଜନ୍ମମାଟି ଢେଙ୍କାନାଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡିଛି।

## ୨୯ରେ ମାଟ୍ରିକ...

ସୂଚନା ପାଇଁ କଟକସ୍ଥିତ ଉଚ୍ଚଶିକ୍ଷା ପରିଷଦ କାର୍ଯ୍ୟାଳୟଠାରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଫଳ ପ୍ରକାଶନଠାରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଏହି କଣ୍ଟ୍ରୋଲ ରୁମ୍ ଖୋଲା ରହିବ। ଟେଲିଫୋନ୍ ନଂ.୦୬୭୧-୨୪୧୨୦୫୯ ଏବଂ ୦୬୭୧-୨୪୧୨୦୬୦ରେ ଛାତ୍ରୀଛାତ୍ର ଓ ଅଭିଭାବକ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଚ୍ଚଶିକ୍ଷା ପରିଷଦ ସହିତ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟର ପ୍ରାୟ ୫ଲକ୍ଷ ୬୦ହଜାର ପରୀକ୍ଷାର୍ଥୀ ୨,୮୮୮ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଫେବୃୟାରୀ ୧୯ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ପାଇଁ ୬୦ଟି କେନ୍ଦ୍ରରେ ମୂଲ୍ୟାୟନ କରାଯାଇଥିଲା। ତେବେ କରୋନା ଏବଂ ଲକ୍‌ଡାଉନ୍ ଯୋଗୁ ଖାତା ଦେଖାରେ ବାଧା ଉପୁଜିଥିଲା।

ଅନ୍ୟପକ୍ଷରେ ମନ୍ତ୍ରୀ ଦାଶ ଯୁକ୍ତ୨ ରେଜଲ୍ଟ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଗଷ୍ଟରେ ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ କରିବାକୁ ଚେଷ୍ଟା କରାଯାଉଛି। ଅଗଷ୍ଟ ତୃତୀୟ ସପ୍ତାହ ମଧ୍ୟରେ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ଏବଂ ଅଗଷ୍ଟ ଶେଷ ସୁଦ୍ଧା କଳା ବିଭାଗର ରେଜଲ୍ଟ ପ୍ରକାଶ ପାଇପାରେ। ସେ କହିଛନ୍ତି, ଯୁକ୍ତ୨ ଖାତା ଦେଖାରେ ନିଶ୍ଚିତ ଭାବେ ବିଳମ୍ବ ହୋଇଥିଲା। ଲକ୍‌ଡାଉନ୍ ଯୋଗୁ ଖାତା ଦେଖାରେ ବାଧା ସୃଷ୍ଟି ହେଉଥିଲା। ଏବେ ରାଜ୍ୟ ସରକାର ଏହାକୁ ଅତ୍ୟାବଶ୍ୟକ ସେବା ଭାବେ ଗ୍ରହଣ କରିଛନ୍ତି। ସେହି ଅନୁସାରେ ଖାତାଦେଖା ଚାଲିଛି। ରେଜଲ୍ଟ ନେଇ ନିର୍ଦ୍ଦିଷ୍ଟ ଭାବେ ଏବେ କିଛି କହି ହେବ ନାହିଁ। ଅନ୍‌ଲାଇନ୍‌ରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖାତା ଦେଖାଯାଉଥିଲା। ଅଗଷ୍ଟ ୧୫ ଭିତରେ ଏହାର ରେଜଲ୍ଟ ବାହାର କରିବା ପାଇଁ ପ୍ରୟାସ ଚାଲିଛି, ନହେଲେ ତୃତୀୟ ସପ୍ତାହକୁ ଆଶା ରଖାଯାଉଛି। କିନ୍ତୁ କଳା ବିଭାଗର ରେଜଲ୍ଟ ବାହାରିବାବେଳକୁ ଅଗଷ୍ଟ ଶେଷ ହୋଇଯାଇପାରେ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

## ଚିଙ୍ଗୁଡ଼ି ପାଇଁ...

କରୁଛନ୍ତି। ଚିଙ୍ଗୁଡି ସଂଗ୍ରହରେ ପୁରୁଷଙ୍କ ଅପେକ୍ଷା ବେଶି ମହିଳା ଓ କିଶୋରୀଙ୍କୁ ଦେଖିବାକୁ ମିଳୁଛି। ଏବେ ଏହି କାର୍ଯ୍ୟରେ ଯୋଡ଼ି ହୋଇଯାଇଛି ବିଭିନ୍ନ ଅଞ୍ଚଳରୁ ଘରକୁ ଫେରିଥିବା ବହୁସଂଖ୍ୟକ ପ୍ରବାସୀ। କରୋନା ମହାମାରୀ ଯୋଗୁ ସେମାନେ ଜୀବିକା ହରାଇଥିବାବେଳେ ଗୁଜୁରାଣ ମେଣ୍ଟାଇବା ପାଇଁ ଏହି ବିପଦପୂର୍ଣ୍ଣ କାର୍ଯ୍ୟକୁ ଆପଣାଇଛନ୍ତି। ସମୁଦ୍ର ନିକଟ ତାଳଚୁଆ ଗ୍ରାମର କଳ୍ପନା ମଣ୍ଡଳ (୩୨) କୁହନ୍ତି, ନଦୀ ନାଳରୁ ଚିଙ୍ଗୁଡି ସଂଗ୍ରହ କରିବା ତାଙ୍କର ଦୈନନ୍ଦିନ କାର୍ଯ୍ୟ। ତାଙ୍କ ପରିବାରର ପୁରୁଷ ସଦସ୍ୟ ବାହାର ରାଜ୍ୟରେ କାମ କରନ୍ତି। ଗ୍ରାମର ଶତାଧିକ ମହିଳା ଚିଙ୍ଗୁଡି ସଂଗ୍ରହରେ ନିୟୋଜିତ ଅଛନ୍ତି। ପରିବାରର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ଏହା ଏକ ଉତ୍ତମ ମାଧ୍ୟମ। ନଦୀନାଳରେ କୁମ୍ଭୀର ଆତଯାତ ହେଉଥିବାରୁ ସାହସ, ସତର୍କତା ଓ କୌଶଳ ଆବଶ୍ୟକ। ଏହି ଗ୍ରାମର ପାର୍ବତୀ ମାଇତି କୁହନ୍ତି, ଚିଙ୍ଗୁଡି ସଂଗ୍ରହ ପାଇଁ ପ୍ରାୟତଃ ୩ ପ୍ରକାର ଉପାୟ ଅବଲମ୍ବନ କରାଯାଉଛି। ଝୁମ୍ପା ଓ ମୁଣ୍ଡୁଳି ଜାଲ ବ୍ୟବହାର ହେଉଥିବାବେଳେ କେତେକ ସ୍ଥାନରେ ଯନ୍ତା ବ୍ୟବହାର ହେଉଛି। ସେହିପରି ଜାଲ ଦ୍ୱାରା ଚିଙ୍ଗୁଡି ସଂଗ୍ରହ ହେଉଛି। ଜୁଆର ଛାଡ଼ିଗଲା ପରେ ଚିଙ୍ଗୁଡି ସଂଗ୍ରହକୁ ଜୋରଦାର କରାଯାଏ। ରାତିରେ ଚିଙ୍ଗୁଡି ବେଶି ମିଳିଥାନ୍ତି। ତେଣୁ ଲାଇଟ୍ ଲଗାଇ ଚିଙ୍ଗୁଡି ସଂଗ୍ରହ କରାଯାଏ। ଏହି ସମୟରେ କୁମ୍ଭୀର ଆକ୍ରମଣ ପ୍ରାୟ ଘଟିଥାଏ ବୋଲି ସେ କହିଛନ୍ତି।

ଗ୍ରାମର ଅନ୍ୟଜଣେ ମତ୍ସ୍ୟଜୀବୀ ମହିଳା ସୀତା ମାଇତି କୁହନ୍ତି, ଏତେ କଷ୍ଟରେ ଚିଙ୍ଗୁଡି ସଂଗ୍ରହ ହେଉଥିଲେ ମଧ୍ୟ ଏହାର ଫାଇଦା ମାଛ ବ୍ୟବସାୟୀ ନେଇ ଯାଉଛନ୍ତି। ସଂଗୃହୀତ ଚିଙ୍ଗୁଡି କେଜି ପ୍ରତି ୭୦ରୁ ୮୦ ଟଙ୍କା ମିଳୁଥିବା ବେଳେ ବ୍ୟବସାୟୀ ୨୦୦ରୁ ୮୦୦ ଟଙ୍କା ପର୍ଯ୍ୟନ୍ତ ବିକୁଛନ୍ତି। ଏ ସମ୍ପର୍କରେ ଓଡ଼ିଶା ମତ୍ସ୍ୟଜୀବୀ ସଂଗଠନ ସଭାପତି ନାରାୟଣ ହାଲଦାର କୁହନ୍ତି, ସମୁଦ୍ର ତଟାଞ୍ଚଳରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ବାସ କରୁଛନ୍ତି। ପ୍ରତିବର୍ଷ ଅନ୍ୟୂନ ୫ ମତ୍ସ୍ୟଜୀବୀ କୁମ୍ଭୀର ଆକ୍ରମଣରେ ମୃତାହତ ହେଉଥିଲେ ମଧ୍ୟ ବନବିଭାଗ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ବନ ବିଭାଗ ରେଞ୍ଜର ଦେବାଶିଷ ଭୋଇ କୁହନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ନଦୀନାଳରେ ଲୁଣା କୁମ୍ଭୀର ଅଛନ୍ତି। ପ୍ରଜନନ ସମୟରେ କୁମ୍ଭୀର ଭୟଙ୍କର ହୋଇଉଠେ। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ସର୍ବଦା ସଚେତନତା କାର୍ଯ୍ୟକ୍ରମ ଚାଲୁଛି। ଏଥିସହିତ ବନବିଭାଗ ଦ୍ୱାରା ବେଆଇନ ଭାବେ ମାଛ ମାରୁଥିବା ଲୋକଙ୍କୁ ଗିରଫ କରାଯାଉଛି। ହେନ୍ତାଳ ବନାଞ୍ଚଳରେ କୁମ୍ଭୀର ଆତଯାତ ହେଉଥିବା ନେଇ ସତର୍କ କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲି ତେଲ ହେଲେ ଏକା**
**ପିଡ଼ିଆ ଖଣ୍ଡ ପଛକୁ ପକା।**

ତେଲ ସାଙ୍ଗରେ ପିଡ଼ିଆ ଥାଏ। କିନ୍ତୁ ତାକୁ ଯେତେବେଳେ ଘଣା ବା କଳରୁ ତେଲି ସଫାକରି ବାହାର କରେ, ସେତେବେଳେ ପିଡ଼ିଆ ଅଦରକାରୀ ବସ୍ତୁ ଭାବେ ଅଲଗା ହୋଇଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ, ଅନ୍ୟଥା ସେଠାରୁ ବାଦ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତେଲି ଘର ଗୋରୁ**
**ଘଣା ଓଟରାରୁ ଲଦନ ଗରୁ**
**ତେଲି ବଳଦ**
**ଘଣାରେ ନ ଗଲେ ପଲାଣ ଲଦ।**

ତେଲି ଘରେ ରହୁଥିବା ଗୋରୁ ବଳଦ ତେଲ ଘଣା ପେଲିଥାଏ। ଯଦି ତେଲ ପେଡିବାର କାମ ନ ଥାଏ ତା'ହେଲେ ଶଗଡ଼ ବୁହା ହେବା ଭଳି ଅନ୍ୟ କାର୍ଯ୍ୟରେ ଲାଗିଥାଏ ବା ଯୋଚା ଯାଇଥାଏ। ତେଲି ଘର ଗୋରୁ ପରି ଅନ୍ୟ ତୃତୀୟ ବିକଳ୍ପ ନ ଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

**classifieds Everyday** 0674-2580101, 2549302

real estate

**SALE**

House for immediate sale at Sastrinagar, Nayabazar,Cuttack with having 8 Rooms, 2Kitchen, 2Halls and 2 Toilets. Car Parking for small Cars. Built up area 2500 sq.ft. on a land of 1 Gunth with approaching road of 10ft. Very prominent location. Price @ 85 lakhs. For immediate sale, Please contact@ +919861909088. D-17826

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

business

**Hotel Rooms for Self Quarantine with all facilities in Bhubaneswar. Contact: 9776048587.** D-67559

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଅଟକି ରହିଯାଇଥିବା କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। କୃଷି, ବାଣିଜ୍ୟବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଗୃହକୁ କିଛି ମୂଲ୍ୟବାନ କିମ୍ବା ସୌଖୀନ ପଦାର୍ଥ ଆଣିପାରନ୍ତି। ନିର୍ମାଣ କାମ ଆଗେଇ ଚାଲିବ ଓ ଅପରାହ୍ନେ ଜଣେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ।

**ବୃଷ**
କ୍ଷେତ୍ରସିଂହାସନ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟ ବୃଦ୍ଧି ପାଇବ। ନିଜ ସମ୍ପର୍କୀୟ ବନ୍ଧୁ ମାନଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। ବରାଦ ଅନୁସାରେ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମିଥୁନ**
ବନ୍ଧୁମାନଙ୍କ ସହାନୁଭୂତିର ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜି ଯାଏ ଆପଣ କରି ପାରୁ ନ ଥିଲେ ଆଜି ତାହା ସୁବିଧାରେ ହୋଇଯିବ। ଘରର ବାରଣ ମାନି କାମ କଲେ ଅବଶ୍ୟ ଉପକୃତ ହେବେ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ**
ଉପରିସ୍ଥଙ୍କ ସହୃଦୟତାରୁ କାମଗୁଡିକ ସହଜ ଓ ସୁବିଧାରେ ହୋଇଯିବ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। କାର୍ଯ୍ୟବ୍ୟସ୍ତତା ଯୋଗୁଁ ମାନସିକ ସ୍ଥିତି ଠିକ୍ ରହିବନାହିଁ। ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ।

**ସିଂହ**
ଆଜି ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଉଚ୍ଚପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ବନ୍ଧୁଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ର କରି ଟଣା ଓଟରା ଲାଗିପାରେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**କନ୍ୟା**
ବିଭିନ୍ନ ସମସ୍ୟାରେ ଭାରାକ୍ରାନ୍ତ ମନ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବିଷମ ପରିସ୍ଥିତିରେ ବନ୍ଧୁଙ୍କ ଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବାର ସୂଚନା ରହିଛି।

**ତୁଳା**
ଭୁଲ୍ ବୁଝାମଣାରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କଲେ ସମସ୍ୟାରୁ ମୁକୁଳିବେ।

**ବିଛା**
ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିପାରେ। ସାଧାରଣ କଥାରେ ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆଜିର ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**ଧନୁ**
ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଅଫିସରଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ରୋଗପୀଡା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ମାଲି ମକଦ୍ଦମାରେ ମନ ଅଶାନ୍ତ ରହିବ।

**ମକର**
ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଆଦୌ ପଡ୍ତୁ ନ ଥିବା ଲୋକମାନେ ଗୁଣଗାନ କରିବା ବଦଳରେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଘରୋଇ କଥାରେ କାମରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ**
ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିବେ। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବବନ୍ଧୁ କିଛି ଖବର ନେଇ ଆସିବେ। ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଅର୍ଥ ସଂକଟ ଓ କାମର ଚାପ ମନକୁ ଅତିଷ୍ଠ କରିବ।

**ମୀନ**
କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। ରାଜନୈତିକ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ନବମୀ ମଙ୍ଗଳବାର, ଶ୍ରୀମନ୍ଦିରରେ ବାଡିନୃସିଂହ ବିଜେ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ଜୁଲାଇ ୨୮ ତାରିଖ, ବିଶ୍ୱ ହେପାଟାଇଟିସ୍ ଦିବସ, ରାଶିନକ୍ଷତ୍ର-ଦିବା ଘ.୦୯.୪୧ମି. ଗତେ ବିଶାଖା/ତୁଳା, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮.୦୦ମି. ଗତେ ଘ.୧୦.୩୫ମି. ମଧ୍ୟେ, ଘ.୦୧.୧୦ମି. ଗତେ ଘ.୦୨.୫୪ମି. ମଧ୍ୟେ, ଘ.୦୩.୪୬ମି. ଗତେ ଘ.୦୫.୨୯ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୧ମି. ଗତେ ଘ.୦୭.୦୫ମି. ମଧ୍ୟେ, ରାତ୍ରି ଘ.୦୯.୧୮ମି. ଗତେ ଘ.୧୧.୩୧ମି. ମଧ୍ୟେ, ଘ.୦୧.୪୩ ମି. ଗତେ ଘ.୦୩.୧୨ମି. ମଧ୍ୟେ ଅମୃତବେଳା। ଦିବା ଘ.୦୩.୦୭ ମି. ଗତେ ଘ.୦୪.୪୪ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୮ ଜୁଲାଇ, ୨୦୨୦



# ଆଜି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

ପ୍ରତିବର୍ଷ ଜୁଲାଇ ୨୮ରେ ପାଳନ କରାଯାଉଛି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ। ପ୍ରାକୃତିକ ସମ୍ପଦର ଗୁରୁତ୍ୱକୁ ଉପଲବ୍ଧି କରିବା ସହ ଏହାର ସୁରକ୍ଷା ଲାଗି ଏହି ଦିବସରେ ଲୋକମାନଙ୍କୁ ସଚେତନ କରାଯାଇଥାଏ। ସୁସ୍ଥ ପରିବେଶର ଆବଶ୍ୟକତା ଉପରେ ଏହି ଦିବସ ଗୁରୁତ୍ୱ ଦେବା ସହ ଏବେକାର ତଥା ଆଗାମୀ ପିଢ଼ିର ମଙ୍ଗଳକୁ ବି ସୁନିଶ୍ଚିତ କରେ। ପ୍ରକୃତି ସଂରକ୍ଷଣର ଆଉ ଏକ ଉଦ୍ଦେଶ୍ୟ ହେଉଛି, ବନ୍ୟଜନ୍ତୁ ଓ ଜୈବ ବିବଧତାର ସୁରକ୍ଷା। ଆମ ଚାରିପାଖରେ ରହୁଥିବା ଜୀବ ଯେମିତି ବିଲୁପ୍ତ ହୋଇ ନ ଯାଆନ୍ତି ସେଥିପାଇଁ ଏହି ଦିବସ ଆମକୁ ବି ଚେତାଇ ଦେଇଥାଏ।





# ସାମୁଦ୍ରିକ ପ୍ରାଣୀଙ୍କ ସୁରକ୍ଷାକୁ ଅଣଦେଖା

ଅସମାପିକା ସାହୁ
ଭୁବନେଶ୍ୱର, ୨୭।୭(ବ୍ୟୁରୋ)

ଓଡ଼ିଶାରେ ୪୮୭ କି.ମି. ସାମୁଦ୍ରିକ ସୀମା ବ୍ୟାପିଛି। ଓଡ଼ିଶା ସମୁଦ୍ରରେ ବିଭିନ୍ନ ପ୍ରଜାତିର ପ୍ରାଣୀ ଦେଖାଯାଆନ୍ତି। ହ୍ୱେଲ୍ ସାର୍କ, ଅଲିଭ୍ ରିଡ୍‌ଲେ, ସ୍ପର୍ମ ହ୍ୱେଲ, ବାର୍ଲିନ ହ୍ୱେଲ୍ ସହିତ ବିଭିନ୍ନ ପ୍ରଜାତିର ଡଲ୍‌ଫିନ୍ ଦେଖାଯାଆନ୍ତି। ଦକ୍ଷିଣ ଓଡ଼ିଶା ଉପକୂଳର କିଛି ଜାଗାରେ କୋରାଲ ମଧ୍ୟ ଦେଖାଯାଉଛନ୍ତି। ଉତ୍ତର ଓଡ଼ିଶା ବିଶେଷକରି ବାଲେଶ୍ୱର, ଭଦ୍ରକ, ପାରାଦୀପରେ ହର୍ସସୁ କ୍ରାବ୍ ବା ଅଶ୍ୱ ଆକୃତି କଙ୍କଡ଼ା ମଧ୍ୟ ଦେଖା ଯାଉଛନ୍ତି। ତେବେ ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ଦୃଷ୍ଟି ଦେଉ ନ ଥିବା କୁହାଯାଉଛି। ହ୍ୱେଲ୍ ସାର୍କ ଏକ ବିରଳ ପ୍ରାଣୀ। ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ ଅନୁସାରେ ଏହା ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ। ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେସନ ଅଫ୍ ନେଚର (ଆଇସିୟୁଏନ୍)ର ଅତି ବିଲୁପ୍ତପ୍ରାୟ (କ୍ରିଟିକାଲ ଏନ୍‌ଡେଞ୍ଜରଡ୍) ପ୍ରାଣୀ ତାଲିକାରେ ଏହା ସ୍ଥାନ ପାଇଛି। ତେବେ ଏହି ପ୍ରାଣୀ ପ୍ରତି ବିପଦ ଥିବା ଜଣାପଡ଼ିଛି। ଗତ ଫେବୃୟାରୀ ଓ ମାର୍ଚ୍ଚରେ ଓଡ଼ିଶା ଉପକୂଳରେ ଅନେକ ଥର ହ୍ୱେଲ୍ ସାର୍କ ମରିଛନ୍ତି। ଧାମରାରେ ଥରେ ଏହାକୁ ବିକ୍ରି କରାଯାଉଥିବା ବେଳେ ଜବତ କରାଯାଇଥିଲା। ତେଣୁ ଏମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ଗୋପାଳପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଇନ୍‌ଚାର୍ଜ ଡ. ଅନୀଲ ମହାପାତ୍ର କୁହନ୍ତି, ଆମ ରାଜ୍ୟରେ ସ୍ଥଳଭାଗରେ ଥିବା ପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଯେତେ ଗୁରୁତ୍ୱ ଦିଆଯାଉଛି, ଜଳଭାଗରେ ଥିବା ପ୍ରାଣୀଙ୍କୁ ସେତେ ଦିଆଯାଉ ନାହିଁ। ଜଳ ଭାଗରେ ବହୁ ପ୍ରଜାତିର ପ୍ରାଣୀ ଅଛନ୍ତି। ଯେଉଁମାନେ କି ସଙ୍କଟଗ୍ରସ୍ତ ବର୍ଗରେ ରହିଛନ୍ତି। ତେଣୁ ସେମାନଙ୍କ ପ୍ରତି ଗୁରୁତ୍ୱ ଦେବା ଉଚିତ୍। ସେମାନଙ୍କୁ ସୁରକ୍ଷା ସହିତ ସଂରକ୍ଷଣ ପାଇଁ ପଦକ୍ଷେପ ନେବା ଉଚିତ।

**ପ୍ଲାଷ୍ଟିକ୍ ପ୍ରଦୂଷଣ:** ଆମ ପରିବେଶର ସମସ୍ତ ଉପାଦାନକୁ ପ୍ରଦୂଷିତ କରିବାରେ ଲାଗିଛି ପ୍ଲାଷ୍ଟିକ। ୧୯୫୦ରେ ବିଶ୍ୱର ଜନସଂଖ୍ୟା ୨.୫ ବିଲିୟନ ଥିବାବେଳେ ୧.୫ ମିଲିୟନ ଟନ୍ ପ୍ଲାଷ୍ଟିକ ଉତ୍ପାଦନ ହେଉଥିଲା। ୨୦୧୬ରେ ବିଶ୍ୱ ଜନସଂଖ୍ୟା ୭ ବିଲିୟନରେ ପହଞ୍ଚିଛି ଏବଂ ୩୨୦ ମିଲିୟନ ଟନ୍ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ପ୍ରତିଦିନ ୮ ମିଲିୟନ ଟନ୍ ପ୍ଲାଷ୍ଟିକ ପ୍ରଦୂଷଣ ସମୁଦ୍ରକୁ ଯାଉଛି। ଏନେଇ ଡ. ଅନୀଲ ମହାପାତ୍ର କୁହନ୍ତି, ପ୍ଲାଷ୍ଟିକ୍ ପ୍ରଦୂଷଣ ସବୁ ପ୍ରାଣୀଙ୍କ ଉପରେ ପ୍ରଭାବ ପକାଉଛି। ବହୁ ପ୍ରାଣୀ ଏହାକୁ ଖାଦ୍ୟ ଭାବି ଖାଇ ଦେଉଛନ୍ତି। ସେମାନଙ୍କ ଶରୀରରୁ ମାଇକ୍ରୋ ପ୍ଲାଷ୍ଟିକ୍ ମିଳୁଛି। ଯଦିଓ ଓଡ଼ିଶା ଉପକୂଳରେ ସେଭଳି କୌଣସି ଷ୍ଟଡି କରାଯାଇନାହିଁ, ତେବେ ବିଶ୍ୱବ୍ୟାପୀ ଏହି ସମସ୍ୟା ଦେଖାଯାଉଛି।


ଗତ ମାର୍ଚ୍ଚରେ ଗୋପାଳପୁର ବେଳାଭୂମିରେ ଲାଗିଥିବା ମୃତ ହ୍ୱେଲ୍ ସାର୍କ

## ବନ୍ୟପ୍ରାଣୀ ଶିକାର, ଚୋରା କାରବାର

ପ୍ରକୃତି ଉପରେ ଏକ ବଡ଼ ମନୁଷ୍ୟକୃତ ବିପଦ ହେଲା ବନ୍ୟପ୍ରାଣୀ ଶିକାର ଏବଂ ଚୋରା କାରବାର। ଭାରତରେ ବନ୍ୟପ୍ରାଣୀ ଚୋରା କାରବାର ପାଇଁ ଚାଇନାକୁ ଦାୟୀ କରାଯାଉଛି। କିନ୍ତୁ ଶିକାର ଓ ଚୋରା କାରବାରକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ଭାରତରେ ୧୮୦୦ ପ୍ରଜାତିର ବନ୍ୟପ୍ରାଣୀ, ବୃକ୍ଷଲତା ଏବଂ ତାଙ୍କର ଉତ୍ପାଦକୁ କାରବାର କରିବା ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଦ୍ୱାରା ନିଷିଦ୍ଧ କରାଯାଇଛି। କିନ୍ତୁ ବନ୍ୟପ୍ରାଣୀ ଶିକାର କମିବାର ନାଁ ଗନ୍ଧ ନାହିଁ। ଓଡ଼ିଶାର ସ୍ଥିତି ମଧ୍ୟ ବିଶେଷ ଭଲ ନାହିଁ। ୨୦୧୮-୨୦ ମଧ୍ୟରେ ରାଜ୍ୟରେ ୨ ମହାବଳ ବାଘ ଶିକାର ହୋଇଛନ୍ତ। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୧୦ କଲରାପତରିଆ ବାଘ ଛାଲ ଜବତ କରିଛି। ବନ ବିଭାଗ ମଧ୍ୟ କିଛି ଛାଲ ଜବତ କରିଛି। ଚୋରା କାରବାର ବେଳେ ଅନେକ ବଜ୍ରକାପ୍ତା ଜୀବନ୍ତ ଉଦ୍ଧାର ହେବା ସହ ବହୁ ସମୟରେ ବଜ୍ରକାପ୍ତା କାତି ମଧ୍ୟ ଜବତ ହୋଇଛି।

## ୧୬ ବର୍ଷରେ କମିଛି ୩.୧ ଲକ୍ଷ ହେକ୍ଟର ଜଙ୍ଗଲ

ଭାରତରେ ସହରୀକରଣ ବଢ଼ିଚାଲିଥିବା ବେଳେ ବନ୍ୟଜନ୍ତୁଙ୍କ ବାସସ୍ଥାନ ଅଭାବ, ଜଙ୍ଗଲ ନଷ୍ଟ ଏବଂ ପ୍ରଦୂଷଣ ଭଳି ସମସ୍ୟା ଉତ୍କଟ ହେଲାଣି। ଦେଶରେ ୨୦୦୧ରେ ଜଙ୍ଗଲ ଓ ବୃକ୍ଷ ଆବରଣ ୧୦,୧୮୫,୪୩୬ ହେକ୍ଟର ଥିବାବେଳେ, ଏହା କ୍ରମାଗତ ହ୍ରାସ ପାଇ ୨୦୧୦ରେ ୧୦,୦୪୭,୯୫୦ ହେକ୍ଟର ଏବଂ ୨୦୧୮ରେ ୯,୮୭୪,୮୧୨ ହେକ୍ଟରକୁ ପହଞ୍ଚିଛି। ୨୦୦୨-୨୦୧୮ ମଧ୍ୟରେ ପ୍ରାଥମିକ ଜଙ୍ଗଲ ୩,୧୦,୬୨୪ ହେକ୍ଟର କ୍ଷୟ ହୋଇଛି। ବୃକ୍ଷ ଆବରଣ ସେହି ଅନୁପାତରେ ୨୦୦୨-୨୦୧୮ରେ ୧,୬୨୫,୩୯୭ ହେକ୍ଟର କମିଛି। ବିଭିନ୍ନ କାରଣରୁ ୨୦୧୮ ସୁଦ୍ଧା ଭାରତରୁ ୯୩ ସ୍ତନ୍ୟପାୟୀ ପ୍ରାଣୀ, ୯୩ ପକ୍ଷୀ, ୨୨୭ ମାଛ, ୩୯୬ ଉଚ୍ଚତର ବୃକ୍ଷ ସଙ୍କଟଗ୍ରସ୍ତ ପ୍ରଜାତିଙ୍କ ଭିତରେ ସ୍ଥାନ ପାଇବା ଘୋର ଚିନ୍ତାର କାରଣ ପାଲଟିଛି।

# ଟଏଲେଟ୍ ପେପର ପାଇଁ ଦୈନିକ ୨୭ ହଜାର ଗଛ ବଳି

ମହାତ୍ମା ଗାନ୍ଧୀ କହିଥିଲେ,'ପୃଥିବୀ ସବୁ ମଣିଷଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରଚୁର ପରିମାଣରେ ସମ୍ପଦ ଭରି ଦେଇଛି, କିନ୍ତୁ ନିଜର ଅଭିଳାଷ ପୂରଣ ପାଇଁ ନୁହେଁ।' କିନ୍ତୁ ଏବର ଲୋକେ ଆବଶ୍ୟତାଠାରୁ ଅଧିକ ସମ୍ପଦ ସୁଖ ପାଇଁ ବ୍ୟବହାର କରି ପ୍ରକୃତିକୁ ବିପଦକୁ ଠେଲି ଦେଉଛନ୍ତି। କାଗଜ କଥା ତ ଦୂର, କେବଳ ଟଏଲେଟ ପେପର ତିଆରି କରିବାରେ ବିଶ୍ୱରେ ଦିନକୁ ପ୍ରାୟ ୨୭,୦୦୦ ଗଛ କଟାଯାଉଛି। ବିଭିନ୍ନ ଉଦ୍ଦେଶ୍ୟରେ ପ୍ରତି ମିନିଟ୍‌ରେ ୧୦୦ ଏକର ଜଙ୍ଗଲ ଧ୍ୱଂସ କରାଯାଉଛି। ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରତିଦିନ ୫ ହଜାରରୁ ଊର୍ଦ୍ଧ୍ୱ ବନ୍ୟଜନ୍ତୁଙ୍କ ଆବାସ ନଷ୍ଟ କରାଯାଉଛି। ଏବେ ଜଳ, ବାୟୁ ଓ ବନ ସଂରକ୍ଷଣ କରିବାରେ ଅସମର୍ଥ ହୋଇଛି ମଣିଷ। ସବୁଜିମାର ସର୍ବନାଶ ପ୍ରକୃତିକୁ ଅସୁନ୍ଦର କରିବାରେ ଲାଗିଛି। ପାଣି, ପବନ, ମାଟି ପ୍ରଦୂଷିତ ହେବା ଯୋଗୁ ଦିନକୁ ହାରାହାରି ୧୩୭ଟି ପ୍ରଜାତିର ଜୀବ ବିଲୁପ୍ତହେବାରେ ଲାଗିଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ବି ବୃଦ୍ଧିପାଇବାରେ ଲାଗିଛି। ପ୍ରକୃତି ସଂରକ୍ଷଣରେ ପୃଥିବୀ ଓ ଜୀବନର ସୁରକ୍ଷା ହୋଇପାରିବ। ପ୍ରାକୃତିକ ସମ୍ପଦର ସାମଗ୍ରିକ ପରିଚାଳନା, ସଂରକ୍ଷଣ ଓ ସୁରକ୍ଷା ପାଇଁ ଆଜି ଦିନରେ ସଙ୍କଳ୍ପ ନେବା ଆବଶ୍ୟକ।



# ଟିଟୋ ଗ୍ୟାଙ୍ଗ୍‌ର ୪ ଗିରଫ

- ବନ୍ଧୁକ, ଗୁଳି, ବାଇକ୍, ମୋବାଇଲ ଜବତ
- ଡକାୟତି ଯୋଜନା ବେଳେ ଚଢ଼ାଉ କରି ଧରିଲା ପୋଲିସ
- ସମସ୍ତଙ୍କ ନାମରେ ରହିଛି ଏକାଧିକ ମାମଲା

କଟକ ଅଫିସ,୨୭।୭

ଟିଟୋ ଗ୍ୟାଙ୍ଗ୍ ସହ ସମ୍ପୃକ୍ତ ଥିବା ୪ ଜଣ କୁଖ୍ୟାତ ଅଭିଯୁକ୍ତଙ୍କୁ ଚାଉଳିଆଗଞ୍ଜ ଥାନା ପୋଲିସ ଗିରଫ କରିଛି। ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ଏମାନଙ୍କୁ ଗାନ୍ଧିଛକ ନିକଟସ୍ଥ ପଡ଼ିଆରୁ ଉଠାଇ ଆଣିଥିଲା। ଚଢ଼ାଉ ବେଳେ ସେଠାରୁ ଅନ୍ୟ ୨ ଜଣ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଦେଶୀବନ୍ଧୁକ ସମେତ ଅନ୍ୟ ମାରଣାସ୍ତ୍ର ଜବତ ହୋଇଛି। କଟକର ଡିସିପି ଭାବେ ପ୍ରତୀକ ସିଂ ଯୋଗଦେବା ପରେ ଏହା ତାଙ୍କର ପ୍ରଥମ ସଫଳତା।

ପୋଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ହେଲେ ଚାଉଳିଆଗଞ୍ଜ ମଠସାହିର ସୋମନାଥ ସାହୁ (୨୪), ଜିତେନ୍ଦ୍ର ସାହୁ (୨୮), ଜଗତପୁର ଫକୀରପଡ଼ା ଅଞ୍ଚଳର ରାମଚନ୍ଦ୍ର ନନ୍ଦ (୨୮), କେନ୍ଦ୍ରାପଡ଼ା କୁରୁଡୁଙ୍ଗା ଅଞ୍ଚଳର ରଶ୍ମିରଞ୍ଜନ ସ୍ୱାଇଁ (୩୧)। ଏମାନେ କେନ୍ଦ୍ରାପଡ଼ା ଟିଟୋ ଗ୍ୟାଙ୍ଗ୍‌ର ସକ୍ରିୟ ସଦସ୍ୟ ଥିଲେ। ହତ୍ୟାକାଣ୍ଡ, ଛିନ୍‌ତାଇ, ଲୁଟ୍, ଡକାୟତି ଭଳି ଅନେକ ଆପରାଧିକ କାର୍ଯ୍ୟକଳାପରେ ସେମାନଙ୍କର ସମ୍ପୃକ୍ତି ଥିଲା। ଉପରୋକ୍ତ ୪ ଜଣ ଓ ଅନ୍ୟ ଦୁଇ ଜଣ ଯୁବକ ରବିବାର ସନ୍ଧ୍ୟାରେ ଗାନ୍ଧିଛକସ୍ଥିତ ପେଟ୍ରୋଲ ପମ୍ପ ନିକଟସ୍ଥ ପଡ଼ିଆରେ ଡକାୟତି ଯୋଜନା ଚଳାଇଥିଲେ। ଖବର ପାଇ ଚାଉଳିଆଗଞ୍ଜ ଥାନାଧିକାରୀ ତାପସ ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚଢ଼ାଉ କରି ଉପରୋକ୍ତ ୪ ଜଣଙ୍କୁ ଧରିଥିଲା। ଚାଉଳିଆଗଞ୍ଜ ଥାନାରେ ସୋମନାଥଙ୍କ ନାଁରେ ୬, ଜିତେନ୍ଦ୍ରଙ୍କ ନାଁରେ ୧୩ ଓ ରାମଚନ୍ଦ୍ରଙ୍କ ନାଁରେ ୩ଟି ମାମଲା ରହିଛି। ରଶ୍ମିରଞ୍ଜନଙ୍କ ନାମରେ କେନ୍ଦ୍ରାପଡ଼ା, ପାରାଦୀପ ଥାନାରେ ଏକାଧିକ ମାମଲା ରହିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୩ଟି ଅଫୁଟା ଗୁଳି, ୨ଟି ମାରଣାସ୍ତ୍ର, ଦୁଇଟି ବାଇକ୍, ୪ଟି ମୋବାଇଲ ଜବତ ହୋଇଛି। ଆଇପିସି ଧାରା ୩୯୯, ୪୦୨ ଓ ଆର୍ମ ଆକ୍ଟ ୨୫ ଅନୁଯାୟୀ ୨୪୮/୨୦ ନଂରେ ମାମଲା ରୁଜୁ କରାଯାଇ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 7 ରେ ପ୍ଲଟ ନଂ - E/272 ଟିକୁ ଶ୍ରୀ ଶରତ କୁମାର ମହାପାତ୍ର, ପିତା - ୰ ପର୍ଶୁରାମ ମହାପାତ୍ର, ସା - ବୋଦର, ପୋ - କଲରାବାଙ୍କ, ଥା - କିଶାନନଗର, ଜିଲ୍ଲା - କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଶରତ କୁମାର ମହାପାତ୍ର ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ କନିଷ୍ଠ ଭ୍ରାତା ଶ୍ରୀ ହେମନ୍ତ କୁମାର ମହାପାତ୍ର, ପିତା - ୰ ପର୍ଶୁରାମ ମହାପାତ୍ର, ସା - ବୋଦର, ପୋ - କଲରାବାଙ୍କ, ଥା - କିଶାନନଗର, ଜିଲ୍ଲା - କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପୂରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 13 ରେ ପ୍ଲଟ ନଂ - 13 -3E/1109 ଟିକୁ ଶ୍ରୀ ଜଗନ୍ନାଥ ଦାସ, ପିତା - ୰ ନିଶାମଣି ଦାସ, ସା - ଜରିପଡା, ପୋ - ଅନଗୁଳାଇ, ଥା - କେନ୍ଦ୍ରାପଡା ସଦର, ଜିଲ୍ଲା - କେନ୍ଦ୍ରାପଡାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଜଗନ୍ନାଥ ଦାସ ଉକ୍ତ ପ୍ଲଟ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଅନୁସୟା ମଲ୍ଲ, ସ୍ୱାମୀ - ପ୍ରଶାନ୍ତ କୁମାର ମଲ୍ଲିକ, ସା - ଡିହକୁରାଂଶ, ପୋ - ସଦାନନ୍ଦପୁର, ଭାୟା - କବୀରପୁର, ଥା - କୁଆଖିଆ, ଜିଲ୍ଲା - ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପୂରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

Government of Odisha
Directorate of Horticulture
Gopabandhu Marg - 751001
E-mail: supportdho.od@nic.in
Phone: 0674-2551831

**EXPRESSION OF INTEREST**
FOR
**Implementation of Integrated Supply Chain for Fruits & Vegetables**

No. L-19: Expression of Interest (EOI) is invited from interested companies, Farmers/Farmer Gropup/FPOs and their Federations/Co-operatives and Self Help Groups, existing Supplier/Traders of fruits & vegetables, Retailers and Wholesalers, Supply Chain Operators and any other Government/Private entity with suitable experience in procurement and trading of horticulture produce can apply under the scheme for availing financial assistance. Whereever necessary, the State & Central Government agencies/entities, marketing federtaions and large cooperative engaged in supply chain operations for implementation of Integrated Supply Chain for Fruits & Vegetables under the scheme Mission for Integrated Development of Horticulture (MIDH). The offer should be submitted to Director of Horticulture, Odisha, Bhubaneswar on or before 14th August 2020. The detailed terms of referece (TOR) for submission of offer is available at **www.odihort.nic.in**. This is purely an Expression of Interest & does not guarantee any assurance for award of project.

Sd./- Director of Horticulture
Odisha, Bhubaneswar
OIPR-01038/11/0004/2021

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**
**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ୩ୟ ମହଲା, ପୋଷ୍ଟାଲ ଷ୍ଟୋର୍ ଡିପୋ ବିଲ୍‌ଡିଂ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ନିମ୍ନଲିଖିତ କାର୍ଯ୍ୟ(ଗୁଡ଼ିକ) ପାଇଁ ଯୋଗ୍ୟ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. **କାର୍ଯ୍ୟର ନାମ:** ''ଏନ୍‌ଡିସି, କଟକର ନିର୍ମାଣ''। **ଅଟକଳ ମୂଲ୍ୟ:** ଟ.୨୬,୪୩,୦୧୫/-, **ଟେଣ୍ଡର ଦେୟ:** ଶୂନ୍ୟ, **ଇ-ଟେଣ୍ଡର ପ୍ରକ୍ରିୟାକରଣ ଦେୟ:** ଟ.୩,୧୧୯/- (ପ୍ରଯୁଜ୍ୟ ଟିକସ ସମେତ) ବିଡର୍‌ଙ୍କ ଦ୍ୱାରା ବହନ କରାଯିବ, ଯାହା **ଆଇଟିଆଇ ଲିଃ, ନୂଆଦିଲ୍ଲୀଙ୍କ** ସପକ୍ଷରେ ଇ-ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠଯୋଗ୍ୟ। **ବିଡ୍ ଦାଖଲର ଶେଷ ସମୟ ଓ ତାରିଖ:** ତା୦୭।୦୮।୨୦୨୦ରିଖ ୧୫.୦୦ ଘଟିକା। **ସମାପ୍ତି ଅବଧି:** ୧୮୦ (ଏକଶହ ଅଶୀ) ଦିନ।

୨. **କାର୍ଯ୍ୟର ନାମ:** ''ବଲାଙ୍ଗୀରଠାରେ ପାର୍ସଲ ହବ୍ ପାଇଁ ବିଲ୍‌ଡିଂ ନିର୍ମାଣ''। **ଅଟକଳ ମୂଲ୍ୟ:** ଟ.୧,୩୧,୨୦,୬୬୦/-, **ଟେଣ୍ଡର ଦେୟ:** ଶୂନ୍ୟ, **ଇ-ଟେଣ୍ଡର ପ୍ରକ୍ରିୟାକରଣ ଦେୟ:** ଟ.୮,୮୫୦/- (ପ୍ରଯୁଜ୍ୟ ଟିକସ ସମେତ) ବିଡର୍‌ଙ୍କ ଦ୍ୱାରା ବହନ କରାଯିବ, ଯାହା **ଆଇଟିଆଇ ଲିଃ, ନୂଆଦିଲ୍ଲୀଙ୍କ** ସପକ୍ଷରେ ଇ-ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠଯୋଗ୍ୟ। **ବିଡ୍ ଦାଖଲର ଶେଷ ସମୟ ଓ ତାରିଖ:** ତା୦୭।୦୮।୨୦୨୦ରିଖ ୧୫.୦୦ ଘଟିକା। **ସମାପ୍ତି ଅବଧି:** ୩୦୦ (ତିନିଶହ) ଦିନ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

# ଜାମିନ ଶୁଣାଣି ବେଳେ ପକ୍ଷ ରଖିବେ ବଳାତ୍କାର ପୀଡ଼ିତା

କଟକ ଅଫିସ,୨୭।୭

**ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ବିଜ୍ଞପ୍ତି**

ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କ ନିୟମିତ ଜାମିନ ଶୁଣାଣି ବେଳେ ପୀଡ଼ିତା ନିଜେ କୋର୍ଟରେ ଉପସ୍ଥିତ ରହି ପକ୍ଷ ରଖିବେ। କୌଣସି କାରଣରୁ ସେ ଅନୁପସ୍ଥିତ ରହିଲେ, ଅଭିଯୋଗକାରୀ କିମ୍ବା ସୂଚନା ପ୍ରଦାନକାରୀଙ୍କୁ ଉପସ୍ଥିତ ରହିବାକୁ ହେବ। ପୂର୍ବରୁ ସେଥିପାଇଁ ନୋଟିସ ଦିଆଯିବ। ଏନେଇ ହାଇକୋର୍ଟ ରେଜିଷ୍ଟ୍ରାର (ଜୁଡିସିଆଲ୍) ଲଳିତ ଦାସ ବିଜ୍ଞପ୍ତି ଜାରି କରିବା ସହ ସମସ୍ତ ଜିଲା ଓ ଦୌରାଜଜ୍‌ଙ୍କୁ ଚିଠି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଗଜପତି ଜିଲା କାଶୀନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଥିଲା। ପ୍ରଥମେ ଆଇପିସି ଧାରା ୩୬୩ରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପରେ ଏହା ଆଇପିସି ଧାରା ୩୭୬(୨)(ଏନ୍) (୩) ଓ ପୋକ୍ସୋ ଆଇନର ଧାରା ୬କୁ ପରିବର୍ତ୍ତିତ ହୋଇଥିଲା। ପାରଳାଖେମୁଣ୍ଡି ଅତିରିକ୍ତ ଜିଲା ଦୌରାଜଜ୍ ନିୟମିତ ଜାମିନ ଆବେଦନକୁ ଖାରଜ କରିବା ପରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୧୫ ତାରିଖରେ ବିଚାରପତି ଜଷ୍ଟିସ୍ ସଞ୍ଜୀବ ପାଣିଗ୍ରାହୀ ଜାମିନ ଆବେଦନର ଶୁଣାଣି କରି କହିଥିଲେ ଯେ, କ୍ରିମିନାଲ୍ ଲ' (ଆମେଣ୍ଡମେଣ୍ଟ) ଆକ୍ଟ-୨୦୧୮ ଅନୁଯାୟୀ ନିୟମିତ ଜାମିନର ଶୁଣାଣି ବେଳେ ପୀଡ଼ିତା ଉପସ୍ଥିତ ରହିପାରିବେ। ଏହି ପରିପ୍ରେକ୍ଷୀରେ ଗତ ଜୁନ୍ ୫ରେ ଦିଲ୍ଲୀ ହାଇକୋର୍ଟ ସିଆର୍‌ଏଲ୍‌ଏମ୍‌ସି ୧୪୭୪/୨୦୨୦ ଏବଂ ସିଆର୍‌ଏଲ୍‌ଏମ୍‌ଏ ୬୩୩୦/୨୦୨୦ ଏବଂ ୬୭୦୫/୨୦୨୦ ମାମଲାରେ ଦେଇଥିବା ନିର୍ଦ୍ଦେଶ ସମ୍ପର୍କରେ କୋର୍ଟ ଉଲ୍ଲେଖ କରିଥିଲେ। ଏଥିସହ ରାଜ୍ୟର ସମସ୍ତ ତଳ ଅଦାଲତ ଏହି ନିର୍ଦ୍ଦେଶକୁ ପାଳନ କରିବା ପାଇଁ ପ୍ରାକ୍ଟିସ୍ ଡାଇରେକ୍ସନ ବା ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ନିର୍ଦ୍ଦେଶ ଅନୁଯାୟୀ ହାଇକୋର୍ଟ ରେଜିଷ୍ଟ୍ରାର (ଜୁଡିସିଆଲ୍) ଲଳିତ ଦାସ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଆଇପିସିର ଧାରା ୩୭୬, ଧାରା ୩୭୬ ଏବି, ଧାରା ୩୭୬ ଡିଏ, ଧାରା ୩୭୬ ଡିବିରେ ରୁଜୁ ହୋଇଥିବା ମାମଲାଗୁଡ଼ିକର ଶୁଣାଣି ବେଳେ ପୀଡ଼ିତାଙ୍କୁ ନୋଟିସ ଦିଆଯିବ। ତଳ ଅଦାଲତକୁ ଏହି ନିର୍ଦ୍ଦେଶ ଦେବା ପାଇଁ ଜିଲା ଜଜ୍‌ମାନଙ୍କୁ ବିଜ୍ଞପ୍ତିରେ କୁହାଯାଇଛି।

**ନିରୁଦ୍ଦିଷ୍ଟ ବ୍ୟକ୍ତି ବିଷୟରେ ସୂଚନା**

No. D-19: ଓଡ଼ିଶା ରାଜ୍ୟ ଦଣ୍ଡବିଧି ତଦନ୍ତ ଅପରାଧ ଶାଖା କେସ୍ ନଂ.- 03, Dt.02.03.2020, U/S 365/506/34 IPC, arising out of Balipatna, Ps Case No. 196, Dt.01.09.2015 U/S 365/506/34 IPC.

| ନାମ ଓ ଠିକଣା: | | ହୁଲିଆ: |
|---|---|---|
| ନାମ: ଅଜିତ୍ କୁମାର ସେନାପତି<br>ପି.- ମାୟାଧର ସେନାପତି<br>ଗ୍ରା: ଲଛାମକଣ<br>ପୋ.- କାଞ୍ଜିଆକଣା<br>ଥାନା: ଏରସମା<br>ଜିଲା: ଜଗତ୍‌ସିଂହପୁର<br>ରାଜ୍ୟ: ଓଡ଼ିଶା |  | ଲିଙ୍ଗ: ପୁରୁଷ<br>ବୟସ: ୩୪ ବର୍ଷ<br>ଜନ୍ମ ତାରିଖ: ୦୩।୦୨।୧୯୮୬<br>ଉଚ୍ଚତା: ୫' ୧୦''<br>ରଙ୍ଗ - ଗହମ<br>ଚେହେରା - ଅଣ୍ଡାକୃତି<br>ଭାଷା- ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ<br>ଶିକ୍ଷାଗତ ଯୋଗ୍ୟତା: +୩ ବାଣିଜ୍ୟ, କମ୍ପ୍ୟୁଟର ଶିକ୍ଷିତ |

ଉପରୋକ୍ତ ବ୍ୟକ୍ତି ଅଜିତ୍ କୁମାର ସେନାପତି ଯେ କି ତ୍ରାହି ଅଚ୍ୟୁତ ଆଶ୍ରମ, ଗ୍ରାମ: ତ୍ରାହି ଅଚ୍ୟୁତ ନଗର (ଝିଇଁଟି ଶାସନ), ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା କାର୍ଯ୍ୟାଳୟରେ ହିସାବରକ୍ଷକ ଭାବରେ କାମ କରୁଥିଲେ, ସେ ଗତ ୨୦୧୧ ମସିହାଠାରୁ କେଉଁଆଡ଼େ ନିଖୋଜ ହୋଇଯାଇଅଛନ୍ତି। ଏହି ସମ୍ବନ୍ଧରେ ଜିତେନ୍ଦ୍ର କୁମାର ସେନାପତିଙ୍କ ଏତଲା ମୁତାବକ ଓଡ଼ିଶା ରାଜ୍ୟ ଦଣ୍ଡବିଧି ତଦନ୍ତ ଅପରାଧ ଶାଖା କେସ୍ ନଂ. 03, Dt.02.03.2020, U/S 365/506/34 IPC ରୁଜୁ ହୋଇ ତଦନ୍ତ ଚାଲୁଅଛି। ବର୍ତ୍ତମାନ ସୁଦ୍ଧା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ବିଷୟରେ କୌଣସି ଖୋଜଖବର ମିଳୁନାହିଁ। ଏଣୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଛି କି ଯେ କୌଣସି ବ୍ୟକ୍ତି ଉକ୍ତ ନିରୁଦ୍ଦିଷ୍ଟ ବ୍ୟକ୍ତି ବିଷୟରେ କିଛି ଖବର ପାଆନ୍ତି, ତାହାହେଲେ ନିମ୍ନଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ। ପ୍ରକାଶ ଥାଉକି, ଯଦି ଖବରଦାତା ନିଜର ପରିଚୟ ସାର୍ବଜନୀନ କରିବାକୁ ଚାହୁଁ ନଥିବେ, ତେବେ ସେମାନଙ୍କ ନାମ ଓ ଠିକଣା ସମ୍ପୂର୍ଣ୍ଣଭାବେ ଗୁପ୍ତ ରଖାଯିବ।

**ଯୋଗାଯୋଗ ଠିକଣା**
**ଆରକ୍ଷୀ ଅଧୀକ୍ଷକ, ଓଡ଼ିଶା ରାଜ୍ୟ ଦଣ୍ଡବିଧି ତଦନ୍ତ ଅପରାଧ ଶାଖା**
**ରିଜର୍ଭ ପୋଲିସ୍ ଲେନ୍, ବକ୍ସିବଜାର, କଟକ - ୧**
ଫୋନ୍ ନଂ.: 0671-2304314, ଦୂରଭାଷ: 7008602258
E-mail: splcidcb.orpol@nic.in, mpscidcb.odpol@nic.in
OIPR-12050/11/0002/2021

**ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ୍ ଲିଃ.**
OPTCL Lifeline of Odisha
ଉପସାଧାରଣ ପରିଚାଳକ (ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ ନିର୍ମାଣ ବିଭାଗ, ଝାରସୁଗୁଡ଼ା

**ବିଜ୍ଞପ୍ତି**

ଏତଦ୍ଵାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ ୧୩୨/୩୩ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେସନ, ବ୍ରଜରାଜନଗରଠାରୁ ୧୩୨/୨୫ କେ.ଭି. ରେଲୱେ ଟ୍ରାକସନ୍ ସବ୍‌ଷ୍ଟେସନ, କେଛୋବାହାଲ ପର୍ଯ୍ୟନ୍ତ ଯାଇଥିବା ଅତ୍ୟୁଚ୍ଚ କ୍ଷମତାସମ୍ପନ୍ନ ୧୩୨ କେ.ଭି. ଲାଇନ୍‌ର ଟାୱାର ନଂ.-୧ଠାରୁ ଟାୱାର ନଂ.-୪୮ର ନିର୍ମାଣ କାର୍ଯ୍ୟ ସରିଯାଇଅଛି। ଏହି ଲାଇନ୍ ବ୍ରଜରାଜନଗର, ରେମଜା, ଖଲିଆକାନି, ଗଣ୍ଡଘୋରା, ଦେଗାଁ, କଟାପାଲି, ନୂଆଡିହି, ରାଜପୁର, ଚନ୍ଦଲିମାଲ, କେଛୋବାହାଲ ଗ୍ରାମ ଦେଇ ଯାଇଅଛି। ଉକ୍ତ ଲାଇନ୍‌ରେ ଆସନ୍ତା ତା୨୯।୦୭।୨୦୨୦ରିଖଠାରୁ ଯେକୌଣସି ଦିନ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ୍ ଧାରା ୬୯, ୮୦ ଓ ୮୨(କ) ଅନୁଯାୟୀ ଲାଇନ୍ ତଳେ ଘର ତୋଳିବା, ଗଛ ଲଗେଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ। ଏହି ଅତ୍ୟୁଚ୍ଚ କ୍ଷମତାସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତାମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ। ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଟାୱାରରେ ଚଢ଼ିବା କିମ୍ବା ଗୋରୁଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି।

ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି ନିଜ ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ସତର୍କ ରହି ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ।

ସ୍ୱା./- ସତ୍ୟବ୍ରତ ରାଉତ
ଉପସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ନିର୍ମାଣ ବିଭାଗ, ଝାରସୁଗୁଡ଼ା

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡ଼େ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। -ଶ୍ରୀଅରବିନ୍ଦ



# ଭୂମିପୂଜନ

ଭାରତରେ କୋଭିଡ୍-୧୯ ସଂକ୍ରମଣ ବଢ଼ିବାରେ ଲାଗିଛି। ଗୋଟିଏ ଗୋଟିଏ ଦିନରେ ୫୦ ହଜାର ଲୋକ ଆକ୍ରାନ୍ତ ହେବା ଦେଶବାସୀଙ୍କୁ ଚିନ୍ତାରେ ପକାଇଛି। ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ଅର୍ଥନୈତିକ କାର୍ଯ୍ୟକଳାପ ବନ୍ଦ ରହିଥିବାରୁ ଅର୍ଥନୀତି ଘୋର ପ୍ରଭାବିତ ହୋଇଛି। ଅସଂଖ୍ୟ ବ୍ୟବସାୟିକ ସଂସ୍ଥାରେ ସ୍ଥାୟୀ ଭାବେ ତାଲା ପଡ଼ିଯାଇଥିବା ବେଳେ ବେକାର ସମସ୍ୟା କୂଳ ଲଂଘିସାରିଲାଣି। ସରକାରୀ ସଂସ୍ଥାଠାରୁ ଆରମ୍ଭକରି ଘରୋଇ ଉଦ୍ୟୋଗ ଖର୍ଚ୍ଚକାଟ କରି ଯେନତେନ ତିଷ୍ଠିବାକୁ ପ୍ରୟାସ କରୁଛନ୍ତି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶର ପ୍ରଧାନମନ୍ତ୍ରୀ ଓ ଆଉ କିଛି ଭାଜପା ନେତା ଅଯୋଧ୍ୟାରେ ରାମମନ୍ଦିର ପାଇଁ ଭୂମିପୂଜନ କାର୍ଯ୍ୟ ଲାଗି ତତ୍ପର ହେଉଥିବା ଖବର ଶୁଣିବାକୁ ମିଳୁଛି। ଏପରି କି ପ୍ରଧାନମନ୍ତ୍ରୀଙ୍କ ଅଯୋଧ୍ୟା ଗସ୍ତର କାର୍ଯ୍ୟସୂଚୀ ମଧ୍ୟ ପ୍ରକାଶ ପାଇସାରିଲାଣି। ଭୂମିପୂଜନ ଉପଲକ୍ଷେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ଅଯୋଧ୍ୟା ନଗରୀକୁ ସଜାଯାଉଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ରର ଏଆଇଏମ୍ଆଇଏମ୍ ଏମ୍‌ପି ଇମ୍‌ତିଆଜ୍ ଜଲିଲ୍ ପ୍ରଧାନମନ୍ତ୍ରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେ କହିଛନ୍ତି, ଏଭଳି ସମୟରେ ଦେଶର ପ୍ରଧାନମନ୍ତ୍ରୀ ଯଦି ମନ୍ଦିର ଯାଇପାରିବେ, ତେବେ ମସ୍‌ଜିଦ୍‌ରେ ମୁସଲମାନମାନେ କାହିଁକି ନମାଜ ପଢ଼ିପାରିବେ ନାହିଁ।

ସଂକ୍ରମଣ ବୃଦ୍ଧି ଆଶଙ୍କାରେ ଯେତେବେଳେ ପୂଜାସ୍ଥଳୀଗୁଡ଼ିକ ଖୋଲିବା ଉପରେ କଟକଣା ଜାରି କରାଯାଇଛି, ସେତେବେଳେ ଅଯୋଧ୍ୟାରେ ରାମ ମନ୍ଦିର ଭୂମିପୂଜନ ତରବରିଆ ଭାବେ କାହିଁକି କରାଯିବାର ଆବଶ୍ୟକତା ରହିଛି ବୋଲି ପ୍ରଶ୍ନ ହେଉଛି। ଅନ୍ୟପଟେ ଏଭଳି ମତ ପ୍ରକାଶ ପାଉଛି ଯେ, ଯେତେବେଳେ ପୂର୍ବରୁ ସୋମନାଥ ମନ୍ଦିରର ନୂତନ ଅଙ୍ଗର ଉଦ୍‌ଘାଟନ ହୋଇଥିଲା, ସେତେବେଳେ ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା କରାଯାଇଥିଲା। ଭାରତର ଅନେକ ଲୋକଙ୍କ ଆଶା ଆକାଂକ୍ଷା ରୂପେ ଗଢ଼ିଉଠୁଥିବା ରାମ ମନ୍ଦିରର ଭୂମିପୂଜନ ସେହିଭଳି ଭାବେ ଆଜିର ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ଦ୍ୱାରା କରାଯାଇପାରିଥାନ୍ତା। ଏଭଳି ଏକ ଧାର୍ମିକ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ହାତେଇ ନେଲେ ତାହା ଧାର୍ମିକ ନ ହୋଇ ରାଜନୈତିକ ରଙ୍ଗରେ ରଙ୍ଗାୟିତ ହୋଇଯିବାର ସମ୍ଭାବନା ରହିଛି ବୋଲି ମତ ପ୍ରକାଶ ପାଉଛି। ଅନ୍ୟପଟେ ଆଜିର ରାଷ୍ଟ୍ରପତିଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଇଥିଲେ ତାହା ହିନ୍ଦୁ ସମାଜ ଭିତରେ ଥିବା ଜାତି ବିଭେଦକୁ ଭାଙ୍ଗିବାରେ ସାହାଯ୍ୟ କରିଥାଆନ୍ତା ବୋଲି ଅନ୍ୟ କେତେକ ମତ ଦେଉଛନ୍ତି।

ପ୍ରଧାନମନ୍ତ୍ରୀ କୋଭିଡ୍ ମୁକାବିଲା ପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମାଧ୍ୟମରେ ଦେଶବାସୀଙ୍କୁ ବାର୍ତ୍ତା ଦେଉଛନ୍ତି। ଦୁଇ ଗଜ ଦୂରତା, ମାସ୍କ ପିନ୍ଧିବା ଓ ବାରମ୍ବାର ହାତ ଧୋଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଅଯୋଧ୍ୟା ଭୂମିପୂଜନ ବେଳେ ସାଧୁ ସନ୍ଥଙ୍କୁ ମିଶାଇ ପ୍ରାୟ ୨୦୦ ଲୋକ ଗୋଟିଏ ଜାଗାରେ ଏକତ୍ରିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା କରିବା ଭାଜପାର ଏକ ବହୁପୁରୁଣା କାର୍ଯ୍ୟସୂଚୀ ରହିଆସିଛି। ସେଥିପାଇଁ ହିଂସା, ମୃତ୍ୟୁ, ବହୁ ବାଦବିବାଦ ସହିତ କୋର୍ଟ କଚେରି ହୋଇଛି। ଶେଷରେ ସୁପ୍ରିମକୋର୍ଟ ୯ ନଭେମ୍ବର ୨୦୧୯ରେ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ବିବାଦର ସମାଧାନ ସୂତ୍ର ଦେଇଥିଲେ। ବିବାଦୀୟ ସ୍ଥଳରେ ରାମ ମନ୍ଦିର ପ୍ରତିଷ୍ଠା କରାଯିବା ସହିତ ମସ୍‌ଜିଦ୍ ନିର୍ମାଣ ଲାଗି ୫ ଏକର ଜମି ସୁନ୍ନି ୱାକଫ୍ ବୋର୍ଡକୁ ଦେବା ଲାଗି କେନ୍ଦ୍ର ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ଐତିହାସିକ ରାୟ ପ୍ରକାଶ ପାଇବା ପରେ ରାମ ମନ୍ଦିର ଭୂମିପୂଜନ ଲାଗି ବିଧିବଦ୍ଧ ଅନୁମତି ମିଳିଯାଇଥିଲା। ସେହି ଦୃଷ୍ଟିରୁ ଦେଖିଲେ ଭୂମିପୂଜନ ସକାଶେ ଶୁଭ ଦିନ ୫ ଅଗଷ୍ଟ ରଖାଯାଇଛି। ଏହା କହିବା ସହିତ ବହୁ ଆକାଂକ୍ଷିତ ରାମ ମନ୍ଦିର ଭୂମିପୂଜନ କାର୍ଯ୍ୟ ଅଧିକ ବିଳମ୍ବ କରିବା ଅନୁଚିତ ହୋଇଥାଆନ୍ତା। ବିଶେଷକରି ଏହି ମନ୍ଦିର ଓ ରାମଲାଲାଙ୍କ ଇତିହାସକୁ ଦେଖିଲେ ଏହା ଏକ ହିନ୍ଦୁ-ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ତିକ୍ତତା ବୃଦ୍ଧି କରୁଥିବାର ସୂତ୍ର ହୋଇଯାଇଥିଲା। ତାହାର ସମାଧାନ ଦିଗରେ ସୁପ୍ରିମକୋର୍ଟଙ୍କ ରାୟ ଅନେକଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥିଲେ ମଧ୍ୟ ସର୍ବସାଧାରଣରେ ସନ୍ତୁଷ୍ଟିଲାଭ କରିଥିଲା। ଅନେକ କେନ୍ଦ୍ର ମନ୍ତ୍ରୀଙ୍କ କହିବା ଅନୁଯାୟୀ ଏହି ମନ୍ଦିରର ନିର୍ମାଣ ଅଳ୍ପ କେତେକ ମାସ ମଧ୍ୟରେ ଶେଷ ହେବ। ଅଯୋଧ୍ୟାରେ ଯେତେ ଶୀଘ୍ର ରାମ ମନ୍ଦିର ଗଢ଼ିଉଠିବ ଉତ୍ତର ଭାରତରେ ଶାନ୍ତି ସ୍ଥାପନା ହେବା ସେତିକି ସହଜ ହେବ।

# ଯୁବପିଢ଼ି ଓ ଜାମ୍ବବାନ





ପବିତ୍ରମୋହନ ପଟ୍ଟନାୟକ
କ୍ରିଷ୍ଣାପୁରୀ, ଭୁବନେଶ୍ୱର

ଡ. ଅମିୟ କୁମାର ମହାପାତ୍ର
ଦ୍ୱାରକା, ନୂଆଦିଲ୍ଲୀ

ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିର ଏକ ନିର୍ଣ୍ଣାୟକ ଭୂମିକା ରହିଛି। ଯୁବପିଢ଼ି ଦେଶର ପୁଞ୍ଜି ଓ ଦେଶର ଗୌରବ। ତାଙ୍କର ବହୁମୁଖୀ ପ୍ରତିଭା ତଥା ସକାରାତ୍ମକ ବିଚାରଧାରା ଦେଶର ମାନ ଓ ଭବିଷ୍ୟତ ନିର୍ଣ୍ଣୟ କରିଥାଏ। ବିଶ୍ୱର ଦ୍ୱିତୀୟ ଜନବହୁଳ ଦେଶ ଭାରତରେ କର୍ମଠ ନାଗରିକମାନଙ୍କର ହାରାହାରି ବୟସ ୨୮ ବର୍ଷ, ଯାହା ଅନ୍ୟ ବିକଶିତ ଏବଂ ବିକାଶଶୀଳ ଦେଶ ତୁଳନାରେ କମ୍, ତେଣୁ ବୟସ୍କ ଲୋକଙ୍କ ଅନୁପାତରେ ଭାରତ ଦୁନିଆର ଯୁବରାଷ୍ଟ୍ର। ଏହି ହାରାହାରି ବୟସ ଚାଇନା ଓ ଆମେରିକାରେ ୩୭ବର୍ଷ ଥିବାବେଳେ, ପଶ୍ଚିମ ୟୁରୋପରେ ୪୫ ବର୍ଷ ଏବଂ ଜାପାନରେ ୪୯ ବର୍ଷ। ଅର୍ଥାତ୍ ଆମ ଦେଶରେ କର୍ମଠ ଜନସଂଖ୍ୟା ଅନ୍ୟ ଦେଶଠାରୁ ଯଥେଷ୍ଟ ଅଧିକ ଏବଂ ତାହା ନିଶ୍ଚିତ ଭାବରେ ଦେଶର ଆୟ ଓ ସାମଗ୍ରିକ ଅଭିବୃଦ୍ଧିରେ ଅଧିକ ସହାୟକ ହେବ। ଜନସାଂଖ୍ୟିକ ଲାଭାଂଶରେ (ଡେମୋଗ୍ରାଫିକ୍ ଡିଭିଡେଣ୍ଡ) ଯୁବପିଢ଼ିଙ୍କର ବିଶେଷ ଅବଦାନ ଥାଏ, ଯାହା ଉପରେ ଦେଶର ଭବିଷ୍ୟତ ନିର୍ଭରକରେ। ସେମାନଙ୍କର ଅବଦାନ ମୁଖ୍ୟତଃ ରୋଜଗାର ପନ୍ଥା ଏବଂ ଅର୍ଥନୈତିକ ମୌଳିକ ଢାଞ୍ଚା ଉପରେ ନିର୍ଭର କରେ। ଏକବିଂଶ ଶତାବ୍ଦୀ ଭାରତ ପାଇଁ ଉଦ୍ଦିଷ୍ଟ ବୋଲି ଅନ୍ତଃରାଷ୍ଟ୍ରୀୟ ଶ୍ରମସଂଗଠନ (ଆଇଏଲ୍‌ଓ) ତା' ରିପୋର୍ଟରେ ପ୍ରକାଶ କରିଛି। ଭାରତର ଶ୍ରମବଳ, ବଜାର ଏବଂ ସାମଗ୍ରିକ ଚାହିଦା ଏବଂ ଜନସାଂଖ୍ୟିକ ଲାଭାଂଶ ଇତ୍ୟାଦି ଅର୍ଥନୀତି ଉପରେ ସକାରାତ୍ମକ ପ୍ରଭାବ ପକାଇ ଦେଶକୁ ବିକାଶପଥେ ଆଗେଇ ନେବ। ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତିର ସ୍ୱପ୍ନକୁ ସାକାର କେବଳ ଯୁବପିଢ଼ି ହିଁ କରିପାରିବେ। ଯୁବପିଢ଼ିଙ୍କ ଶିକ୍ଷା, କାର୍ଯ୍ୟନିପୁଣତା, ଏକାଗ୍ରତା, ନିଃସ୍ୱାର୍ଥପରତା, ସଚ୍ଚୋଟତା ଓ ଦୃଢ଼ମନୋବଳ ଉପରେ ଏହା ନିର୍ଭର କରେ।

ଆଜି କରୋନାଜନିତ ମହାମାରୀ ସମସ୍ତ ବ୍ୟବସ୍ଥା ଓ ଭିତ୍ତିଭୂମିକୁ ଅସ୍ତବ୍ୟସ୍ତ କରିଦେଇଛି। ଦୀର୍ଘ ୫ ମାସ ପରେ ବି କୌଣସି ପ୍ରକାର ନିରାକରଣ ଏବଂ ଆବଶ୍ୟକ ସାଧନର ଅଭାବ ଯୋଗୁ ଏହା ଦେଶର ବିକାଶ ପଥରେ ଏକ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିଛି। ଦେଶର ଆର୍ଥିକ, ସାମାଜିକ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ କ୍ଷେତ୍ରରେ ଏକ ଭୟାନକ ଅସନ୍ତୁଳନ ସୃଷ୍ଟିହୋଇଛି। ମାନବ ସମାଜ ଏହି ସଂକଟରେ ଘାଣ୍ଟି ହେଉଛି। କରୋନାଜନିତ ଅବସାଦ ଏବେ ବଢ଼ିବାରେ ଲାଗିଲାଣି ଏବଂ ତା'ର କୁପରିଣାମ ସମସ୍ତଙ୍କୁ ଜ୍ଞାତ। ଏହି ସଂକଟ ଯୁବପିଢ଼ିଙ୍କ ମନୋବଳକୁ ଦୁର୍ବଳ କରିଦେଇଛି। ଆଜିର ଯୁବପିଢ଼ି ପାଠପଢ଼ାର ଅନିୟମିତତା ଏବଂ ପରୀକ୍ଷାର ଅନିଶ୍ଚିତତା ପାଇଁ, ଚାକିରି ଛଟେଇର ଡର, ପାଠପଢ଼ା ପରେ ଚାକିରି ନ ପାଇବାର ଡର, ନିଜର ଅସ୍ତିତ୍ୱକୁ ବଞ୍ଚାଇରଖି ନ ପାରିବାର ଡର ଏବଂ ସର୍ବୋପରି ଭବିଷ୍ୟତର ଅନିଶ୍ଚିତତାକୁ ନେଇ ଏକ ଅବସାଦମୟ ଜୀବନଯାପନ କରୁଛନ୍ତି। ଏହି ଅବସାଦ ଆମର ଶାରୀରିକ, ମାନସିକ, ଆର୍ଥିକ, ପାରିବାରିକ, ସାମାଜିକ ଓ ଆଧ୍ୟାତ୍ମିକ ଜୀବନ ଏବଂ ବ୍ୟବସ୍ଥାକୁ ପ୍ରଭାବିତ କରେ। ଅବସାଦରେ ରହୁଥିବା ଲୋକ ନିର୍ବଳ ଏବଂ ନିରାଶାରେ, ଶକ୍ତିସାମର୍ଥ୍ୟ ଥାଇ ମଧ୍ୟ ଠିକ୍‌ଭାବରେ କାମକରି ପାରି ନ ଥାନ୍ତି। କରୋନା ଏବେ ସମସ୍ତଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଅବସାଦ ବଳୟକୁ ଠେଲି ଦେଇଛି।

ବର୍ଷ ୨୦୧୮-୧୯ରେ ଭାରତରେ ଉଚ୍ଚଶିକ୍ଷା ପାଇଁ ୩.୭୪ କୋଟି ଛାତ୍ରୀଛାତ୍ର ପଞ୍ଜୀକୃତ ହୋଇଥିଲେ ଏବଂ ୯୧ ଲକ୍ଷ ପାସ୍ କରିଛନ୍ତି। ଇଣ୍ଡିଆ ସ୍କିଲ୍‌ସ୍ ରିପୋର୍ଟ-୨୦୨୦ ଅନୁସାରେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ଭିତରୁ କେବଳ ୪୬ପ୍ରତିଶତ ନିଯୁକ୍ତିଯୋଗ୍ୟ। ଅର୍ଥାତ୍ ଦରକାରି ଜ୍ଞାନ ଏବଂ କାର୍ଯ୍ୟକୌଶଳ ଅଭାବରୁ ୫୪ପ୍ରତିଶତ ଶିକ୍ଷିତ ଯୁବପିଢ଼ି ନିଯୁକ୍ତି ପାଇବା ପାଇଁ ଅଯୋଗ୍ୟ ବୋଲି ବିବେଚନା କରାଯାଉଛି। ବୋଝ ଉପରେ ନଳିତା ବିଡ଼ା ଭଳି ଏହି କରୋନା ନିଯୁକ୍ତି ଉପରେ ଆହୁରି ପ୍ରତିକୂଳ ପ୍ରଭାବ ପକାଇ ସେମାନଙ୍କ ମନୋବଳକୁ ଦିନକୁ ଦିନ ଦୁର୍ବଳ କରିଦେଉଛି। ପାଠପଢ଼ାରେ ଅନିୟମିତତା, ଅନ୍‌ଲାଇନ୍ ପାଠପଢ଼ାର ଉପଯୋଗିତା ତାଙ୍କର ମନର ସଂଶୟକୁ ବଢ଼ାଇ ଦେଇଛି। ଅନ୍‌ଲାଇନ୍ ପାଠପଢ଼ା ଏକ ପାଠପଢ଼ାର ମାଧ୍ୟମ ଓ ତାହା ଏକ ସାମୟିକ ବିକଳ୍ପ। ପରମ୍ପରାଗତ ଶିକ୍ଷାପ୍ରଣାଳୀ ଅଭାବରୁ ଶିକ୍ଷାକ୍ଷେତ୍ରରେ ଯେଉଁ ଅସ୍ଥିରତା ତଥା ଅନିଶ୍ଚିତତା ଦେଖାଦେଇଛି, ତାହା ପଠନରତ ଯୁବବର୍ଗଙ୍କ ପାଇଁ ଏକ ବଡ଼ ଦୁଃଖର କାରଣ। ଅନ୍ତିମବର୍ଷରେ ପଢୁଥିବା ଛାତ୍ରୀଛାତ୍ରଙ୍କର ମନୋଦଶା ଯେ ଅଙ୍ଗେ ନିଭେଇଛି ସେ ଜାଣିପାରିବ। କେବେ ପରୀକ୍ଷା ହେବ? କେବେ ଡିଗ୍ରୀ ମିଳିବ? ତାଙ୍କ ଯୋଗ୍ୟତା ମୁତାବକ ଚାକିରି ମିଳିବ କି ନାହିଁ? ଦିନକୁ ଦିନ ନିଯୁକ୍ତି ହ୍ରାସ ପାଇବାରେ ଲାଗିଛି ଏବଂ ଯେଉଁମାନଙ୍କୁ ନିଯୁକ୍ତିପତ୍ର ମିଳିଥିଲା, ସେମାନଙ୍କ ନିଯୁକ୍ତିକୁ ବିଳମ୍ବ କରାଯାଉଛି ଅଥବା ବାତିଲ କରାଯାଉଛି। ଏପରି ଅବସ୍ଥା ପ୍ରତିଷ୍ଠିତ ଆଇଆଇଟି ଏବଂ ଆଇଆଇଏମ୍ ଅନୁଷ୍ଠାନରେ ବି ଦେଖାଦେଇଛି, ତେଣୁ ସାଧାରଣ କଲେଜ ଓ ବିଶ୍ୱବିଦ୍ୟାଳୟରୁ ପାଶ୍ କରିଥିବା ଯୁବପିଢ଼ିଙ୍କ ଦୁଃଖ କହିଲେ ନ ସରେ। ଶିକ୍ଷାଋଣ ନେଇ ନିଜ ପିଲାଙ୍କୁ ପଢାଉଥିବା ମାତାପିତାଙ୍କର ଦୁଃଖ ଆହୁରି ଅଧିକ। ନା ଚାକିରି ଅଛି ନା ଚାକିରି ପାଇବାର ଆଶ୍ୱାସନା? ଯେଉଁ ଯୁବପିଢ଼ି କାର୍ଯ୍ୟରତ ଅଛନ୍ତି, ତାଙ୍କ କଷ୍ଟ ନ କହିଲେ ଭଲ। କିଛି ଲୋକଙ୍କୁ ଖର୍ଚ୍ଚକାଟ ନାମରେ ଛଟେଇ କରାଗଲାଣି ଅଥବା ଦରମା କାଟ ହେଲାଣି। ସେତିକି ନୁହେଁ, ଦରମା କଟିଲା ପରେ ବି ଠିକ୍ ସମୟରେ ତାହା ମିଳୁନାହିଁ। ଯେଉଁମାନେ ଘରେ ବସି ଅନ୍‌ଲାଇନରେ କାମ କରୁଛନ୍ତି, ତାଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଅପରପକ୍ଷରେ ବିଭିନ୍ନ ନିଯୁକ୍ତିଭିତ୍ତିକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି କରୁଥିବା ଯୁବପିଢ଼ି ଘରେ ରହି ଏବେ ତାହା ଠିକ୍‌ଭାବରେ କରିପାରୁନାହାନ୍ତି। କୋଚିଙ୍ଗ୍ କ୍ଲାସ୍ ଏବଂ ସାଙ୍ଗହୋଇ ପାଠ ପଢ଼ିପାରୁ ନ ଥିବାରୁ ମନରେ ସଂଶୟ ସୃଷ୍ଟି ହୋଇଛି। ପ୍ରସ୍ତୁତି ଠିକ୍ ନ ହେବା ଦ୍ୱାରା ତାଙ୍କର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଏବଂ ଏକ ଅଭାବବୋଧ ସୃଷ୍ଟିହୋଇଛି।

ଘରେ ରହି ପାଠପଢ଼ିବା ଏବଂ ଘରେ ବସି ଅଫିସ୍ କାମ କରିବା ଯୁବପିଢ଼ିଙ୍କ ପାଇଁ ଏକ ମାନସିକ ଅସ୍ଥିରତା ସୃଷ୍ଟିକରିଛି। ଭୂତାଣୁଜନିତ ସଂକ୍ରମଣ ଡରରେ ବହୁତ ଦିନ ଘର ଭିତରେ ବନ୍ଦ ରହିବା ଦ୍ୱାରା ମାନସିକ ବିକାର ବଢୁଛି। ଯୁବପିଢ଼ି ବୁଲାବୁଲି, ସାଙ୍ଗସାଥୀ, ନାଚଗୀତ ଏବଂ ଖେଳକୁଦରେ ବ୍ୟସ୍ତ ରହି ମାନସିକ ସନ୍ତୁଳନ କରିଥାନ୍ତି। ହେଲେ କରୋନା ଯୋଗୁ ଏଥିରେ ବାଧା ସୃଷ୍ଟି ହୋଇଛି, ଯାହା ଯୁବପିଢ଼ିଙ୍କ ଅବସାଦ ବଢ଼ାଉଛି। ଘଟୁଥିବା ଘଟଣା ଓ ଦୁର୍ଘଟଣା, ଆତ୍ମହତ୍ୟା, ଘରେ ଝଗଡ଼ା ଭଳି ଖବର ମଧ୍ୟ ମାନସିକ ଅବସାଦ ବଢ଼ାଇବା ସଙ୍ଗେ ସଙ୍ଗେ ମନରେ ଅସ୍ଥିରତା ବଢ଼ାଉଛି। ଚଳଚଞ୍ଚଳ ଯୁବପିଢ଼ି ଆଜି ବନ୍ଦୀ ହୋଇ ଅନିଶ୍ଚିତ ଭବିଷ୍ୟତକୁ ନେଇ ଅବସାଦଗ୍ରସ୍ତ।

ଏହିପରି ଏକ ସଂକଟ ସମୟରେ ଅଭିଜ୍ଞ ଜାମ୍ବବାନଙ୍କ ପରି ବହୁ ଉତ୍ସାହ ପ୍ରଦାନକାରୀ ସଚେତକଙ୍କ ନିତାନ୍ତ ଆବଶ୍ୟକ। ମାତା ସୀତାଙ୍କୁ ଖୋଜିବାକୁ ଯାଇ ଯେତେବେଳେ ହନୁମାନ ସମୁଦ୍ର ତଟରେ ପହଞ୍ଚିଲେ, ସମୁଦ୍ରର ବିସ୍ତାର ଏବଂ ବ୍ୟାପକତା ଦେଖି ସଂଶୟରେ ପଡ଼ିଗଲେ। ଭାବିଲେ ଏତେବଡ଼ ସମୁଦ୍ରକୁ ଲଂଘିବି କିପରି? ତାଙ୍କ ସଙ୍ଗରେ ଥିବା ନଳ, ନୀଳ, ଅଙ୍ଗଦଙ୍କ ମନରେ ଶଙ୍କା ଦେଖି ଜାମ୍ବବାନ ଅଧୀର ନ ହୋଇ ହନୁମାନଙ୍କ ପାଖକୁ ଯାଇ ତାଙ୍କୁ ତାଙ୍କର ଭୁଲିଯାଇଥିବା ଶକ୍ତି ବିଷୟରେ ମନେପକାଇ ଦେଇ କହିଲେ- ତୁମେ ମହାବଳୀ, ପରାକ୍ରମୀ ଅଞ୍ଜନିପୁତ୍ର ଏବଂ ଅପାର ଶକ୍ତିର ଉତ୍ସ। ଏକଥା ଶୁଣି, ସେ ଭୁଲିଯାଇଥିବା ଶକ୍ତିକୁ ଫେରିପାଇ, କାୟାବିସ୍ତାର କରି ସହଜରେ ବହୁକୋଶ ଦୂର ବିସ୍ତାରିତ ସମୁଦ୍ରକୁ ଲଙ୍ଘନ କରି ଲଙ୍କାରେ ପହଞ୍ଚି ପାରିଥିଲେ।

ଏହି ସଂକଟ ସମୟରେ ଅବସାଦଗ୍ରସ୍ତ ଓ ନିରୁତ୍ସାହିତ ଯୁବପିଢ଼ିଙ୍କ ପାଇଁ ଜାମ୍ବବାନଙ୍କ ଭଳି ଅନେକ ପ୍ରେରଣାଦାୟକଙ୍କ ଅତ୍ୟନ୍ତ ଆବଶ୍ୟକତା ରହିଛି। ଆମର ରାଜନେତା, ସମାଜସେବକ, ଶିକ୍ଷକ, ପିତାମାତା, ଗୁରୁଜନ, ସାଙ୍ଗସାଥୀଙ୍କର ଯୁବପିଢ଼ିଙ୍କ ଅବସାଦ କମ୍ କାରିବାରେ ବିଶେଷ ଭୂମିକା ରହିଛି। ସେଥିପାଇଁ ଏହି ସମୟରେ ସେମାନେ ଯୁବପିଢ଼ିଙ୍କର ସୁଖଦୁଃଖରେ ସମ୍ମିଳିତ ହୋଇ ଓ ତାଙ୍କ ହାତରେ ହାତ ମିଳାଇ ତାଙ୍କର ଧୈର୍ଯ୍ୟ ଏବଂ ମନୋବଳ ବଢ଼ାଇବା ଦରକାର, ଯାହାଦ୍ୱାରା ତାଙ୍କ ଭିତରେ ଶତସିଂହର ଶକ୍ତି ଜାଗ୍ରତ ହେବ। ସରକାର ବିଶେଷରୂପରେ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ପାଇଁ ଯଥାବିଧି ପଦକ୍ଷେପ ନେବା ଦରକାର। ଏହାଦ୍ୱାରା ତାଙ୍କର ଅବସାଦ କମ୍ ହେବ ଏବଂ ସେମାନେ ଦେଶର ପ୍ରଗତିରେ ସମ୍ପୂର୍ଣ୍ଣ ରୂପେ ଯୋଗଦାନ କରିପାରିବେ।

ଉଚ୍ଚଶିକ୍ଷା ପ୍ରାପ୍ତ କରି, ନିଯୁକ୍ତି ଅପେକ୍ଷାରେ ଥିବା ଅଥବା ନିଯୁକ୍ତି ପାଇ ଚାକିରି ହରାଇଥିବା ଯୁବପିଢ଼ିଙ୍କ ମନୋବଳ ବଢ଼ାଇବାରେ ତାଙ୍କ ମାତାପିତାଙ୍କ ଭୂମିକା ଏବଂ ତାଙ୍କର ସକାରାତ୍ମକ ଭାବନା ଓ ସହଯୋଗ ଅତି ଆବଶ୍ୟକ। ଶିକ୍ଷକମାନେ ଉଚିତ ମାର୍ଗଦର୍ଶନ କରିବା ସଙ୍ଗେ ସଙ୍ଗେ ପାଠପଢ଼ା ପରେ ନିଯୁକ୍ତି ପାଇ ନ ଥିବା ଯୁବପିଢ଼ିଙ୍କୁ ବିଭିନ୍ନ ପ୍ରକାର ରିସର୍ଚ୍ଚ ପ୍ରୋଜେକ୍ଟ କିମ୍ବା ଇଣ୍ଟର୍ନଶିପ୍‌ରେ ବ୍ୟସ୍ତ ରଖିବା ଦରକାର। ବିଭିନ୍ନ ପ୍ରକାର ସୃଜନଶୀଳ କାର୍ଯ୍ୟରେ ବ୍ୟସ୍ତ ରହିବା ଦ୍ୱାରା ମାନସିକ ଅବସାଦ କମ୍ ହୁଏ। ସ୍ୱୟଂ ନିଯୁକ୍ତି କିମ୍ବା ବ୍ୟବସାୟଭିତ୍ତିକ ଖବର ଓ ଆର୍ଥିକ ସହାୟତା ସେମାନଙ୍କୁ ଯୋଗାଇଦେବା ଦରକାର, ଯାହାଦ୍ୱାରା ସେମାନେ ନିଜ ଗୋଡ଼ରେ ଠିଆ ହୋଇପାରିବେ।

କରୋନା ମହାମାରୀ ସମୟରେ ଯୁବପିଢ଼ିଙ୍କୁ ଏକ ଜାମ୍ବବାନ ନୁହେଁ, ଅନେକ ଜାମ୍ବବାନଙ୍କର ଆବଶ୍ୟକତା ଅଛି। ଯେଉଁମାନେ ତାଙ୍କର ମନର ଦଶା ଓ ଦିଶାକୁ ଏକ ସକାରାତ୍ମକ ରୂପଦେଇ ତାଙ୍କର ଅବସାଦକୁ କମ୍ କରି ମନରେ ଅପାର ଶକ୍ତିବର୍ଦ୍ଧନ କରିପାରିବେ। ଆଜି ଏକ ନୂତନ ଭାରତବର୍ଷର କଳ୍ପନା ଯୁବପିଢ଼ିଙ୍କ ଅବଦାନ ଓ ଯୋଗଦାନ ବିନା ଅସମ୍ଭବ। ସମୟ ବଡ଼ ବଳବାନ, ଏହା ବଦଳିବ ଏବଂ ବଦଳିବା ସଙ୍ଗେ ସଙ୍ଗେ ନୂତନ ଚିନ୍ତାଧାରା ଓ ଉଲ୍ଲାସ ଆଣିବ। ଆମ ଯୁବପିଢ଼ି ତାଙ୍କର ଶକ୍ତି ଓ ଜ୍ଞାନକୌଶଳ ଦ୍ୱାରା ଏକ ସୁସ୍ଥ ସମାଜ ଏବଂ ଏକ ସ୍ଥିର ଅର୍ଥନୈତିକ ଭିତ୍ତିଭୂମି ଗଠନ କରି ଭାରତକୁ ବିକାଶ ପଥେ ନିଶ୍ଚିତ ରୂପେ ଆଗେଇ ନେବେ।

# ଅଳିଆଗଦାରେ ଖାଦ୍ୟ ଆଇନ



ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ଶାସ୍ତ୍ରରେ ଅଛି- 'ଅନ୍ନଂ ବ୍ରହ୍ମ' ଅର୍ଥାତ୍ ଖାଦ୍ୟ ହିଁ ଭଗବାନ। ଆମେ ଅନେକ କ୍ଷେତ୍ରରେ ଦେଖୁ ଲୋକମାନେ ଖାଦ୍ୟ ନଷ୍ଟ କରିଥାନ୍ତି। ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରରେ ଲକ୍ଷ ଲକ୍ଷ ଲୋକ ଭୋକିଲା ରହୁଥିବା ବେଳେ ଖାଦ୍ୟ ନଷ୍ଟ ନିଶ୍ଚିନ୍ତ ଭାବରେ ଦୁଃଖଦାୟକ ଘଟଣା। ଏବେ କରୋନା ମହାମାରୀ ସମୟରେ ଭୋଜିଭାତ ଉପରେ କଟକଣା ରହିଥିଲେ ବି ବିବାହ ଉତ୍ସବରେ ରୋଷେଇ ହେଉଛି ଓ ଖାଦ୍ୟ ନଷ୍ଟ ହେଉଥିବା ଲକ୍ଷ୍ୟ କରାଯାଉଛି। ଭୋଜିଭାତରେ ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିବା କିଛି ଲୋକଙ୍କ ପାଇଁ ଏକ ଷ୍ଟାଟସ ସିମ୍ବଲ କହିଲେ ଅତ୍ୟୁକ୍ତି ହେବନାହିଁ। ପାଖରେ ପଇସା ଅଛି ବୋଲି ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଅନ୍ୟମାନଙ୍କୁ ନିଜର ବଡ଼ପଣ ଦେଖାଇବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ତେବେ ଅନେକେ ହୁଏତ ଜାଣି ନ ଥିବେ କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ୍ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରି ପରଷା ଯାଇପାରିବ ନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀ କଳ ବି ମାନୁ ନାହିଁ। ସରକାରଙ୍କ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳ ବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନ ଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ।

ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ୍ ରେଷ୍ଟ୍ରିକ୍‌ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୂର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରଷା ଯାଉଥିବା ଭୋଜି କ୍ଲବ୍, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉକରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ୍‌ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରି ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରରେ ପ୍ରସ୍ତୁତ ଗୋଟିଏ ତରକାରି ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ। ତେବେ ଏହି ତରକାରି ବ୍ୟତୀତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇପାରିବ। ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକଙ୍କର ବାହାଘର ଭୋଜିରେ ଆଠ ଦଶ ପ୍ରକାର ଆମିଷ ଓ ଅନେକ କିସମର ନିରାମିଷ ବ୍ୟଞ୍ଜନ ପରଷା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ ଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ସରକାର ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଏହି ଲେଖକ ରାସ୍ତାକଡ଼ର ଦୁଃଖୀ, ଅସହାୟ, ଅଭାବୀଙ୍କୁ ସହାୟତା ପ୍ରଦାନ ବେଳେ ଅନୁଭବ କରିଛି, ସେମାନେ ଅନେକ ପ୍ରକାର ଖାଦ୍ୟ ବ୍ୟଞ୍ଜନ ଅପେକ୍ଷା ଅନ୍ନ ସହିତ ଗୋଟିଏ ପ୍ରକାର ବ୍ୟଞ୍ଜନ ଯାହା ହେଲେ ଚଳାଇ ନେଉଛନ୍ତି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ଖାଇବାର ସକ୍ଷମ ନ ଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରି ଆଇନ ଅଳିଆଗଦାରେ ପଡ଼ିଛି। ଇଆଡେ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନାମୟ ପରିବେଶ ସୃଷ୍ଟି କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ ବେଫିକର। କଥା ହେଉଛି ଆତ୍ମସମୀକ୍ଷା ନ କଲେ ଇଏ ଏକ ପ୍ରହସନ ହୋଇ ଯାହା ରହିବ।

ଏମ୍‌ସି ୩୧, ମଧୁବନ, ପାରାଦୀପ ପୋର୍ଟ,
ମୋ-୯୪୩୭୦୨୨୦୬୧

## ଏଇ ଭାରତରେ

ପନ୍ଦର ବର୍ଷ ବୟସରେ ସମସ୍ତଙ୍କୁ ପରିବେଶ ସୁରକ୍ଷାର ମନ୍ତ୍ର ଦେଉଛନ୍ତି ମହାରାଷ୍ଟ୍ରର ବରଦ କୁବଲ। ସେ ଆହତ ପକ୍ଷୀଙ୍କୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା କରିବା ସହ ସମୁଦ୍ର କୂଳରେ ଗଛ ଲଗାଉଛନ୍ତି। ମହାରାଷ୍ଟ୍ର ସିନ୍ଧୁଦୁର୍ଗ ଜିଲା ଅଚରା ଗାଁରେ ତାଙ୍କ ଘର। ସମୁଦ୍ର କୂଳରେ ନିଛାଟିଆ ଜାଗାରେ ତାଙ୍କ ଘର ରହିଥିବାରୁ ସେ ତିନିବର୍ଷ ତଳେ ସାମୁଦ୍ରିକ ଝଡ଼ରେ ହୋଇଥିବା ବହୁ ସାଇବେରିଆନ୍ ପକ୍ଷୀଙ୍କୁ ଉଦ୍ଧାର କରିଥିଲେ ଓ ସେମାନଙ୍କୁ ସୁସ୍ଥ କରି ପୁଣି ଉଡାଇ ଦେଇଥିଲେ। ଏହାପରେ ପକ୍ଷୀ ସୁରକ୍ଷା ତାଙ୍କ ନିଶା ପାଲଟିଗଲା। ସେବେଠାରୁ ଏଯାବତ୍ ସେ କୋଙ୍କଣ ଅଞ୍ଚଳରେ ବିଲୁପ୍ତପ୍ରାୟ ପକ୍ଷୀଙ୍କ ସୁରକ୍ଷାରେ ଲାଗିଛନ୍ତି। ସହରରେ କେବଳ ଓ ତାରରେ ଲାଗି ଆହତ ଅବସ୍ଥାରେ ଝୁଲୁଥିବା ପକ୍ଷୀମାନଙ୍କୁ ଉଦ୍ଧାର କରି ଚିକିତ୍ସା କରୁଛନ୍ତି। କେବଳ ଏତିକି ନୁହେଁ, ସମୁଦ୍ର କୂଳର ପରିବେଶ ସୁଧାରିବା ଲାଗି ସେ ୨୦୧୯ରୁ ଜାମୁ, ନିମ୍ବ, ଅଶ୍ୱତ୍ଥ, ବର ଗଛ ଲଗାଇବା ଆରମ୍ଭ କରିଛନ୍ତି। ସେ ତାଙ୍କ ସହପାଠୀମାନଙ୍କୁ ସାଙ୍ଗରେ ନେଇ ଅଚରା ବନ୍ଦର ଓ ମୁମ୍ବାଇ-ଗୋଆ ହାଇୱେ କଡ଼ରେ ଏହି ଅଭିଯାନ ଚଳାଇଛନ୍ତି। ମୁମ୍ବାଇ-ଗୋଆ ହାଇୱେ କଡ଼ରେ ଠିଆ ହୋଇ ଗାଡିରେ ଯାଉଥିବା ପର୍ଯ୍ୟଟକଙ୍କୁ ଅଣ୍ଡା ଖୋଳ ନିକଟରେ ଥିବା ବୁଦା ଭିତରକୁ ଫିଙ୍ଗିବାକୁ କହୁଛନ୍ତି। ପରେ ସେ ତାହାକୁ ସଂଗ୍ରହ କରି ରଙ୍ଗାଇ ତାଙ୍କ ଅଗଣାରେ ରଖିଛନ୍ତି। ଏହାକୁ ପ୍ରାକୃତିକ ସାର ଭାବେ କୃଷକମାନଙ୍କ ଜମିରେ ପକାଉଛନ୍ତି। ସେ ଓ ତାଙ୍କ ସାଙ୍ଗମାନେ ଅଣ୍ଡାଖୋଳ ଭିତରେ ନରମ ନଡିଆକତା ଗୁଣ୍ଡ ଭର୍ତ୍ତିକରି ସେଥିରେ ମଞ୍ଜି ରଖି ତାହାକୁ ଏକ ଦିଆସିଲି ଖୋଳ ଉପରେ ଅଠାରେ ଲଗାଇ ରଖୁଛନ୍ତି। ପରେ ସେଥିରୁ ଗଛ ବାହାରିଲେ ତାହାକୁ ଜନ୍ମଦିନ ଉପହାର ଭାବେ ସାଙ୍ଗମାନଙ୍କୁ ଦେଇ ପରିବେଶ ସୁରକ୍ଷା ବାର୍ତ୍ତା ଦେଉଛନ୍ତି। ତାଙ୍କ ମାତାପିତା ସରକାରୀ ସ୍କୁଲରେ ଶିକ୍ଷକ ଥିଲେ ବି ତାଙ୍କ ପିଲାଦିନ ଜେଜେବାପାଙ୍କ ସାଙ୍ଗରେ ବେଶି ସମୟ ନଡିଆ ବଗିଚାରେ କଟେ। ସେଠାରେ ପକ୍ଷୀ ଓ ବିଭିନ୍ନ ଜୀବଙ୍କୁ ପାଣି ପିଇବାକୁ ଦେବା ଓ ଖୁଆଇବାର ଅଭ୍ୟାସ ଏବେ ତାଙ୍କୁ ଜଣେ କୁନି ପରିବେଶବିତ୍ ଭାବେ ଗଢିତୋଳିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁଲାଇ ୧୯୯୫

- ଲେବାନନ୍‌ରେ ଜାତିସଂଘ ସୈନ୍ୟଙ୍କ ମୁତୟନ ସମୟକୁ ଆଉ ୬ ମାସ ବୃଦ୍ଧି କରିବା ପାଇଁ ଜାତିସଂଘ ମହାସଚିବ ବୁଟ୍ରୋସ ଘାଲି ସୁପାରିସ କରିଛନ୍ତି।
- ନେପାଳରେ ପ୍ରବଳ ମୌସୁମୀ ବର୍ଷା ଲାଗିରହିବା ଫଳରେ ବିଭିନ୍ନ ନଦୀରେ ବନ୍ୟା ଆସି ୧୩୬ ଜଣଙ୍କ ପ୍ରାଣହାନି।
- ଗଞ୍ଜାମ ଟାଇଗର ଭାବେ ପରିଚିତ ଓଡ଼ିଆ ନେତା ହରିହର ପ୍ରଧାନଙ୍କ ୮୦ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 4 | B | | E | | | | | | 6 | |
| | 5 | 7 | 8 | 9 | 6 | | | | | | | 1 | | |
| | | A | C | | 1 | | | | 3 | 8 | | 9 | | |
| | | 8 | 2 | 7 | 5 | | | | B | 4 | 9 | 3 | | |
| C | | D | | E | | 0 | | 5 | | | | | | |
| | 2 | 5 | 6 | | | | | | | B | | | 3 | |
| | C | | | | | 7 | | | 6 | | 0 | A | | |
| E | | | | | 9 | | | 1 | 5 | 2 | | 7 | | 8 |
| | | | | | | | D | 8 | | | | | C | |
| 7 | | 6 | | | | | | | A | 3 | | 5 | 0 | 1 |
| | | 2 | | D | 0 | C | | | | 1 | | | | |
| | | | | | 4 | E | 2 | | 0 | | B | 6 | | |
| | 7 | | | B | | 8 | | | | | | 2 | 9 | E |
| | 4 | | | | | 9 | 1 | B | | | 7 | | | |
| 6 | | 1 | | | | | | D | | C | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 0 | E | 3 | 7 | 6 | 5 | 4 | D | A | 8 | C | 9 | 1 | 2 |
| 7 | D | 8 | 1 | 5 | B | 9 | E | C | 0 | 2 | 4 | A | 6 | 3 |
| C | 9 | 3 | 8 | 4 | 0 | 2 | 6 | A | 1 | 5 | B | D | E | 7 |
| 6 | 1 | 4 | A | 9 | 2 | 8 | 7 | B | E | 3 | D | 0 | 5 | C |
| 2 | A | 5 | D | C | E | 1 | 3 | 0 | 7 | 9 | 6 | 8 | B | 4 |
| D | E | 7 | 4 | 3 | A | C | B | 8 | 9 | 0 | 1 | 6 | 2 | 5 |
| 0 | C | 6 | 5 | E | 1 | 4 | A | 7 | 3 | D | 2 | B | 9 | 8 |
| 5 | 3 | B | 0 | 8 | 9 | 6 | D | 2 | 4 | A | E | C | 7 | 1 |
| 4 | 8 | 9 | 2 | B | D | 3 | 1 | 5 | C | 6 | 7 | E | 0 | A |
| 1 | 2 | A | C | 6 | 7 | 0 | 9 | E | 5 | B | 8 | 3 | 4 | D |
| A | B | 1 | 6 | 2 | 4 | 7 | C | 3 | D | E | 0 | 5 | 8 | 9 |
| 3 | 4 | C | E | 0 | 8 | A | 5 | 1 | B | 7 | 9 | 2 | D | 6 |
| 8 | 7 | D | B | A | C | E | 2 | 9 | 6 | 4 | 5 | 1 | 3 | 0 |
| E | 6 | 2 | 9 | 1 | 5 | D | 0 | 4 | 8 | C | 3 | 7 | A | B |
| 9 | 5 | 0 | 7 | D | 3 | B | 8 | 6 | 2 | 1 | A | 4 | C | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରଣାଙ୍ଗନରେ କରୋନା ଯୋଦ୍ଧା

ମହାଶୟ,

ଗଞ୍ଜାମ ଜିଲାରେ କରୋନା ଦ୍ରୁତଗତିରେ ବ୍ୟାପୁଥିବାରୁ ବହୁ ଲୋକ ସଂକ୍ରମିତ ହୋଇ ପରିସ୍ଥିତି ଅଣାୟତ୍ତ ହେବାରୁ ଏହାର ଦୃଢ଼ ମୁକାବିଲା କରିବା ନିମନ୍ତେ ରାଜ୍ୟ ସରକାର ୩୩ ଜଣ ଏମ୍‌ବିବିଏସ୍, ୩୩ ଜଣ ହୋମିଓପାଥି ଓ ୧୦୦ ଜଣ ଆୟୁଷ ଡାକ୍ତରଙ୍କ ସମେତ ୫ ଜଣ ଓଏଏସ୍ ଅଫିସରଙ୍କୁ ସେଠାକୁ ପଠାଇଥିବା ଖବର ପ୍ରକାଶ ପାଇଛି। ଲକ୍ଷାଧିକ ପ୍ରବାସୀ ଏଠାକୁ ଫେରିଥିବାରୁ ସେମାନଙ୍କ ମଧ୍ୟରେ ଥିବା ସଂକ୍ରମିତଙ୍କ ଯୋଗୁ କରୋନା ବ୍ୟାପିବାରେ ଲାଗିଛି। ତେଣୁ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ କରୋନାଯୋଦ୍ଧା ବୋଲି ଅଭିହିତ ହେଉଥିବା ଏହି ୧୬୬ ଜଣ ବିଭିନ୍ନ ଶ୍ରେଣୀର ଡାକ୍ତର ଏଠାରେ ସ୍ୱାସ୍ଥ୍ୟସେବା ଯୋଗାଇଦେଇ ପାରିବେ ବୋଲି ଆଶା କରାଯାଏ। କିଛିଦିନ ତଳେ କଟକ ଏସ୍‌ସିବି ମେଡିକାଲ କଲେଜରେ ପ୍ଲାଜ୍‌ମା ବ୍ୟାଙ୍କ୍ ଉଦ୍‌ଘାଟିତ ହେବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତାଙ୍କ ସରକାର ପାଇଁ ପ୍ରତ୍ୟେକ ବ୍ୟକ୍ତିର ଜୀବନ ସବୁଠାରୁ ମୂଲ୍ୟବାନ। ଏହି ପରିପ୍ରେକ୍ଷୀରେ ଯେଉଁ ଡାକ୍ତରମାନେ ଆଦେଶପ୍ରାପ୍ତ ହୋଇ ଲକ୍‌ଡାଉନ୍ ଘୋଷିତ ହୋଇଥିବା ଏହି ଜିଲାରେ ସଂକ୍ରମିତଙ୍କ ଗହଣରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଉଛନ୍ତି, ସେମାନଙ୍କର ଜୀବନ ମଧ୍ୟ ଅତ୍ୟନ୍ତ ମୂଲ୍ୟବାନ। କରୋନା ପ୍ରତିଷେଧକ ଟିକା ଏ ପର୍ଯ୍ୟନ୍ତ ବାହାରି ନ ଥିବା ଯୋଗୁ ଏମାନେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିବାର ବିଶେଷ ସମ୍ଭାବନା ଥିବାରୁ ଆକ୍ରାନ୍ତ ହେବା ବିଚିତ୍ର ନୁହେଁ। ତେଣୁ ନିଜ ଜୀବନକୁ ବିପନ୍ନ କରି ଯେଉଁ ସ୍ୱାସ୍ଥ୍ୟସେବାକାରୀ ଏହି ଜିଲାରେ ନିୟୋଜିତ ହେଉଛନ୍ତି ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପ୍ରତି ଜିଲା ପ୍ରଶାସନ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ବୋଲି ମନେହୁଏ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

## ଚିରନ୍ତନୀ

ରସହୀନ ମମ ଅନ୍ତରମୟ ପୀଡ଼ିତ ତୃଷିତ ଚିର
ଜୀବନ-ମରୁରେ ନୟନେ ନ ଜାଗେ ନୀର!
ତିକ୍ତ ହିୟା ମୋ କଳୁଷ ବିଷରେ
ଝରିପଡୁ ଧୀରେ ସକଳ ଦିଶରେ
ଅମୃତ ତବ ବହି ଆଣୁ ନବ
ସାନ୍ତ୍ୱନା ହୃଦଗତେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।
(ବର୍ଷା-ଅଶ୍ରୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁବର୍ଣ୍ଣପୁର ପ୍ରାକ୍ତନ ଡେପୁଟି କଲେକ୍ଟର ନିଲମ୍ବିତ

**ସୋନପୁର,୨୭।୭(ନି.ପ୍ର.):** କାର୍ଯ୍ୟରେ ଅବହେଳା ଓ ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ସୁବର୍ଣ୍ଣପୁରର ପ୍ରାକ୍ତନ ଡେପୁଟି କଲେକ୍ଟର ଈଶ୍ୱର ଚନ୍ଦ୍ର ଦାସଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ଏ ନେଇ ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ସଚିବଙ୍କ ଦ୍ୱାରା ନିର୍ଦ୍ଦେଶନାମା ଜାରି ହୋଇଛି। ପରବର୍ତ୍ତୀ ଆଦେଶ ଯାଏ ସେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ରହିବେ ବୋଲି ସେଥିରେ ଉଲ୍ଲେଖ ରହିଛି। ଦାସ ମେ ୧୮ ତାରିଖରେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ ଯୋଗ ଦେଇଥିଲେ। ତେବେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସହଯୋଗ କରିବା ପାଇଁ ତାଙ୍କୁ ଜିଲାପାଳ ମୋନିଷା ବାନାର୍ଜୀ ଡେପୁଟେଶନରେ ପଠାଇଥିଲେ।
ତେବେ ଦାସ ବିଭିନ୍ନ ସମୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ ନ କରିବା ଏବଂ ଅସହଯୋଗ କରୁଥିବା ଅଭିଯୋଗ ହୋଇଥିଲା। ଏପରିକି ନିଶାସକ୍ତ ଅବସ୍ଥାରେ ଅଫିସ ଆସିବା ଭଳି ଘଟଣାକୁ ନେଇ ପିଡି ଡିଆରଡିଏ ଜିଲାପାଳଙ୍କୁ ଜଣାଇଥିଲେ। ଏ ନେଇ ଜିଲାପାଳ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ଏପରିକି ବିଶୃଙ୍ଖଳିତ ଆଚରଣ ପାଇଁ ସରକାରଙ୍କ ବଦଳି ଆଦେଶ ନ ଥାଇ ଦାସଙ୍କୁ ଜୁନ୍ ୩ରେ ଜିଲାପାଳ ରିଲିଭ୍ କରିଥିଲେ।

# ମିଥ୍ୟା ସତ୍ୟପାଠ ପରେ ହାତଗୁଞ୍ଜା

**ହାଇକୋର୍ଟରେ ଗରିବଙ୍କୁ ଧନୀ ଦର୍ଶାଯିବା ପ୍ରସଙ୍ଗ**

- ମାର୍କେଟିଂ ଇନ୍ସପେକ୍ଟର ଅଟକ
- ୩ ଘଣ୍ଟା ପରେ ପୋଲିସ ଦ୍ୱାରା ଉଦ୍ଧାର

**ଯାଜପୁର ଅଫିସ/ ଧର୍ମଶାଳା,୨୭।୭(ଡି.ଏନ.ଏ.)**

କଥାରେ ଅଛି ଗରିବ ପାଇଁ ନୀରବ, ନୀରବ ପାଇଁ ଗରିବ। ଯାଜପୁର ଜିଲାରେ ଏଭଳି ସ୍ଥିତି ପ୍ରାୟ ଦେଖିବାକୁ ମିଳେ। ହେଲେ ଧର୍ମଶାଳା ବ୍ଲକରେ ଦୀର୍ଘଦିନ ଧରି ନୀରବ ସାଜି ରାଶନକାର୍ଡ ତାଲିକାରୁ ବାଦ୍ ପଡ଼ିଥିବା ଗରିବ ଲୋକ ସ୍ୱର ଉତ୍ତୋଳନ ଆରମ୍ଭ କରିଛନ୍ତି, ଯାହା ସୋମବାର ମହିସରା ପଞ୍ଚାୟତ ରମ୍ପେଇ ଗ୍ରାମରେ ଦେଖିବାକୁ ମିଳିଛି। ରାଶନକାର୍ଡ ତାଲିକାରୁ ବାଦ୍ ପଡ଼ିଥିବା ରମ୍ପେଇର ହିତାଧିକାରୀମାନଙ୍କ ନିକଟକୁ ତଦନ୍ତ ପାଇଁ ଯାଇଥିବା ଯୋଗାଣ ବିଭାଗର ମାର୍କେଟିଂ ଇନ୍ସପେକ୍ଟର(ଏମ୍ଆଇ) ଜଗମୋହନ ଦାସଙ୍କ ନାଁରେ ଗ୍ରାମବାସୀ ଗୁରୁତର ଅଭିଯୋଗ କରିଛନ୍ତି। ଏମ୍ଆଇ ଦାସ କୁଆଡେ ରମ୍ପେଇର ସମ୍ପୃକ୍ତ ହିତାଧିକାରୀମାନଙ୍କୁ ହାତଗୁଞ୍ଜା ଦେଇ ମତ ବଦଳାଇବାକୁ ଉଦ୍ୟମ କରିଥିଲେ। ତେଣୁ ତାଙ୍କୁ ଅଟକ ରଖାଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଖବର ପାଇ ଜେନାପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୩ ଘଣ୍ଟା ଧରି ଅଟକ ଥିବା ଏମ୍ଆଇ ଦାସଙ୍କୁ ଉଦ୍ଧାର କରିଛି।

ହାଇକୋର୍ଟ ମାମଲାରୁ ବର୍ତ୍ତିବାକୁ ଗରିବ ଲୋକଙ୍କୁ ଧନୀ ଦର୍ଶାଇ ଧର୍ମଶାଳା ବିଡିଓ ସତ୍ୟପାଠ ଦାଖଲ କରିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଉପରେ ଧରିତ୍ରୀରେ ୧୭।୭।୨୦୨୦ରେ ଖବର ପ୍ରକାଶ ପାଇଥିଲା। ଏହାପରେ ରବିବାର ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଘଟଣାର ସିବିଆଇ ତଦନ୍ତ ଏବଂ ଧର୍ମଶାଳା ବିଡିଓଙ୍କୁ ବହିଷ୍କାର କରାଯାଉ ବୋଲି ଦାବି କରିଛନ୍ତି। ଧର୍ମଶାଳା ବ୍ଲକରେ ଗରିବ ଓ ମୃତ ଲୋକଙ୍କ ନାମରେ ରାଶନ ସାମଗ୍ରୀ ହଡ଼ପ ହୋଇଥିବା ନେଇ ଗତ ଏପ୍ରିଲରେ ପର୍ଦ୍ଦାଫାଶ ହୋଇଥିଲା। ଏନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ମାଧ୍ୟମରେ ଯାଜପୁର ଜିଲାପାଳ, ଉପଜିଲାପାଳ ଓ ଧର୍ମଶାଳା ବିଡିଓଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହି କ୍ରମରେ ୧୪।୫।୨୦୨୦ରେ ଧର୍ମଶାଳା ବିଡିଓ ଏକ ସତ୍ୟପାଠ ଦାଖଲ କରି ୩୧ ଜଣ ହିତାଧିକାରୀଙ୍କୁ କାହିଁକି ରାଶନକାର୍ଡରୁ ବଞ୍ଚିତ କରାଯାଇଛି ସେ ନେଇ ତଥ୍ୟ ରଖିଥିଲେ। ଅଭିଯୋଗକାରୀ ବେହୁରା ୩।୭।୨୦୨୦ରେ ଉକ୍ତ ସତ୍ୟପାଠ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣିତ କରି ପ୍ରତି ଜବାବ ରଖିଥିଲେ। ପାଖର ପଞ୍ଚାୟତ ଛେଳିପଦା ଗ୍ରାମର ଦଳି ମଲିକ ସ୍ୱାମୀ-ବେଲାଳସେନ ମଲିକଙ୍କ ରାଶନକାର୍ଡକୁ ଅତ୍ୟଧିକ ବିଦ୍ୟୁତ୍ ଖର୍ଚ୍ଚ ପାଇଁ, କମାଗଡ଼ ପଞ୍ଚାୟତ କମାଗଡ଼ ଗ୍ରାମର ଦୀପ୍ତିମୟୀ ମହାରଣା, ସ୍ୱାମୀ ଧ୍ରୁବଚରଣ ମହାରଣାଙ୍କ ରାଶନକାର୍ଡକୁ ତାଙ୍କ ଶ୍ୱଶୁର ରେଲୱେ ପେନ୍‌ସନ ପାଉଥିବା ଦର୍ଶାଇ ଏବଂ ମହିସରା ପଞ୍ଚାୟତର ରମ୍ପେଇ ଗ୍ରାମର ସ୍ୱର୍ଣ୍ଣଲତା ବିଶ୍ୱାଳ ସ୍ୱାମୀ- ମାୟାଧର ବିଶ୍ୱାଳଙ୍କ ରାଶନକାର୍ଡକୁ ୬ ବଖରା କୋଠାଘର ରହିଥିବା ଦର୍ଶାଇ କାଟି ଦିଆଯାଇଛି। ସୋମବାର ପୂର୍ବାହ୍ନରେ ଧର୍ମଶାଳା ଏମ୍ଆଇ ଦାସ ରମ୍ପେଇକୁ ଯାଇ ଘଟଣାର ତଦନ୍ତ କରିଥିଲେ। ସେ କୁଆଡ଼େ ସ୍ୱର୍ଣ୍ଣଲତାଙ୍କ ପରିବାରବର୍ଗଙ୍କୁ କିଛି ଟଙ୍କା ଦେଇ ମତ ବଦଳାଇବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ତାଙ୍କୁ ଘେରାଉ କରିଥିଲେ। ଆସନ୍ତୁ ଘର ଦେଖନ୍ତୁ, କେଉଁଠି ୬ ବଖରା ପକ୍କା ଘର ଅଛି ବୋଲି ଗ୍ରାମବାସୀ ତାଙ୍କୁ ଓଲଟା ପ୍ରଶ୍ନ କରିଥିଲେ। ତଦନ୍ତକାରୀ ଅଧିକାରୀଙ୍କୁ ଡାକନ୍ତୁ ତା'ପରେ ଯାଇ ଆପଣଙ୍କୁ ଛଡ଼ାଯିବ ବୋଲି ଗ୍ରାମବାସୀ କହିଥିଲେ।

ଅନ୍ୟପକ୍ଷେ ଅଭିଯୋଗକାରୀ ସର୍ବେଶ୍ୱର ବେହୁରା କହିଛନ୍ତି, ସାଧାରଣ ଲୋକଙ୍କ ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ରରୂପ ନେଉଛି। ଗରିବ ଲୋକ ନିଜ ହକ୍ ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ଆଗାମୀ ଦିନରେ ଏଭଳି ଦୁର୍ନୀତିଖୋର ଅଧିକାରୀଙ୍କ ମୁଖା ଖୋଲିବା ସୁନିଶ୍ଚିତ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଧର୍ମଶାଳା ବିଡିଓ ସ୍ମିତା ରଥଙ୍କୁ ପଚାରିବାରେ ସେ କହିଛନ୍ତି, ଏମ୍ଆଇ ଅଭିଯୋଗ ଉପରେ ତଦନ୍ତ ପାଇଁ ଯାଇଥିଲେ। ସେଠାରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ହିତାଧିକାରୀଙ୍କୁ ହାତଗୁଞ୍ଜା ଦେବା ଖବର ସମ୍ପୂର୍ଣ୍ଣ ମିଥ୍ୟା। ଏନେଇ ଉପଜିଲାପାଳଙ୍କୁ ଏମ୍ଆଇ ଦାସ ସୂଚନା ଦେଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜେନାପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ।



ଗ୍ରାମବାସୀଙ୍କ ଦ୍ୱାରା ଅଟକ ଏମ୍ଆଇ ଜଗମୋହନ ଦାସ

# ଚିଲିକାରେ ଭସାପୋଲ, ଡଙ୍ଗା ଚଳାଚଳ ୭ଦିନ ବନ୍ଦ

**କୃଷ୍ଣପ୍ରସାଦ,୨୭।୭(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣକୁ ରୋକିବା ଲାଗି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି ଚିଲିକାରେ ଯାତାୟାତ ପାଇଁ ବ୍ୟବହୃତ ହେଉଥିବା ଭସାପୋଲ ଓ ଡଙ୍ଗାକୁ ସୋମବାରଠାରୁ ୭ଦିନ ପର୍ଯ୍ୟନ୍ତ ବନ୍ଦ କରିଛନ୍ତି। ଜହ୍ନିକୁଦାରୁ ସାତପଡ଼ାକୁ ଯାଉଥିବା ଭସାପୋଲ ଓ ଡଙ୍ଗା ଚଳାଚଳକୁ ବନ୍ଦ କରାଯାଇଛି। ସେହିପରି ପାରିକୁଦ ଗଡ଼ଠାରୁ ବାଲୁଗାଁ ଯାତାୟାତ କରୁଥିବା ଯାତ୍ରୀବାହୀ ଲଞ୍ଚ, ଘରୋଇ ଓ ଘାଟ ଡଙ୍ଗା ଚଳାଚଳକୁ ମଧ୍ୟ ବନ୍ଦ କରାଯାଇଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯାତାୟାତ କରୁଥିବା ଏକ ଯାତ୍ରୀବାହୀ ଭସାପୋଲ, ଘରୋଇ ଓ ପଞ୍ଚାୟତ ସ୍ୱୀକୃତିପ୍ରାପ୍ତ ଯାତ୍ରୀବାହୀ ଡଙ୍ଗାକୁ ବନ୍ଦ କରାଯାଇଛି। ପ୍ରୟାଗୀଠାରୁ ଚିଲିକାର ରିଂବନ୍ଧ ଦେଇ ଗଳା ରାସ୍ତାରେ କେତେଜଣ ବ୍ୟବସାୟୀ ଗଞ୍ଜାମ, ଖୋର୍ଦ୍ଧା ଜିଲାକୁ ଯାତାୟାତ କରୁଥିବାରୁ ଉକ୍ତ ରାସ୍ତାରେ ଏକ ବାଉଁଶ ବାଡ଼ କରାଯାଇ ଅବରୋଧ କରାଯାଇଛି। ଏହି ବ୍ଲକର ବୁଦ୍ଧିବରରେ ୩ ଓ ବଜ୍ରକୋଟ ପଞ୍ଚାୟତରେ ୭ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ମାଲୁଦ ପଞ୍ଚାୟତର ସରପଞ୍ଚ ରବୀନ୍ଦ୍ରନାଥ ଦାସ ଜିଲାପାଳଙ୍କ କ୍ଷମତା ପ୍ରୟୋଗକରି ମାଲୁଦ ରାଜାବଜାରକୁ ୭ଦିନ ଯାଏ ଅପରାହ୍ନ ୧ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେହିଭଳି ବଜ୍ରକୋଟ ସରପଞ୍ଚ ୭ଦିନ ପର୍ଯ୍ୟନ୍ତ ବଜ୍ରକୋଟ ଗ୍ରାମକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଅନ୍ୟପଟେ ପୁରୀ-ଗଞ୍ଜାମ ସୀମା ନନ୍ଦଳାଠାରେ ରାସ୍ତାକୁ ସିଲ୍ କରାଯାଇଛି।


**DIRECTORATE OF TEXTILES, ODISHA**
BHUBANESWAR-751007

No.___________/Tex. Dated the
IE-Gen.- 46/2019

**ADVERTISEMENT**

No. PP-05: Applications are invited only from retired Government Servants having work experience in Sericulture Sector for re-engagement against 01 No. of Asst. Director of Sericulture, 10 posts of Technical Inspectors under Sericulture Sector of the Directorate of Textiles, Odisha on contract basis initially for a period of one year or till the said posts are filled up on regular basis, whichever is earlier. The period of engagement can be extended subject to satisfactory performance up to a total period of four years not beyond the age of 65 years of age in any case. The consolidated remuneration will be guided as per F.D.O.M No.7022/F, dt.17.03.2018 as detailed below which excludes the pension & T.I. which he/she avails. The willing retired Asst. Director of Sericulture, Production Officers, Technical Inspectors shall apply in the enclosed format.

| Sl. No. | Levels under ORSP Rules, 2017 | Consolidated Remuneration (Per Month) |
|---|---|---|
| 1 | 2 | 3 |
| 1 | 15, 16 & 17 | Rs.42,000/- |
| 2 | 11, 12, 13 & 14 | Rs.30,000/- |
| 3 | 5, 6, 7, 8, 9 & 10 | Rs.13,000/- |
| 4 | 1, 2, 3 & 4 | Rs.6,500/- |

**Eligibility Conditions:-**
(i) Retired Govt. Servants below 65 years of age having good service records and physically fit.
(ii) Officers against whom departmental proceedings or criminal cases are contemplated/ pending or who have been penalised for misconduct during the period of preceding five years are not eligible for consideration for re-engagement.

**Other Conditions:-**
(i) The re-engaged Govt. Servant shall abide by the Odisha Govt. Servants' Conduct Rules,1957. He/She shall be liable to be proceeded against for misconduct, omission and commission as per the provision under the Odisha Pension Rules,1992.
(ii) The contractual engagement can be terminated at any time due to unsatisfactory performance by giving one month's notice. If the reengaged Govt. Servant desires to resign, he/she shall do so by giving one month's written notice to the Competent Authority.
(iii) The last date of receipt of application in the enclosed format by Speed Post/Registered Post is 07.08.2020 upto 5.00 P.M. Only shortlisted candidates will be called for interview.
(iv) The Directorate reserves the right to accept or reject any/ all applications without assigning any reason thereof.
The information regarding re-engagement of above mentioned posts can also be downloaded from the website: **www.sadhacodisha.org/https://handloom.odisha.gov.in.**

**Director of Textiles & Handloom, Odisha**

**APPLICATION FOR RE-ENGAGEMENT OF RETIRED GOVT. SERVANTS ON CONTRACTUAL BASIS**

1. Name of the applicant in capital Letters:-
2. Date of Birth / Date of Superannuation:-
3. Name of the post in which he/she retired:-
4. Name of the post applied for:-
5. Father's / Husband's name:-
6. Permanent Address:-
7. Present Address:-
8. Telephone Number:-
9. Duration of Service rendered in the post:-

| Sl. No. | Name of the Post | Service Rendered | |
|---|---|---|---|
| | | From | To |
| 1 | | | |
| 2 | | | |
| 3 | | | |
| 4 | | | |
| 5 | | | |

10. Pending Departmental Proceedings (if any):-
11. Pending Vigilance / Criminal cases (if any):-
12. Remarkable performance in Govt. Service (if any):-

NB: Copy of retirement notice / PPO / GPO / 1st page of Pension Book (if any), two recent passport size photographs duly attested, copy of Aadhar Card, Medical Fitness Certificate obtained from a registered medical practitioner be enclosed for reference.

**DECLARATION**

I ____________________ do hereby, declare that, the information / particulars furnished by me in this application form are true to the best of my knowledge and belief. In case, any information is found to be incorrect, my candidature shall liable to be summarily rejected.

**(Full Signature of the Applicant with date)**

OIPR-31003/11/0003/2021




ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ଆକାଶରେ ବିଜୁଳିର ଚମକ।

# ରାଜସ୍ଥାନ ରାଜନୀତି ନେଇ ରାଜଭବନ ସମ୍ମୁଖରେ ପିସିସିର ବିକ୍ଷୋଭ

**ଭୁବନେଶ୍ୱର,୨୭।୭(ବ୍ୟୁରୋ):** ରାଜସ୍ଥାନ ରାଜନୀତି କଥା ସବୁଆଡ଼େ ଚର୍ଚ୍ଚା ହେଉଥିବା ବେଳେ ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି। ଏ ଘଟଣାକୁ ନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରୁଥିବା କରାଯାଉଥିବା ଅଭିଯୋଗ ହୋଇଛି। ଏହାସହ ଯେଉଁ ରାଜ୍ୟଗୁଡିକରେ କଂଗ୍ରେସ ସରକାର ରହିଛି ସେଠାରେ ଭାଜପା ଜାଣିଶୁଣି ସରକାର ଭାଙ୍ଗିବାକୁ ଚେଷ୍ଟା କରୁଛି। ରାଜସ୍ଥାନରେ ବହୁମତ ପାଇ ସରକାର ଗଠନ କରିଥିବା କଂଗ୍ରେସ ବିଧାୟକମାନଙ୍କୁ ଅର୍ଥ ଓ ମନ୍ତ୍ରୀପଦ ପ୍ରଲୋଭନ ଦେଖାଇ ସରକାରରେ ଅସ୍ଥିରତା ସୃଷ୍ଟି କରିଥିବା କଂଗ୍ରେସ ଅଭିଯୋଗ କରିଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ କ୍ୟାବିନେଟ୍ ଅନୁମୋଦନରେ ଜରୁରୀ ବିଧାନସଭା ଅଧିବେଶନ ପାଇଁ ରାଜ୍ୟପାଳଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଭାଜପା ପ୍ରରୋଚନାରେ ରାଜ୍ୟପାଳ ତାହା ଗ୍ରହଣ କରୁ ନ ଥିବା ଅଗଣତାନ୍ତ୍ରିକ ବୋଲି କୁହାଯାଇଛି। ଏହାକୁ ବିରୋଧକରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳର ବହୁ ବିଧାୟକ ଏବଂ ନେତା ରାଜଭବନ ସମ୍ମୁଖରେ ବିକ୍ଷୋଭ କରିଛନ୍ତି।

ଏହି ଅବସରରେ ନିରଞ୍ଜନ କହିଛନ୍ତି, ଭାଜପା ଅର୍ଥବଳ ଓ ବାହୁବଳ ଖଟାଇବା ସହ କେନ୍ଦ୍ରୀୟ ପ୍ରଶାସନିକ ବ୍ୟବସ୍ଥାର ଦୁରୁପଯୋଗ କରି ନିର୍ବାଚିତ ବିଧାୟକମାନଙ୍କୁ ଅର୍ଥ ପ୍ରଲୋଭନ ଦେଖାଉଛି। ଗୋଟିଏ ପରେ ଗୋଟିଏ କେନ୍ଦ୍ର ଶାସିତ ରାଜ୍ୟଗୁଡିକରେ କଂଗ୍ରେସ ବିଧାୟକମାନଙ୍କୁ କ୍ଷମତା ଲୋଭର ବଶୀଭୂତ କରିବାକୁ ଚାହୁଁଛନ୍ତି। ସେଥିରେ ବିଫଳ ହେଲେ ବାହୁବଳ ପ୍ରୟୋଗ କରୁଛନ୍ତି। ନିର୍ବାଚିତ ପ୍ରତିନିଧିମାନଙ୍କୁ ଜୋର ଜବରଦସ୍ତ ହୋଟେଲରେ ନଜରବନ୍ଦୀ କରି ରଖାଯାଉଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି। ଦେଶରେ କରୋନା ବ୍ୟାପିବାରେ ଲାଗିଥିବା ବେଳେ ସାଧାରଣ ଜନତାଙ୍କ ଜୀବନ ଅପେକ୍ଷା କଂଗ୍ରେସ ସରକାରରେ ଅସ୍ଥିରତା ସୃଷ୍ଟି କରିବା ନରେନ୍ଦ୍ର ମୋଦି ସରକାରଙ୍କ ପ୍ରାଥମିକତା ହୋଇଛି। ସଂଖ୍ୟା ଗରିଷ୍ଠ କଂଗ୍ରେସ ଶାସିତ ରାଜ୍ୟରେ ବିଧାନସଭାରେ ପ୍ରମାଣ ଦେବା ପାଇଁ ସୁଯୋଗ ଦିଆଯାଉନାହିଁ।

# କେନ୍ଦ୍ର ଯୋଜନାକୁ ନିଜର କହୁଛନ୍ତି ଶାସକ ଦଳ ନେତା: ଭାଜପା

**ଭୁବନେଶ୍ୱର,୨୭।୭(ବ୍ୟୁରୋ):** କରୋନାର ଭୟାବହତା ସମଗ୍ର ବିଶ୍ୱକୁ ଥରହର କରୁଥିବା ବେଳେ ଏହାକୁ ରୋକିବା ପାଇଁ ଚାରିଆଡେ ଲକ୍‌ଡାଉନ, ଶଟ୍‌ଡାଉନ ପରି ବିକଳ୍ପ ବ୍ୟବସ୍ଥା କରାଯାଉଛି। କରୋନା ସମୟରେ ନବରଙ୍ଗପୁର ଏମ୍‌ପି କୋଭିଡ୍ ନିୟମକୁ ବେଖାତିରକରି ହଜାର ହଜାର ଗରିବ, ନିରୀହ ଲୋକଙ୍କ ଜୀବନ ସହିତ ଖେଳୁଛନ୍ତି। ସରକାରୀ, ରାଜନୈତିକ ତଥା ଧାର୍ମିକ କାର୍ଯ୍ୟକ୍ରମ କରିବା ଓ ବିବାହ ପାଇଁ ମାତ୍ର ୫୦ ଲୋକ, ଦଶାହ ପାଇଁ ୨୫ ଲୋକଙ୍କୁ ନେଇ କାର୍ଯ୍ୟକ୍ରମ କରିବା ପାଇଁ ସରକାର ନିୟମ କରିଛନ୍ତି। ଏହି ସମୟରେ ଏମ୍‌ପି ପେନ୍‌ସନ ବାଣ୍ଟିବା ନାଁରେ ଶହଶହ ଲୋକଙ୍କୁ ଏକାଠି କରିବାର ନଜିର ଦୃଷ୍ଟିକୁ ଆସୁଛି। ପେନ୍‌ସନ ବାଣ୍ଟିବା ନାଁରେ ଗରିବଙ୍କ ଜୀବନ ସହିତ ଖେଳି ଶାସକ ଦଳ ଏମ୍‌ପି/ବିଧାୟକମାନେ ବାହାଦୁରି ମାରୁଛନ୍ତି ବୋଲି ପୂର୍ବତନ ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝି ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବଳଭଦ୍ର କହିଛନ୍ତି, କରୋନା ସମୟରେ ଗରିବ ଲୋକ କୌଣସି ଅସୁବିଧାରେ ନ ପଡନ୍ତୁ। କେନ୍ଦ୍ର ସରକାର ଏଥିଲାଗି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ବହୁତ ସୁବିଧା ଯୋଗାଉଛନ୍ତି। ଏହି ସୁବିଧା ଯେତେଶୀଘ୍ର ଲୋକଙ୍କ ପାଖରେ ପହଞ୍ଚିବ ସେତେ ଉପକୃତ ହେବେ। କିନ୍ତୁ ସରକାର ଗରିବ ଲୋକଙ୍କ ପାଇଁ କରୋନା ସମୟରେ ସେମିତି କିଛି ଆଖିଦୃଶିଆ କାମ ନ କରି କେନ୍ଦ୍ର ସରକାରଙ୍କ ଯୋଜନାକୁ ନିଜର କହୁ ଛନ୍ତି। ଏପରି କୁପ୍ରଚାର ସେମାନେ କରୋନା ସମୟରେ କରିବାକୁ ମଧ୍ୟ ପଛାଉ ନାହାନ୍ତି। କିଛିଦିନ ହେଲା ନବରଙ୍ଗପୁରର ଏମ୍‌ପି ବିଭିନ୍ନ ଜାଗା ବୁଲି ନିଜେ ଏହି ସବୁ ପେନ୍‌ସନ ଓ କେନ୍ଦ୍ରର ଅନ୍ୟାନ୍ୟ ସୁବିଧା ବାଣ୍ଟୁଛନ୍ତି। ନିଜର ମିଥ୍ୟା ପ୍ରଚାର ପାଇଁ ସେ ଗରିବ ଲୋକଙ୍କୁ କରୋନାର ଶିକାର କରାଇବାକୁ ଯାଉଛନ୍ତି ବୋଲି ମାଝି କହିଛନ୍ତି।

# ଗାଡ଼ି ପାଇଁ ମା'ଙ୍କୁ ହତ୍ୟା କଲେ ପୁଅ

**ଛୁରାମାଡ଼ରେ ଭଉଣୀ, ଭଣଜା, ପୁତୁରା ଆହତ**

**ଶଙ୍କରାଖୋଲ(ଡି.ଏନ୍.ଏ.)/ଫୁଲବାଣୀ ଅଫିସ୍,୨୭।୭:** କନ୍ଧମାଳ ଜିଲା ସଦର ଥାନା ମାଝିପଦର ଗ୍ରାମରେ ରବିବାର ରାତିରେ ଏକ ୨ ଚକିଆ ଗାଡ଼ିକୁ ନେଇ ପୁଅ ଛୁରି ଭୁସି ମା'ଙ୍କୁ ହତ୍ୟା କରିଛନ୍ତି। ଏଥିରେ ଭଉଣୀ, ଭଣଜା ଓ ପୁତୁରା ଆହତ ହୋଇଛନ୍ତି। ସମସ୍ତଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହତ୍ୟା ଅଭିଯୁକ୍ତ ପୁଅ ଭାଗୀରଥି ବେହେରାଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

ରବିବାର ଭାଗୀରଥିଙ୍କ ୨ ଚକିଆ ଗାଡ଼ି ନେଇ ପୁତୁରା ଶାନ୍ତନୁ ବେହେରା କେଉଁଆଡ଼େ ଯାଇଥିବା ବେଳେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିର ଭାଙ୍ଗି ଥିବାରୁ ମରାମତି ପାଇଁ ଭାଗୀରଥିଙ୍କୁ ଶାନ୍ତନୁ ୨ ହଜାର ଟଙ୍କା ଦେବାକୁ ଆସିଥିଲେ। ଭାଗୀରଥି ଟଙ୍କା ନେବାକୁ ମନା କରି ନୂଆ ଗାଡ଼ି ଦିଅବୋଲି କହିଥିଲେ। ତାଙ୍କୁ ମା' ଉର୍ମିଳା ଓ ଘରକୁ ଆସିଥିବା ଭଉଣୀ ବୃନ୍ଦାବତୀ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଭାଗୀରଥି ଛୁରି ଧରି ମା' ଉର୍ମିଳା, ବୃନ୍ଦାବତୀ, ଶାନ୍ତନୁଙ୍କ ସମେତ ଭଣଜା ବବୁଲ ଦେଉରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମା' ଉର୍ମିଳାଙ୍କ ମୃତ୍ୟୁ ଘଟିଥିଲା। ବୃନ୍ଦାବତୀ ସୋମବାର ସଦର ଥାନାରେ ଅଭିଯୋଗ କରିଛନ୍ତି। ନଂ.୬୭/୨୦ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଅଛନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ପାର୍ଟ ଟାଇମ୍ କାମ
ଟେଲିକମ୍ 4ଜି କମ୍ପାନୀରେ (ଏସ୍‌ଏମ୍‌ଏସ୍-କାମ) କରି, ପୁଅ, ଝିଅ, ଗୃହିଣୀମାନେ ଘରେ ବସି ମାସିକ 15,000- 45,000 ରୋଜଗାର କରନ୍ତୁ। ଲାପ୍‌ଟପ୍ + ମୋବାଇଲ ମାଗଣା ଏସ୍‌ଏମ୍‌ଏସ୍/କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
ମୋବାଇଲ + ଲାପ୍‌ଟପ୍ ମାଗଣା
07044895450
07044895402

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ
ଭଡ଼ା- 65,000
ବାଇକ୍ ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi



**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଓଡ଼ିଶାକୁ ୫୧୨୨ କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ,୨୭।୭:** ଆର୍ଥିକ ବର୍ଷ ୨୦୧୯-୨୦ରେ କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କ୍ଷତିପୂରଣ ବାବଦ ଓଡ଼ିଶାକୁ ମୋଟ ୫,୧୨୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ରାଜ୍ୟଗୁଡ଼ିକୁ ମୋଟ ୧୩,୮୦୬ କୋଟି ଟଙ୍କା କ୍ଷତିପୂରଣ ରାଶି ମିଳିଛି। ଗତ ଆର୍ଥିକ ବର୍ଷରେ ଦେଶର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ କେନ୍ଦ୍ର ୧.୬୫ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ ଦେଇଛି। ସେହିଭଳି ୯୫,୪୪୪ କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ ଭାବେ ସଂଗ୍ରହ ହୋଇଥିବା ଜଣାପଡିଛି। ୨୦୧୭-୧୮ ଏବଂ ୨୦୧୮-୧୯ରେ ସରକାର ଜିଏସ୍‌ଟି କ୍ଷତିପୂରଣ ରାଶି ଭାବେ ସଂଗ୍ରହ କରିଥିବା ବଳକା ଅର୍ଥକୁ ଗତ ଆର୍ଥିକ ବର୍ଷର କ୍ଷତିପୂରଣ ରାଶି ଭାବେ ଦେଇଛନ୍ତି। ଏହାବାଦ ସରକାର କନ୍‌ସୋଲିଡେଟେଡ୍ ଫଣ୍ଡ ଅଫ୍ ଇଣ୍ଡିଆରୁ ୩୩,୪୧୨ କୋଟି ଟଙ୍କାର ରାଶି ମଧ୍ୟ ଏହି ଅର୍ଥରେ ଜିଏସ୍‌ଟି କ୍ଷତିପୂରଣ ଫଣ୍ଡକୁ ହସ୍ତାନ୍ତର କରିଛନ୍ତି।

### ଭାରତରେ ଅର୍ଦ୍ଧାଧିକ କର୍ମଚାରୀଙ୍କୁ ଛଟେଇ କରିବ ହୁଆୱେ

**ନୂଆଦିଲ୍ଲୀ,୨୭।୭:** ପ୍ରାଥମିକ ପର୍ଯ୍ୟାୟରେ ୫୯ ଚାଇନା ଉପରେ ବ୍ୟାନ୍ ଲାଗିବାରୁ ସେଠାକାର କମ୍ପାନୀଗୁଡିକ ଭାରତରେ କାରବାର କରିବା ଆଶା ମଉଳିଯାଇଛି। ଏଭଳି ପରିସ୍ଥିତିରେ ଚାଇନାର ଟେଲିକମ୍ କମ୍ପାନୀ ହୁଆୱେ ଟେକ୍ନୋଲୋଜି ଭାରତରେ କାରବାର କରିବା ଲକ୍ଷ୍ୟକୁ ହ୍ରାସ କରିଛି। ଏହା ସହ କମ୍ପାନୀ ଭାରତରେ କାମ କରୁଥିବା ଏହାର ଅର୍ଦ୍ଧାଧିକ କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ପୂର୍ବରୁ କମ୍ପାନୀ ଭାରତ ବଜାର ଲାଗି ୮୦୦ ନିୟୁତ ଡଲାର କାରବାର କରିବାକୁ ଲକ୍ଷ୍ୟ ରଖିଥିଲା। ହେଲେ ବର୍ତ୍ତମାନ ଏହାକୁ ୩୦୦ରୁ ୫୦୦ ନିୟୁତ ଡଲାରକୁ ଖସାଇ ଦେଇଛି। ଏହାବାଦ୍ କମ୍ପାନୀ ଭାରତରେ କାମ କରୁଥିବା ଏହା ୬୦ରୁ ୭୦% ଷ୍ଟାଫ୍‌ଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

# ପର୍ଯ୍ୟଟନ ଶିଳ୍ପର କ୍ଷତି ୧୫ ଲକ୍ଷ କୋଟି

**ନୂଆଦିଲ୍ଲୀ,୨୭।୭**



କରୋନା ସାରା ବିଶ୍ୱ ବଜାରକୁ ଦୋହଲାଇ ଦେଇଛି। ଏହାଦ୍ୱାରା ଦେଶର ପର୍ଯ୍ୟଟନ ଶିଳ୍ପ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କା କ୍ଷତି ସହିଥିବା ଶିଳ୍ପ ପକ୍ଷରୁ ଆକଳନ କରାଯାଇଛି। ଫେଡେରେଶନ ଅଫ୍ ଆସୋସିଏଶନ ଇନ୍ ଇଣ୍ଡିଆନ ଟୁରିଜମ ଆଣ୍ଡ ହସ୍ପିଟାଲିଟି(ଏଫ୍‌ଏଆଇଟିଏଚ୍) ଏବଂ ଏହାର ସହଯୋଗୀ ଏଆଇଆର୍‌ଡିଏ ଭାରତୀୟ ପର୍ଯ୍ୟଟନ ଶିଳ୍ପ ସହିଥିବା କ୍ଷତିକୁ ନେଇ ଏଭଳି ଆକଳନ କରିଥିବା ଜଣାପଡ଼ିଛି। ଏହି ଦୁଇ ସଂସ୍ଥା ଦେଶର ହୋଟେଲ, ପର୍ଯ୍ୟଟନ, ଭ୍ରମଣ ଏବଂ ଆତିଥେୟତା ଶିଳ୍ପକୁ ପ୍ରତିନିଧିତ୍ୱ କରିବା ସହ ନୀତି ନିର୍ଦ୍ଧାରଣକାରୀ ସଂଘ ଭାବେ କାମ କରୁଛି। ଏଡିଟିଓଆଇ, ଏଟିଓଏଆଇ, ଏଫ୍‌ଏଚ୍‌ଆର୍‌ଏଆଇ, ଏଚ୍‌ଏଆଇ, ଆଇଏଟିଓ, ଆଇସିପିବି, ଆଇଏଚ୍‌ଏଚ୍‌ଏ, ଆଇଟିଟିଏ, ଟିଏଏଆଇ, ଟିଏଏଫ୍‌ଆଇ ଭଳି ସଂଘଗୁଡ଼ିକ ବର୍ତ୍ତମାନ କ୍ଷତିକୁ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଏଫ୍‌ଏଆଇଟିଏଚ୍ ମାର୍ଚ୍ଚ ୨୦୨୦ରେ ସରକାରଙ୍କୁ କ୍ଷୟକ୍ଷତି ନେଇ ଏକ ଆକଳନ ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ କୁହାଯାଇଥିଲା ଯେ, ମହାମାରୀ ଯୋଗୁ ଦେଶର ପର୍ଯ୍ୟଟନ ଶିଳ୍ପ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର କ୍ଷତି ସହିବ। ପରିସ୍ଥିତି ବେଶି ବିଗିଡ଼ିବାକୁ ଏହାକୁ ଗତ ମାସ ୧୦ ଲକ୍ଷ କୋଟି ଟଙ୍କାକୁ ପରିବର୍ତ୍ତିତ କରାଯାଇଥିଲା। ମାତ୍ର କରୋନା ମାମଲା ବର୍ତ୍ତମାନ ବଢୁଥିବାରୁ ପର୍ଯ୍ୟଟନ ଶିଳ୍ପରେ ଦୀର୍ଘମିଆଦୀ ନକାରାତ୍ମକ ସ୍ଥିତି ସୃଷ୍ଟି ହୋଇଛି। ଫଳରେ ଏହି ଶିଳ୍ପ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କାର କ୍ଷତି ସହିବ ବୋଲି ଏକ ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି। ରିପୋର୍ଟ ମୁତାବକ ବର୍ତ୍ତମାନ ପର୍ଯ୍ୟଟନ ଶିଳ୍ପର ଯୋଗାଣ ଚେନ୍ କ୍ଷତିଗ୍ରସ୍ତ ହୋଇଛି। କରୋନା ବଢିବା ଯୋଗୁ ଅନ୍‌ବାଉଣ୍ଡ, ଡିମୋଷ୍ଟିକ ଏବଂ ଆଉଟବାଉଣ୍ଡ ମାର୍କେଟର ସପ୍ଲାଇଚେନ୍ ଭାଙ୍ଗି ଯାଇଛି। ମାର୍ଚ୍ଚରେ କରୋନା କଟକଣାର ପ୍ରଭାବ ପ୍ରାୟ ୯ ମାସ ଯାଏ ଶିଳ୍ପ ଉପରେ ରହିବ ବୋଲି କୁହାଯାଉଛି। ପର୍ଯ୍ୟଟନ ଶିଳ୍ପ କ୍ଷତିଗ୍ରସ୍ତ ହେବା ଯୋଗୁ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)କୁ ପ୍ରତ୍ୟକ୍ଷ ଭାବେ ପ୍ରାୟ ୧୦% ପ୍ରଭାବ ପଡିବ। ସାରା ବର୍ଷ କଥା ବିଚାରକଲେ ଭାରତର ପର୍ଯ୍ୟଟନ ଉଦ୍ୟୋଗର ସମ୍ପୂର୍ଣ୍ଣ ଅର୍ଥନୈତିକ ମଲ୍ଟିପ୍ଲାୟର ଭାଲ୍ୟୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କା ହେବ। ଆଗାମୀ ୩ ତ୍ରୈମାସ ଯାଏ ପର୍ଯ୍ୟଟନ ଶିଳ୍ପ କ୍ଷତିଗ୍ରସ୍ତ ହୋଇ ରହିବ।

# ଫ୍ୟୁଚର ଗ୍ରୁପ୍ ଅଂଶଧନ କିଣିପାରେ ରିଲାଏନ୍ସ



**ନୂଆଦିଲ୍ଲୀ,୨୭।୭**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୁକେଶ ଅମ୍ବାନୀ ବର୍ତ୍ତମାନ ଚର୍ଚ୍ଚାରେ ରହି ଆସିଛନ୍ତି। ରିଟେଲ କାରବାରରେ ନିଜର ଉପସ୍ଥିତିକୁ ଦୃଢ କରିବା ଲାଗି ରିଲାଏନ୍ସ ଫ୍ୟୁଚର ଗ୍ରୁପ୍‌ରେ ଅଂଶଧନ କିଣିପାରେ ବୋଲି କୁହାଯାଉଛି। କିଶୋର ବିୟାନୀଙ୍କ ମାଲିକାନାରେ ପରିଚାଳିତ ଫ୍ୟୁଚର ଗ୍ରୁପ୍‌ରେ ଅଂଶଧନ କ୍ରୟ କରିବା ଲାଗି ରିଲାଏନ୍ସ ଡିଲ୍‌ର ଚୂଡାନ୍ତ ପର୍ଯ୍ୟାୟରେ ରହିଛି। ଏଭଳି ମଧ୍ୟ କୁହାଯାଉଛି ଯେ, ମୁକେଶ ଅମ୍ବାନୀ ଫ୍ୟୁଚର ଗ୍ରୁପ୍‌କୁ ସମ୍ପୂର୍ଣ୍ଣ ଅଧିଗ୍ରହଣ କରିପାରନ୍ତି। ନିୟମ ଏବଂ ସର୍ତ୍ତକୁ ନେଇ ଦୁଇ କମ୍ପାନୀ ମଧ୍ୟରେ ସହମତି ହୋଇଥିବା ଜଣାପଡିଛି। ଶୀଘ୍ର ଏହି ଡିଲ୍ ସମ୍ପର୍କରେ ଘୋଷଣା ହୋଇପାରେ। ରିଲାଏନ୍ସ ଗ୍ରସେରି, ଫ୍ୟାଶନ ଏବଂ ନିତ୍ୟବ୍ୟବହାର ଯୋଗ୍ୟ ସାମଗ୍ରୀ କ୍ଷେତ୍ରରେ ନିଜର ଏକ ଦୃଢ ବଜାର ସ୍ଥିତି ଚାହୁଁଛି। ନିକଟରେ ଏହା ଜିଓ ମାର୍ଟ ପ୍ଲାଟ୍‌ଫର୍ମକୁ ମଧ୍ୟ ଆରମ୍ଭ କରିଛି। ଡିଲ ଚୂଡାନ୍ତ ହେଲେ ଫ୍ୟୁଚର ରିଟେଲ, ଫ୍ୟୁଚର ଲାଇଫଷ୍ଟାଇଲ ଫ୍ୟାଶନ ଏବଂ ଫ୍ୟୁଚର ସପ୍ଲାଇଚେନ୍ ସଲ୍ୟୁଶନର ବିଲୟ ହେବ। ଏହିସବୁ କମ୍ପାନୀ ଉପରେ ମୁକେଶ ଅମ୍ବାନୀଙ୍କ ମାଲିକାନା ଆସିଯିବ ବୋଲି କୁହାଯାଉଛି। ଫ୍ୟୁଚର ଗ୍ରୁପ୍‌କୁ କ୍ରୟ କରିବା ଲାଗି ଆମାଜନ ମଧ୍ୟ ନଜରରେ ରଖିଥିଲା। ହେଲେ ଚୂଡାନ୍ତ ଡିଲ୍ ରିଲାଏନ୍ସ ସପକ୍ଷରେ ଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

# ୫୧,୮୩୩ ଟଙ୍କା ଛୁଇଁଲା ସୁନା

**ନୂଆଦିଲ୍ଲୀ,୨୭।୭**



ଗତ କିଛି ସପ୍ତାହ ଧରି ସୁନା ଦର ଭାରତରେ ବୃଦ୍ଧି ଘଟୁଥିବା ବେଳେ ଦରରେ ବିରତି ଲାଗୁନାହିଁ। ବିଦେଶୀ ବଜାର କାରଣରୁ ମଲ୍ଟି କମୋଡିଟି ଏକ୍ସଚେଞ୍ଜ(ଏମ୍‌ସିଏକ୍ସ)ରେ ସୋମବାର ପ୍ରାରମ୍ଭିକ କାରବାରରେ ସୁନା ଦର ବିଶେଷ ବୃଦ୍ଧି ହୋଇଥିବା ଜଣାପଡିଛି। ସୁନା ଦର ୮୦୦ ଟଙ୍କା ବୃଦ୍ଧି ଘଟି ୧୦ ଗ୍ରାମ ପିଛା ଦର ୫୧,୮୩୩ ଟଙ୍କା ଛୁଇଁଥିଲା। ସୁନାରେ ଏହା ରେକର୍ଡ ସ୍ତରର ବୃଦ୍ଧି। ଏହା ଅଗଷ୍ଟରେ ଡେଲିଭରିର ଦାମ ବୋଲି ଜଣାପଡିଛି। ସେହିଭଳି ରୁପା ଦରରେ ୩୪୦୦ ଟଙ୍କା ବୃଦ୍ଧି ଘଟିବା ଯୋଗୁ ଦର କିଲୋ ପ୍ରତି ୬୪,୬୧୭ ଟଙ୍କା ଛୁଇଁଛି। ଏହି ସମୟରେ ରୁପା ଦରରେ ୫.୫% ବୃଦ୍ଧି ଘଟିଛି। ଏହା ରୁପାର ୮ ବର୍ଷର ସର୍ବୋଚ୍ଚ ଦର। ଗତ ସପ୍ତାହରେ ଶୁକ୍ରବାର ଦିନ ସୁନା ଦର ୫୦,୮୭୬ ଟଙ୍କା ଥିବା ବେଳେ ରୁପା ଦର ୬୧,୧୭୩ ଟଙ୍କା ରହିଥିଲା। ଗତ ସପ୍ତାହ ତୁଳନାରେ ସୁନା ଦର ୪% ଏବଂ ରୁପା ଦର ୧୫% ବଢିଛି। ଅନ୍ତର୍ଜାତୀୟ ବଜାରରେ ସୁନା ଦର ପ୍ରତି ଆଉନ୍ସ ପିଛା ୨୦୦୦ ଡଲାର ସ୍ତର ଛୁଇଁଛି। ଆମେରିକା-ଚାଇନା ବିବାଦ, ଦୁର୍ବଳ ଡଲାର ଏବଂ ଅନ୍ତର୍ଜାତୀୟ ବଜାରରେ ନିବେଶକଙ୍କ ସୁନାରେ ନିବେଶ ବଢ଼ିବା ଯୋଗୁ ଦରରେ ବୃଦ୍ଧି ଘଟିଛି। ୨୦୧୧ ସେପ୍ଟେମ୍ବରରେ ସୁନାର ଆଉନ୍ସ ପ୍ରତି ଦର ୧୯୨୦ ଡଲାର ରହିଥିଲା। ବର୍ତ୍ତମାନର ଦର ବୃଦ୍ଧି ରେକର୍ଡ ସ୍ତର ଛୁଇଁଥିବା କୁହାଯାଉଛି। ସୁନା ଦର ବୃଦ୍ଧି ଆଗାମୀ ଦିନରେ ଜାରି ରହିବ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

### ସୁନା ଅଳଙ୍କାର ହଲ୍‌ମାର୍କିଂ ଅବଧି ବୃଦ୍ଧି

**ନୂଆଦିଲ୍ଲୀ,୨୭।୭:** ସୁନା ଅଳଙ୍କାର ଓ କାରିଗରି ଉପରେ ବାଧ୍ୟତାମୂଳକ ହଲ୍‌ମାର୍କିଂ ଅବଧିକୁ ସରକାର ଆସନ୍ତା ବର୍ଷ ଜୁନ ୧ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ଅବଧି ୨୦୨୧ ଜାନୁୟାରୀ ୧୫ ରହିଥିଲା। ଗତ ବର୍ଷ ନଭେମ୍ବରରେ ଏ ସମ୍ପର୍କରେ ସରକାର ଘୋଷଣା କରିଥିଲେ। ଦେଶର ସମସ୍ତ ସୁନା ବ୍ୟବସାୟୀ ଏହି ନିୟମକୁ ପାଳନ କରିବା ସହ ଅବଧି ପୂର୍ବରୁ ହଲ୍‌ମାର୍କିଂ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ବର୍ତ୍ତମାନ ବଜାର ସ୍ଥିତି ଚ୍ୟାଲେଞ୍ଜିଂ ରହିଥିବାରୁ ସରକାର ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ହଲ୍‌ମାର୍କିଂ ଲାଗି ଅବଧିକୁ ଅତିରିକ୍ତ ୪ମାସ ବଢାଇ ଦିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ସୂଚନା ଦେଇଛନ୍ତି।

### ଏସ୍‌ବିଆଇ ଲାଇଫ୍‌ର ନେଟ୍ ଲାଭ ୩୯୦ କୋଟି

**ଭୁବନେଶ୍ୱର,୨୭।୭**

ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ଜୁନ୍ ୩୦ ସୁଦ୍ଧା ନେଟ୍ ଲାଭରେ ୫% ଅଭିବୃଦ୍ଧି କରିଛି। କମ୍ପାନୀ ୩୯୦କୋଟି ଟଙ୍କା ଲାଭ ହାସଲ କରିଛି। ପୂର୍ବବର୍ଷ ଏହି ସମୟରେ କମ୍ପାନୀ ୩୭୧.୯୦କୋଟି ଲାଭ କରିଥିଲା। ୨୦୨୧ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କମ୍ପାନୀ ସୁରକ୍ଷା ଶ୍ରେଣୀ ଉତ୍ପାଦ ପ୍ରତି ଅଧିକ ଦୃଷ୍ଟି ଦେଇଛି। ସେହିଭଳି ୬୧ତମ ମାସ ଅନୁପାତରେ କମ୍ପାନୀ ଶକ୍ତିଶାଳୀ ଅଭିବୃଦ୍ଧି କରିଛି। ଏହାର ପ୍ରିମିୟମ ୬୮୭ ବିପିଏସ୍ ରହିଛି। ଗତ ବର୍ଷ ତୁଳନାରେ ଏକକ ପ୍ରିମିୟମ ୩୧% ବୃଦ୍ଧି ପାଇଛି। ୨୦୨୦ ଜୁନ୍ ଶେଷ ସୁଦ୍ଧା କମ୍ପାନୀର ବ୍ୟବସାୟ ୩୦୫୯ କୋଟି ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ କମ୍ପାନୀର ସଲ୍‌ଭେନସି ଅନୁପାତ ୨.୩୯ ରହିଛି। ପୂର୍ବବର୍ଷ ଏହି ସମୟ ମଧ୍ୟ ୧.୫୦ ରହିଥିଲା।

## ଭିତ୍ତିଭୂମି ନିବେଶ ବଢୁ: ଶକ୍ତିକାନ୍ତ

**ମୁମ୍ବାଇ,୨୭।୭**



କରୋନା ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ପ୍ରଭାବିତ ହୋଇ ରହିଛି। ଏହି ସମୟରେ ଅର୍ଥ ବ୍ୟବସ୍ଥାର ଗତିବିଧିକୁ ବଢ଼ାଇବାର ଉପାୟ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ଭିତ୍ତିଭୂମି କ୍ଷେତ୍ର ନିବେଶ ବୃଦ୍ଧି ହେବାର ଆବଶ୍ୟକତା ରହିଛି। ଉଦ୍ୟୋଗ ସଂଘ ସିଆଇଆଇର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶକ୍ତିକାନ୍ତ କହିଛନ୍ତି, ନିବେଶ ବୃଦ୍ଧି ଲାଗି ଉଭୟ ସରକାରୀ ଏବଂ ଘରୋଇ କ୍ଷେତ୍ରର ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାର କୃଷିକ୍ଷେତ୍ର ଲାଗି ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଯୋଗୁ ଉକ୍ତ କ୍ଷେତ୍ର ଲାଭବାନ୍ ହେବ। କୃଷିକ୍ଷେତ୍ର ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି। ଦେଶ ମଧ୍ୟରେ ଏମିତି ନୀତି ଆସିବାର ଆବଶ୍ୟକତା ରହିଛି ଯାହାଦ୍ୱାରା କୃଷିକ୍ଷେତ୍ର ଅଭିବୃଦ୍ଧି ସାଧନ କରିବାକୁ ସକ୍ଷମ ହେବ। ବିଶେଷକରି କୃଷି ଆୟ ବୃଦ୍ଧି ଉପରେ ନୀତି ଆଣିବାକୁ ହେବ। ଆମେରିକା, ବ୍ରିଟେନ, ୟୁରୋପୀୟ ସଂଘ ଏବଂ ଅନ୍ୟ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ପୂର୍ଣ୍ଣ କରିବା ଲାଗି ମଧ୍ୟ ସରକାର ଧ୍ୟାନ ଦିଅନ୍ତୁ ବୋଲି ଦାସ ମତବ୍ୟକ୍ତ କରିଛନ୍ତି।

## ରାଜ୍ୟ ଖବର

# ଗଡ଼ ସମ୍ଭାଳିବାକୁ ବଳ ଖୋଜୁଛନ୍ତି ମାଓବାଦୀ

**ତ୍ରିନାଥ ମହାନ୍ତି**
**ଭୁବନେଶ୍ୱର,୨୭।୭ (ବ୍ୟୁରୋ)**



ରାଜ୍ୟରେ ଏବେ ମାଓବାଦୀଙ୍କ ଗଡ଼ ଭୁଶୁଡୁଥିବା ରାଜ୍ୟ ପୋଲିସ କହୁଛି। ନିକଟରେ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ବ୍ୟୟ (ଏସ୍‌ଆର୍‌ଇ) ଯୋଜନାରୁ ୫ ଜିଲା ଅନୁଗୋଳ, ବୌଦ୍ଧ, ସମ୍ବଲପୁର, ଦେବଗଡ଼ ଓ ନୟାଗଡ଼କୁ ବାଦ୍ ଦିଆଯାଇଛି। ଏସବୁ ଜିଲାରେ କିଛିବର୍ଷ ହେବ ମାଓବାଦୀ କାର୍ଯ୍ୟକଳାପ ଦେଖିବାକୁ ମିଳୁ ନ ଥିବାରୁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହା ପୂର୍ବରୁ ମଧ୍ୟ ୨୦୧୮ରେ ୬ ଜିଲା ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି ଓ ଗଞ୍ଜାମକୁ ମାଓବାଦୀମୁକ୍ତ ଘୋଷଣା କରାଯାଇଛି। ଏଭଳି ଘୋଷଣା ମାଓବାଦୀ ସଂଗଠନଗୁଡ଼ିକୁ ଗଭୀର ଆଘାତ ଦେଉଛି। ଦୁର୍ବଳ ଅବସ୍ଥାରେ ରହିଥିଲେ ମଧ୍ୟ ବଡ଼ଧରଣର ଘଟଣା ଘଟାଇ ନିଜ ଉପସ୍ଥିତିକୁ ଜାହିର କରିବା ପାଇଁ ସୁଯୋଗ ଅପେକ୍ଷାରେ ରହିଛନ୍ତି। ବର୍ତ୍ତମାନ ଗଡ଼ ସମ୍ଭାଳିବା ପାଇଁ ବଳ ଗୋଟାଇବାକୁ ମାଓବାଦୀ ସଂଗଠନ ଉଦ୍ୟମ ଚଳାଇଥିଲେ ମଧ୍ୟ କରୋନା କଟକଣା କାଳ ସାଜୁଛି। ଏପଟେ କରୋନା ପାଇଁ ହଜାର ହଜାର ଆଦିବାସୀ ଯୁବକ ଘରକୁ ଫେରି ବେକାର ବସିଛନ୍ତି। ସେମାନଙ୍କୁ ଅର୍ଥ ଲୋଭ ଦେଖାଇ ମାଓବାଦୀମାନେ ନିଜ ସଙ୍ଗଠନରେ ସାମିଲ କରିବାକୁ ଯୋଜନା କରୁଛନ୍ତି। ତେଣୁ ପୋଲିସ ଏହା ଉପରେ ସତର୍କ ରହି ମାଓବାଦୀଙ୍କ ରଣନୀତିକୁ ବିଫଳ କରାଇବା ଉଚିତ୍। ଏଥିସହ ମାଓବାଦୀଙ୍କ ମୂଳୋତ୍ପାଟନ ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଲାଗି ଏହା ହେଉଛି ସବୁଠୁ ଭଲ ସମୟ ବୋଲି ବିଶେଷଜ୍ଞମାନେ ମତଦେଇଛନ୍ତି।

ମାଓବାଦୀଙ୍କ ଗଡ଼ ହେଉଛି ମାଲକାନଗିରି, ସୁନ୍ଦରଗଡ଼, କନ୍ଧମାଳ ଓ କୋରାପୁଟ। ସେମାନେ ଏହିସବୁ ଜିଲାରୁ ରାଜ୍ୟର ୨୧ ଜିଲାରେ ସଂଗଠନ କରି ନିଜର ଆଧିପତ୍ୟ ବିସ୍ତାର କରିଥିଲେ। ପୂର୍ବରୁ ସୁନ୍ଦରଗଡ଼ରେ ସକ୍ରିୟ ଥିବା ମାଓବାଦୀମାନେ ସମ୍ବଲପୁରରେ ରାଜ୍ କରୁଥିଲେ। ସେହିଭଳି କେଉଁଝର ଅଞ୍ଚଳର ମାଓବାଦୀମାନେ ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଅଞ୍ଚଳରେ ନିଜର ପ୍ରାଦୁର୍ଭାବ ବଢାଇଥିଲେ। କନ୍ଧମାଳ ଅଞ୍ଚଳର ମାଓବାଦୀ ନୟାଗଡ଼ ଜିଲାରେ ସକ୍ରିୟ ରହୁଥିଲେ। ଏସବୁ ଜିଲାରେ ମାଓବାଦୀଙ୍କର ସେପରି କିଛି ଗଡ଼ ନ ଥିଲେ ମଧ୍ୟ ନିଜର ପ୍ରଭାବ ବିସ୍ତାର କରି ସକ୍ରିୟ ରହିବା ସହ ବଡ଼ ବଡ଼ ଘଟଣା ଘଟାଇ ଚାଲିଥିଲେ। କିନ୍ତୁ ଏବେ ରାଜ୍ୟରେ ମାଓବାଦୀ ଗଡ଼ ଭୁଶୁଡି ପଡିବା କହିବା ଏକ ପ୍ରକାର ଠିକ୍ ହେବ ନାହିଁ। ସେମାନେ ସଂଗଠନ ମଜଭୁତ କରିବା ପାଇଁ ନୂତନ ରଣକୌଶଳ ଆପଣାଇ ଥାଇପାରନ୍ତି। ମାଓବାଦୀମାନେ ମୁଖ୍ୟତଃ ଆଦୀବାସୀ ବହୁଳ ଅଞ୍ଚଳରୁ ଜୁନରୁ ସେପ୍ଟେମ୍ବର ମଧ୍ୟରେ ସଭ୍ୟ ସଂଗ୍ରହ କରିଥାନ୍ତି। ଏହିମାସ ମୁଖ୍ୟତଃ କୃଷିକାର୍ଯ୍ୟ ସମୟ ହୋଇଥିବାରୁ ମାଓବାଦୀ ସଂଗଠନରେ ଜଡ଼ିତ ଥିବା ସଦସ୍ୟମାନେ ଚାଷବାସରେ ବ୍ୟସ୍ତ ରହିଥାନ୍ତି। ଏହି ୫ମାସ ଯଦି ସୁରକ୍ଷାବାହିନୀ ମାଓବାଦୀଙ୍କ ସଭ୍ୟ ସଂଗ୍ରହ ବ୍ୟବସ୍ଥାକୁ ଭଣ୍ଡୁର କରନ୍ତି, ତେବେ ସେମାନଙ୍କ ସଂଗଠନ ଆହୁରି ଦୁର୍ବଳ ହୋଇପଡିବ ବୋଲି କୁହାଯାଉଛି।

## କ'ଣ ପାଇଁ ଦୁର୍ବଳ ହେଉଛି ମାଓବାଦୀ ସଂଗଠନ

### କରୋନା କଟକଣା ପାଇଁ ବାଟବଣା

ରାଜ୍ୟ ତଥା ଦେଶରେ କରୋନା ଭାଇରସ୍ ଆତଙ୍କ ରଚାଇଛି। ଏହାର ପ୍ରଭାବ ମାଓବାଦୀଙ୍କ ଉପରେ ପଡିଛି। କେତେଜଣ ମାଓବାଦୀ ସଂକ୍ରମଣର ଶିକାର ହୋଇଥାଇପାରନ୍ତି। ହେଲେ ଚିକିତ୍ସା ପାଇବା ସମ୍ଭବ ନ ଥିବାରୁ ବାହାରକୁ ଯାଇ ସଭ୍ୟ ସଂଗ୍ରହ କରିବାକୁ ଭୟ କରୁଛନ୍ତି। ତେଣୁ କୋଭିଡ୍ କଟକଣା ମାଓବାଦୀ ସଂଗଠନ ପାଇଁ ବଡ଼ ବାଧକ ସାଜୁଛି।

### ଦକ୍ଷ ଓଡ଼ିଶା କ୍ୟାଡ଼ର ଅଭାବ

ଜୁଲାଇ ୨୦୧୪ରେ ସବ୍ୟସାଚୀ ପଣ୍ଡା ଗିରଫ ହେବା ପରେ ଓଡ଼ିଶାରେ ମାଓବାଦୀ ସଂଗଠନ କ୍ରମଶଃ ଦୁର୍ବଳ ହୋଇପଡ଼ିଥିଲା। ଏବେ ବି ସମାନ ସ୍ଥିତି ଉପୁଜିଛି। ସଂଗଠନର ବିଭିନ୍ନ ଜୋନାଲ କମିଟିରେ ଓଡ଼ିଆମାନଙ୍କର ସଂଖ୍ୟା ଅତ୍ୟନ୍ତ ନଗନ୍ୟ। ବିଶେଷଜ୍ଞଙ୍କ ମତ ଅନୁସାରେ, ଓଡ଼ିଆଙ୍କ ସଂଖ୍ୟା ମାତ୍ର ୧୦ ପ୍ରତିଶତ ରହିଥିବାରୁ ଛତିଶଗଡ଼, ଆନ୍ଧ୍ର ଲୋକଙ୍କର ଦବ୍‌ଦବା ରହୁଛି। ସେମାନେ ସେଭଳି ଭାବେ ଓଡ଼ିଶାରୁ ନୂଆ ଦକ୍ଷ କ୍ୟାଡର ସୃଷ୍ଟି କରିପାରୁନାହାନ୍ତି। ଏଥିସହ ସେମାନଙ୍କର ଓଡ଼ିଶାର ଭୌଗୋଳିକ ସ୍ଥିତି ହେଉ ଅବା ରାଜନୀତି ଓ ପୋଲିସର ରଣକୌଶଳ ନେଇ ସେପରି ଦୃଢ଼ ଖବର ପାଇପାରୁ ନ ଥିବାରୁ ପୋଲିସକୁ ଚ୍ୟାଲେଞ୍ଜ କରିପାରୁନାହାନ୍ତି। ନିକଟରେ କନ୍ଧମାଳଠାରେ ୪ଜଣ ମାଓବାଦୀ ପୋଲିସ ଏନ୍‌କାଉଣ୍ଟରରେ ମରିଥିବାବେଳେ ଜଣେ ରାଜ୍ୟ କମିଟି ମୁଖ୍ୟ କୋଶା କୋଡ଼ି ଥିଲେ। ତାଙ୍କ ମୁଣ୍ଡ ପାଇଁ ୨୦ଲକ୍ଷର ପୁରସ୍କାର ଥିଲା। ତେଣୁ ମାଓବାଦୀମାନେ ଏବେ ସବ୍ୟସାଚୀଙ୍କ ଭଳି ଦକ୍ଷ ଓ ଶିକ୍ଷିତ ଯୁବକଙ୍କ ଅନ୍ୱେଷଣରେ ଥିବା ଜଣାପଡିଛି।

### ପୋଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ

ମାଓବାଦୀଙ୍କ ବିରୋଧୀ ଲଢ଼େଇରେ ପୋଲିସର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ଜ୍ଞାନକୌଶଳ ବ୍ୟବହାର କରୁଛି। ବିଶେଷକରି ଡ୍ରୋନ, ସାଟେଲାଇଟ୍ ଫଟୋ ପୋଲିସକୁ ଅଧିକ ସହାୟକ ହେଉଛି। ଦୃଢ଼ ଦମନନୀତି ପାଇଁ ୨୦୦୫ରେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୦୬ରେ ୧୬ ଜଣ, ୨୦୦୭ରେ ୮ ଜଣ, ୨୦୦୮ରେ ୩୨ଜଣ, ୨୦୦୯ରେ ୧୩ ଜଣ, ୨୦୧୦ରେ ୨୫ଜଣ, ୨୦୧୧ରେ ୨୩ଜଣ, ୨୦୧୨ରେ ୧୪ଜଣ, ୨୦୧୩ରେ ୨୪, ୨୦୧୪ରେ ୯ଜଣ, ୨୦୧୫ରେ ୧୧ଜଣ, ୨୦୧୬ରେ ୪୨ଜଣ, ୨୦୧୭ରେ ୯ଜଣ, ୨୦୧୮ରେ ୧୮ଜଣ, ୨୦୧୯ରେ ୬ଜଣ ମାଓବାଦୀଙ୍କର ପୋଲିସ ଗୁଳିରେ ମୃତ୍ୟୁ ଘଟିଛି। ୨୦୧୮ରୁ ୨୦୨୦ ଜୁଲାଇ ମଧ୍ୟରେ ୩୩ଜଣ ଦୁର୍ଦ୍ଧାନ୍ତ ମାଓମାଦୀ ପ୍ରାଣ ହରାଇଥିବାବେଳେ ପାଖାପାଖି ୫୦ରୁ ଅଧିକ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହାସହ ପାଖାପାଖି ୮୪ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

### ନିଜ ଲୋକ ଦେଉଛନ୍ତି ଧୋକା

ମାଓବାଦୀ ଅଞ୍ଚଳରେ ପୋଲିସ ତା'ର ଗୋଇନ୍ଦା ସୂଚନାକୁ ମଜଭୁତ କରିଛି। ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଆଗୁଆ ତଥ୍ୟ ରଣନୀତିକୁ ସଫଳ କରୁଛି। ହସ୍ତଗତ ସୂଚନାନୁସାରେ, ମାଓବାଦୀ ସଂଗଠନରେ ସଂପୃକ୍ତ ଥିବା ବ୍ୟକ୍ତିମାନେ ହିଁ ପୋଲିସର ଖବରି ସାଜିଛନ୍ତି। ନିଜ ସଂଗଠନର ସଦସ୍ୟ ଧୋକା ଦେଉଥିବାରୁ ମାଓବାଦୀଙ୍କ ରଣନୀତି ଫେଲ୍ ମାରୁଛି ଓ ସଂଗଠନ ଦୁର୍ବଳ ହେଉଛି।

### ସରକାରଙ୍କ ଥଇଥାନ ବ୍ୟବସ୍ଥା ବନ୍ଧୁକ ଛଡ଼ାଇଛି

ମାଓବାଦୀମାନେ ବନ୍ଧୁକ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ରାଜ୍ୟ ସରକାର ଆହ୍ୱାନ ଦେଉଛନ୍ତି। ଆତ୍ମସମର୍ପଣ ଲାଗି ସରକାର ଲୋଭନୀୟ ଥଇଥାନ ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ଘର ଦିଆଯିବା ସହ ଅନ୍ୟାନ୍ୟ ସୁବିଧା ମିଳୁଥିବାରୁ ଅନେକ ମାଓବାଦୀ ଆତ୍ମସମର୍ପଣ କରୁଛନ୍ତି। ୨୦୦୦ରୁ ୨୦୧୦ ମଧ୍ୟରେ ରାଜ୍ୟରେ ପାଖାପାଖି ୨ହଜାରରୁ ଅଧିକ ମାଓବାଦୀ ସକ୍ରିୟ ଥିଲେ। ହେଲେ ୨୦୧୩ରେ ଏହି ସଂଖ୍ୟା ୧୪୦୦କୁ ଖସି ଆସିଥିବାବେଳେ ଇତି ମଧ୍ୟରେ ୭୬ ପ୍ରତିଶତ ହ୍ରାସପାଇ ୩୪୦ରେ ପହଞ୍ଚିଛି।



### ବିକାଶକୁ ଆପଣାଇ ମାଓବାଦୀ

ଓଡ଼ିଶାର ଦୁର୍ଗମ ଅଞ୍ଚଳର ଗରିବ ଲୋକଙ୍କୁ ମାଓବାଦୀମାନେ ଅର୍ଥ ଲୋଭ ଓ ଭୟ ଦେଖାଇ ନିଜ ସଂଗଠନରେ ସାମିଲ୍ କରୁଥିଲେ। ହେଲେ ଏବେ ଆଦିବାସୀମାନେ ବିକାଶଧାରାରେ ସାମିଲ ହୋଇ ଆର୍ଥିକ ଓ ଶିକ୍ଷା କ୍ଷେତ୍ରରେ ଆଗେଇ ଗଲେଣି। ଫଳରେ ମାଓବାଦୀଙ୍କ ପ୍ରକୃତ ଉଦ୍ଦେଶ୍ୟ ବୁଝି ସେମାନଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଉଛନ୍ତି। ବିଚ୍ଛିନ୍ନାଞ୍ଚଳରେ ଗୁରୁପ୍ରିୟା ସେତୁ ସେମାନଙ୍କ ପାଇଁ ଏକ ବରଦାନ ସଦୃଶ ହୋଇଛି। ଗତ ଜୁଲାଇ ୭ରେ ସ୍ୱାଭିମାନ ଅଞ୍ଚଳର ଜନ୍ତରାଇ ଗାଁରେ ମାଓବାଦୀମାନେ କଳା ଦିବସ ପାଳନ କରିବାକୁ ଯାଇଥିଲେ। କିନ୍ତୁ ଗ୍ରାମବାସୀ ମାଓବାଦୀଙ୍କୁ ପିଟିବା ସହ ଜଣେ କ୍ୟାଡ଼ର ସଦସ୍ୟଙ୍କୁ ମାରିଦେଇଥିଲେ।

### 'ପୋଲିସ ଅପରେଶନକୁ ଜୋର୍‌ଦାର କରୁ'



ମାଓବାଦୀଙ୍କ ପାଇଁ ଆଦିବାସୀ ବହୁଳ ମାଲକାନଗିରି, ସୁନ୍ଦରଗଡ଼ ଓ କୋରାପୁଟ ସୁହାଉଛି। ସେଠାକାର ଭୌଗୋଳିକ ସ୍ଥିତି ଏମାନଙ୍କ ପାଇଁ ଲୁଚିବାର ଏକ ସୁରକ୍ଷିତ ସ୍ଥଳୀ ପାଲଟିଛି। ଏବେ ଆଦିବାସୀ ଲୋକଙ୍କର ଭରସା ମାଓବାଦୀଙ୍କ ଉପରୁ ତୁଟୁଛି। ହେଲେ ମାଓବାଦୀମାନେ ଦୁର୍ବଳ ହେବାପରେ ପୁଣି ସଂଗଠିତ ହୋଇ ହିଂସା ଘଟାଇବାର ନଜିର ରହିଛି। ତେଣୁ ପୋଲିସକୁ ଅଧିକ ଆଗ୍ରେସିଭ୍ ହୋଇ ଏହିସବୁ ଆଦିବାସୀ ଜିଲାରେ ଅପରେଶନକୁ ଜୋର୍‌ଦାର କରିବାର ଆବଶ୍ୟକତା ରହିଛି।

-ବିପିନ ବିହାରୀ ମିଶ୍ର, ପୂର୍ବତନ ପୋଲିସ ଡିଜି, ଓଡ଼ିଶା।

### 'ସୁରକ୍ଷା ବାହିନୀକୁ ସଜାଗ ରଖି ବିକାଶ କାର୍ଯ୍ୟ ଜାରି ରହୁ'



ସୁନ୍ଦରଗଡ଼ ଓ ମାଲକାନଗିରିର ବିସ୍ରା, ବୀରମିତ୍ରପୁର ଆଦି ସୀମାବର୍ତ୍ତୀ ଅଞ୍ଚଳରେ ମାଓବାଦୀଙ୍କର ଏକ ଦୃଢ଼ ଉପସ୍ଥିତି ରହିଛି। ସେଠାକୁ ସୁରକ୍ଷା ବାହିନୀ ପଶି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ସେମାନେ ଦୁର୍ବଳ ହୋଇପଡ଼ିଥିବା କହିବା ଭୁଲ୍ ହେବ। ତେଣୁ ସରକାର ସୁରକ୍ଷାବାହିନୀକୁ ସଜାଗ ରଖିବା ସହ ବିକାଶମୂଳକ କାର୍ଯ୍ୟ ଜାରିରଖିଲେ ମାଓବାଦୀ ସଂଗଠନ ମୁଣ୍ଡ ଟେକି ରହିବା କଷ୍ଟକର ହୋଇପଡିବ।

-ରଜତ କୁମାର କୁଜୁର, ପ୍ରାଧାପକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ।

### ୨୨ ଡିଏସ୍‌ପିଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୨୭।୭(ବ୍ୟୁରୋ)**

ରାଜ୍ୟ ସରକାର ୨୨ ଜଣ ଡିଏସ୍‌ପିଙ୍କୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ସୋମବାର ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଡିଏସ୍‌ପି ସୁବାସ ଚନ୍ଦ୍ର ମହାନ୍ତି, ପ୍ରକାଶ କୁମାର ନାୟକ, ହରିହର ପାଣି, ଅଶୋକ କୁମାର ମହାନ୍ତି, ପ୍ରସନ୍ନ କୁମାର ବିଶ୍ୱାଳ, ନିମାଇଁ ଚରଣ ସେଠୀ, ମନୋରଞ୍ଜନ ସାମଲ, ଗଦାଧର ମହାପାତ୍ର, କିଶୋର ଚନ୍ଦ୍ର ପାଟଶାଣୀ, ଅମରେଶ ପାଣିଗ୍ରାହୀ ଏବଂ ଜୟକୃଷ୍ଣ ବେହେରାଙ୍କୁ ଏଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେହିପରି ଡିଏସ୍‌ପି ବାଉରିବନ୍ଧୁ ବେହେରା, ବିଜୟ ମଲ୍ଲିକ, ରାମଚନ୍ଦ୍ର ଥୁମ୍ବ, ଉଗ୍ରସେନ ପ୍ରଧାନ, ଅକ୍ଷୟ କୁମାର ମିଶ୍ର, ବେଣୁଧର ନାୟକ, ଉମାକାନ୍ତ ମଲ୍ଲିକ, ମୋହନ ପାଣି କରୁଆ, ବନମାଳି ଧଳ, ଅଙ୍କୁର ମଲ୍ଲିକ ଏବଂ କେଶବ ଚନ୍ଦ୍ର ବେହେରାଙ୍କୁ ଏଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।

### ଭୁବନେଶ୍ୱରରେ ଆଉଏକ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୨୭।୭(ବ୍ୟୁରୋ)**

ଭୁବନେଶ୍ୱରରେ ଆଉଏକ କୋଭିଡ୍ ହସ୍ପିଟାଲ ଚନ୍ଦ୍ରଶେଖରପୁରସ୍ଥିତ ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲରେ ସୋମବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଏଥିରେ ୧୫୦ ଶଯ୍ୟା ଓ ୩୦ଟି ଆଇସିୟୁ ଶଯ୍ୟା ରହିଛି। ବିଏମ୍‌ସି ଓ ହସ୍ପିଟାଲ ପକ୍ଷରୁ ପିପିପି ମାଧ୍ୟମରେ ସେବା ପ୍ରଦାନ ପାଇଁ ସ୍ଥିର ହୋଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ହସ୍ପିଟାଲ୍ ମଧ୍ୟରେ ଏମ୍‌ଓୟୁ ପରେ ହସ୍ପିଟାଲ୍‌ଟି ବିଧିବଦ୍ଧ ଭାବେ କାର୍ଯ୍ୟକ୍ଷମ ହୋଇଛି। ଏହାବ୍ୟତୀତ ହାଇଟେକ୍ ହସ୍ପିଟାଲ୍‌ରେ ମଧ୍ୟ ବିଏମ୍‌ସି ସହଯୋଗରେ ଏକ ୫୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ୍ ପ୍ରସ୍ତୁତ ହୋଇଛି। ସେହିପରି ୩ଟିକୋଟି ଜୋନ୍‌ରେ କୋଭିଡ୍ କେୟାର ହୋମ୍ ଖୋଲାଯାଇ ପ୍ରତି ହୋମ୍‌ରେ ୫୦ଟି ଲେଖାଏ ଶଯ୍ୟା ବ୍ୟବସ୍ଥା କରିବା ପାଇଁ ବିଏମ୍‌ସି ପ୍ରକ୍ରିୟା ଆରମ୍ଭ କରିଛି। ପୂର୍ବରୁ ଭୁବନେଶ୍ୱରର ସମ୍ ଓ କିମ୍ସ ଦୁଇଟି କୋଭିଡ୍ ହସ୍ପିଟାଲରେ କରୋନା ଚିକିତ୍ସା ହେଉଛି। ଏହି ଦୁଇଟି କୋଭିଡ୍ ହସ୍ପିଟାଲ୍‌ରେ ୧,୦୨୫ଟି ଶଯ୍ୟା ଥିବାବେଳେ ୭୦ଟି ଆଇସିୟୁ ବେଡ୍‌ର ବ୍ୟବସ୍ଥା ଥିଲା।

## ମୁଣ୍ଡଳି ବ୍ୟାରେଜରେ ଅଚିହ୍ନା ମୃତଦେହ ଭାସୁଛି

ନରାଜ (ଡି.ଏନ.ଏ): କଟକ ଜିଲା ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳି ବ୍ୟାରେଜରେ ସୋମବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଜଣାପଡ଼ିଛି। ଏନେଇ ସ୍ଥାନୀୟ ଲୋକେ ବ୍ୟାରେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ପୋଲିସରେ ଖବର ଦେଇଛନ୍ତି। ମୃତଦେହ ପୁରୀ ମେନ୍ କେନାଲ ଗେଟ୍‌ରେ ପଶିଯାଇଥିବାରୁ ବାହାରକୁ ବାହାରିପାରୁନି। ଖବର ଲେଖାହେବାବେଳକୁ ସେଠାରେ ପୋଲିସ ଓ ଉଦ୍ଧାରକାରୀ ଦଳ ପହଞ୍ଚି ନ ଥିଲେ। ମୃତକଙ୍କ କୌଣସି ପରିଚୟ ମିଳି ନ ଥିବା ବେଳେ ପାଣିରେ ମୃତକଙ୍କ ଶରୀର ଫୁଲି ଯାଇଛି।

## ସଂକ୍ଷେପରେ

### ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କର: ଏନ୍‌ଏଚ୍‌ଆର୍‌ସି
#### ନାବାଳିକା ବଳାତ୍କାର ମାମଲା

**ଖୋର୍ଦ୍ଧା ଅଫିସ,୨୭।୭:** ଖୋର୍ଦ୍ଧା ଟାଉନ(ଆଦର୍ଶ) ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟ ଦାଦା ଜୁଲାଇ ୧୯ତାରିଖରେ ବଳାତ୍କାର କରିଥିଲେ। ପୀଡ଼ିତା ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ମାନବାଧିକାର କର୍ମୀ ଦାଶ ଓଡ଼ିଶା ଭିକ୍ଟିମ କମ୍ପେନଶେସନ ଆକ୍ଟ ୨୦୧୮ ପ୍ରକାରେ ପୀଡ଼ିତାଙ୍କ ପରିବାରକୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଫାଷ୍ଟ ଟ୍ରାକ୍ କୋର୍ଟରେ ଏହି ମାମଲାର ବିଚାର ଲାଗି ମୁଖ୍ୟଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ଲାଗି ନିବେଦନ କରିଥିଲେ। ଏହି ମାମଲାର ବିଚାର କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଏନ୍‌ଏଚଆରସି ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟରେ ରିପୋର୍ଟ ଦାଖଲ ନ ହେଲେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ବୋଲି କମିଶନ ରାୟରେ ଉଲ୍ଲେଖ କରିଛନ୍ତି।

### ପୁରୀ ଜିଲାରେ ସମ୍ଭାବ୍ୟ ବନ୍ୟା ମୁକାବିଲା ସମୀକ୍ଷା

**ଭୁବନେଶ୍ୱର,୨୭।୭(ବ୍ୟୁରୋ):** ପୁରୀ ଜିଲାର ସମ୍ଭାବ୍ୟ ବନ୍ୟା ମୁକାବିଲା ନିମନ୍ତେ ପ୍ରସ୍ତୁତି, ଡ୍ରେନେଜ କାର୍ଯ୍ୟ, ସମ୍ବେଦନଶୀଳ ଅଞ୍ଚଳରେ ବନ୍ୟା ପ୍ରତିରୋଧକ ବନ୍ଧ ଏବଂ ନଦୀବନ୍ଧର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ସୋମବାର ସମୀକ୍ଷା କରିଛନ୍ତି। ରାଜ୍ୟ ସେଚ ସଦନଠାରେ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ସମୀକ୍ଷା କରାଯାଇଛି। ନାବାର୍ଡ ସହାୟତାରେ ତଥା ରାଜ୍ୟ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଛି। ଦାସବର୍ମା ଗୋକୁଳପୁରଠାରେ ଭାର୍ଗବୀ ନଦୀ ଉପରେ ନିର୍ମିତ ବ୍ରିଜ୍ କାର୍ଯ୍ୟର ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମଙ୍ଗଳା ନଦୀର ଦଳ ନିଷ୍କାସନ ନିମନ୍ତେ ମୁହାଣ ଖୋଲା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି। ଭାର୍ଗବୀ, ଦୟା, ଲୁଣା, ରତ୍ନଚିରା ନଦୀ ଯେପରି ଅବାଧରେ ସମୁଦ୍ରରେ ପ୍ରବେଶ କରିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ଏବଂ ଦକ୍ଷିଣ କଣିଆ ନଦୀର ଖନନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାସବର୍ମା ନିର୍ଦ୍ଦେଶ ଦେଇଛନ୍ତି।

### ସଡ଼କ ଦୁର୍ଘଟଣାରେ ସାମାଜିକ କର୍ମୀଙ୍କ ମୃତ୍ୟୁ

**କଣାସ,୨୭।୭(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗଡ଼ବଳଭଦ୍ରପୁର ଗ୍ରାମର ସାମାଜିକ କର୍ମୀ ଦୁର୍ଗାପ୍ରସନ୍ନ ମହାରଥୀଙ୍କ ସୋମବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସକାଳ ସମୟରେ ଦୁର୍ଗାପ୍ରସନ୍ନ ଗ୍ରାମରୁ ବାଇକ୍‌ରେ ନୂଆଜଗନ୍ନାଥ ସଡ଼କରେ ଜଙ୍କିଆ ବଜାରକୁ ଆସୁଥିଲେ। ଏହି ସମୟରେ ଅନ୍ୟ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଗାପ୍ରସନ୍ନ ତଳେ ପଡି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରି ନିଜ ଗ୍ରାମକୁ ଅଣାଯାଇ ଶଶ୍ମାନରେ ଶବ ସତ୍କାର କରାଯାଇଥିଲା। ଅନ୍ୟପଟେ ଗଡିଶାଗୋଦା ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

# ଓଡ଼ିଶାରେ ନକଲି ଡାକ୍ତରୀ ସାର୍ଟିଫିକେଟ ର୍‍ୟାକେଟ

ଭୁବନେଶ୍ୱର,୨୭।୭ (ବ୍ୟୁରୋ)




- ଠକେଇର ଶିକାର ହୋଇଛନ୍ତି ଏକାଧିକ ଡାକ୍ତର
- ଉତ୍ତରାଖଣ୍ଡ ସ୍ୱାସ୍ଥ୍ୟ ବିଭାଗର ସୂଚନା ପରେ ଚେତାପଶିଲା
- କ୍ରାଇମବ୍ରାଞ୍ଚରେ ଅଭିଯୋଗ କଲେ ଓସିଏମ୍‌ଆର୍ ରେଜିଷ୍ଟ୍ରାର

ଓଡ଼ିଶା କାଉନ୍‌ସିଲ୍ ଫର୍ ମେଡିକାଲ ରେଜିଷ୍ଟ୍ରେଶନ (ଓସିଏମ୍‌ଆର୍) ନାଁରେ ଜାଲ୍ ୱେବ୍‌ସାଇଟ୍ ଖୋଲି ଦିଆଯାଉଛି ନକଲି ଡାକ୍ତରୀ ସାର୍ଟିଫିକେଟ। ଉକ୍ତ ସାର୍ଟିଫିକେଟରେ ଏକାଧିକ ଡାକ୍ତର ବାହାର ରାଜ୍ୟକୁ ଯାଇ ଚାକିରି କରିଥିବାବେଳେ ଅନେକେ ଏହି ର୍‍ୟାକେଟରେ ଫସି ଠକେଇର ଶିକାର ହୋଇଛନ୍ତି। ଏ ସଂକ୍ରାନ୍ତରେ ଉତ୍ତରାଖଣ୍ଡ ସ୍ୱାସ୍ଥ୍ୟ ବିଭାଗ ଓଡ଼ିଶା ସରକାରଙ୍କ ଅବଗତ କରିଥିବାବେଳେ ଠକେଇର ଶିକାର କେତେଜଣ ଡାକ୍ତର ଓସିଏମ୍‌ଆର୍‌କୁ ଜଣାଇବା ପରେ ଚେତା ପଶିଛି। ଓସିଏମ୍‌ଆର୍ ରେଜିଷ୍ଟ୍ରାର କମଳାକାନ୍ତ ଦାଶ ଏନେଇ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିବା ପରେ ଖୋଳତାଡ଼ ଆରମ୍ଭ ହୋଇଛି। କ୍ରାଇମ୍‌ବ୍ରାଞ୍ଚ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଅଭିଯୋଗର ୪ଦିନ ପରେ ବି ଉକ୍ତ ଜାଲ୍ ୱେବ୍‌ସାଇଟ୍‌କୁ ବ୍ଲକ୍ କରାଯାଇନାହିଁ।

ସୂଚନା ଅନୁଯାୟୀ, ୟୁନିଟ-୫ ନ' ତାଲା ନିକଟରେ ଓସିଏମ୍‌ଆର ଅଫିସ ରହିଛି। ବିଭିନ୍ନ ମେଡିକାଲ କଲେଜରୁ ଡାକ୍ତରୀ ପାସ୍ କରି ଆସୁଥିବା ଛାତ୍ରୀଛାତ୍ର ପ୍ରାକ୍ଟିସ୍ କିମ୍ବା ଘରୋଇ ମେଡିକାଲରେ ଡାକ୍ତରୀ କାର୍ଯ୍ୟ କରିବା ପାଇଁ ଏଠାରୁ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ନେବା ବାଧ୍ୟତାମୂଳକ। ସାର୍ଟିଫିକେଟ ପାଇବା ପାଇଁ ଓସିଏମ୍‌ଆର ପକ୍ଷରୁ ବିଭିନ୍ନ ବିଭାଗର ଡାକ୍ତରଙ୍କ ପାଇଁ ପୃଥକ ଫି' ଧାର୍ଯ୍ୟ କରାଯାଇଛି। ସାଇବର ଠକମାନେ ଓସିଏମ୍‌ଆରର ଏକ ନକଲି ୱେବ୍‌ସାଇଟ୍ ଖୋଲି ଅନ୍‌ଲାଇନ୍‌ରେ ସାର୍ଟିଫିକେଟ ଦେବାସହ ଟଙ୍କା ନେଉଛନ୍ତି। ଉକ୍ତ ୱେବ୍ ସାଇଟ୍‌ରେ ଓସିଏମ୍‌ଆରର ଅଫିସ ଠିକଣା ନନ୍ଦନକାନନ ରୋଡ଼-୧୭ ଦିଆଯାଇଛି। ଅନେକ ଡାକ୍ତରୀ ଛାତ୍ର ଓ ଡାକ୍ତର ଜାଣି ନ ପାରି ଉକ୍ତ ନକଲି ୱେବ୍‌ସାଇଟ୍‌ରେ ଆବେଦନ କରି ଠକେଇର ଶିକାର ହେଉଛନ୍ତି। ସମୟ ନ ଥିବାରୁ ଓ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ଡାକ୍ତରମାନେ ରହୁଥିବାରୁ ଏହାର ସୁଯୋଗ ନେଇ ସାଇବର ଠକମାନେ ସେମାନଙ୍କଠାରୁ ମନଇଚ୍ଛା ଟଙ୍କା ଲୁଟୁଛନ୍ତି। ପରେ ଡାକ୍ତରଙ୍କ ମେଲ୍ ଆଇଡ଼ିରେ ନକଲି ସାର୍ଟିଫିକେଟ ଦେଉଛନ୍ତି। ଅଧିକାଂଶ ଡାକ୍ତର ଉକ୍ତ ସାର୍ଟିଫିକେଟ ନେଇ ବାହାର ରାଜ୍ୟରେ ଘରୋଇ ଓ ସରକାରୀ ହସ୍ପିଟାଲରେ ଚାକିରି ମଧ୍ୟ କରିଛନ୍ତି। ଉତ୍ତରାଖଣ୍ଡ ସ୍ୱାସ୍ଥ୍ୟ ବିଭାଗ ଏଭଳି ଏକ ନକଲି ସାର୍ଟିଫିକେଟକୁ ଧରିବା ପରେ ଓସିଏମ୍‌ଆର୍‌କୁ ଚିଠି ଲେଖି ଜଣାଇଛି। ଏହାସହ ଏମ୍‌ସର ଡାକ୍ତର ଶ୍ରୀତୋଷ ଏ ସମ୍ପର୍କରେ ଓସିଏମ୍‌ଆର୍‌କୁ ଜଣାଇଛନ୍ତି। ଉକ୍ତ ୱେବ୍‌ସାଇଟ ଦ୍ୱାରା କେତେଜଣ ଡାକ୍ତର ଠକେଇର ଶିକାର ହୋଇଛନ୍ତି, ସେନେଇ କ୍ରାଇମ୍‌ବ୍ରାଞ୍ଚ ଖୋଳତାଡ଼ କରୁଛି।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ହତ୍ୟା

ଭୁବନେଶ୍ୱର,୨୭।୭ (ବ୍ୟୁରୋ)

**ରାଜଧାନୀରେ ପୁଣି ଏକ ହତ୍ୟାକାଣ୍ଡ**

- ହାତ, ଗୋଡ଼ ବନ୍ଧା ଅବସ୍ଥାରେ ମୃତଦେହ ଉଦ୍ଧାର
- ମୁହଁରେ ବନ୍ଧା ହୋଇଥିଲା ବାପାଙ୍କ ଗାମୁଛା

ରାଜଧାନୀରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ହତ୍ୟା ପରେ ଏକ ପିଜୁଳି ଗଛରେ ଟାଙ୍ଗି ଦିଆଯାଇଛି। ଖଣ୍ଡଗିରି ଥାନା ଢୁମୁଢୁମା ଫେଜ୍-୨ ଜଗନ୍ନାଥ ମନ୍ଦିର ନିକଟରେ ଏହି ଘଟଣା ଘଟିଛି। ମୃତ ଛାତ୍ରୀ ଜଣକ ହେଲେ ସେଠାରେ ରହୁଥିବା ମଇନ ଜେନାଙ୍କ ଝିଅ ସସ୍ମିତା। ପୋଲିସ ପହଞ୍ଚି ହାତଗୋଡ଼ ବନ୍ଧା ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ପୋଲିସ ଗଛ ନିକଟରୁ ଦୁଇଟି ଚପଲ ଓ ହେୟାର କ୍ଲିପ୍ ଜବତ କରିବା ସହ ହତ୍ୟା ମାମଲା (ନଂ.୪୩୯/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସସ୍ମିତା ନୟାପଲ୍ଲୀ ମମତାଜ ଅଲ୍ଲୀ ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢିବା ସହ ଘର ନିକଟରେ ଗୀତ ଶିଖୁଥିଲେ। ସେଠାରେ ଗୀତ ଶିଖୁଥିବା ଜଣେ ଯୁବକ ତାଙ୍କୁ ଭଲ ପାଉଥିଲେ। ସେ ତାଙ୍କୁ ହତ୍ୟା କରିଥାଇ ପାରନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ଅନୁସାରେ, ରବିବାର ରାତିରେ ସସ୍ମିତା ଖାଇପିଇ ଶୋଇଥିଲେ। ରାତି ୧୨ଟା ପରେ ସେ ଶୋଇବା ସ୍ଥାନରେ ନ ଥିବା ତାଙ୍କ ଭଉଣୀ ଦେଖିବାକୁ ପାଇ ପରିବାର ଲୋକଙ୍କୁ ଜଣାଇଥିଲେ। ନ ପାଇବାରୁ ଖୋଜାଖୋଜି କରିବାକୁ ଯିବାବେଳେ ଘରର ମୁଖ୍ୟ କବାଟ ବାହାରପଟୁ ବନ୍ଦ ଥିବାରୁ ପଛ କବାଟ ଖୋଲି ବାହାରକୁ ଯାଇଥିଲେ। ଏହି ସମୟରେ ସସ୍ମିତା ହାତ, ଗୋଡ଼, ମୁହଁ ବନ୍ଧା ଅବସ୍ଥାରେ ପିଜୁଳି ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ବଞ୍ଚିଥିବା ଭାବି ତାଙ୍କୁ ତଳକୁ ଓହ୍ଲାଇ ଆଣିଥିଲେ। ହେଲେ ତାଙ୍କର ମୃତ୍ୟୁ ଘଟିଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ବନ୍ଧା ହୋଇଥିବା ଗାମୁଛା ତାଙ୍କ ବାପାଙ୍କର ହୋଇଥିବାରୁ ଏଥିରେ ପରିବାର ଲୋକଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି।


ଅଯୋଧ୍ୟାରେ ରାମ ମନ୍ଦିର ଭୂମି ପୂଜନ ଲାଗି ସୋମବାର ଶ୍ରୀକ୍ଷେତ୍ରରୁ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା ସଂଗ୍ରହ କରିଥିବା ମାଟି ଓ ଧ୍ୱଜା।

# ପୁରୀରୁ ଗଲା ପଞ୍ଚତୀର୍ଥ ଜଳ, ନୀଳଚକ୍ର ଧ୍ୱଜା

ପୁରୀ ଅଫିସ,୨୭।୭

**ଅଯୋଧ୍ୟା ରାମ ମନ୍ଦିର ଭୂମି ପୂଜାରେ ଲାଗିବ**

ଅଯୋଧ୍ୟାରେ ରାମ ମନ୍ଦିର ଭୂମିପୂଜା ପାଇଁ ସୋମବାର ଶ୍ରୀକ୍ଷେତ୍ରରୁ ପଞ୍ଚତୀର୍ଥ ଜଳ, ମାଟି, ଶ୍ରୀମନ୍ଦିର ନୀଳଚକ୍ର ଧ୍ୱଜା ଓ ମହାପ୍ରସାଦ ପଠାଯାଇଛି। ଶ୍ରୀରାମ ମନ୍ଦିର ଟ୍ରଷ୍ଟ ଓ ସାଧୁସନ୍ଥଙ୍କ ଆହ୍ୱାନକ୍ରମେ ବିଶ୍ୱହିନ୍ଦୁ ପରିଷଦ ପୁରୀ ପକ୍ଷରୁ ପବିତ୍ର ପଞ୍ଚତୀର୍ଥ (ମାର୍କଣ୍ଡ, ରୋହିଣୀ କୁଣ୍ଡ, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ ଓ ମହୋଦଧି)ର ଜଳ, ଶ୍ରୀମହାପ୍ରସାଦ, ନୀଳଚକ୍ରର ଓଲାଗି ଧ୍ୱଜା ଓ କୋଇଲି ବୈକୁଣ୍ଠର ମୃତ୍ତିକା ସମେତ ଶ୍ରୀମନ୍ଦିର କଳ୍ପବଟ ମୂଳ ମୃତ୍ତିକା, ସାକ୍ଷୀଗୋପାଳ ମନ୍ଦିର, ବୀରଗୋବିନ୍ଦପୁର ଦକ୍ଷିଣକାଳୀ ଓ ଶିରୁଳୀ ମହାବୀର ମନ୍ଦିରର ପବିତ୍ର ମୃତ୍ତିକା ସଂଗ୍ରହ ହୋଇଥିଲା। ଏସବୁକୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏକାଠି ରଖି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ କୋରିୟର ମାଧ୍ୟମରେ ଏ ସବୁକୁ ଅଯୋଧ୍ୟା ପଠାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ରାଜ୍ୟ ସହ ସମ୍ପାଦକ ସତ୍ୟନାରାୟଣ ଦାଶ, ଅଖିଳ ଭାରତୀୟ ତୀର୍ଥ ପୁରୋହିତ ସଂଘ ଉପସଭାପତି ଦୋଳଗୋବିନ୍ଦ ପଣ୍ଡା, ରମାଶଙ୍କର ଆଚାର୍ଯ୍ୟ, ସୁଶ୍ରୀ ପଦ୍ମିନୀ ଦାଶ, ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଭିକ୍ଟର ଦାସ, ପଣ୍ଡିତ ସନ୍ତୋଷ କୁମାର ମିଶ୍ର, ଗୌରାଙ୍ଗ ଚରଣ ପଣ୍ଡା, ଦେବାର୍ପିତ ମହାନ୍ତି, ଅଭିଷେକ ମେକାପ, ନାରାୟଣ ଦାଶ ଉପସ୍ଥିତ ଥିଲେ।

# ରଥ ସଂରକ୍ଷଣ ପାଇଁ କମିଟି ଗଠିତ

ପୁରୀ ଅଫିସ,୨୭।୭

**ଆଜିଠୁ ଖୋଲାଯିବ ତିନି ରଥ**

ଚଳିତବର୍ଷର ତିନିରଥ ଭଙ୍ଗାଯିବ ନାହିଁ। ୨୦୨୦ ମସିହା ଐତିହାସିକ ରଥଯାତ୍ରାର ସ୍ମୃତି ସ୍ୱରୂପ ତିନିରଥକୁ ସଂରକ୍ଷଣ କରାଯିବ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ରଥଗୁଡ଼ିକୁ ବର୍ଷତମାମ୍ ଦେଖିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥକୁ ଖୋଲାଯିବ। ଏହାକୁ ପୁଣି ଜଗନ୍ନାଥ ବଲ୍ଲଭ ପରିସରରେ ଫିଟିଂ କରାଯାଇ ପୂର୍ଣ୍ଣାଙ୍ଗ ରୂପ ଦିଆଯିବ। ରଥ ଖୋଲିବା ଓ ଫିଟିଂ କରିବା ପାଇଁ ଏକ ବୈଷୟିକ କମିଟି ଗଠନ କରାଯାଇଛି। ଏହି କମିଟି ପରାମର୍ଶକ୍ରମେ ସମସ୍ତ କାର୍ଯ୍ୟ ହେବ। ଏଥିପାଇଁ ମଙ୍ଗଳବାରଠାରୁ ରଥ ଖୋଲିବା କାମ ଆରମ୍ଭ ହେବ ବୋଲି ସୋମବାର ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଉନ୍ନୟନ ପ୍ରଶାସକଙ୍କ ସୂଚନା ଅନୁଯାୟୀ, କମିଟିରେ ଶ୍ରୀମନ୍ଦିର ମରାମତି ପାଇଁ ଥିବା ବୈଷୟିକ ଟିମ୍, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ତିନିରଥର ମୁଖ୍ୟ ମହାରଣା, ପରିଚାଳନା କମିଟିର ୨ ସେବାୟତ ପ୍ରତିନିଧି, ୨ଜଣ ଭୋଇ ସର୍ଦ୍ଦାର ପ୍ରମୁଖ ସଦସ୍ୟ ରହିଛନ୍ତି। ତିନିରଥ ଖୋଲାଯିବାବେଳେ କେତେକ ଅଂଶ ଭାଙ୍ଗି ନଷ୍ଟ ହେବ। ତେବେ ସେବୁକୁ ନୂତନ ଭାବେ ତିଆରି କରାଯିବ। ଏହାକୁ ଶାଗୁଆନ, ଶାଳ, ପିଆଶାଳ କାଠରେ ନିର୍ମାଣ କରାଯିବ, ଯାହାଦ୍ୱାରା ଦୀର୍ଘସ୍ଥାୟୀ ହୋଇପାରିବ। ସେହିପରି ନୂତନ ଭାବେ ପାର୍ଶ୍ୱ ଦେବଦେବୀ, ଘୋଡ଼ା ଏବଂ ସାରଥିଙ୍କୁ ମଧ୍ୟ ତିଆରି କରାଯିବ ବୋଲି ଜେନା କହିଛନ୍ତି।

# ଲୋକଙ୍କ ହୃଦୟର କୁଇନ୍

ଭୁବନେଶ୍ୱର,୨୭।୭(ବ୍ୟୁରୋ)



ନବେ ଦଶକର ଶେଷ ଭାଗରେ ଓଡ଼ିଆ ଆଲବମ୍‌ର ଚର୍ଚ୍ଚିତ ଚେହେରାଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଦୀପା ସାହୁ। ଯେତେବେଳେ ଆଲ୍‌ବମ୍‌ରେ ଅଭିନୟ କରିବାକୁ ଅନ୍ୟମାନେ ପଛଘୁଞ୍ଚା ଦେଉଥିଲେ, ସେତେବେଳେ ଦୀପା ନିଜକୁ ଜଣେ ବୋଲ୍ଡ ଅଭିନେତ୍ରୀଭାବେ ସାବ୍ୟସ୍ତ କରିଥିଲେ। ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଦେଇ ଦୀପା ଦର୍ଶକଙ୍କ ହୃଦୟ ଜିତିବା ସହ ଆଲବମ୍ ଜଗତର କୁଇନ୍‌ଭାବେ ପରିଚିତ ହୋଇଥିଲେ।

### ବୋଲ୍ଡ ଅଭିନେତ୍ରୀ

ଦୀପା ସାହୁଙ୍କ ଅଭିନୀତ ଆଲ୍‌ବମ୍‌କୁ ଲୋକେ ହିନ୍ଦୀ ଆଲ୍‌ବମ୍ ସହ ତୁଳନା କରୁଥିଲେ। ବୋଲ୍ଡନେସ୍ ହେଉକି ଚମତ୍କାର ଅଭିନୟ, କେଉଁଥିରେ ପଛରେ ନ ଥିଲେ ଦୀପା। ସାବନା ରଙ୍ଗ ସାଙ୍ଗକୁ ଲମ୍ବା ଚୁଟି ତାଙ୍କୁ ଇଣ୍ଡଷ୍ଟ୍ରିରେ ବେଶି ଲୋକପ୍ରିୟ କରାଇଥିଲା। ଦୀପାଙ୍କ ପୋଷାକ ପରିଧାନ ଶୈଳୀ ତଥା ଫ୍ୟାଶନ ଷ୍ଟାଇଲ୍ ସେତେବେଳେ ବେଶ୍ ଆଦୃତ ହୋଇଥିଲା। ନିଜର ଏହି ନିଆରା ଷ୍ଟାଇଲ୍ ପାଇଁ ସେ ଓଡ଼ିଆ ଆଲ୍‌ବମ୍‌କୁ ଶୀର୍ଷରେ ପହଞ୍ଚାଇଥିବାବେଳେ ଏଥିପାଇଁ ଓଡ଼ିଆ ଫିଲ୍ମ କଳାକାରମାନେ ତାଙ୍କୁ ଈର୍ଷା କରୁଥିଲେ। ତେବେ ତାଙ୍କ ବୋଲ୍ଡ ଅଭିନୟ ଓ ଲୋକପ୍ରିୟତା ଦେଖି ନିର୍ଦ୍ଦେଶକ ସଞ୍ଜୟ ନାୟକ ଦୀପାଙ୍କୁ ନିଜ ଫିଲ୍ମରେ ପ୍ରଥମ ବ୍ରେକ୍ ଦେଇଥିଲେ।

### ଓଡ଼ିଶୀରୁ ଆଲ୍‌ବମ୍ ଜଗତ

ଦୀପା ଢେଙ୍କାନାଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିଲେ। ତେଣୁ ନୃତ୍ୟ, ଗୀତକୁ ତାଙ୍କ ପରିବାରରେ ସେତେଟା ସମର୍ଥନ ମିଳି ନ ଥିଲା। ବାପାଙ୍କ ବିରୋଧ ସତ୍ତ୍ୱେ ମା'ଙ୍କ ସମର୍ଥନରେ ଦୀପା ପ୍ରଥମେ ଓଡ଼ିଶୀ ନୃତ୍ୟ ଶିକ୍ଷା କରିଥିଲେ। ଏହାପରେ ଆଲ୍‌ବମ୍‌ରେ ଏଣ୍ଟ୍ରି କରିଥିଲେ। କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଦୀପାଙ୍କୁ ବବି ଇସ୍‌ଲାମ୍‌ଙ୍କ ସହ ପରିଚିତ କରାଇବା ପରେ ତାଙ୍କ ଆଲ୍‌ବମ୍ ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମ ଆଲ୍‌ବମ୍ 'ମେଡ୍ ଇନ୍ ଓଡ଼ିଶା' ଏତେ ହିଟ୍ ହୋଇଥିଲା ଯେ ଦୀପାଙ୍କ ପୋଷ୍ଟର ଓ ହୋର୍ଡିଂ ବିଭିନ୍ନ ସ୍ଥାନରେ ଲାଗିଥିଲା। ଖବରକାଗଜରେ ଦୀପାଙ୍କ ବହୁ ସାକ୍ଷାତ୍‌କାର ଦେଖି ବାପାଙ୍କ ମନ ମଧ୍ୟ ପରିବର୍ତ୍ତନ ହୋଇଯାଇଥିଲା। ମାତ୍ର ତାଙ୍କ ମା'ଙ୍କୁ କ୍ୟାନ୍‌ସର୍ ହେବାରୁ ସେ କ୍ୟାରିୟର ପ୍ରତି ଧ୍ୟାନ ଦେଇପାରି ନ ଥିଲେ ଓ ବହୁ ଫିଲ୍ମକୁ ହାତଛଡ଼ା କରିଥିଲେ।

"ଅଭିନେତ୍ରୀ ଦୀପା ସାହୁଙ୍କ ଦେହାନ୍ତ ଖବର ଶୁଣି ମୁଁ ଦୁଃଖିତ। ଓଡ଼ିଆ ଆଲବମ୍ ଜଗତରେ ତାଙ୍କ କଳାର ନିଖୁଣ ଛାପ ଦ୍ୱାରା ଅନେକ ଦର୍ଶକଙ୍କୁ ସେ ବାନ୍ଧି ରଖିପାରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଆଲ୍‌ବମ୍ ଓ ଚଳଚ୍ଚିତ୍ର ଜଗତରେ ଅପୂରଣୀୟ କ୍ଷତି ଘଟିଛି।
**- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ**

"ଅଭିନେତ୍ରୀ ଦୀପା ସାହୁ ଜଣେ ଆଗଧାଡିର କଳାକାରଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ଅକାଳ ବିୟୋଗ ନିଶ୍ଚିତଭାବେ କଳାଜଗତ ପାଇଁ ଏକ ବିରାଟ କ୍ଷତି। ଏପରି ସମୟରେ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଈଶ୍ୱର ଧୈର୍ଯ୍ୟ ଓ ସାହସ ଦିଅନ୍ତୁ।
**- ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ**

"୨୦୦୨ରେ ଦୀପାଙ୍କ ପ୍ରଥମ ଆଲ୍‌ବମ୍ 'ମେଡ୍ ଇନ୍ ଓଡ଼ିଶା'ର ଏକ ଗୀତ 'ବେଣୀ ନୁହେଁ ତୋତେ ଖୋସା ମାନିବ'ରେ ମୁଁ ବି ନିଜ କ୍ୟାରିୟର ଆରମ୍ଭ କରିଥିଲି। ସେ ଜଣେ ଭଲ ଅଭିନେତ୍ରୀ, ଭଲ ମା' ଓ ଭଲ ସ୍ତ୍ରୀ ଥିଲେ। ପରିବାର ପାଇଁ କ୍ୟାରିୟରର ପିକ୍ ସମୟରେ ଇଣ୍ଡଷ୍ଟ୍ରି ଛାଡ଼ିଥିଲେ। ତାଙ୍କ ୧୨ ବର୍ଷର ଝିଅ କଥା ଭାବି ବେଶି କଷ୍ଟ ଲାଗୁଛି। ଏ କଠିନ ସମୟ ଅତିକ୍ରମ କରିବାକୁ ଭଗବାନ ତାଙ୍କ ପରିବାରକୁ ସାହସ ଦିଅନ୍ତୁ।
**- ସବ୍ୟସାଚୀ ମିଶ୍ର, ଅଭିନେତା**

"ଓଡ଼ିଆ ଆଲ୍‌ବମ୍ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ଅଭିନେତ୍ରୀଭାବେ ଦୀପାଙ୍କ ଅଭିନୟ ସାଧାରଣ ଦର୍ଶକଙ୍କୁ ବିଶେଷ ପ୍ରଭାବିତ କରିଥିଲା। କ୍ୱଚିତ୍ ଓଡ଼ିଆ ଝିଅ ଭାବେ ଆଲ୍‌ବମ୍ ଗୀତକୁ ଶୀର୍ଷରେ ପହଞ୍ଚାଇବାରେ ଦୀପାଙ୍କ ଭୂମିକାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।
**- ଦିଲୀପ ହାଲି, ସିନେ ସମୀକ୍ଷକ**


ଅଭିନେତ୍ରୀ ଦୀପା ସାହୁଙ୍କ ମରଶରୀର ହସ୍ପିଟାଲରୁ ବାହାରିବାବେଳେ ଉପସ୍ଥିତ କଳାକାର ଓ ଅନ୍ୟମାନେ।

# ଭୁବନେଶ୍ୱରରେ ଆଉ ୧୫୯ ଆକ୍ରାନ୍ତ

ଭୁବନେଶ୍ୱର,୨୭।୭(ବ୍ୟୁରୋ)

- କେବଳ ୪ ବସ୍ତିରୁ ପୁଣି ୮୮ ଚିହ୍ନଟ
- ବଢୁଛି ଆଲୁଗଦି ସଂକ୍ରମିତଙ୍କ ସଂଖ୍ୟା

ଭୁବନେଶ୍ୱରରେ ୨୪ ଘଣ୍ଟାରେ ଆଉ ୧୫୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧରୁ ୧୧୮ଜଣ ଓ ୪୧ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଫଳରେ ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୧୫୦କୁ ବୃଦ୍ଧି ପାଇଛି। ତେବେ ବସ୍ତି, ବଜାର, ଶିଳ୍ପାଞ୍ଚଳ ଏବଂ ହସ୍ପିଟାଲରୁ ସର୍ବାଧିକ ଆକ୍ରାନ୍ତ ବାହାରୁଛନ୍ତି। ନୟାପଲ୍ଲୀ ୱାର୍ଡ ନଂ.୨୭ର ତ୍ରିନାଥ ବସ୍ତିରୁ ୪୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କିଛିଦିନ ତଳେ ଯାଜପୁରରୁ ଫେରିଥିବା ଜଣେ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ୫ଜଣ ଲୋକ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହାପରେ ଏହି ବସ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭୨ରେ ପହଞ୍ଚିଛି। ସେହିଭଳି ଗଣପତି ବସ୍ତିରୁ ଏପର୍ଯ୍ୟନ୍ତ ୧୫ଜଣ ଆକ୍ରାନ୍ତ ହୋଇଛନ୍ତି। ଗଞ୍ଜାମରୁ ଆସିଥିବା ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ୧୪ଜଣ ଆକ୍ରାନ୍ତ ହୋଇଥିବା କୁହାଯାଇଛି। ନୟାପଲ୍ଲୀ ୩୭ ନଂ. ୱାର୍ଡ ସୀତାପୁର ବସ୍ତିରୁ ୨୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ୩ ବସ୍ତିକୁ ବିଏମ୍‌ସି କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରି କଣ୍ଟାକ୍ଟ ଟ୍ରେସିଂ ଜାରି ରଖିଥିବାରୁ ଆହୁରି ଅଧିକ ଆକ୍ରାନ୍ତ ବାହାରିବା ଆଶଙ୍କା କରାଯାଉଛି। ସେହିଭଳି ସାଲିଆସାହି ଆଦିବାସୀ ଗାଁରୁ ୭ଜଣଙ୍କ ନମୁନା ପଜିଟିଭ୍ ଆସିଥିବାବେଳେ ଓଡ଼ିଶା ଭିନ୍ନକ୍ଷମ ସଂଘର ୧୩ଜଣ ଆକ୍ରାନ୍ତ ହୋଇଛନ୍ତି।

ଅନ୍ୟପକ୍ଷରେ ଆଇଜିଣିଆର ଆଲୁଗଦିରୁ ପୂର୍ବରୁ ୧୧ ସଂକ୍ରମିତ ବାହାରିଥିବାବେଳେ ସୋମବାର ଆହୁରି ୨୦ ଚିହ୍ନଟ ହୋଇଛନ୍ତି। ବାହାରୁ ଆସୁଥିବା ଆଳୁ ଟ୍ରକ୍ ଶ୍ରମିକଙ୍କ ସଂସ୍ପର୍ଶରେ ଆସି ବ୍ୟବସାୟୀମାନେ ସଂକ୍ରମିତ ହେଉଥିବା ବିଏମ୍‌ସି କହିଛି। ଏପଟେ ଆଉ ୧୦୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହେବାପରେ ସଂଖ୍ୟା ୧୦୧୧କୁ ବୃଦ୍ଧି ପାଇଛି।

# ବୃଦ୍ଧାଙ୍କୁ ଛୁରି ଭୁସି ସୁନାଗହଣା ଲୁଟିନେଲେ

ଭୁବନେଶ୍ୱର,୨୭।୭ (ବ୍ୟୁରୋ)

**ରାଜଧାନୀରେ ଘରେ ପଶିଗଲେ ଲୁଟେରା**

- ଶନିବାର ଭିଜିଲାନ୍ସ ଡିଏସ୍‌ପିଙ୍କଠାରୁ ମଧ୍ୟ ଲୁଟିଥିଲେ
- ଡିସିପିଙ୍କ ନେତୃତ୍ୱରେ ଗଠନ ହେଲା ୩ ଟିମ୍

ଲକ୍‌ଡାଉନ କଟକଣା ସତ୍ତ୍ୱେ ରାଜଧାନୀରେ ଆଉଏକ ଲୁଟ୍ ଘଟଣା ଘଟିଛି। ରବିବାର ସକାଳେ ଖାରବେଳନଗର ଥାନାଞ୍ଚଳରେ ଲୁଟେରାମାନେ ଭିଜିଲାନ୍ସ ଡିଏସ୍‌ପି ତନୁଜା ମହାନ୍ତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ଗହଣା ଲୁଟିନେଇଥିବାବେଳେ ରାତିରେ ନୟାପଲ୍ଲୀ ଥାନା ଏନ୍-୪ରେ ଜଣେ ବରିଷ୍ଠ ନାଗରିକ ତୁଳସୀ ଦେଇ (୭୧)ଙ୍କ ଘରେ ପଶି ଛୁରିରେ ଆକ୍ରମଣ କରି ସୁନାଗହଣା ଲୁଟି ନେଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ତନାଘନା କରିଥିଲେ ମଧ୍ୟ ଲୁଟେରାଙ୍କୁ ଠାବ କରିପାରିନି। ଅନ୍ୟପକ୍ଷରେ ସହରରେ ମାତିଥିବା ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ଡିସିପିଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ସ୍ପେଶାଲ ସ୍କ୍ୱାଡ୍, କ୍ୟୁଏଟି ଏବଂ ୩ ଥାନାର ଅଧିକାରୀ ରହିଛନ୍ତି। ନିକଟରେ ଜେଲ୍‌ରୁ ବାହାରିଥିବା ପୁରୁଣା ଲୁଟେରା ଓ ବିଭିନ୍ନ ଥାନାଞ୍ଚଳରେ ଥିବା କୁଖ୍ୟାତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରି ଧରିବାକୁ ଜାଲ ବିଛାଇଥିବା ଜଣାପଡିଛି।

ସୂଚନାନୁଯାୟୀ, ରବିବାର ରାତିରେ ସ୍ୱାମୀ କାର୍ ନେଇ ବାହାରକୁ ଯାଇଥିବାବେଳେ ଘରେ ତୁଳସୀ ଏକୁଟିଆ ଥିଲେ। ପୂର୍ବରୁ ସେମାନଙ୍କ ଉପରେ ନଜର ରଖୁଥିବା କୌଣସି ଏକ ଲୁଟେରା ଗ୍ୟାଙ୍ଗ୍‌ର ସଦସ୍ୟମାନେ ଏହି ସମୟରେ ତାଙ୍କ ଘର ଭିତରକୁ ପଶିଥିଲେ। ତୁଳସୀଙ୍କୁ ଛୁରୀରେ ଆକ୍ରମଣ କରି ସୁନାଗହଣା ଲୁଟି ନେଇଥିଲେ। ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଚିତ୍କାର କରୁଥିବାବେଳେ ଏହା ଶୁଣି ଜଣେ ପଡୋଶୀ ତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ତୁରନ୍ତ ତୁଳସୀଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତୁଳସୀଙ୍କ ସ୍ୱାମୀ ଘରକୁ ଆସିବା ପରେ ପୋଲିସକୁ ଖବର ଦେଇଥିଲେ। ଅଧିକ ରାତି ହୋଇଯାଇଥିବାରୁ ପୋଲିସର ତଦନ୍ତ ଆଗେଇପାରି ନ ଥିଲା। ସୋମବାର ସକାଳୁ ସାଇଣ୍ଟିଫିକ୍ ଟିମ୍ ମହିଳାଙ୍କ ଘରେ ପହଞ୍ଚି କେତେକ ନମୁନା ସଂଗ୍ରହ କରିଥିଲା।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୮ ଜୁଲାଇ, ୨୦୨୦



ଭାରତର ପୁଣେସ୍ଥିତ ସିରମ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ କରୋନା ପ୍ରତିଷେଧକ ଟିକା ପ୍ରସ୍ତୁତି କାର୍ଯ୍ୟ ଜୋରସୋର୍‌ରେ ଜାରି ରହିଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଏଷ୍ଟ୍ରାଜେନିକା ପକ୍ଷରୁ ପ୍ରସ୍ତୁତ କରାଯାଇଥିବା କରୋନା ପ୍ରତିଷେଧକ ଟିକା 'କୋଭିଶିଲ୍ଡ'ର ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟ ପରୀକ୍ଷଣ ଭାରତରେ କରାଯିବ। ପ୍ରଥମେ ପୁଣେ ଏବଂ ମୁମ୍ବାଇବାସୀଙ୍କଠାରେ ଏହି ଟିକାର ପରୀକ୍ଷା କରାଯିବ ବୋଲି ସିରମ୍ ଇନଷ୍ଟିଚ୍ୟୁଟର ସିଇଓ ଅଦାର ପୁନେୱାଲା କହିଛନ୍ତି।



# ବର୍ଜ୍ୟ ବୋଝରେ ଦବିଯିବ ପୃଥିବୀ

## ୨୦୪୦ ସୁଦ୍ଧା ୧୩୦ କୋଟି ଟନ୍ ଭାର ସହିବ



**ୱାଶିଂଟନ:** ପୃଥିବୀରେ ମହାମାରୀ କରୋନା ଲାଗି ଆତଙ୍କ ଦେଖାଦେଇଛି। କରୋନା ପରେ ଆଗାମୀ ୨୦ ବର୍ଷ ମଧ୍ୟରେ ପୃଥିବୀ ପାଇଁ ମହାବିପଦ ମାଡ଼ିଆସୁଛି ବୋଲି ପରିବେଶ ବିଜ୍ଞାନୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ୨୦୪୦ ସୁଦ୍ଧା ପୃଥିବୀ ୧୩୦ କୋଟି ଟନ୍ ବର୍ଜ୍ୟ ପ୍ଲାଷ୍ଟିକ୍ ବୋଝରେ ଦବିଯିବ ବୋଲି ପୂର୍ବାନୁମାନ କରାଯାଇଛି। କରୋନା ମହାମାରୀରୁ ଦୂରେଇ ରହିବା ଲାଗି ବ୍ୟବହୃତ ହେଉଥିବା ପିପିଇ କିଟ୍, ଗ୍ଲୋଭସ୍ ଏବଂ ଅନ୍ୟ ଚିକିତ୍ସା ଉପକରଣ ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ ହେଉଛି। ଏସବୁକୁ ବ୍ୟବହାର ପରେ ମନଇଚ୍ଛା ଫିଙ୍ଗି ଦିଆଯାଉଛି। ଏହାଯୋଗୁ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ୍ ବର୍ଜ୍ୟର ଓଜନ ଆଉ ପୃଥିବୀ ସହିପାରିବ ନାହିଁ। ୨୦୪୦ ବେଳକୁ ଆମେରିକାରେ ୭୧ କୋଟି ଟନ୍ ବର୍ଜ୍ୟ ପ୍ଲାଷ୍ଟିକ୍ ସୃଷ୍ଟି ହୋଇଥିବା। ମଣିଷ ଏସବୁକୁ ସମୁଦ୍ରରେ ଫୋପାଡ଼ିବାର ଯୋଜନା କରୁଛି। ତେବେ ଏହାଦ୍ୱାରା ସାମୁଦ୍ରିକ ଇକୋସିଷ୍ଟମ୍ ବିଗିଡ଼ିଯିବ ବୋଲି ପରିବେଶବିତ୍ ମତପୋଷଣ କରିଛନ୍ତି। ଏକ ଗ୍ଲୋବାଲ୍ ମଡେଲ ପକ୍ଷରୁ ଏହି ରିପୋର୍ଟ ସାଇନ୍ସ ଜର୍ନାଲ୍‌ରେ ପ୍ରକାଶିତ ହୋଇଛି। ଏନେଇ ଲିଡସ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. କୋଷ୍ଟାସ୍ ୱେଲିସ୍ କହିଛନ୍ତି ଯେ, ପ୍ରକାଶିତ ରିପୋର୍ଟ ନିଶ୍ଚିତଭାବେ ଚିନ୍ତାଜନକ। ତେବେ ମଣିଷ ସମାଜ ସଚେତନ ହେଲେ ଏହାର ସମାଧାନ ସମ୍ଭବ ହୋଇପାରିବ। ଏନେଇ ଆମେରିକାର ପ୍ୟୁ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବିନି ଲାଓ କହିଛନ୍ତି ବର୍ଜ୍ୟ ପ୍ଲାଷ୍ଟିକ୍ ସମସ୍ୟା ପୃଥିବୀ ପାଇଁ ସଙ୍କଟ ସୃଷ୍ଟି କରିବ। ସମୁଦ୍ର ଗର୍ଭକୁ ଯାଉଥିବା ପ୍ଲାଷ୍ଟିକ୍ ମାତ୍ରା ୮୦ ପ୍ରତିଶତ ପର୍ଯ୍ୟନ୍ତ କମ୍ କରିପାରିଲେ ଇକୋସିଷ୍ଟମକୁ ସୁରକ୍ଷିତ ରଖାଯାଇପାରିବ। ଏଥିପାଇଁ ବିକଶିତ ଜ୍ଞାନକୌଶଳ ଆଧାରରେ ବର୍ଜ୍ୟ ପ୍ଲାଷ୍ଟିକ୍‌କୁ ନଷ୍ଟ କରାଯିବା ଉଚିତ।

# ଭାଇଜାନ୍‌ଙ୍କ ପ୍ରେମରେ ପଡ଼ିଥିଲେ କ୍ରିତି



କ୍ରିତି ସାନନ

**ମୁମ୍ବାଇ:** ବଲିଉଡ୍ ନାୟିକା କ୍ରିତି ସାନନ ୨୦୧୪ରେ ଫିଲ୍ମ ହିରୋପନ୍ତି ମାଧ୍ୟମରେ ବଲିଉଡ଼ରେ ଏଣ୍ଟ୍ରି କରିଥିଲେ। ୩୦ ବର୍ଷରେ ପଦାର୍ପଣ କରିଥିବା ଏହି ନାୟିକା ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ ମଧ୍ୟ ମଡେଲିଂକୁ ନିଜର କ୍ୟାରିୟର ଭାବେ ବାଛି ନେଇଥିଲେ। ଇଲୋକ୍ଟ୍ରୋନିକ୍ସ ଓ ଟେଲି କମ୍ୟୁନିକେଶନରେ ସେ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ କ୍ରିତି ତେଲୁଗୁ ଫିଲ୍ମ 'ନିନୋକାଡାଇନ୍'ରେ ମହେଶ ବାବୁଙ୍କ ସହ ଅଭିନୟ କରିଥିଲେ। ଏହାପରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଆଉ ସେଇଠି ସେ ସୁଲତାନ ସଲମାନଙ୍କ ବଡ ଫ୍ୟାନ୍ ପାଲଟି ଯାଇଥିଲେ। ସଲ୍‌ମାନଙ୍କୁ ସେ ତାଙ୍କର ପ୍ରଥମ କ୍ରସ ବୋଲି କୁହନ୍ତି। ହେଲେ ଏବେ ତାହା ତାଙ୍କ ପାଇଁ ଅତୀତ ହୋଇଯାଇଛି। ସେ ମଧ୍ୟ କହିଛନ୍ତି ଯେ, ସଲ୍‌ମାନଙ୍କୁ କିଏ ନ ଭଲପାଏ। ସେ ବହୁତ ହ୍ୟାଣ୍ଡସମ୍ ଏବଂ ତାଙ୍କ ଆକ୍ଟିଂକୁ ମଧ୍ୟ ସେ ବେଶ୍ ପସନ୍ଦ କରନ୍ତି। ତାଙ୍କ ସହ କାମ କରିବାକୁ ମୋର ଡ୍ରିମ ଅଛି ବୋଲି କ୍ରିତି କହିଛନ୍ତି। ଜିରୋ ଫିଗର ମେଣ୍ଟେନ କରୁଥିବା କ୍ରିତି କିନ୍ତୁ କେବେହେଲେ ଖାଦ୍ୟ ପାନୀୟରେ କଣ୍ଟ୍ରୋଲ କରନ୍ତି ନାହିଁ। ତାଙ୍କୁ ମିଠା ହାଲୱା, କଷ୍ଟାର୍ଡ, ଚିଜ୍ କେକ୍ ଓ ଚକୋଲେଟ ବହୁତ ପସନ୍ଦ ବୋଲି ସେ କହିଛନ୍ତି। ଅବସର ସମୟରେ ସେ ମେଡିଟେଶନ କରିବା, ଫିଲ୍ମ ଦେଖିବା, ଖାଦ୍ୟ ପ୍ରସ୍ତୁତ କରିବା, କବିତା ଲେଖିବା ଓ ଡ୍ୟାନ୍ସ କରିବାକୁ ପସନ୍ଦ କରନ୍ତି। ସେ ଜଣେ ପ୍ରଫେଶନାଲ କଥକ ଡ୍ୟାନ୍ସର।

# ମାଛର ଦାମ୍ ୨୦ ଲକ୍ଷ

**କୋଲକାତା:** ଗୋଟିଏ ମାଛର ଦାମ୍ ୨୦ ଲକ୍ଷ ଟଙ୍କା। ଏକଥା ଶୁଣିବା ମାତ୍ରେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବ। ଗୋଟିଏ ମାଛର ଦାମ୍ ଏତେ ଟଙ୍କା ହୋଇପାରେ ଏକଥାକୁ ସହଜରେ ବିଶ୍ୱାସ କରିବା ବି ସମ୍ଭବ ନୁହେଁ। କିନ୍ତୁ ଏଭଳି ଏକ ମାଛ ଧରାପଡ଼ିଛି ପଶ୍ଚିମବଙ୍ଗର ଦିଘାରେ। ଦିଘାରେ ଜଣେ ମାଛଧରାଳି ଏଭଳି ଏକ ମାଛ ଧରିଛନ୍ତି, ଯାହାର ଓଜନ ପ୍ରାୟ ୮୦୦ କେଜି। ଏଭଳି ଏକ ଭିନ୍ନ ଧରଣର ମାଛକୁ ଦେଖି ଏବେ ସେଠାକାର ମାଛଧରାଳିମାନେ ବେଶ୍ ଖୁସି ହୋଇଯାଇଛନ୍ତି। ଏହି ମାଛଟିକୁ ଚିଲଶଙ୍କର ମାଛ କୁହାଯାଉଛି। ଏଭଳି ଏବଂ ଏତେ ବଡ଼ ମାଛକୁ ପୂର୍ବରୁ କେବେ ହେଲେ ମାଛଧରାଳିମାନେ ଦେଖି ନ ଥିଲେ ବୋଲି କହିଛନ୍ତି। ଏହି ମାଛଟି ଦେଖିବାକୁ ଏକ ଉଡ଼ାଜାହାଜ ପରି। ମାଛଟି ଧରାପଡ଼ିବା ପରେ ଏହାକୁ ଦେଖିବା ପାଇଁ ଏବେ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଭିଡ଼ ଜମୁଛି। ବିଭିନ୍ନ ସ୍ଥାନରୁ ଲୋକେ ଖବର ପାଇଁ ମାଛଟିକୁ ଦେଖିବା ପାଇଁ ଆସୁଛନ୍ତି। ଏହି ମାଛଟିର ଓଜନ ଏତେ ଅଧିକ ଯେ ଏହାକୁ ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାପାଇଁ ଏକ ଦଉଡ଼ି ବନ୍ଧାଯାଇ ଉଠାଯାଉଛି।

ଲକ୍‌ଡାଉନ୍ ସମୟରେ ଏଭଳି ଏକ ମାଛ ଧରି ଏବେ ମାଛଧରାଳିଙ୍କ ଭାଗ୍ୟ ଯେମିତି ଖୋଲିଯାଇଛି। କାରଣ ମାଛଧରାଳିମାନେ ଏହାକୁ ମାର୍କେଟକୁ ଆଣି ନିଲାମ କରିବା ପରେ ଏହାର ମୂଲ୍ୟ କେଜି ପିଛା ୨୧ଶହ ଟଙ୍କାରୁ ଅଧିକ ହୋଇପାରିଛି। ତେଣୁ ମାଛଟିର ମୂଲ୍ୟ ଏବେ ୨୦ ଲକ୍ଷ ଟଙ୍କାରୁ ଅଧିକ ହୋଇଛି। ଏଭଳି ବିରଳ ମାଛର ତେଲକୁ ବିଭିନ୍ନ ପ୍ରକାରର ଔଷଧ ତିଆରିରେ ବ୍ୟବହାର କରାଯାଇଥାଏ। ଏହା ସହିତ ମାଛକୁ ଖାଇବା ମଧ୍ୟ ଅତ୍ୟନ୍ତ ସ୍ୱାଦିଷ୍ଟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ଏତେ ଅଧିକ ଦାମ୍ ହେଲେ ବି ଲୋକଙ୍କର ଏହି ଚିଲଶଙ୍କର ମାଛ ନେବା ପାଇଁ ସ୍ୱତନ୍ତ୍ର ଆଗ୍ରହ ରହିଛି।



# ଛେଳି ଦର ୩୦ ହଜାର

**ମୁମ୍ବାଇ:** କରୋନା ମହାମାରୀ ଯୋଗୁ ଦେଓନାର କଂସେଇଖାନା ବନ୍ଦ ରହିବାରୁ ଛେଳି ଯୋଗାଣ ଯଥେଷ୍ଟ କମିଯାଇଛି। ଫଳରେ ବକ୍ରି ଇଦ୍‌ରେ ବଳି ଚଢ଼ାଇବା ପାଇଁ ମୁମ୍ବାଇରେ ଛେଳି ଏବେ ଅମୂଲମୂଲ। ପୂର୍ବରୁ ଦର ୨୦ ହଜାର ଟଙ୍କା ଥିଲାବେଳେ ଏବେ ତାହା ୩୦ ହଜାରରେ ପହଞ୍ଚିଛି। ତାହା ପୁଣି ଛେଳିର ଓଜନ ଆଧାରରେ ନିର୍ଣ୍ଣୟ କରାଯାଉଛି। ତେଣୁ ବକ୍ରି ଇଦ୍‌ରେ ପାରମ୍ପରିକ ଭାବେ ଛେଳି ବଳି ଚଢ଼ାଇ ଆସୁଥିବା ଅଧିକାଂଶ ପରିବାର ଏଥର ଏହାକୁ କିଣିବା ପାଇଁ ସାହସ ଜୁଟାଇ ପାରୁନାହାନ୍ତି। ମହାମାରୀ ଯୋଗୁ ପ୍ରାଣୀ ବଜାର ବନ୍ଦ ରହିଛି। କେତେକ ମସଲମାନ ବହୁଳ ଅଞ୍ଚଳରେ ଅସ୍ଥାୟୀ ଦୋକାନ ଖୋଲି ଛେଳି ବିକ୍ରି କରାଯାଉଛି। ବ୍ୟବସାୟୀମାନେ ମନଇଚ୍ଛା



ମୂଲ୍ୟ ଦାବି କରୁଥିବା ଜଣେ ସାମାଜିକ କର୍ମୀ କହିଛନ୍ତି। ଅନ୍‌ଲାଇନରେ ଛେଳି କିଣିବାକୁ ସରକାର ପରାମର୍ଶ ଦେଉଛନ୍ତି। କିନ୍ତୁ ଏଭଳି କାରବାର କରିବାକୁ ବ୍ୟବସାୟୀଙ୍କ ପାଖରେ ଆବଶ୍ୟକ ଟେକ୍‌ନୋଲୋଜି ଜ୍ଞାନ ନାହିଁ। ଜଣେ କ୍ରେତା କହିଛନ୍ତି, ସେ ପ୍ରତିବର୍ଷ ୪ଟି ଛେଳି ବଳି ଚଢ଼ାଉଥିବାବେଳେ ଚଳିତ ବର୍ଷ ଗୋଟିଏ କିଣିଛନ୍ତି।

# ପ୍ରକୃତିପ୍ରେମୀ ରାଜେନ୍ଦ୍ର



**ଶ୍ରୀନଗର:** ପରିବେଶ ସୁରକ୍ଷା ନେଇ ଏବେ ସମସ୍ତେ ଚିନ୍ତା ପ୍ରକଟ କରୁଛନ୍ତି ଓ ଅନେକେ ଏହାକୁ ନେଇ ଭାଷଣବାଜି ବି କରୁଛନ୍ତି। କିନ୍ତୁ କ୍ୱଚିତ୍ ଲୋକ ପରିବେଶ ସୁରକ୍ଷା ନିମନ୍ତେ ପ୍ରକୃତରେ ଉଦ୍ୟମ କରୁଛନ୍ତି। ଏମିତି ଜଣେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ହେଉଛନ୍ତି ଜମ୍ମୁ-କଶ୍ମୀରର ଅବସରପ୍ରାପ୍ତ କ୍ୟାପଟେନ୍ ରାଜେନ୍ଦ୍ର ସିଂହ।

ଭାରତୀୟ ସେନାବିଭାଗରେ କାମ କରିବା ପରେ ଅବସର ଗ୍ରହଣ କରି ସେ ପ୍ରକୃତିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି। ଅବସର ପରେ ଅନ୍ୟମାନଙ୍କ ପରି ସେ ଚାହିଁଥିଲେ ପରିବାର ଭିତରେ ହସଖୁସିରେ ସମୟ କଟାଇ ପାରିଥାନ୍ତେ। କିନ୍ତୁ ସମାଜ ପାଇଁ କିଛି କରିବାର ଇଚ୍ଛା ତାଙ୍କୁ ବିଭିନ୍ନ ଅଞ୍ଚଳରେ ଗଛ ଲଗାଇବା ପାଇଁ ପ୍ରେରଣା ସୃଷ୍ଟି କରିଥିଲା। ତେଣୁ ସେ ରହୁଥିବା ଜମ୍ମୁର ଓଲ୍‌ଡ ସତାବରୀ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଗଛ ଲଗାଇବା ଆରମ୍ଭ କରିଥିଲେ। ଏହାସହିତ ଅଳିଆ ଆବର୍ଜନା ହୋଇ ପଡ଼ି ରହିଥିବା ସ୍ଥାନଗୁଡ଼ିକୁ ସେ ନିଜ ଉଦ୍ୟମରେ ସଫା କରିବା ଆରମ୍ଭ କରିଥିଲେ। ପ୍ରତିଦିନ ସେ ସକାଳୁ ଉଠି ବିଭିନ୍ନ ସ୍ଥାନ ବୁଲି ଗଛ ଲଗାଇଥାନ୍ତି ଓ କେଉଁଠାରେ ଗଛରେ ପାଣି ଦେବା ସହିତ ଗଛ ଚାରିକଡ଼ ପରିଷ୍କାର କରିଥାନ୍ତି। ଗଛ ଲଗାଇବା ପାଇଁ ଯାହା ଖର୍ଚ୍ଚ କରିବାକୁ ହୁଏ ସେ ନିଜେ ଖର୍ଚ୍ଚ କରନ୍ତି। ସରକାରଙ୍କ ସହାୟତାକୁ ସେ କେବେ ହେଲେ ଅପେକ୍ଷା କରନ୍ତି ନାହିଁ। ନିଜେ ଗଛ ଲଗାଇବା ସହିତ ଅନ୍ୟମାନଙ୍କୁ ମଧ୍ୟ ଗଛ ଲଗାଇବା ପାଇଁ ପ୍ରେରଣା ଦେଇଥାନ୍ତି।

# ଫାଇଟର ପାଇଲଟ ଦାଲୀପ ସିଂ

**ନୂଆଦିଲ୍ଲୀ:** ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଦେଶସେବାରେ ସାମିଲ ହୋଇଥିବା ଭେଟେରାନ୍ ଭାରତୀୟ ବାୟୁସେନାର ସବୁଠାରୁ ବୟସ୍କ ଫାଇଟର ପାଇଲଟ ହେଉଛନ୍ତି ସ୍କ୍ୱାଡ୍ରନ୍ ଲିଡର ଦାଲୀପ୍ ସିଂ ମାଜିଥିଆ। ନେପାଳର କାଠମାଣ୍ଡୁଠାରେ ବିମାନ ଅବତରଣ କରାଇବାରେ ସେ ପ୍ରଥମ ପାଇଲଟ୍ ଥିଲେ। ସୋମବାର ସେ ଜୀବନର ୧୦୦ବର୍ଷ ପୂରଣ କରିଛନ୍ତି। କରୋନା ପରିସ୍ଥିତି ଯୋଗୁ ସେ ନିଜ ୧୦୦ତମ ଜନ୍ମଦିନ ଘରେ ପରିବାର ଲୋକଙ୍କ ସହ ପାଳିଛନ୍ତି।

ମାଜିଥିଆ ୧୯୪୦ରେ ମାତ୍ର ୨୦ବର୍ଷ ବୟସରେ ପାଇଲଟଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସେ ସମୟରେ ଲାହୋର ବ୍ରିଟିଶ ନେତୃତ୍ୱାଧୀନ ଭାରତର ଏକ ଅଂଶବିଶେଷ ରହିଥିଲା। କିଛି ବର୍ଷ ମଧ୍ୟରେ ମାଜିଥିଆ ଭାରତୀୟ ବାୟୁସେନାର ସ୍କ୍ୱାଡ୍ରନ୍-୬ରେ ପୁନଃ ନିଯୁକ୍ତି ପାଇଥିଲେ। ଏହି ସମୟରେ ତାଙ୍କୁ ହକର ହରିକ୍ୟାନ୍ ବିମାନ ଉଡ଼ାଣର ସୁଯୋଗ ମିଳିଥିଲା। ଏବେ ସେ ହରିକ୍ୟାନ୍‌କୁ ମନେପକାଇ 'ଅତି ସୁନ୍ଦର' ବୋଲି କହିଛନ୍ତି। ଗଛକୁ ଧକ୍କାଦେଇ ଏହି ବିମାନ ପୁଣି ଫେରିଆସିପାରେ ବୋଲି ସେ କୁହନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଚ୍ୟାଲେଞ୍ଜିଂ ଅପରେଶନରେ ମାଜିଥିଆ ବର୍ମା ସାମ୍ମୁଖ୍ୟରେ ଯାଇଥିଲେ। ଏହି ସମୟରେ ତାଙ୍କୁ ଜାପାନୀ ସୈନ୍ୟଙ୍କୁ ଖୋଜି



ବାହାର କରିବା ପାଇଁ ଘଞ୍ଚ ଜଙ୍ଗଲ ଉପରେ ବିମାନ ଉଡ଼ାଣର ଦାୟିତ୍ୱ ଦିଆଯାଇଥିଲା। ଜଙ୍ଗଲ ବହୁତ ବଡ଼ ହୋଇଥିବାବେଳେ ଜାପାନୀ ସୈନ୍ୟ ଭାରତ ମୁହାଁ ହେଉଥିଲେ। ତେଣୁ ସେମାନେ କେଉଁଠାରେ ଅଛନ୍ତି, ଠାବ କରିବାର ଦାୟିତ୍ୱ ରହିଥିଲା ବୋଲି ସେ କୁହନ୍ତି। ତେବେ ଭାରତ ସ୍ୱାଧୀନ ପରବର୍ତ୍ତୀ ସମୟରେ ୧୯୪୯ ଏପ୍ରିଲରେ ମାଜିଥିଆ ଦେଶର ଇତିହାସରେ ପ୍ରଥମ ପାଇଲଟଭାବେ କାଠମାଣ୍ଡୁରେ ବିମାନ ଅବତରଣ କରାଇବାରେ ସଫଳ ହୋଇଥିଲେ। ତତ୍କାଳୀନ ନେପାଳ ପ୍ରଧାନମନ୍ତ୍ରୀ ମୋହନ ସମ୍‌ଶେର୍ ଜଙ୍ଗ୍ ବାହାଦୁର ରାଣାଙ୍କ ଅନୁରୋଧକ୍ରମେ କାଠମାଣ୍ଡୁ ଉପତ୍ୟକା ଅଞ୍ଚଳକୁ ଧାନ ନେଇ ଯିବାକୁ ମାଜିଥିଆଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବାୟୁସେନାରୁ ଅବସର ପରେ ବ୍ରିଟିଶ୍ ନେତୃତ୍ୱାଧୀନ ଭାରତର ଆର୍ମି ଅଫିସରଙ୍କ ଝିଅ ଜନ୍ ସାଣ୍ଡର୍ସଙ୍କୁ ବିବାହ କରିଥିଲେ। ଏହାପରେ ସେ ବେସରକାରୀ ପାଇଲଟଭାବେ ସେବା ଜାରି ରଖିଥିଲେ।

# 'ହେପାଟାଇଟିସ୍ ମୁକ୍ତ ଭବିଷ୍ୟତ'



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ଚଳିତ ବର୍ଷର ବାର୍ତ୍ତା ହେଉଛି 'ହେପାଟାଇଟିସ୍ ଫ୍ରି ଫ୍ୟୁଚର' (ହେପାଟାଇଟିସ୍ ମୁକ୍ତ ଭବିଷ୍ୟତ)। ବର୍ତ୍ତମାନ କରୋନା ସମୟରେ ହେପାଟାଇଟିସ୍ ସମ୍ବନ୍ଧୀୟ ତଥ୍ୟଭିତ୍ତିକ ସୂଚନା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ଆବଶ୍ୟକତା। ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ସଂକ୍ରାମକ ରୋଗ। ହେପାଟାଇଟିସ୍‌କୁ ପାଞ୍ଚଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି' ରୋଗର ଉପଯୁକ୍ତ ଚିକିତ୍ସା କରା ନ ଯାଏ ତେବେ ଏହା ଲିଭର ସିରୋସିସ୍ ଓ ଲିଭର କ୍ୟାନ୍‌ସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍ ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି' ରୋଗରେ।

ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୦ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍ବରର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ହେପାଟାଇଟିସ୍ ବି, ଏବଂ ସି ଅଧିକ ମାରାତ୍ମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ। ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ।

**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ**

## ବିଶ୍ୱ ହେପାଟାଇଟିସ୍ ଦିବସ





ପ୍ରଫେସର ଡା. ସନାତନ ବେହେରା

ହେପାଟାଇଟିସ୍ ଏକ ଭୂତାଣୁଜନିତ ରୋଗ। ଏହି ଭୂତାଣୁର ୫ଟି ପ୍ରଜାତି ମଧ୍ୟରୁ ସବୁଠାରୁ ହେପାଟାଇଟିସ-ବି ପ୍ରଜାତି ମାରାତ୍ମକ ଅଟେ। ଥରେ ଏହି ରୋଗରେ ଆକ୍ରାନ୍ତ ହେଲେ ଏହାକୁ ସମ୍ପୂର୍ଣ୍ଣ ନିରାକରଣ କରାଯାଇ ପାରିବ ନାହିଁ; କିନ୍ତୁ ନିୟନ୍ତ୍ରଣ କରିହେବ। ତାଙ୍କ କହିବା ଅନୁଯାୟୀ ଏହି ରୋଗର ତିନୋଟି ଅବସ୍ଥା ରହିଛି। ପ୍ରାଥମିକ ଅବସ୍ଥାରେ ଥିବା ରୋଗୀଙ୍କ ଚିକିତ୍ସା ୯୦ ପ୍ରତିଶତ ସମ୍ଭବ। ଏହାପରେ କ୍ୟାରିଅର ବା ଆସିମ୍ପଟୋମାଟିକ, ଯେଉଁ ଅବସ୍ଥାରେ କୌଣସି ଲକ୍ଷଣ ଦେଖାଯାଏ ନାହିଁ। କ୍ରନିକ୍ ଡିଜିଜ୍ ବା ରୋଗ ପୁରୁଣା ହେବା ପର ଅବସ୍ଥାରେ ସାଧାରଣତଃ ଲିଭର ଫେଲ୍ୟୁଓର ବା ଯକୃତ କାମ କରି ନ ଥାଏ। ହେପାଟାଇଟିସ ସଂକ୍ରମଣର ପ୍ରମୁଖ କାରଣ ହେଉଛି ସଂକ୍ରମିତ ଛୁଞ୍ଚ ବ୍ୟବହାର, ସଂକ୍ରମିତ ଲୋକର ରକ୍ତ କିମ୍ବା ପ୍ଲାଜ୍‌ମା ନେବା, ସଂକ୍ରମିତ ମା'ଠାରୁ ଗର୍ଭସ୍ଥ ଶିଶୁକୁ ମଧ୍ୟ ସଂକ୍ରମିତ କରିଥାଏ। ମୁହଁ ବା ପାଟି ପଟରୁ ଏହି ରୋଗ ସଂକ୍ରମଣ ହେବାର କମ୍ ସମ୍ଭାବନା ଥାଏ । ଏହି ରୋଗର ମୁଖ୍ୟ ଲକ୍ଷଣଗୁଡ଼ିକ ହେଲା ଜଣ୍ଡିସ, ଓଜନ କମିବା, ଦୁର୍ବଳତା, ଗୋଡ଼ରେ ପାଣି ଜମିବା ଓ ପେଟ ଫୁଲିବା। ରୋଗର ବିଭିନ୍ନ ଅବସ୍ଥାରେ ଚିକିତ୍ସା ପଦ୍ଧତି ବି ବଦଳିଥାଏ। ଏହି ରୋଗକୁ ସମ୍ପୂର୍ଣ୍ଣ ଭଲ କରି ନ ହେଲେ ମଧ୍ୟ ପ୍ରତିଷେଧକ ଟିକା ଦ୍ୱାରା ପ୍ରତିରୋଧ କରିହେବ। କିନ୍ତୁ ସଂକ୍ରମିତ ହୋଇସାରିଥିବା ରୋଗୀ ଟିକା ନେଇପାରିବେ ନାହିଁ। ଜନ୍ମ ହେବା ପରେ ଜଣେ ଶିଶୁ ପ୍ରଥମ ମାସରେ ପ୍ରଥମ ଟିକା, ମାସକ ପରେ ଆଉ ଗୋଟିଏ ଓ ୬ ମାସରେ ଅତିରିକ୍ତ ଡୋଜ ନେବାକୁ ହୁଏ। ସେହିପରି ବୟସ୍କଙ୍କୁ ମଧ୍ୟ ଟିକାକରଣ ପାଇଁ ୩ଟି ଡୋଜ ନେବାକୁ ହେବ। ପ୍ରତି ବର୍ଷ ଏହି ଦିନରେ ସମୂହ ଟିକାକରଣ କରାଯାଇ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ କୋଭିଡ୍ କଟକଣା ଲାଗି ସମସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଛି। କେବଳ ୱେବିନାର୍ ଜରିଆରେ ବୈଷୟିକ ଆଲୋଚନା ଆୟୋଜନ କରାଯାଇପାରିବ। ଓଡ଼ିଶାରେ ପ୍ରତିବର୍ଷ ୬ରୁ ୮ ପ୍ରତିଶତ ଏବଂ ଦେଶରେ ୨ରୁ ୮ ପ୍ରତିଶତ ଲୋକ ହେପାଟାଇଟିସ୍ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଓଡ଼ିଶାରେ ଆକ୍ରାନ୍ତ ରୋଗୀଙ୍କ ମଧ୍ୟରେ ମୃତ୍ୟୁହାର ୨୩ ପ୍ରତିଶତ ରହିଛି। ତେବେ କରୋନା ମହାମାରୀ ସମୟରେ ଲିଭର ଡିସ୍‌ଫଙ୍କସନ ଥିବା ବ୍ୟକ୍ତି କୋଭିଡ୍ ସଂକ୍ରମଣର ଶିକାର ହେଲେ ମୃତ୍ୟୁ ଆଶଙ୍କା ୪୩ ପ୍ରତିଶତ ରହିଥାଏ ବୋଲି ଡା. ବେହେରା କହିଛନ୍ତି।

**ଆସିଷ୍ଟାଣ୍ଟ ପ୍ରଫେସର, ଏସ୍‌ସିବି ଯକୃତ ରୋଗ ବିଭାଗ**

## ମନେ ପଡ଼ନ୍ତି

Ekadashaha Upalakshye



Shri. Madhav Chandra Sahu
(Retd.DGM-Finance, BHEL)
(17.09.1949- 18.07.2020)
Permanent resident of Hadagadia sahi, Puri and at present residing in N6,IRC Village, Nayapalli.
You will be remembered forever for your selfless sacrifice. On this day, we pray Lord Jagannath to allow his soul to rest in eternal peace.
Prayer
Family, Relatives & Friends.
D-17828

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାକର ଦାସ
ଆବିର୍ଭାବ: ୦୩।୦୪।୧୯୩୮
ତିରୋଧାନ: ୧୮।୦୭।୨୦୨୦
ତମେ ଥିଲ ମୁଣ୍ଡ ଉପରେ ଛାତଟେ ଥିଲା ଆକାଶଠୁ ବି ବଡ଼। ତମେ ଥିଲ ଛାତିରେ ଥିଲା ଛାତିଏ ଦମ୍ଭ, ସମୁଦ୍ରଠୁ ବି ବଡ଼। ତମେ ଆଜି ନାହଁ ସବୁ ଆଡ଼େ ଶୂନ୍ୟତା, ମନରେ, ହୃଦୟରେ, ଘରେ, ବାହାରେ। ତମ ଆବର୍ତ୍ତମାନରେ ଆମେ ସବୁ ଏବେ ପାଲଟିଯାଇଛୁ ଅର୍କ୍ଷିତ। ତମେ ଯେଉଁଠି ଥାଅ ଭଲରେ ଥାଅ, ଶ୍ରୀଜଗନ୍ନାଥଙ୍କୁ ଆମର ଏତିକି ପ୍ରାର୍ଥନା।
-:ଇତି:-
ତୁମର ହତଭାଗିନୀ ସ୍ତ୍ରୀ, ପୁଅ, ବୋହୂ, ନାତି, ନାତୁଣୀ, କୁଟୁମ୍ବ, ବନ୍ଧୁବାନ୍ଧବ।
ଧ-୬୬୮୭୨



# କିପରି ଲଗାଇବେ ମୁଲତାନୀ ମାଟି

ସୌନ୍ଦର୍ଯ୍ୟ

ମୁଲତାନୀ ମାଟି ତ୍ୱଚା ନିମନ୍ତେ ବରଦାନ ସଦୃଶ। ଏହାକୁ ସବୁ ପ୍ରକାରର ତ୍ୱଚାରେ ଲଗାଇ ହେବ। ଏହା ତ୍ୱଚାରେ କୌଣସି ସାଇଡ୍ ଇଫେକ୍ଟ ସୃଷ୍ଟି ନ କରି ଉଜ୍ଜ୍ୱଳତା ବୃଦ୍ଧି କରିଥାଏ। ତେବେ କେଉଁ ତ୍ୱଚାରେ କିଭଳି ମୁଲତାନୀ ମାଟି ଲଗାଇବାର ବିଧି ସମ୍ପର୍କରେ ଜାଣି ରଖନ୍ତୁ।

ତୈଳୀୟ ତ୍ୱଚା ପାଇଁ ଏକ କପ୍ ମୁଲତାନୀ ମାଟିରେ ୨ ବଡ଼ ଚାମଚ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରି ମୁହଁରେ ଲଗାନ୍ତୁ। ଏହି ପେଷ୍ଟକୁ ଲଗାଇବାର ୧୫ ମିନିଟ୍ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାରେ ଥିବା ତୈଳୀୟ ଅଂଶ ଦୂର ହୋଇ ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

**ସାଧାରଣ ତ୍ୱଚା ପାଇଁ:** ଏକ ବଡ଼ ଚାମଚ ମୁଲତାନୀ ମାଟିରେ ୧ ବଡ଼ ଚାମଚ ଚନ୍ଦନ ପାଉଡର ଓ ୧ ଚାମଚ କଞ୍ଚା କ୍ଷୀର ମିଶାଇ ପେଷ୍ଟ ତିଆରି କରି ମୁହଁରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ଶୁଖିଲା ହୋଇଯିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ଦୁଇଥର ଏପରି କଲେ ତ୍ୱଚା ଆକର୍ଷଣୀୟ ଲାଗିବ।

**ଶୁଷ୍କ ତ୍ୱଚା ପାଇଁ:** ଏକ ପାତ୍ରରେ ୧ ବଡ଼ ଚାମଚ ମୁଲତାନୀ ମାଟି, ୧ ବଡ଼ ଚାମଚବାଦାମ ପେଷ୍ଟ ସହିତ କଞ୍ଚା କ୍ଷୀର ମିଶାଇ ପେଷ୍ଟ ତିଆରି କରି ୨ ମିନିଟ୍ ଘୋଡ଼ାଇ ରଖି ଦିଅନ୍ତୁ। ଏହାପରେ ମାଟି ଫୁଲି ଯାଇଥିବ। ଏହାକୁ ଆଣି ମୁହଁରେ ହାଲ୍କା ସ୍କ୍ରବ କରି ଲଗାନ୍ତୁ। ଶୁଖିଯିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଦୁଇ ଥର ଏପରି କରନ୍ତୁ।

**ତ୍ୱଚାର ଦାଗ ଦୂର ପାଇଁ:** ୨ ବଡ଼ ଚାମଚ ଟମାଟୋ ପେଷ୍ଟ, ମୁଲତାନୀ ମାଟି ୨ ବଡ଼ ଚାମଚ, ଚନ୍ଦନ ପାଉଡର ୧ ଚାମଚ, ହଳଦୀ ଗୁଣ୍ଡ ୧ ଚାମଚ ନିଅନ୍ତୁ। ସବୁ ସାମଗ୍ରୀକୁ ଭଲଭାବେ ମିଶାଇ ପେଷ୍ଟ କରି ମୁହଁରେ ଲଗାଇ ୧୦ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ହାଲ୍କା ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ମୁହଁରେ ଅଧିକ ଦାଗ ଥିଲେ ଏହାକୁ ପ୍ରତିଦିନ ବ୍ୟବହାର କଲେ ଚଳିବ।



# ସତର୍କତା ଜରୁରୀ



**ପରିବାରର ସୁରକ୍ଷା ଦାୟିତ୍ୱ ସାଧାରଣତଃ ଗୃହିଣୀମାନଙ୍କ ଉପରେ। ପିଲାମାନଙ୍କଠାରୁ ଆରମ୍ଭ କରି ବଡ଼ମାନଙ୍କର ବି ଦେହର ଯତ୍ନ, ଖାଦ୍ୟପେୟ, ପୋଷାକ ଆଦି ବିଷୟରେ ଟିକିନିଖି ବୁଝିବାକୁ ପଡ଼ିଥାଏ। ଏବେ କରୋନା ସଂକ୍ରମଣ ରୋକିବା ପାଇଁ ଗୃହିଣୀଙ୍କୁ ଆହୁରି ସତର୍କ ହେବାକୁ ପଡୁଛି। ଟିକିଏ ଅବହେଳା କଲେ ହୁଏତ ବଡ଼ ବିପଦକୁ ସାମ୍ନା କରିବାକୁ ପଡ଼ିପାରେ...**

କରୋନା କଟକଣା ଲାଗି ଏବେ ଘରେ ବେଶି ସମୟ ରହିବା ହିଁ ଭଲ। ନିହାତି ଆବଶ୍ୟକ ନ ଥିଲେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଉଛି। ଯେତେ ଅଧିକ ସମୟ ଆପଣ ଘରେ ରହିବେ କରୋନା ଆପଣଙ୍କଠାରୁ ସେତେ ଅଧିକ ଦୂରରେ ରହିବ। ଏ କଥା ସମସ୍ତେ ଜାଣନ୍ତି। ହେଲେ ପରିବାପତ୍ର ଆଉ ରାଶନ ସାମଗ୍ରୀ ଭଳି ଅତ୍ୟାବଶ୍ୟକ ଜିନିଷ ନିମନ୍ତେ ବାହାରକୁ ବାହାରିବାକୁ ପଡୁଛି। ତେବେ ସେଥିପାଇଁ ଗୃହିଣୀମାନଙ୍କୁ ପୁରା ସଜାଗ ରହିବା ଜରୁରୀ। ଘରୁ ବାହାରକୁ ଯିବା ଓ ଆସିବା ସମୟରେ ମାସ୍କ, ସାନିଟାଇଜର ତ ବ୍ୟବହାର କରବା ନିହାତି ଜରୁରୀ ତା' ଛଡ଼ା ପରିବାପତ୍ର ଓ ଅନ୍ୟ ସାମଗ୍ରୀ ସବୁକୁ ବି ସାନିଟାଇଜ୍ କରି ଘର ଭିତରକୁ ଆଣିବା ଆବଶ୍ୟକ।

**ପରିବାପତ୍ର ସାନିଟାଇଜ୍:** କରୋନା କଟକଣା ଭିତରେ ପରିବାପତ୍ର ଘରକୁ ଆଣିଲେ ପ୍ରଥମେ ଭଲଭାବେ ପରିଷ୍କାର କରୁଛନ୍ତି ଗୃହିଣୀମାନେ। କେହି କେହି ଖାଲି ପାଣିରେ ସବୁ ପରିବାକୁ ଧୋଇ ପରିଷ୍କାର କରୁଛନ୍ତି ତ ଆଉ କେତେଜଣ ଲୁଣରେ ଅବା ଖାଇବା ସୋଡ଼ା ଆଉ କିଏ ହ୍ୟାଣ୍ଡୱାଶ୍ ଆଦିରେ ସବୁ ପରିବାକୁ ଧୋଇ ରଖୁଛନ୍ତି। ଗୃହିଣୀମାନଙ୍କର ଏହି ପରିବା ଧୋଇବା ଆବଶ୍ୟକତାକୁ ପୂରଣ କରିବା ପାଇଁ ଏବେ ବଜାରରେ ସ୍ୱତନ୍ତ୍ର ପ୍ରକାରର ଲିକୁଇଡ୍ ମଧ୍ୟ ମିଳୁଛି, ଯାହାକୁ ପାଣିରେ ମିଶାଇ ଧୋଇବାକୁ ହେବ।

ଅବଶ୍ୟ ପିଆଜ, ରସୁଣ ପରିବା ଭଳି କେତେକ ପରିବାପତ୍ରକୁ ଧୋଇ ହେଉ ନ ଥିବାରୁ ତାକୁ ବାହାରେ ରଖି ଦେଉଛନ୍ତି ଗୃହିଣୀମାନେ। କିଛି ଦିନ ବାହାରେ ରହିବା ପରେ ହିଁ ସେସବୁ ପରିବାକୁ ଭିତରକୁ ନେଉଛନ୍ତି। ସେହିପରି ପ୍ୟାକିଂ ଜିନିଷ ଯେପରି କି ମ୍ୟାଗି, ବିସ୍କୁଟ, ମିକ୍ସଚର ଆଦିକୁ ସିଧାସଳଖ ଧୋଇ ହେଉ ନ ଥିଲେ ବି ଏସବୁ ପ୍ୟାକେଟକୁ କିଛି ଦିନ ବାହାରେ ରଖି ଦିଆଯାଉଛି। କେହି କେହି ପ୍ୟାକେଟ୍‌ଗୁଡ଼ିକୁ ଡେଟଲ୍‌ଭିଜା କପଡ଼ାରେ ଭଲଭାବେ ପୋଛି ଦେଇ ରଖିବାକୁ ଲୋକେ ପସନ୍ଦ କରୁଛନ୍ତି। ଆଉ କେତେଜଣ ସମସ୍ତ ପ୍ୟାକେଟ୍ ଜିନିଷକୁ ଖରାରେ ରଖିଲେ କୀଟାଣୁ ନଷ୍ଟ ହେବ ବୋଲି ଚିନ୍ତା କରୁଛନ୍ତି। ଏମିତି ପ୍ରାୟ ପ୍ରତ୍ୟେକ ଜିନିଷକୁ ଏବେ ସାନିଟାଇଜ୍ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

**ଅନ୍‌ଲାଇନ୍ ଅର୍ଡର:** ପରିବାପତ୍ର ଭଳି ଅନ୍‌ଲାଇନ୍ ଅର୍ଡରରେ ଆସୁଥିବା ଜିନିଷ ସବୁ ବି ସାନିଟାଇଜ୍ କରାଯାଉଛି। ଲକ୍‌ଡାଉନ୍ ପାଇଁ ପ୍ରାୟ ସବୁ ଦୋକାନ ବନ୍ଦ ରହୁଥିବାରୁ ଅନ୍‌ଲାଇନ୍‌ରେ କିଛି ଜିନିଷ କିଣିବା ସହଜ ହେଉଛି। ତେଣୁ ଅନ୍‌ଲାଇନ୍‌ରେ ମଗାଉଥିବା ସାମଗ୍ରୀର ପ୍ୟାକେଟକୁ ଗ୍ରହଣ କରିବା ପରେ ପ୍ରଥମେ ସାନିଟାଇଜର୍ ସ୍ପ୍ରେ କରି ସେହି ପ୍ୟାକେଟକୁ ବାହାରେ ଦୁଇ ତିନି ଦିନ ରଖି ଦିଆଯାଉଛି। ଏହାପରେ ପ୍ୟାକେଟ ଖୋଲି ଲୋକେ ଘର ଭିତରକୁ ନେବାକୁ ପସନ୍ଦ କରୁଛନ୍ତି। ଏପରି କରିବା ଫଳରେ କରୋନା ସଂକ୍ରମଣ ହେବନାହିଁ ବୋଲି ଲୋକେ ବିଶ୍ୱାସ କରୁଛନ୍ତି।

**ନନ୍ ଭେଜ୍:** କରୋନା କଟକଣା ଭିତରେ ନନ୍ ଭେଜ୍ ଦୋକାନ ପ୍ରାୟ ସବୁଆଡ଼େ ଖୋଲା ରହୁଛି। ହେଲେ ଏସବୁ ଜିନିଷ ଘରକୁ ନେବାବେଳେ ବି ଲୋକେ ସତର୍କତା ଅବଲମ୍ବନ କରିବାକୁ ଭୁଲୁ ନାହାନ୍ତି। ପରିବା ଭଳି ଅଣ୍ଡାକୁ ମଧ୍ୟ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ପାଣିରେ କିଛି ସମୟ ଭିଜାଇ ଭଲଭାବେ ଧୋଇ ରଖୁଛନ୍ତି। ଆଉ କିଛି ଲୋକ ମାଂସ ଖାଇବା ବନ୍ଦ କରି ଦେଇଛନ୍ତି ଏବଂ ମାଛକୁ ଆଣିବା ମାତ୍ରେ ତୁରନ୍ତ ଧୋଇ ଭଲଭାବେ ଭାଜି ରଖୁଛନ୍ତି। ଏଭଳି ସତର୍କତାମୂଳକ ପଦକ୍ଷେପ ଦ୍ୱାରା କରୋନାକୁ ଏଡ଼ାଇ ହେବ ବୋଲି ଏବେ ସମସ୍ତେ ମତ ଦେଉଛନ୍ତି।

**ମେଡିସିନ୍:** ଅନ୍‌ଲାଇନ୍‌ରେ ହେଉ କି ଅଫ୍ ଲାଇନ୍‌ରେ ହେଉ ଘରକୁ ଆସୁଥିବା ମେଡିସିନ୍‌କୁ ବି କିଛି ଲୋକେ ସାନିଟାଇଜ୍ କରିବାକୁ ପସନ୍ଦ କରୁଛନ୍ତି। ଅର୍ଥାତ୍ ସ୍ୱତନ୍ତ୍ର ପାଣିରେ ଭିଜା ହୋଇଥିବା କପଡ଼ାରେ ସମସ୍ତ ମେଡିସିନ୍‌କୁ ବି ପୋଛି ଘରେ ରଖୁଛନ୍ତି।



**ସିଧାସଳଖ କିଛି ଜିନିଷ ଘରକୁ ଯାଏନି:** ଆମର ଘର ଆଗରେ ଗୋଟେ ଟ୍ୟାପ୍ ଲାଗିଛି। ପରିବା ଆସିଲେ ପ୍ରଥମେ ସେଇଠି ଗୋଟେ କୁଣ୍ଡରେ ଭଲଭାବେ ଧୁଆହୁଏ। ତା'ପରେ ପରିବା ସବୁ ଛାଣି ଅଲଗା ଘରେ ଶୁଖିବା ପାଇଁ ରଖି ଦେଉ। ଗୋଟେ ଦିନ ପରେ ସେସବୁକୁ ଆଣି ଫ୍ରିଜରେ ରଖି ବ୍ୟବହାର କରୁ। ଯେଉଁସବୁ ଜିନିଷକୁ ଧୋଇ ହେବନି ଅର୍ଥାତ୍ ପିଆଜ, ରସୁଣ କି ପ୍ୟାକେଟ୍ ଜିନିଷ ସବୁକୁ ଆମେ କିଛି ଘଣ୍ଟା ପାଇଁ ଖରାରେ ରଖି ଦେଉଛୁ। ତା'ପରେ ଘରକୁ ଆଣୁଛୁ। ଯଦି ଖରା ହେଉ ନ ଥାଏ ତେବେ ତାକୁ ଅନ୍ୟ ଏକ ଘରେ ଦୁଇ ତିନି ଦିନ ରଖି ଦେଉ ଏବଂ ପ୍ୟାକେଟ୍ ଉପରେ କିଛି ସାନିଟାଇଜର ପକାଇ ତାକୁ କପଡ଼ାରେ ପୋଛି ଦେଉ। ମୋର ଛୋଟ ଛୁଆଟା ଥିବାରୁ ଅଧିକ ସତର୍କ ହେବାକୁ ପଡୁଛି। ସେଥିପାଇଁ ବାହାରୁ ଆସୁଥିବା କୌଣସି ଜିନିଷକୁ ମୁଁ ସଙ୍ଗେ ସଙ୍ଗେ ଘର ଭିତରକୁ ଆଣି ନ ଥାଏ।

*–ମମତା ବରାଳ*
*ଓକିଲ, କୁଞ୍ଜକାନ୍ତ, ଢେଙ୍କାନାଳ*


ଜୟନ୍ତି


ମମତା


ରଶ୍ମିତା


ଧରିତ୍ରୀ

**ବାହାରେ ଦିନେ ରଖି ଦେଉଛୁ:** ଘରକୁ ପରିବାପତ୍ର ଦରକାର ଥିଲେ ଦିନକ ଆଗରୁ ଆଣୁଛୁ। ସବୁ ପରିବାକୁ ବାହାରେ ଛାତ ଉପରେ ଶିଡ଼ି ଘରେ ରଖି ଦେଇଥାଉ। ଦିନେ ବାହାରେ ରହିବା ପରେ ପରଦିନ ତାକୁ ଘରକୁ ଆଣି ବ୍ୟବହାର କରୁଛୁ। ପ୍ୟାକେଟ୍ ଜିନିଷ ସବୁକୁ ବି ଆମେ ବାହାରେ କିଛି ଦିନ ରଖି ଦେଉ। ଦରକାର ହେଲେ ତାକୁ ଘରକୁ ଆଣି ବ୍ୟବହାର କରୁ। ଏହା ବ୍ୟତୀତ କରୋନା ସଂକ୍ରମଣ ହେବା ଦିନଠାରୁ ଆମେ କେହି ଆମିଷ ଖାଦ୍ୟ ଖାଉ ନାହୁଁ। ଇମ୍ୟୁନିଟି ପାୱାର ବଢ଼ାଇବା ପାଇଁ ପ୍ରାକୃତିକ ଖାଦ୍ୟ ଉପରେ ବେଶି ଜୋର ଦେଉଛୁ। ନିହାତି ଦରକାର ନ ଥିଲେ ଆମେ କେହି ବାହାରକୁ ବି ଯାଉ ନାହୁଁ।

*–ଜୟନ୍ତି ପଣ୍ଡା, ଗୃହିଣୀ, ନଖରା, କଟକ*

**ରୋଷେଇ ଆଗରୁ ଭେଜି ୱାଶ୍‌ରେ ଧୁଏ:** ପରିବାପତ୍ର ଆଣିବା ପାଇଁ ମୁଁ ନିଜେ ଯାଏ। ଆଉ ବିଶ୍ୱସ୍ତ ଲୋକଙ୍କ ପାଖରୁ ହିଁ ପରିବା ଆଣେ। ସବୁ ପରିବାକୁ ପ୍ରଥମେ ଅଲଗା କରି ଫ୍ରିଜରେ ରଖିଦିଏ ଆଉ ରୋଷେଇ କରିବା ପାଇଁ ବାହାର କରିବା ବେଳକୁ ପରିବା ଧୋଇବା ପାଇଁ ମିଳୁଥିବା ଲିକ୍ୟୁଇଡ୍ ଭେଜି ୱାଶରେ ଭଲଭାବେ ଧୋଇ ବ୍ୟବହାର କରେ। ଆଉ ପ୍ୟାକେଟ୍ ଜିନିଷ ସବୁକୁ ପ୍ରଥମେ ସାନିଟାଇଜର ସ୍ପ୍ରେ କରି ବାହାରେ ବାଲକୋନିରେ ଗୋଟେ ଦିନ ରଖିଦେଉଛି। ଦିନକ ପରେ ଘରକୁ ଆଣି ବ୍ୟବହାର କରୁଛି। ଏହା ବ୍ୟତୀତ ବାହାରୁ ଫେରିବା ମାତ୍ରେ ଭଲଭାବେ ସାନିଟାଇଜ୍ କରିବା ସହ ଲୁଗାପଟା ବି ଧୋଇ ଦେଇଥାଏ।

*–ରଶ୍ମିତା ମହାନ୍ତି*
*ଗୃହିଣୀ, ମନିକୋଣ୍ଡା, ହାଇଦ୍ରାବାଦ*

**ଘରକୁ ଆଣିବାବେଳେ ସତର୍କ ରହେ:** ଏବେ ତ ଆମର କମ୍ ପରିବା ଆସୁଛି। କାରଣ ସପ୍ତାହକୁ ଥରେ ଆମ ଘରକୁ ମାର୍କେଟରୁ ପରିବା କିମ୍ବା ଅନ୍ୟ ରାଶନ ସାମଗ୍ରୀ ଆସୁଛି। ଆଉ ପରିବା ପତ୍ର ଆସିବା ମାତ୍ରେ ସେସବୁକୁ ମୁଁ ବାହାର କରି ପ୍ରଥମେ ଏକ ବାଲ୍‌ଟି ଭିତରେ ପାଣିରେ ପରିବା ଧୋଇବା ପାଇଁ ମିଳୁଥିବା ଲିକୁଇଡ୍ ଭେଜିୱାଶ୍ ପକାଇ ଅଧଘଣ୍ଟା ଭିଜାଇ ରଖିଦିଏ। ତା'ପରେ ପରିବାକୁ ପାଣିରୁ ବାହାର କରି ଖୋଲାରେ ଶୁଖିବା ପାଇଁ ରଖିଦିଏ। ଦୁଇ ଚାରିଘଣ୍ଟା ପରେ ପରିବା ସବୁକୁ ଅଲଗା ଅଲଗା କରି ଫ୍ରିଜରେ ରଖେ। ତା'ପରେ ଆବଶ୍ୟକ ଅନୁସାରେ ବ୍ୟବହାର କରେ। ସେହିପରି ରାଶନ ସାମଗ୍ରୀ ହେଉ କି ଅନ୍‌ଲାଇନ୍‌ରେ ଆସିଥିବା ଜିନିଷକୁ ଶିଡ଼ି ଘରେ ତିନି ଦିନ ପର୍ଯ୍ୟନ୍ତ ଅଲଗା ରଖି ଦେଇଥାଏ। ତିନି ଦିନ ପରେ ସେସବୁକୁ ଆଣି ଡେଟଲଭିଜା ଓଦା କପଡ଼ାରେ ପୋଛି ଘର ଭିତରେ ରଖିଥାଏ। ଏମିତିଭାବେ ସବୁ ଦିଗପ୍ରତି ସତର୍କ ରହିଲେ କରୋନା ସଂକ୍ରମଣରୁ ରକ୍ଷା ମିଳିପାରିବ।

*–ଧରିତ୍ରୀ ପରିଜା*
*ଅଧ୍ୟାପିକା, ଖମାର, ଅନୁଗୋଳ*

# କ'ଣ କରେ ଘିଅ

ଘିଅ (ଗୁଆଘିଅ)ର ଅନେକ ଫାଇଦା ରହିଛି। କିନ୍ତୁ ସାଧାରଣତଃ ଲୋକେ ଭାବିଥାନ୍ତି କି ଘିଅ ଖାଇଲେ ଓଜନ ବୃଦ୍ଧି ହୋଇଥାଏ। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ଘିଅ ଖାଇବା ଫଳରେ ବହୁ ଉପକାର ମିଳିଥାଏ।

– ଘିଅରେ ବହୁ କ୍ୟାଲୋରୀ, ଫ୍ୟାଟ୍, ସାଚୁରେଟେଡ୍ ଫ୍ୟାଟ୍, ଭିଟାମିନ୍-ଏ,ଡି,ଇ ଓ କେ ରହିଛି। ଏସବୁ ଆମ ହାର୍ଟକୁ ସୁସ୍ଥ ରଖିବା ସହିତ ଅସ୍ଥିଗଠନ ଏବଂ ପେଟ, ତ୍ୱଚା ତଥା କେଶ ନିମନ୍ତେ ବହୁ ଫାଇଦା ଆଣିଥାଏ।

– ଯେକୌଣସି ବ୍ୟକ୍ତି ନିଜ ଓଜନ, ଉଚ୍ଚତା ତଥା ବୟସ ଅନୁସାରେ ବ୍ୟାୟାମ ଓ ଡାଏଟିଂ କରିବା ସହିତ ଘିଅ ଖାଇପାରିବେ ବୋଲି ଏବେ ଡାଏଟିସିଆନ୍‌ମାନେ ପରାମର୍ଶ ଦେଉଛନ୍ତି। ହେଲ୍‌ଦି କ୍ୟାଲୋରୀ ନିମନ୍ତେ ଘିଅ ଅତ୍ୟନ୍ତ ଲାଭଦାୟକ।

– ଘିଅରେ ଗାଈ ତଥା ମଇଁଷି ଉଭୟଙ୍କର ଘିଅ ଖାଇହେବ। କିନ୍ତୁ ଗାଈ ଘିଅ ଅଧିକ ଫାଇଦା ଆଣିଥାଏ। ଗାଈ ଘିଅ ମେଟାବଲିଜିମ୍‌କୁ ନିୟନ୍ତ୍ରଣ କରିବା ସହିତ ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ। ଏଥିରେ ଫ୍ୟାଟି ଏସିଡ୍ ଥିବାରୁ ବହୁ ଲାଭ ମିଳିଥାଏ। ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଘିଅ ନଷ୍ଟ କରିଥାଏ ଓ ଇମ୍ୟୁନ୍ ସିଷ୍ଟମକୁ ମଜଭୁତ କରିଥାଏ।



– ତେବେ ଘିଅକୁ ସନ୍ତୁଳିତ ମାତ୍ରାରେ ହିଁ ଭୋଜନ କରିବା ଉଚିତ୍। ଗର୍ଭବତୀ ମହିଳା ଓ ବ୍ରେଷ୍ଟଫିଡ୍ କରାଉଥିବା ମହିଳାମାନେ ଦିନକୁ ୩ ଚାମଚରୁ ଅଧିକ ଘିଅ ଖାଇବା ଉଚିତ ନୁହେଁ। ୩ ରୁ ୯ ବର୍ଷର ପିଲାମାନେ ଦିନକୁ ୨ ଚାମଚ ଏବଂ ୧୦ ରୁ ୧୭ ବର୍ଷର ପିଲାମାନେ ଦିନକୁ ୩ ଚାମଚ ଘିଅ ଖାଇପାରିବେ। ୭ମାସରୁ ୨ ବର୍ଷ ପର୍ଯ୍ୟନ୍ତ ପିଲାମାନେ ଖାଦ୍ୟରେ ୨ ରୁ ୩ ଚାମଚ ଘିଅ ଖାଇପାରିବେ। ଏହା ବ୍ୟତୀତ ସାଧାରଣ ପୁରୁଷ ବା ମହିଳା ଦିନକୁ ୨ ଚାମଚ ଘିଅ ଖାଇପାରିବେ। ତେବେ ରକ୍ତଚାପ କିମ୍ବା ମଧୁମେହ ଥିବା ଲୋକେ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଘିଅ ଖାଇପାରିବେ।

# ଠିକ୍ ଭାବେ କରନ୍ତୁ ଶିଶୁର ଦେଖାଶୁଣା

**ଶିଶୁମାନଙ୍କର ଠିକ୍ ଭାବେ ଯତ୍ନ ନ ନେଲେ ସେମାନଙ୍କର ବହୁ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଯଦି ପ୍ରଥମକରି ମାଆ ହୋଇଥାନ୍ତି ତେବେ ପିଲାମାନଙ୍କର ଯତ୍ନ କିପରି ନେବେ ଜାଣିରଖନ୍ତୁ...**

ପିଲାମାନେ ବହୁତ ଥର ପରିସ୍ରା କରିଥାନ୍ତି। ତେଣୁ ମଝିରେ ମଝିରେ ସେମାନଙ୍କର ଡାଇପର୍ ଚେକ୍ କରନ୍ତୁ। ଡାଇପର୍ ଓଦା ହୋଇଗଲେ ତୁରନ୍ତ ବଦଳାଇ ଦିଅନ୍ତୁ। ଡାଇପର ବଦଳାଇବା ପରେ ଶିଶୁର ତ୍ୱଚାକୁ ଭଲଭାବେ ସଫା କରି ଶୁଖିବାକୁ ଦିଅନ୍ତୁ। ଏଥିପାଇଁ ୱାଇପ୍‌ସ ବା ବେବି ଲୋଶନ ବ୍ୟବହାର କରିପାରିବେ।

ଲଗାତର ଡାଇପର ପିନ୍ଧିବା ଦ୍ୱାରା ଯଦି ଶିଶୁର ନାଲି ଦାଗ ହୋଇଯାଇଥାଏ ତେବେ ଭଲ କ୍ରିମ୍ ବ୍ୟବହାର କରନ୍ତୁ।

ଶିଶୁ ପାଇଁ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର କସମେଟିକ୍ ଆଣିବା ପୂର୍ବରୁ ତାହା ଯେପରି ଶିଶୁର ତ୍ୱଚାରେ ଖରାପ ପ୍ରଭାବ ପକାଉ ନ ଥିବ ସେଥିପ୍ରତି ଧ୍ୟାନ ଦେବେ। ସାବୁନ ଓ ଶାମ୍ପୁ ବ୍ୟବହାର ସମୟରେ ଶିଶୁର ଆଖିରେ ଯେପରି ନ ପଶେ ସେଥିପ୍ରତି ବିଶେଷ ଧ୍ୟାନ ଦେବେ।



ଶିଶୁର ମାଲିସ୍ ସମୟରେ ହାଲ୍କା ଭାବରେ କରନ୍ତୁ। କେଉଁ ସମୟରେ ଓ କେତେବେଳେ ମାଲିସ୍ କରିବାକୁ ହେବ ସେନେଇ ଭଲଭାବେ ଜାଣି ରଖନ୍ତୁ। ଶିଶୁକୁ ଗାଧୋଇଦେବା ପୂର୍ବରୁ ମାଲିସ୍ କରିଲେ ଭଲ। ସ୍ନାନ ନିମନ୍ତେ ଥିବା ପାଣିକୁ ବେଶି ଗରମ କରନ୍ତୁ ନାହିଁ।

ଶିଶୁର ଖାଇବା ପିଇବା ସହିତ ତା'ର ଓଜନ ଉପରେ ନଜର ରଖନ୍ତୁ। ଏହା ସହିତ ଶିଶୁର ଠିକ୍ ସମୟରେ ଟିକାକରଣ କରନ୍ତୁ। କୌଣସି ପ୍ରକାରର ପରିବର୍ତ୍ତନ ଲକ୍ଷ୍ୟ କଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

ଖାଦ୍ୟ ରୁଚି

# ଭେଣ୍ଡି ଦୋପିଆଜା

**ଆବଶ୍ୟକ ସାମଗ୍ରୀ:** ଭେଣ୍ଡି- ୫୦୦ଗ୍ରାମ୍, ଅଦା- ୧ ଇଞ୍ଚ, ପିଆଜ- ୨ଟି ବଡ଼, ଜିରା- ୧ ଚାମଚ, ହଳଦୀ ଗୁଣ୍ଡ- ଅଧା ଚାମଚ, ଲଙ୍କା ଗୁଣ୍ଡ ଓ ଲୁଣ- ସ୍ୱାଦ ଅନୁସାରେ, ତେଲ- ୩ ଚାମଚ



**ପ୍ରଣାଳୀ:** ପ୍ରଥମେ ଭେଣ୍ଡିକୁ ଭଲଭାବେ ଧୋଇ କାଟି ରଖନ୍ତୁ। ଅଦାକୁ ଚୋପା ଛଡ଼ାଇ ବାଟି ଦିଅନ୍ତୁ ଏବଂ ପିଆଜକୁ ଛୋଟ ଛୋଟ କାଟି ରଖନ୍ତୁ। ଏହାପରେ କଡ଼େଇରେ ତେଲ ଗରମ କରି ଜିରା ଫୁଟାନ୍ତୁ। ଏହାପରେ ପିଆଜ ପକାଇ ହାଲ୍କା ଭାଜନ୍ତୁ। ପିଆଜ ଅଳ୍ପ ଭାଜି ହୋଇ ଆସିଲେ ସେଥିରେ ଅଦା ପେଷ୍ଟକୁ ପକାଇ କମ୍ ଆଞ୍ଚରେ କଷନ୍ତୁ। ଅଦା କଷି ହୋଇଯିବା ପରେ ସେଥିରେ ଭେଣ୍ଡି ପକାଇ ଲୁଣ, ହଳଦୀ ଓ ଲଙ୍କାଗୁଣ୍ଡ ପକାନ୍ତୁ। କମ୍ ଆଞ୍ଚରେ ଭେଣ୍ଡିକୁ ମସଲାରେ ମିଶାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାପରେ ଭେଣ୍ଡି ସିଝି ଆସିଲେ ଓହ୍ଲାଇ ଦିଅନ୍ତୁ। ରୁଟି କିମ୍ବା ପରଟା ସହିତ ଭେଣ୍ଡି ଦୋପିଆଜା ଖାଇବାକୁ ବହୁତ ଭଲ ଲାଗେ।

ଧରିତ୍ରୀ
DHARITRI
ମଙ୍ଗଳବାର, ଜୁଲାଇ ୨୮, ୨୦୨୦

## ୬ନଂ. ୱାର୍ଡ ହେଲା କଣ୍ଟେନମେଣ୍ଟ ଜୋନ୍

ବାରଙ୍ଗ (ଡି.ଏନ.ଏ.)– ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାଢ଼ା ପଞ୍ଚାୟତର କେନ୍ଦୁପାଟଣା ଗ୍ରାମର ୬ନଂ ୱାର୍ଡକୁ ଖୋର୍ଦ୍ଧା ଜିଲାପାଳ ଶୀତାଂଶୁ କୁମାର ରାଉତ ସୋମବାର କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏହି ଗ୍ରାମରେ ଜଣେ ବ୍ୟକ୍ତିଙ୍କର ରବିବାର କରୋନା ପରୀକ୍ଷା କରାଯାଇଥିବା ପରେ ପଜିଟିଭ ବାହାରିଥିଲା। ଫଳରେ ତାଙ୍କୁ ସୋମବାର କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଜିଲାପାଳ ଏହାକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିବା ସହ ୩୦ତାରିଖ ରାତି ୭ଟା ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ ନିର୍ଦ୍ଦେଶ ଦେଇଛନ୍ତି।



**ସଂକ୍ଷେପରେ**

### ୫ ଗାଁ କଣ୍ଟେନମେଣ୍ଟ ଜୋନ୍

ପୁରୀ ଅଫିସ,୨୭।୭: ପୁରୀ ଜିଲାରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟାରେ ସୋମବାର ସାମାନ୍ୟ ବ୍ରେକ୍ ଲାଗିଛି। ଗତ ଦୁଇଦିନରେ ଜିଲାରୁ ୧୮୧ ଜଣ ଆକ୍ରାନ୍ତ ବାହାରିଥିବାବେଳେ ସୋମବାର ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଯେଉଁଠାରୁ ସ୍ଥାନୀୟ ସଂକ୍ରମିତ ବାହାରୁଛନ୍ତି ସେହି ଅଞ୍ଚଳକୁ ପ୍ରଶାସନ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରୁଛି। ସୋମବାର କଣାସ ବ୍ଲକର ୪ଟି ଓ କୃଷ୍ଣପ୍ରସାଦ ବ୍ଲକର ଗୋଟିଏ ସ୍ଥାନରେ କଣ୍ଟେନମେଣ୍ଟ କଟକଣା ଲଗାଯାଇଛି। କୃଷ୍ଣପ୍ରସାଦ ବ୍ଲକ ବନ୍ଧାଳ ପଞ୍ଚାୟତର ଖୋଲମୁହାଣ, କଣାସ ବ୍ଲକ ଦୋଛିଆଁ ପଞ୍ଚାୟତର ଆଳିପଡ଼ା, ତ୍ରିଲୋଚନପୁର ପଞ୍ଚାୟତର ଗଉପଡ଼ା, ଗଡ଼ବଳଭଦ୍ରପୁର ପଞ୍ଚାୟତର ଗଡ଼ବଳଭଦ୍ରପୁର, କଣାସ ପଞ୍ଚାୟତର ଚନ୍ଦାପଡ଼ାକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ରବିବାର ସକାଳ ୭ଟାରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏସବୁ ସ୍ଥାନରେ ଏହି କଟକଣା ବଳବତ୍ତର ରହିବ।

### ଆଇଟିବିପି ଯବାନଙ୍କ ସମେତ ୨୭ ପଜିଟିଭ୍

ଖୋର୍ଦ୍ଧା ଅଫିସ,୨୭।୭: ଖୋର୍ଦ୍ଧା ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ ସୋମବାର ଜଣେ ଆଇଟିବିପି ଯବାନଙ୍କ ସମେତ ୨୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୬ଜଣ ରହିଛନ୍ତି। ତନ୍ମଧ୍ୟରୁ ଆଇଟିବିପି(ଭାରତ ତିବ୍ବତୀୟ ସୀମା ପୋଲିସ)ର ଜଣେ ଯବାନ ପଜିଟିଭ୍ ରହିଛନ୍ତି। କ୍ୟାମ୍ପସ ପରିସରକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଇଛି। ଜିଲାରେ ପଜିଟିଭ୍ ସଂଖ୍ୟା ୭୬୬ରେ ପହଞ୍ଚିଛି। ସେଥିରୁ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ(ଟିଏମ୍‌ସି)ରୁ ୩୫୧ଜଣ ରହିଥିବା ବେଳେ ଟିଏମ୍‌ସି ବ୍ୟତୀତ ୪୦୫ଜଣ ରହିଛନ୍ତି। ୫୦୪ ଜଣ ସୁସ୍ଥ ହୋଇଛନ୍ତି। ୨୪୫ ଆକ୍ଟିଭ କେସ ଥିବା ବେଳେ ୭ଜଣଙ୍କ ମୃତ୍ୟୁ ହୋଇଥିବା ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ୩୬୧ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି।

### ୨ ଗାଁ କଣ୍ଟେନ୍‌ମେଣ୍ଟ ଜୋନ୍

ବେଗୁନିଆ,୨୭।୭(ଡି.ଏନ୍.ଏ.): ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତର ମଲ୍ଲିପଦର ଗ୍ରାମର ଜଣେ ଯୁବକ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଜିଲାପାଳ ଶୀତାଂଶୁ କୁମାର ରାଉତ ମଲ୍ଲିପଦର ଓ ବାସୁଦେବପୁର ଗ୍ରାମକୁ ୭୨ଘଣ୍ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି। ସୋମବାର ସକାଳ ୭ଟାରୁ ଆସନ୍ତା ୩୦ତାରିଖ ସକାଳ ୭ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ସଂକ୍ରମିତ ଯୁବକ ଜଣକ ଏକାଧିକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ପ୍ରଶାସନ ପକ୍ଷରୁ ଏହି ଗ୍ରାମକୁ ସାନିଟାଇଜ୍ କରାଯିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବିଡିଓ(ଦାୟିତ୍ୱ)ରତିକାନ୍ତ ମିଶ୍ରଙ୍କ ନିକଟରେ ଦାବି କରାଯାଇଛି।

### ସାନପୁଅଙ୍କୁ ହତ୍ୟା ଉଦ୍ୟମ: ବାପା, ବଡ଼ପୁଅ ଗିରଫ

ବାଲକାଟୀ,୨୭।୭(ଡି.ଏନ୍.ଏ.)- ବାଲକାଟୀ ଫାଣ୍ଡି ଅଧୀନ ପ୍ରଧାନସାହିରେ ପାରିବାରିକ କଳହରୁ ସାନପୁଅକୁ ଛୁରାମାଡ଼ ଅଭିଯୋଗରେ ବାପା ଓ ବଡ଼ପୁଅକୁ ବାଲିଅନ୍ତା ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପ୍ରଧାନସାହି ଗ୍ରାମର ବୃନ୍ଦନାଥ ସାହୁ(୫୦) ଓ ବାପିନା ସାହୁ(୨୫)। ଶନିବାର ରାତିରେ ପାରିବାରିକ କଳହରୁ ସାନପୁଅ ପୂର୍ଣ୍ଣଚନ୍ଦ୍ର ସାହୁ ଓରଫ ଚେମାକୁ ବାପା ଓ ବଡ଼ପୁଅ ଏକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଚେମାକୁ ଉଦ୍ଧାର କରି ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ବାଲକାଟୀ ଫାଣ୍ଡି ପୋଲିସ ପହଞ୍ଚି ବାପା ଓ ବଡ଼ପୁଅ ସମେତ ୪ଜଣଙ୍କୁ ଆଣି ଫାଣ୍ଡିରେ ଅଟକ ରଖିଥିଲା। ଏ ନେଇ ବାଲିଅନ୍ତା ଥାନାରେ ନଂ.୧୪୯/୨୦ ଏକ ହତ୍ୟା ମାମଲା ରୁଜୁ କରି ଅଟକ ୪ଜଣଙ୍କୁ ପଚରାଉଚରା କରିବା ପରେ ୨ଜଣଙ୍କୁ ଛାଡିଦେଇଥିଲା। ସୋମବାର ବାପା ଓ ବଡ଼ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ମନ୍ତାଜ ଅଲ୍ଲୀ ଖାନ ସୂଚନା ଦେଇଛନ୍ତି।

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଭୁବନେଶ୍ୱର,୨୭।୭(ବ୍ୟୁରୋ): ଖଣ୍ଡଗିରି ଥାନା ଆଇଗିଣିଆ କସ୍ତପଲ୍ଲୀ ଛକରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି। ସେ ହେଲେ ଖୋର୍ଦ୍ଧା ଭୂଷଣ୍ଡପୁରର ସୁକାନ୍ତ ସାହୁ(୩୫)। ଦୁର୍ଘଟଣାରେ ସୁକାନ୍ତଙ୍କ ୨ ସାଙ୍ଗଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଏମ୍ସକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭରକୁ ଅଟକ ରଖି ଜେରା କରୁଛି।

# ସିଏମ୍‌ସିକୁ ଚ୍ୟାଲେଞ୍ଜ୍ ‘ଗୁଜବ ଖବର’

କଟକ ଅଫିସ,୨୭।୭

**ଶଟ୍‌ଡାଉନ ବୃଦ୍ଧି ନେଇ ନ୍ୟୁଜ୍ ଚ୍ୟାନେଲର ସ୍କ୍ରିନ୍‌ଶଟ୍ ଭାଇରାଲ**

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ କରୋନା ସମ୍ପର୍କିତ ଗୁଜବ ଖବର ବଢ଼ିବାରେ ଲାଗିଛି। ନୂତନ ଆକ୍ରାନ୍ତ ଚିହ୍ନଟ, ଆକ୍ରାନ୍ତଙ୍କ ମୃତ୍ୟୁ, ଶଟ୍‌ଡାଉନ, ଲକ୍‌ଡାଉନ ସହ ଅନ୍ୟ ବିଷୟକୁ ନେଇ ସହରରେ ଅନେକ ପ୍ରକାର ମିଥ୍ୟା ଖବର ଭାଇରାଲ୍ ହେଉଛି, ଯାହା ସିଏମ୍‌ସି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ରବିବାର ଓ ସୋମବାର ସେଭଳି ଏକ ଗୁଜବ ଭାଇରାଲ ହେବାରେ ଲାଗିଛି। ଏକ ଓଡ଼ିଆ ନ୍ୟୁଜ୍ ଚ୍ୟାନେଲରେ ‘୮ ତାରିଖ ଯାଏ ଶଟ୍‌ଡାଉନ ଘୋଷଣା କଲା ସିଏମ୍‌ସି’ ଭଳି ଖବରର ସ୍କ୍ରିନ୍‌ଶଟ୍ ମୋବାଇଲକୁ ମୋବାଇଲ ଘୂରି ବୁଲୁଛି। ତେବେ ଏହାକୁ ଖଣ୍ଡନ କରି ସିଏମ୍‌ସି କହିଛି, ଏହା ଏକ ଫେକ୍ ମେସେଜ। ସିଏମ୍‌ସି ଏଭଳି କୌଣସି ଘୋଷଣା କରିନାହିଁ। ଗୁଜବରେ ବିଶ୍ୱାସ ନ କରିବା ପାଇଁ ସିଏମ୍‌ସି ନିବେଦନ କରିଛି। ଏଭଳି ଗୁଜବ ପ୍ରଥମ ନୁହେଁ। ଏପ୍ରିଲ୍ ଶେଷ ସପ୍ତାହରେ ଦୋକାନ ଖୋଲିବାକୁ ନେଇ ଅନେକ ମିଥ୍ୟା ସୂଚନା ଭାଇରାଲ ହୋଇଥିଲା। ପରେ ମେ’ ପ୍ରଥମ ସପ୍ତାହରେ ଚତୁର୍ଥ ପଜିଟିଭ୍ ଚିହ୍ନଟ ନେଇ ଏକ ଘରୋଇ ଟିଭି ଚ୍ୟାନେଲ୍‌ର ସ୍କ୍ରିନ୍‌କୁ ଏଡିଟ୍ କରାଯାଇ ମେସେଜ ଭାଇରାଲ କରାଯାଇଥିଲା। ଚଳିତ ମାସ ପ୍ରଥମ ସପ୍ତାହରେ ଶଟ୍‌ଡାଉନ୍ ବୃଦ୍ଧି ନେଇ ମେସେଜ ଭାଇରାଲ ହୋଇଥିଲା। ୨୧ ତାରିଖ ଯାଏ ଶଟ୍‌ଡାଉନ ବୃଦ୍ଧି କରାଯାଇଥିବା ନେଇ ମେସେଜରେ ଉଲ୍ଲେଖ କରାଯାଇଥିଲା। ସେତେବେଳେ ଏନେଇ ସିଏମ୍‌ସି ସ୍ପଷ୍ଟୀକରଣ ଦେଇଥିଲା। ସିଏମ୍‌ସି କମିଶନର ଅନନ୍ୟା ଦାସ କୌଣସି ପ୍ରକାର ଗୁଜବରେ ବିଶ୍ୱାସ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି। କେବଳ ସିଏମ୍‌ସି ତଥ୍ୟ ଉପରେ ବିଶ୍ୱାସ କରିବାକୁ କହିଛନ୍ତି। ଏଥିପାଇଁ ସିଏମ୍‌ସିର ଟୁଇଟର୍ କିମ୍ବା ଫେସ୍‌ବୁକ୍ ଆକାଉଣ୍ଟକୁ ନିୟମିତ ଦେଖିବାକୁ କହିଛନ୍ତି।

# କଟକ ସହରରୁ ୫୪ ପଜିଟିଭ

କଟକ ଅଫିସ,୨୭।୭

**ଅଶ୍ୱିନୀ କୋଭିଡ୍ ହସ୍ପିଟାଲର ୩ ନର୍ସ ସଂକ୍ରମିତ**

କଟକ ସହରରେ ସୋମବାର ସର୍ବାଧିକ ୫୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଡ଼ମ୍ବାରୁ ୧୧, ନରସିଂହପୁରରୁ ୩ ଓ ବାରଙ୍ଗ ଅଞ୍ଚଳରୁ ୨ ଆକ୍ରାନ୍ତ ବାହାରିଛନ୍ତି। କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଦେୱାନ ବଜାରରୁ ସର୍ବାଧିକ ୧୯ ପଜିଟିଭ ରହିଛନ୍ତି। ମାଲଗୋଦାମରୁ ୧୧, ନୂଆ ବଜାରରୁ ୬, ଶଙ୍କରପୁରରୁ ୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଅଶ୍ୱିନୀ କୋଭିଡ ହସ୍ପିଟାଲରୁ ୩ ଜଣ କାର୍ଯ୍ୟରତ ନର୍ସ ସଂକ୍ରମିତ ହୋଇଛନ୍ତି। ସିଡିଏ ସେକ୍ଟର-୯, ମଧୁସୂଦନ ଦାସ ଏରିଆ ଓ ଛତ୍ରବଜାର ଅଞ୍ଚଳରୁ ୨ ଜଣ ଲେଖାଏ ଚିହ୍ନଟ ହୋଇଥିବା ବେଳେ ଚୌଧୁରୀ ବଜାର, ତୁଳସୀପୁର, ଅଲ ଇଣ୍ଡିଆ ରେଡିଓ କଲୋନୀ, ରେଲୱେ ଷ୍ଟେଶନ କଲୋନୀ, କେଶରପୁର, ପୁରୁଣା ରାଉସପାଟଣାରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ୬, ଟ୍ରମା ସେଣ୍ଟର ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି।




କରୋନା ମୁକାବିଲା ଓ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଦାବିରେ କଟକସ୍ଥିତ କଲେଜ ଛକରେ ସୋମବାର ସିପିଆଇ(ଏମ୍)ର ଆନ୍ଦୋଳନ ।

# ଚୋରି ଘଟଣାରେ ୬ ଗିରଫ

ପୁରୀ ଅଫିସ,୨୭।୭:

- ୨ କିଲୋ ରୁପା, ୭୬ ଗ୍ରାମ୍ ସୁନା ଗହଣା ଜବତ
- ୪ ଜଣଙ୍କୁ ଖୋଜୁଛି ପୋଲିସ

ପୁରୀ ବ୍ଲକ ରୋଡ୍‌ସ୍ଥିତ ପୋଲିସ କଲୋନୀର ୨ଜଣଙ୍କ ଘରୁ ଚୋରି ହୋଇଥିଲା। ଏହି ଘଟଣାରେ କୁମ୍ଭାରପଡ଼ା ଥାନା ପୋଲିସ ୬ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୨ କିଲୋ ରୁପା ଓ ୭୬ ଗ୍ରାମ ସୁନା ଅଳଙ୍କାର ଜବତ କରିଛି। ଏଥିସହ ୩୦ ହଜାର ଟଙ୍କା ଜବତ କରାଯାଇଥିବା ଆଇଆଇସି କୁଳମଣି ସେଠୀ କହିଛନ୍ତି। ଆଇଆଇସିଙ୍କ ସୂଚନା ମୁତାବକ, ଗତ ଜାନୁୟାରୀ ୬ରେ ପୋଲିସ କଲୋନୀରୁ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଚୋରି ସାମଗ୍ରୀ ଉମାକାନ୍ତ ଆଚାରୀଙ୍କୁ ବିକ୍ରି କରିଥିଲେ। ଶନିବାର ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉମାକାନ୍ତ ଆଚାରୀ, ରାଜା ଦାସ, ରାମଚନ୍ଦ୍ର ନାୟକ, କାହ୍ନୁ ବାରିକ, ଅନିଲ ନାୟକ ଏବଂ ଶ୍ୟାମସୁନ୍ଦର ନାୟକ। ଏମାନଙ୍କଠାରୁ ଟଙ୍କା, ସୁନା ଓ ରୁପା ଅଳଙ୍କାର ଜବତ କରାଯିବା ସହ ରବିବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ୨ଟି ମାମଲା (କେସ୍ ନଂ. ୫/୨୦ ଓ ୧୪୨/୨୦) ରୁଜୁ କରାଯାଇଛି। ଏମାନଙ୍କ ସହ ସାମିଲ ଥିବା ଅନ୍ୟ ୪ଜଣଙ୍କୁ ଧରିବା ପାଇଁ ଚଢାଉ ଚାଲିଛି। ଅଭିଯୁକ୍ତମାନେ ପୁରୀ ସହରର ବିଭିନ୍ନ ଲୁଟ୍ ଘଟଣାରେ ସମ୍ପୃକ୍ତ ବୋଲି ସେଠୀ କହିଛନ୍ତି।

## ପୋଲିସ ଭାଙ୍ଗିଦେଲା ଦୋକାନ

ପୁରୀ ଅଫିସ,୨୭।୭:

ରାସ୍ତାକଡ଼ରେ ଥିବା ଜଣେ ବ୍ୟବସାୟୀଙ୍କ ଦୋକାନକୁ ପୋଲିସ ଭାଙ୍ଗି ଦେଇଥିବା ନେଇ ସୋମବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ମାଟିମଣ୍ଡପ ସାହିର କୃତ୍ତିବାସ ଦାଶ କରିଥିବା ଅଭିଯୋଗ ମୁତାବକ ସମୁଦ୍ରକୂଳ ଥାନା ନିକଟରେ ତାଙ୍କର ଏକ ପାନ ଦୋକାନ ରହିଛି। ସମୁଦ୍ରକୂଳ ଥାନାର କେତେଜଣ କର୍ମଚାରୀ ତାଙ୍କୁ ଅଧିକାଂଶ ସମୟ ହଇରାଣ କରିଥାନ୍ତି। ମାଗଣାରେ ଚା, ବିସ୍କୁଟ, ପାନ ଆଦି ଖାଇଥାନ୍ତି। ପଇସା ମାଗିଲେ ଦେଇ ନ ଥାନ୍ତି। ଗତ ୨୪ ତାରିଖରେ ଜଣେ ପୋଲିସ ବାବୁ ଚା, ବିସ୍କୁଟ ଖାଇଲେ ଏବଂ ଅନ୍ୟାନ୍ୟ ସାମଗ୍ରୀ ଦେବାକୁ କହିଥିଲେ। ମାତ୍ର ତାଙ୍କୁ ପଇସା ମାଗିବାରୁ ସେ ଗାଳିମନ୍ଦ କରିଥିଲେ। ଜିଦ୍ ଧରିବାରୁ ସେ ପଇସା ଦେଲେ ମଧ୍ୟ ଦୋକାନ ଭାଙ୍ଗି ଚୂନା କରିଦେବାକୁ ଧମକ ଦେଇଥିଲେ। ରବିବାର ବିଳମ୍ବିତ ରାତିରେ ସମ୍ପୃକ୍ତ ପୋଲିସ ବାବୁ ଦୋକାନ ଭାଙ୍ଗି ଦେଇଥିବାବେଳେ ଜିନିଷପତ୍ର ନେଇଯାଇଛନ୍ତି ବୋଲି କୃତ୍ତିବାସ ଅଭିଯୋଗ କରିଛନ୍ତି।

# ସିଏମ୍‌ସି ଅଫିସ୍ ଆଗରେ କିନ୍ନରଙ୍କ ଧାରଣା

କଟକ ଅଫିସ,୨୭।୭

କିନ୍ନରମାନେ ବିଭିନ୍ନ ଦାବି ନେଇ କଟକ ସୋମବାର ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ସିଏମ୍‌ସିର ବିଭିନ୍ନ ୱାର୍ଡରେ ଘର ଘର ବୁଲି ଅଳିଆ ଉଠାଇବା ପାଇଁ କିନ୍ନରଙ୍କୁ ଦାୟିତ୍ୱ ମିଳିଥିଲା। କିନ୍ତୁ ସେଥିରୁ ୩ ଜଣ କିନ୍ନରଙ୍କୁ ହଟାଇ ଦିଆଯାଇଥିବା ଅଭିଯୋଗ କରି କିନ୍ନରମାନେ ଏହାର ପ୍ରତିବାଦ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଉଛି ଅଳିଆ ଉଠା କାମକୁ ୪ ଘଣ୍ଟା ପରିବର୍ତ୍ତେ ୮ ଘଣ୍ଟା କରିଥିଲା ସିଏମ୍‌ସି। ଏଥିରେ କିନ୍ନରମାନେ ରାଜି ହୋଇଥିଲେ। ପରେ ସେମାନଙ୍କୁ ଉଠାଯାଉଥିବା ଅଳିଆକୁ ବାଛିବା ପାଇଁ କୁହାଯିବାରୁ ସେମାନେ ମନା କରି ଦେଇଥିଲେ। ତେଣୁ ସିଏମ୍‌ସି ସେମାନଙ୍କୁ କାର୍ଯ୍ୟରୁ ବାହାର କରିଛି। ଏସ୍‌ଏଚ୍‌ଜି ଗଠନ ପାଇଁ କୁହାଯିବା ପରେ ସେମାନେ ଏକ ଗ୍ରୁପ୍ ମଧ୍ୟ ଗଢ଼ିଛନ୍ତି। ୩୮ ନମ୍ବର ୱାର୍ଡ ଆହାର କେନ୍ଦ୍ରର ଦାୟିତ୍ୱ ସେମାନଙ୍କୁ ଦେବା ପାଇଁ କିନ୍ନରମାନେ ଦାବି କରିଥିଲେ। କେନ୍ଦ୍ର ପରିଚାଳନା ଦାୟିତ୍ୱ ସେମାନଙ୍କୁ ଦେବା ପାଇଁ ସିଏମ୍‌ସି କାଗଜପତ୍ର ନେଇ ପରେ ପରେ ସେମାନଙ୍କୁ ବାଦ୍ ଦେଇଥିବା କିନ୍ନରମାନେ ଅଭିଯୋଗ କରିଛନ୍ତି। ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଅମ୍ରିତ ସରକାର ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ସମସ୍ତ ଏସ୍‌ଏଚ୍‌ଜିକୁ ଆହାର କେନ୍ଦ୍ର ଆବେଦନ ପାଇଁ ନିର୍ଦ୍ଦିଷ୍ଟ ସମୟ ଦିଆଯାଇଥିଲା। ଆବେଦନ କରିଥିବା ଗ୍ରୁପ୍ ଭିତରୁ ବଛାଯାଇ ଗୋଟିଏକୁ ଦାୟିତ୍ୱ ଦିଆଯାଇଛି।

# ଆକ୍ରାନ୍ତଙ୍କ ପରିବାର, ପଡ଼ୋଶୀଙ୍କ କୋଭିଡ୍ ଟେଷ୍ଟ ଦାବି

କଟକ ଅଫିସ,୨୭।୭

**ରେଭେନ୍‌ଶା କୁଳପତିଙ୍କୁ ଦାବିପତ୍ର**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଜଗନ୍ନାଥ ଛାତ୍ରାବାସର ଜଣେ କର୍ମଚାରୀଙ୍କ ପୁଅ ଶନିବାର କରୋନା ପଜିଟିଭ ଚିହ୍ନଟ ହେବା ପରେ କ୍ୟାମ୍ପସକୁ ସଂକ୍ରମଣ ଭୟ ଘାରିଛି। ଏଯାବତ୍ ସଂକ୍ରମିତଙ୍କ ପରିବାର ସଦସ୍ୟଙ୍କ କୋଭିଡ୍ ଟେଷ୍ଟ କରାଯାଇ ନାହିଁ। ତାଙ୍କ ସଂସ୍ପର୍ଶରେ କ୍ୟାମ୍ପସର କେଉଁମାନେ ଆସିଛନ୍ତି, ତାହାର ମଧ୍ୟ କଣ୍ଟାକ୍ଟ ଟ୍ରେସିଂ ହୋଇନାହିଁ। ଏହାକୁ ଦୃଷ୍ଟିରେ ରଖି ସୋମବାର ଏଆଇଡିଏସ୍‌ଓର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ କୁଳପତି ପ୍ରଫେସର ଈଶାନ କୁମାର ପାତ୍ରଙ୍କୁ ଦାବିପତ୍ର ଦିଆଯାଉଛି। ଆକ୍ରାନ୍ତଙ୍କ ପରିବାର ତଥା ପଡ଼ୋଶୀ ପରିବାରଙ୍କ ବାଧ୍ୟତାମୂଳକ କୋଭିଡ୍ ଟେଷ୍ଟ, ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖିବା, ସଂକ୍ରମିତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରି ସେମାନଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇଦେବାକୁ ଦାବି କରାଯାଇଛି। କମିଟି ସମ୍ପାଦକ ଆରତୀ ମେହେରଙ୍କ ନେତୃତ୍ୱରେ ଛାତ୍ରନେତା ସିଦ୍ଧେଶ୍ୱର ଜେଠୀ, ହେମନ୍ତ ଦାଶ, ମୁସ୍କାନ ତବ୍‌ସୁମ୍ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# କର୍ମସ୍ଥଳକୁ ଫେରିଲେ ୫୦ ଓଡ଼ିଆ ପ୍ରବାସୀ

କୋଣାର୍କ,(ଡି.ଏନ୍.ଏ.),୨୭।୭



**ରାଜସ୍ଥାନରୁ ଆସିଲା ବସ୍**

କରୋନା ମହାବିପତ୍ତି ଯୋଗୁ ସବୁ ସଂସ୍ଥା ବନ୍ଦ ହେବାରୁ ପ୍ରବାସୀ ଓଡ଼ିଆ ନିଜ ଭିଟାମାଟିକୁ ଫେରିଆସିଥିଲେ। ଇତି ମଧ୍ୟରେ ଲକଡାଉନ, ଶଟ୍‌ଡାଉନ ଓ ଅନଲକ-୧ ହୋଇ ଦୀର୍ଘ ୪ମାସ ବିତିଯାଇଥିଲେ ମଧ୍ୟ ପେଟ ପୋଷିବା ପାଇଁ କୌଣସି ବାଟ ନ ମିଳିବାରୁ ଦୁର୍ଦ୍ଦିନରେ କଟିଥିଲା ସମୟ। ଏଭଳି ସମୟରେ ଶ୍ରମଜୀବୀଙ୍କ ନିକଟରେ ପରିବାର ଚଳିବା କଷ୍ଟକର ହୋଇପଡିଥିଲା। ଫଳରେ ବାଧ୍ୟ ହୋଇ ପୁଣିଥରେ କର୍ମସ୍ଥଳୀକୁ ଫେରିବାରେ ଲାଗିଛନ୍ତି ପ୍ରବାସୀ ଓଡ଼ିଆ। କୋଣାର୍କ, କାକଟପୁର, ଗୋପ, ନିମାପଡ଼ା ଓ ଅସ୍ତରଙ୍ଗ ଆଦି ଅଞ୍ଚଳରୁ ପ୍ରାୟ ୫୦ରୁ ଅଧିକ ପ୍ରବାସୀ ରୋଜଗାର ପାଇଁ ସୋମବାର ସୁଦୂର ରାଜସ୍ଥାନକୁ ଯାତ୍ରା କରିଛନ୍ତି। ଏପରି କି ଏହି ପ୍ରବାସୀମାନଙ୍କୁ ନେବା ପାଇଁ ରାଜସ୍ଥାନର ସ୍ୱାମୀ ନାରାୟଣ ଟ୍ରଷ୍ଟ ପକ୍ଷରୁ କୋଣାର୍କକୁ ଏକ ବସ୍ ପଠାଯାଇଥିଲା। ଏଠାରେ ବସ୍ ପହଞ୍ଚିବା ପରେ କୋଣାର୍କ ବସଷ୍ଟାଣ୍ଡରେ ସମସ୍ତେ ଏକାଠି ହୋଇଥିଲେ। ଦିନ ପ୍ରାୟ ୧୧ଟାରେ ରାଜସ୍ଥାନ ଅଭିମୁଖେ ଗଡ଼ିଥିଲା ବସ୍। ପରିବାରକୁ ଛାଡ଼ି ଦୂରକୁ ଯାତ୍ରା କରିବା ଏମାନଙ୍କୁ କଷ୍ଟ ଦେଇ ନ ଥିଲା। ଏହି ପ୍ରବାସୀମାନେ ସମସ୍ତେ ପଥର କାରିଗର। ରାଜସ୍ଥାନର ସ୍ୱାମୀ ନାରାୟଣ ଟ୍ରଷ୍ଟ ମାଧ୍ୟମରେ ଏମାନେ ପଥର ମୂର୍ତ୍ତି ନିର୍ମାଣ କରିଥାନ୍ତି। ଏହି ମୂର୍ତ୍ତି ସବୁ ବିଦେଶକୁ ରପ୍ତାନୀ ହୋଇଥାଏ। ପଥର କାରିଗର ହେମନ୍ତ ଓଝା କୁହନ୍ତି, ଦୀର୍ଘ ୩୫ ବର୍ଷ ହେଲା ଆମେ ପଥର କାମ କରୁଛୁ । ଏହି ରୋଜଗାରରୁ ଆମ ପରିବାର ଚଳେ। ମାର୍ଚ୍ଚ ମାସରେ ପଥର ମୂର୍ତ୍ତି କାମ ଚାଲିଥିବାବେଳେ ମାଲିକ କହିଲେ ଏବେ ପରିସ୍ଥିତି ଭଲ ନାହିଁ। ତୁମେମାନେ ଏବେ ଘରକୁ ଫେରିଯାଅ। ଅବସ୍ଥା ସୁଧୁରିଲେ ଫେରିବ ବୋଲି କହିଥିଲେ। ୪ ମାସ ହେଲା ଏଠାରେ କାମ ଧନ୍ଦା କିଛି ମିଳିଲାନି। ଶେଷରେ ମାଲିକଙ୍କୁ ଆମେ ଯୋଗାଯୋଗ କରି କାମ ପାଇଁ ଯିବୁ ବୋଲି କହିଥିଲୁ। ପରେ ମାଲିକ ରାଜି ହୋଇ ବସ୍ ପଠାଇବା ବ୍ୟବସ୍ଥା କରିବାରୁ ଆମେ ଯିବା ପାଇଁ ପ୍ରସ୍ତୁତ ହୋଇଥିଲୁ ବୋଲି ସେ କହିଥିଲେ।

## ପୂର୍ବ ବିବାଦରୁ ଆକ୍ରମଣ, ୩ ଆହତ

ପୁରୀ ଅଫିସ,୨୭।୭:

ପୂର୍ବ ବିବାଦକୁ ନେଇ ଗୋଟିଏ ପରିବାର ଉପରେ ଆକ୍ରମଣ ଯୋଗୁ ବାପା, ମା ଓ ପୁଅ ଆହତ ହୋଇଛନ୍ତି। ସେମାନେ ହେଲେ ପେଣ୍ଠକଟା ସାମୁଦ୍ରିକ ଥାନା ଅନ୍ତର୍ଗତ ବେଳଦଳ ବାସୁ ସାହୁ, ସ୍ତ୍ରୀ କୁସୁମ ସାହୁ ଓ ପୁଅ ବାପିନା। ଏ ନେଇ ବାସୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ବାସୁ ରବିବାର ଭୋର ସାଢେ ୪ଟାରେ ମାଛ ମାରୁଥିଲେ। ଏହି ସମୟରେ ୨ଜଣ ଅସାମାଜିକ ଯୁବକ ପହଞ୍ଚି ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ତାଙ୍କ ଜଂଘକୁ ଛୁରିରେ ଭୁଷି ଦେଇଥିଲେ। ସ୍ତ୍ରୀ କୁସୁମ ଅଟକାଇବାରୁ ତାଙ୍କ ଅଣ୍ଟା ଓ ହାତକୁ ଛୁରୀରେ ଭୁଷିଥିଲେ। ସେହିପରି ତାଙ୍କ ପୁଅକୁ କାଠଫାଳିଆରେ ବାଡେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବା ଜଣାପଡ଼ିଛି।

# ବନ୍ଧୁକ ଦେଖାଇ ଲୁଟ୍ ମାମଲା, ୩ ଗିରଫ

ଭୁବନେଶ୍ୱର(ବ୍ୟୁରୋ)/ବାଲିଅନ୍ତା (ଡି.ଏନ୍.ଏ.),୨୭।୭

**ସୁନା ଅଳଙ୍କାର ସମେତ ବାଇକ୍, ବନ୍ଧୁକ ଜବତ**

ବାଲିଅନ୍ତା ଥାନା ଅଞ୍ଚଳରେ ଜଣେ ଦମ୍ପତିଙ୍କୁ ବନ୍ଧୁକ ଦେଖାଇ ସୁନା ଅଳଙ୍କାର ଓ ଟଙ୍କା ଲୁଟ କରିବା ଘଟଣାରେ ସ୍ପେଶାଲ ସ୍କ୍ୱାଡ୍ ଓ ବାଲିଅନ୍ତା ଥାନା ପୋଲିସ ଟିମ ମିଳିତ ଚଢାଉ କରି ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଥାନା ନାଉଗାଁ ଥାନା ଅନ୍ତର୍ଗତ କୋରୁଆ ଗ୍ରାମର ବିଶ୍ୱଜିତ ସ୍ୱାଇଁ , ସିଲୁ ସାମଲ ଓ ଶିବାଶିଷ ଦାସ। ଏମାନଙ୍କ ଠାରୁ ୧୦ ଗ୍ରାମର ସୁନା ଚେନ, ୫ ଗ୍ରାମର ସୁନା ଲକେଟ, ୪ ମୋବାଇଲ, ଟଙ୍କା ଓ ଗୋଟିଏ ବନ୍ଧୁକ ଜବତ ହୋଇଛି। ଓଲଟପୁର ଥାନା ଦାମୋଦରପୁର ଅଞ୍ଚଳର ସୁଲୋଚନା ପତି ଓ ତାଙ୍କ ସ୍ୱାମୀ ଜୁନ ୨୫ରେ ଭୁବନେଶ୍ୱରରୁ ବାଇକରେ ଫେରୁଥିଲେ। ଭିଙ୍ଗାରପୁର ଖରାଖିଆଗଡ଼ା ନିକଟ ରାସ୍ତାରେ ୩ ଅଭିଯୁକ୍ତ ବନ୍ଧୁକ ଦେଖାଇ ସୁନାଚେନ, ଲକେଟ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସେମାନେ ବାଲିଅନ୍ତା ଥାନରେ ଅଭିଯୋଗ ପରେ ପୋଲିସ ନଂ.୧୨୦/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# କୋଭିଡ୍ ହସ୍ପିଟାଲ ଗଲେ ୮ ପଜିଟିଭ

ପୁରୀ ଅଫିସ, ୨୭।୭:

- କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଉତ୍ତେଜନା ଘଟଣା
- ପେଣ୍ଠକଟା ନେତୃବୃନ୍ଦ-ପ୍ରଶାସନର ଆଲୋଚନା

ପୁରୀ ମ୍ୟୁନିସିପାଲିଟିରେ ସର୍ବାଧିକ କୋଭିଡ୍ ପଜିଟିଭ ପେଣ୍ଠକଟା ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ଏଠାରୁ ଏବେ ୪୭ଜଣ ସଂକ୍ରମିତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ସମ୍ପୃକ୍ତ ଅଞ୍ଚଳବାସୀ କରୋନାକୁ ନେଇ ବିଶେଷ ସଚେତନ ନାହାନ୍ତି। ରବିବାର ଏକ ଅଜବ ଯୁକ୍ତି କରି ନିର୍ଦ୍ଦିଷ୍ଟ ସାହିର ଲୋକେ ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଏହାକୁ ନେଇ ପେଣ୍ଠକଟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ରବିବାର ପଜିଟିଭ ଚିହ୍ନଟ ହୋଇଥିଲେ ହେଁ କୋଭିଡ୍ ହସ୍ପିଟାଲକୁ ନ ଯାଇ ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ୮ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସିଡିଏମ୍‌ଓଙ୍କ ରିପୋର୍ଟ ମୁତାବକ ପୁରୀ ତହସିଲଦାର ସମୁଦ୍ରକୂଳ ଥାନା ପୋଲିସକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ।

ସମ୍ପୃକ୍ତ ୮ଜଣଙ୍କୁ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରିବା ଲାଗି ସୋମବାର ପ୍ରଶାସନିକ ଅଧିକାରୀ ଏବଂ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ବୈଠକ ବସିଥିଲା। ସେମାନଙ୍କର କେତେକ ଦାବି ପ୍ରଶାସନ ଶୁଣିଥିଲା। ବିଶେଷକରି କଣ୍ଟେନମେଣ୍ଟ ଜୋନ ଯୋଗୁ ରାସ୍ତା ଅବରୋଧ ହୋଇଥିବାରୁ ସେମାନେ ଶୌଚ ପାଇଁ ଯାଇପାରୁ ନ ଥିବା କହିଥିଲେ। ତେଣୁ ସକାଳ ସାଢେ ୬ଟା ପର୍ଯ୍ୟନ୍ତ ସେମାନେ ଶୌଚ ପାଇଁ ଯାଇପାରିବେ ବୋଲି ଅନୁମତି ଦିଆଯାଇଛି। ମାତ୍ର କରୋନା ମୁକାବିଲା କ୍ଷେତ୍ରରେ ପ୍ରଶାସନ ଯେଉଁ ନିଷ୍ପତ୍ତି ନେଉଛି ସେ ସବୁକୁ ମାନିବେ ଓ ସହଯୋଗ କରିବେ ବୋଲି କହିଛନ୍ତି। ପରେ ୮ ପଜିଟିଭଙ୍କୁ କୋଭିଡ୍ ହସ୍ପିଟାଲ ନିଆଯାଇଛି। ପେଣ୍ଠକଟାସ୍ଥିତ ଓଡ଼ିଶା ବିଧାନସଭା ଅତିଥି ଭବନରେ ଅନୁଷ୍ଠିତ ବୈଠକରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଆଡିଶନାଲ ଏସ୍‌ପି ଶାନ୍ତନୁ ଦାସ, ସିଟି ଡିଏସ୍‌ପି କ୍ଷୀରସାଗର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ଘରକୁ ଟେକାମାଡ଼

ପୁରୀ ଅଫିସ,୨୭।୭:



ସିଡିପିଓଙ୍କୁ ସ୍ମାରକପତ୍ର ଦେବାପାଇଁ ଆସିଥିବା ଅଙ୍ଗନୱାଡି କର୍ମୀ।

**ସିଡିପିଓଙ୍କୁ ଜଣାଇ ସୁରକ୍ଷା ଦାବି କଲେ**

ନିଜ ଜୀବନକୁ ବିପଦରେ ପକାଇ ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି କରୋନା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ସହ ଲୋକଙ୍କୁ ସଚେତନ କରୁଛନ୍ତି। କିନ୍ତୁ ଏଥିପାଇଁ ତାଙ୍କ ଘର ଉପରେ ଟେକାପଥର ମାଡ଼ ସାଙ୍ଗକୁ ପରିବାର ସଦସ୍ୟଙ୍କୁ ଆକ୍ରମଣ କରାଯାଉଛି। ଏ ନେଇ ସୋମବାର ପେଣ୍ଠକଟା ଅଞ୍ଚଳର ଅଙ୍ଗନୱାଡି କର୍ମୀମାନେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ଙ୍କୁ ଜଣାଇବା ସହ ଏକ ସ୍ମାରକପତ୍ର ଦେଇ ସୁରକ୍ଷା ଦାବି କରିଛନ୍ତି।

ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଗତ ୨୪ ତାରିଖରେ ସେମାନେ ତାଙ୍କ ଅଞ୍ଚଳରେ କୋଭିଡ୍ ସର୍ଭେ କରୁଥିଲେ। ମାତ୍ର ସମ୍ପୃକ୍ତ ଅଞ୍ଚଳର ବାସିନ୍ଦା ସେମାନଙ୍କୁ ଆକ୍ଷେପ କରି ନାନା କଥା କହିଥିଲେ। ତଥାପି ସେମାନେ ସର୍ଭେ କରି ଫେରିଥିଲେ। ମାତ୍ର ୨୫ ତାରିଖରେ ପେଣ୍ଠକଟା (ଜେ)ର ଅଙ୍ଗନୱାଡି କର୍ମୀଙ୍କ ଘରକୁ ୭/୮ଜଣ ଯୁବକ ଆସି ଏଣିକି ତାଙ୍କ ଅଞ୍ଚଳକୁ ସର୍ଭେ ପାଇଁ ଗଲେ ବାଡ଼େଇବେ ବୋଲି ଧମକ ଦେଇଥିଲେ। ସେ ସେମାନଙ୍କୁ ବୁଝାଶୁଝା କରି ଫେରାଇ ଦେଇଥିଲେ। ୨୬ ତାରିଖରେ ଏଏନ୍‌ଏମ୍‌ଙ୍କ ନିର୍ଦ୍ଦେଶରେ ପେଣ୍ଠକଟା (ଇ) ଏବଂ (ଏଫ୍)ର ଅଙ୍ଗନୱାଡିକର୍ମୀ ପେଣ୍ଠକଟା(ଇ) ଅଞ୍ଚଳକୁ ଯାଇଥିଲେ। ତେବେ ସେଠାକାର ଶତାଧିକ ଲୋକ ଦୁହିଁଙ୍କୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ପେଣ୍ଠକଟା (ଏଫ୍) କର୍ମୀଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେବାକୁ ଉଦ୍ୟମ କରିବାରୁ ଦୁହେଁ ଭୟଭୀତ ହୋଇ ପଳାଇ ଆସିଥିଲେ। ଅପରାହ୍ନ ସାଢେ ୧ଟାରୁ ସାଢେ ୨ଟା ମଧ୍ୟରେ କେତେଜଣ ଯୁବକ ପେଣ୍ଠକଟା (ଜେ) ଓ (ଏଫ୍)ଙ୍କ ଘର ପାଖକୁ ଆସି ଗାଳିଗୁଲଜ କରି ତାଙ୍କ ସାହିକୁ ସର୍ଭେ କରିବାକୁ ଗଲେ ପିଟିବେ ବୋଲି ଧମକ ଦେଇଥିଲେ। ଏପରି କି ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ଘର ଉପରକୁ ଟେକା ପଥର ମାଡ଼ କରିଥିଲେ। ଅଙ୍ଗନୱାଡି କର୍ମୀ ନିଜ ଜୀବନକୁ ବାଜି ଲଗାଇ କୋଭିଡ୍ ଗାଇଡ୍ ଲାଇନ ଅନୁସାରେ ଜନସାଧାରଣଙ୍କ ସେବା କରୁଛନ୍ତି। କିନ୍ତୁ ବର୍ତ୍ତମାନ ତାଙ୍କର ଓ ପରିବାର ସଦସ୍ୟଙ୍କ ଜୀବନ ଅସୁରକ୍ଷିତ ହୋଇପଡ଼ିଛି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ଲାଗି ଅଙ୍ଗନୱାଡ଼ି କର୍ମୀମାନେ ଦାବି କରିଛନ୍ତି। କମଳା ମଲ୍ଲିକ, ଲଳିତା ପ୍ରଧାନ, ବେବି କୁମାର ସିଂ, ସତ୍ୟଭାମା ସୁବୁଦ୍ଧି, ସନ୍ତୋଷୀ ଦାସ ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଜୁଲାଇ ୨୮/୨୦୨୦ Tuesday, July 28/2020

# ବିସିସିଆଇ ଏବେ ମୁଣ୍ଡ ବିହୀନ

**ନୂଆଦିଲ୍ଲୀ, ୨୭।୭**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ସଭାପତି ଭାବେ ସୌରଭ ଗାଙ୍ଗୁଲିଙ୍କ କାର୍ଯ୍ୟକାଳ ସୋମବାର(ଜୁଲାଇ ୨୭) ଶେଷ ହୋଇଛି। ଉପସଭାପତି ୪ ମାସ ତଳୁ ଇସ୍ତଫା ଦେଇ ସାରିଛନ୍ତି। କ୍ରିକେଟ ବୋର୍ଡର ସମ୍ପାଦକ ଜୟ ଶାହାଙ୍କ କାର୍ଯ୍ୟକାଳ ମଧ୍ୟ ଶେଷ ହୋଇଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି ଏବଂ ଜେନେରାଲ ମ୍ୟାନେଜର (କ୍ରିକେଟ) ସବା କରିମଙ୍କୁ ଇସ୍ତଫା ଗୃହୀତ ହୋଇ ସାରିଛି। ଫଳରେ ବିସିସିଆଇ ଏବେ ସାମୟିକ ମୁଣ୍ଡ ବିହୀନ ହୋଇ ଯାଇଛି।

ଲୋଧା କମିଟି ସଂସ୍କାର ଅନୁସାରେ ପୂର୍ବତନ ଭାରତୀୟ ଅଧିନାୟକ ସୌରଭଙ୍କ ସଭାପତି କାର୍ଯ୍ୟକାଳ ସୋମବାର ଶେଷ ହେଉଛି। ଗତବର୍ଷ ଅକ୍ଟୋବରରେ ଗାଙ୍ଗୁଲି ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ସେ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲର ପଦପଦବୀରେ ରହିଥିଲେ। ଫଳରେ ସେ କ୍ରିକେଟ ପ୍ରଶାସକଭାବେ କ୍ରମାଗତ ୬ ବର୍ଷ ଧରି କାର୍ଯ୍ୟ କରି ସାରିଛନ୍ତି। ନିୟମ ଅନୁସାରେ ବିସିସିଆଇ ସେଟ୍-ଅପ୍‌କୁ ଫେରିବାକୁ ହେଲେ ତାଙ୍କୁ ୩ ବର୍ଷ ବ୍ରେକ୍ ନେବାକୁ ପଡ଼ିବ। ଉଭୟ ଗାଙ୍ଗୁଲି ଓ ଶାହ ସେମାନଙ୍କ କାର୍ଯ୍ୟକାଳକୁ ପୂରା ୩ ବର୍ଷ ପାଇଁ ବଢ଼ାଇବାକୁ ସୁପ୍ରିମକୋର୍ଟଙ୍କ ଆଶ୍ରୟ ନେଇଥିଲେ। ମାତ୍ର ଏହି ମାମଲାରେ ହଠାତ୍ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଗତ ସପ୍ତାହରେ ମନା କରି ଦେଇଥିଲେ। ଲୋଧା ସଂସ୍କାର ଅନୁସାରେ କୌଣସି ଅଧିକାରୀ ରାଜ୍ୟ ଆସୋସିଏଶନ କିମ୍ବା ବିସିସିଆଇରେ କ୍ରମାଗତ ୬ ବର୍ଷ କାର୍ଯ୍ୟ କରିପାରିବ। ଏହାପରେ ୩ ବର୍ଷ କୁଲିଂ ପିରିୟଡ ବାଧ୍ୟତାମୂଳକ। ବିସିସିଆଇ ପଦ ଗ୍ରହଣ ବେଳେ ଗାଙ୍ଗୁଲି ଓ ଶାହାଙ୍କ କାର୍ଯ୍ୟକାଳ ମାତ୍ର ୧୦ ଓ ୯ ମାସ ରହିଥିଲା। ତେବେ ଏହି ମାମଲାରେ ଏବେ ନ୍ୟାୟିକ ମତ ଭିନ୍ନ ହେବାରେ ଲାଗିଛି। କୋର୍ଟରେ ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ଉଭୟ ଗାଙ୍ଗୁଲି ଓ ଶାହା ସେମାନଙ୍କ ଦାୟିତ୍ୱରେ ଅପରିବର୍ତ୍ତିତ ରହିବା ଉଚିତ ବୋଲି ମତପ୍ରକାଶ ପାଇଛି।



ସୌରଭ ଗାଙ୍ଗୁଲି ଓ ଜୟ ଶାହା।

ବିସିସିଆଇ ସଭାପତି ଗାଙ୍ଗୁଲି ଏବଂ ସମ୍ପାଦକ ଭାବେ ଶାହାଙ୍କ ମାମଲା ସୁପ୍ରିମକୋର୍ଟରେ ଥିବାରୁ ସେମାନଙ୍କ କୁଲିଙ୍ଗ୍ -ଅଫ୍ ପିରିୟଡ୍‌କୁ ତାଙ୍କ ଓକିଲ ବିରୋଧ କରିବେ ନାହିଁ ବୋଲି ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ସ୍ପଟ୍ ଫିକ୍ସିଂ ମାମଲା ପିଟିସନର ଆଦିତ୍ୟ ବର୍ମା କହିଛନ୍ତି। ସେହିପରି ବିସିସିଆଇ ସଭାପତି ଭାବେ ଗାଙ୍ଗୁଲି ଦୀର୍ଘସମୟ ଭିତ୍ତିରେ ରହିବା ଉଚିତ ବୋଲି ମତ ଦେଇଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ତଥା ବ୍ୟାଟିଂ ଗ୍ରେଟ୍ ସୁନୀଲ ଗାଭାସ୍କର। ବିସିସିଆଇକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାକୁ ଗାଙ୍ଗୁଲିଙ୍କର ଦକ୍ଷତା ରହିଛି ବୋଲି ସେ କହିଛନ୍ତି। ଚଳିତ ଶତାବ୍ଦୀ ପ୍ରାରମ୍ଭରେ ଭାରତୀୟ ଦଳର ପୁନରୁଦ୍ଧାରରେ ଗାଙ୍ଗୁଲିଙ୍କ ବଡ଼ ଭୂମିକା ରହିଥିଲା। ଦଳ ଉପରେ ପ୍ରଶଂସକମାନେ ପୁନଃ ଆସ୍ଥା ସ୍ଥାପନ କରିଥିଲେ। ତେଣୁ ଉଭୟ ଗାଙ୍ଗୁଲି ଓ ଶାହା ୨୦୨୩ ବିଶ୍ୱକପ ପର୍ଯ୍ୟନ୍ତ ସେମାନଙ୍କ ଦାୟିତ୍ୱରେ ରହିବା ଉଚିତ ବୋଲି ଗାଭାସ୍କର ଏକ ସ୍ତମ୍ଭରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ଜୁଭେଣ୍ଟସକୁ କ୍ରମାଗତ ୯ମ ଟାଇଟଲ

**ରୋମ୍, ୨୭।୭ (ଏପି):** ସାମ୍ପଡୋରିଆକୁ ୨-୦ ଗୋଲରେ ପରାସ୍ତ କରିବା ପରେ ଜୁଭେଣ୍ଟସ ଆଉ ଦୁଇଟି ଗେମ୍ ବାକି ଥାଇ ସିରି ଏ' ଟାଇଟଲ ହାସଲ କରିଛି। ଦଳର ଏହା କ୍ରମାଗତ ୯ମ ଟାଇଟଲ, ଯାହାକି ପ୍ରତିଯୋଗିତାରେ ଏକ ନୂଆ ରେକର୍ଡ। କ୍ରିଷ୍ଟିଆନୋ ରୋନାଲ୍‌ଡୋ ଏହି ମ୍ୟାଚରେ ଗୋଲ ସ୍କୋର କରିଛନ୍ତି। ଫଳରେ ୫ଥର ବାଲନ ଡି'ଅର ପୁରସ୍କାର ବିଜେତା କ୍ରମାଗତ ୧୧ଟି ମ୍ୟାଚରେ ଗୋଲ ସ୍କୋର କରି ଏକ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ରବିବାର ସାମ୍ପଡୋରିଆ ବିପକ୍ଷରେ ସେ ପ୍ରଥମ ଗୋଲ୍‌ଟିକୁ ସ୍କୋର କରିଥିଲେ। ସେ ଆଉ ଗୋଟିଏ ଗୋଲ ସ୍କୋର କରିପାରିଲେ ଜୁଭେଣ୍ଟସ ତରଫରୁ ଗୋଟିଏ ସିଜନରେ ସର୍ବାଧିକ ଗୋଲ ସ୍କୋର କରିବା ରେକର୍ଡ ଭଙ୍ଗ କରିବେ। ଲିଗ୍‌ର ଗୋଟିଏ ସିଜନରେ ସର୍ବାଧିକ ଗୋଲ ସ୍କୋର କରିବା ରେକର୍ଡ ଫେଲିସି ବୋରେଲ୍ (୩୧ ଗୋଲ୍) ୧୯୩୩-୩୪ରେ ହାସଲ କରିଥିଲେ। ଲକ୍‌ଡାଉନ୍ ପରେ ରୋନାଲ୍ଡୋ ୧୦ଟି ଗୋଲ ସ୍କୋର କରିଛନ୍ତି। ଏହି ସମୟ ମଧ୍ୟରେ ୟୁରୋପର ୫ ଟପ୍ ଲିଗ୍‌ରେ କୌଣସି ଖେଳାଳି ଏତେ ସଂଖ୍ୟାରେ ଗୋଲ କରି ନାହାନ୍ତି।

# ଚତୁର୍ଥ ଦିବସ ଖେଳ ବାତିଲ



ବର୍ଷା ଯୋଗୁ ପିଚ୍‌କୁ ଘୋଡ଼ାଇ ରଖାଯାଇଛି।

**ମାଞ୍ଚେଷ୍ଟର, ୨୭।୭:** ବର୍ଷା ଯୋଗୁ ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ତୃତୀୟ କ୍ରିକେଟ ଟେଷ୍ଟର ଚତୁର୍ଥ ଦିବସ ଖେଳ ସୋମବାର ବାତିଲ ହୋଇଛି। ଫଳରେ ଫଳାଫଳ ପାଇଁ ଉଭୟ ଦଳକୁ ୫ମ ତଥା ଅନ୍ତିମ ଦିବସକୁ ଅପେକ୍ଷା କରିବାକୁ ପଡ଼ିଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଇଂଲଣ୍ଡ ୩୬୯ ରନ କରିଥିବାବେଳେ ୱେଷ୍ଟଇଣ୍ଡିଜ ମାତ୍ର ୧୯୭ ରନ କରିବାକୁ ସକ୍ଷମ ହୋଇଥିଲା। ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସକୁ ୨୨୬/୨ରେ ଘୋଷଣା କରିବାରୁ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୯୯ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତୃତୀୟ ଦିବସ ଶେଷସୁଦ୍ଧା ୱେଷ୍ଟଇଣ୍ଡିଜ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୦ ରନରେ ୨ଟି ଉଇକେଟ ହରାଇଛି। ଓପନର ଜନ୍ କ୍ୟାମ୍ପବେଲ ଖାତା ଖୋଲିପାରି ନ ଥିବାବେଳେ କେମର ରୋଚ୍ ମାତ୍ର ୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ୮ ଉଇକେଟ ବାକିଥାଇ ୱେଷ୍ଟଇଣ୍ଡିଜ ଲକ୍ଷ୍ୟଠାରୁ ୩୮୯ ରନ ଦୂରରେ ରହିଛି। ଷ୍ଟୁଆର୍ଟ ବ୍ରଡ୍ ୱେଷ୍ଟଇଣ୍ଡିଜର ୨ଟି ଯାକ ଦ୍ୱିତୀୟ ଇନିଂସ ଉଇକେଟ

**ଅନ୍ତିମ ଟେଷ୍ଟ**

ନେଇ ନିଜ ଉଇକେଟ ସଂଖ୍ୟାକୁ ୪୯୯ରେ ପହଞ୍ଚାଇଛନ୍ତି। ଆଉ ଗୋଟିଏ ଉଇକେଟ ନେଲେ ସେ ୫୦୦ ଉଇକେଟ କ୍ଲବରେ ସାମିଲ ହେବେ। ପୂର୍ବରୁ ମୁଥୟା ମୁରଲୀଧରନ (୮୦୦), ଶେନ ୱର୍ନ (୭୦୮), ଅନୀଲ କୁମ୍ବଲେ (୬୧୯), ଜେମ୍ସ ଆଣ୍ଡରସନ (୫୮୯), ଗ୍ଲେନ ମ୍ୟାଗଗ୍ରା (୫୬୩) ଓ କର୍ଟନି ୱାଲ୍ସ (୫୧୯) ଏହି କ୍ଲବର ସଦସ୍ୟ ଅଛନ୍ତି।

### ଅଲିମ୍ପିକ୍ସ ୨୦୩୨ ପାଇଁ କାତାର ଆଗ୍ରହୀ

**ଦୋହା, ୨୭।୭ (ଏପି):** ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ୨୦୩୨ର ଆୟୋଜନ ପାଇଁ କାତାର ଆଗ୍ରହ ପ୍ରକାଶ କରିଛି। ପ୍ରାକୃତିକ ଗ୍ୟାସ୍‌ରେ ସମୃଦ୍ଧ ପର୍ସିଆ ଉପସାଗର ଅନ୍ତର୍ଗତ ଏହି ଦେଶ ଏହି ମର୍ମରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ନିକଟକୁ ଏକ ଚିଠି ଲେଖିଛି। କାତାର ମଧ୍ୟ ପ୍ରାଚ୍ୟରେ ପ୍ରଥମ ଥର ଫିଫା ବିଶ୍ୱକପ୍ ୨୦୨୨ରେ ଆୟୋଜନ କରିବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ପୁନଶ୍ଚ ଅଞ୍ଚଳରେ ପ୍ରଥମ ଥର ଅଲିମ୍ପିକ୍ସ ଆୟୋଜନ ନେଇ ଆଗ୍ରହ ପ୍ରକାଶ କରିଛି। ସୂଚନାଯୋଗ୍ୟ, ୨୦୧୦ ଡିସେମ୍ବରରେ ଏକ ଫିଫା ଭୋଟ୍‌ରେ କାତାର ଫୁଟବଲ ବିଶ୍ୱକପ୍ ଆୟୋଜନ ଅଧିକାର ଲାଭ କରିଥିଲା। ବିଡ୍ ଜିତିବା ଲାଗି ଏହି ଦେଶ ଦୁର୍ନୀତିର ଆଶ୍ରୟ ନେଇଥିବା ଅଭିଯୋଗ ହୋଇଛି।

# ଇଂଲଣ୍ଡ ଦଳକୁ ଟୋପ୍‌ଲେଙ୍କ ପ୍ରତ୍ୟାବର୍ତ୍ତନ

**ସାଉଥାମ୍ପଟନ, ୨୭।୭(ପି.ଟି.)**

ଦୀର୍ଘ ୪ ବର୍ଷ ପରେ ଇଂଲଣ୍ଡ କ୍ରିକେଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବାମହାତୀ ପେସ୍ ବୋଲର ରିଷି ଟୋପ୍‌ଲେ। ଆୟର୍ଲାଣ୍ଡ ବିପକ୍ଷ ସିରିଜ ପାଇଁ ସୋମବାର ଘୋଷିତ ୧୪ ଜଣିଆ ଇଂଲଣ୍ଡ ଦଳରେ ଟୋପ୍‌ଲେଙ୍କୁ ସାମିଲ କରାଯାଇଛି। ଆସନ୍ତା ଗୁରୁବାରଠାରୁ ଏହି ସିରିଜ ଆରମ୍ଭ ହେବ। ଇଅନ ମୋର୍ଗାନ ଅଧିନାୟକ ଓ ମୋଇନ୍ ଅଲୀଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। ୩ ଖେଳାଳିଙ୍କୁ ରିଜର୍ଭ ରଖା ଯାଇଛି। ୨୬ ବର୍ଷୀୟ ଟୋପ୍‌ଲେ ୧୦ଟି ଦିନିକିଆ ଖେଳି ୧୬ଟି ଉଇକେଟ ନେଇଛନ୍ତି। ଶେଷଥରପାଇଁ ସେ ୨୦୧୬ ଟି୨୦ ବିଶ୍ୱକପରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପିଠିରେ ସମସ୍ୟା ଯୋଗୁ ସେ ୨୦୧୮ରେ ଅସ୍ତ୍ରୋପଚାର କରାଇଥିଲେ। ଗତବର୍ଷ ସେ ସସେକ୍ସର ଅଗ୍ରଣୀ ଉଇକେଟ ହାସଲକାରୀ ଥିଲେ।



ରିଷି ଟୋପ୍‌ଲେ

ସାମ୍ ବିଲିଙ୍ଗ୍ସ, ଲିଆମ ଡସନ ଓ ଡେଭିଡ ୱିଲି ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏକ ଜୈବ-ସୁରକ୍ଷିତ ବାତାବରଣରେ ଏହି ସିରିଜ ବିନା ଦର୍ଶକରେ ଅନୁଷ୍ଠିତ ହେବ। ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ଖେଳୁଥିବାରୁ ଜୋ ରୁଟ୍, ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର, କ୍ରିସ୍ ୱୋକ୍ସ ଓ ମାର୍କ ଉଡ୍‌ଙ୍କ ନାମ ବିଚାରକୁ ନିଆ ଯାଇ ନ ଥିଲା। ଫଳରେ ବିଶ୍ୱକପ ବିଜେତା ଜନି ବେୟାରଷ୍ଟୋ, ଟମ୍ କୁରାନ, ଲିଆମ ଡସନ, ଆଡିଲ ରଶିଦ, ଜାସନ ରୟ ଏବଂ ଜେମ୍ସ ଭିନ୍ସ ପ୍ରମୁଖ ସ୍ଥାନ ପାଇଛନ୍ତି। କରୋନା ଭାଇରସ ସଂକ୍ରମଣ ଜନିତ ବ୍ରେକ୍ ପରେ ଏହା ହେବ ପ୍ରଥମ ଦିନିକିଆ ସିରିଜ। ଏହାର ଦ୍ୱିତୀୟ ଓ ତୃତୀୟ ଦିନିକିଆ ସେହି ସାଉଥାମ୍ପଟନଠାରେ ଯଥାକ୍ରମେ ଅଗଷ୍ଟ ୧ ଓ ୪ରେ ଅନୁଷ୍ଠିତ ହେବ।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲୀ, ଜନି ବେୟାରଷ୍ଟୋ, ଟମ୍ ବାଣ୍ଟନ, ସାମ୍ ବିଲିଙ୍ଗ୍ସ, ଟମ୍ କୁରାନ, ଲିଆମ ଡସନ, ଜୋ ଡେନଲି, ଶାକିବ ମେହମୁଦ, ଆଡିଲ ରଶିଦ, ଜାସନ ରୟ, ରିଷି ଟୋପ୍‌ଲେ, ଜେମ୍ସ ଭିନ୍ସ, ଡେଭିଡ ୱିଲି। **ରିଜର୍ଭ ଖେଳାଳି:** ରିଚାର୍ଡ ଗ୍ଲେସନ, ଲିୱିସ ଗ୍ରୋଗୋରି, ଲିଆମ ଲିଭିଙ୍ଗଷ୍ଟୋନ।

### ପୁନଃନିର୍ଦ୍ଧାରିତ କାର୍ଯ୍ୟସୂଚୀ ଉପରେ ଡବ୍ଲ୍ୟୁଟିସି ଫାଇନାଲ ନିର୍ଭର କରେ

**ନୂଆଦିଲ୍ଲୀ, ୨୭।୭ (ପି.ଟି.):** କୋଭିଡ୍-୧୯ ଯୋଗୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଡବ୍ଲ୍ୟୁଟିସି) ଟେଷ୍ଟ ସିରିଜ କାର୍ଯ୍ୟସୂଚୀରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇପଡ଼ିଛି। ଆସନ୍ତାବର୍ଷ ଫାଇନାଲ କେବେ ହେବ ତାହା ପୁନଃନିର୍ଦ୍ଧାରିତ କାର୍ଯ୍ୟସୂଚୀ ଉପରେ ନିର୍ଭର କରେ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଜେନେରାଲ ମ୍ୟାନେଜର (କ୍ରିକେଟ ଅପରେଶନ) ଜିଓଫ୍ ଆଲାରଡିସ୍ ସୋମବାର ପ୍ରକାଶ କରିଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ଇତିମଧ୍ୟରେ ଟି୨୦ ବିଶ୍ୱକପ୍‌କୁ ସ୍ଥଗିତ ରଖାଯାଇ ସାରିଛି। ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍ (ଏଫ୍‌ଟିପି) ବାଧାପ୍ରାପ୍ତ ହୋଇଛି। ବକେୟା ରହିଥିବା ଦ୍ୱିପାକ୍ଷିକ ସିରିଜକୁ କିପରି ଶେଷ କରି ହେବ ସେ ନେଇ ସଦସ୍ୟ ଦେଶଗୁଡ଼ିକ ସହ ଆଲୋଚନା ଚାଲିଥିବା ସେ କହିଛନ୍ତି। ଅଷ୍ଟ୍ରେଲିଆର ପୂର୍ବତନ ପ୍ରଥମଶ୍ରେଣୀ କ୍ରିକେଟର ପୁଣି କହିଛନ୍ତି ଯେ, ବାଂଲାଦେଶ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଇଂଲଣ୍ଡଙ୍କ ଦ୍ୱିପାକ୍ଷିକ ସିରିଜ ପଛେଇ ଯାଇଛି।







# 'ଆଇପିଏଲ୍ ଆୟୋଜନ ବଡ଼ ଚ୍ୟାଲେଞ୍ଜ'

**ଦୁବାଇ, ୨୭।୭ (ପି.ଟି.)**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆଇପିଏଲ ୨୦୨୦ ଆୟୋଜନ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଗ୍ରହୀ ଥିବା କଥା ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି)କୁ ଏକ ଚିଠି ଜରିଆରେ ଜଣାଇଛି। ୟୁଏଇରେ ଟୁର୍ନାମେଣ୍ଟ ଆୟୋଜନ କରିବା ଲାଗି ଇସିବି ତରଫରୁ ଏକ ପ୍ରସ୍ତାବ ଦିଆଯାଇଥିଲା। ଗତ ସପ୍ତାହରେ ଆଇପିଏଲ୍ ଚେୟାରମ୍ୟାନ ବ୍ରିଜେଶ ପଟେଲ ଟୁର୍ନାମେଣ୍ଟର ତାରିଖ ଘୋଷଣା କରିଥିଲେ। ଏହା ସେପ୍ଟେମ୍ବର ୧୯ରୁ ନଭେମ୍ବର ୮ ପର୍ଯ୍ୟନ୍ତ କରିବା ଲାଗି ପ୍ରସ୍ତାବ ରହିଛି। ଇସିବି ସାଧାରଣ ସମ୍ପାଦକ ମୁବାସଶିର୍ ଉସ୍‌ମାନି କହିଛନ୍ତି ବିସିସିଆଇଠାରୁ ଆମେ ଅଫିସିଆଲ ଚିଠି ପାଇଥିଲେ ମଧ୍ୟ ଆଇପିଏଲ ଆୟୋଜନ ନେଇ ଭାରତ ସରକାରଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ସବୁଜ ସଂକେତ ପାଇଲେ ଆମେ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିବୁ। କୋଭିଡ୍-୧୯ ବିପଦ ସତ୍ତ୍ୱେ ବିଦେଶରେ ୮ଟି ଦଳକୁ ନେଇ ଆଇପିଏଲ୍ ଆୟୋଜନ କରିବା ନିଶ୍ଚିତ ରୂପେ ଏକ ବଡ଼ ଚ୍ୟାଲେଞ୍ଜ। ହେଲେ ଏହି ବ୍ୟୟବହୁଳ ଟି୨୦ ଟୁର୍ନାମେଣ୍ଟ ଆୟୋଜନ ଦ୍ୱାରା ୟୁଏଇ ଆର୍ଥିକ ଦୃଷ୍ଟିକୋଣରୁ ଲାଭବାନ ହେବ ବୋଲି ଉସ୍‌ମାନି କହିଛନ୍ତି। ବିଶ୍ୱର ସର୍ବବୃହତ୍ ଟି୨୦ ଲିଗ୍ ଆୟୋଜନ କରିବାରେ ୟୁଏଇର ଅଭିଜ୍ଞତା ରହିଛି। ଭାରତରେ ସାଧାରଣ ନିର୍ବାଚନ ଯୋଗୁ ୨୦୧୪ ସଂସ୍କରଣର ଏକ ଅଂଶ ୟୁଏଇରେ ଆୟୋଜିତ ହୋଇଥିଲା। ଆଇପିଏଲ ଗଭର୍ନିଂ କାଉନସିଲ୍ ବୈଠକ ଖୁବ୍ ନିକଟରେ ବସିବ ବୋଲି ଆଶା କରାଯାଉଛି। ଏଥିରେ ଟୁର୍ନାମେଣ୍ଟ ଆୟୋଜନ ସଂକ୍ରାନ୍ତ ଯୋଜନା ପ୍ରସ୍ତୁତ ହେବ। ସଂଯୁକ୍ତ ଆରବ ଏମିରେଟ୍ସରେ କୋଭିଡ୍-୧୯ ସ୍ଥିତି ନିୟନ୍ତ୍ରଣରେ ରହିଥିବା ଭଳି ମନେ ହେଉଛି। ଦେଶରେ ସଂକ୍ରମିତଙ୍କ ସଂଖ୍ୟା ପ୍ରାୟ ୬୦୦୦ରୁ ଅଧିକ ରହିଛି। ତେବେ ଟୁର୍ନାମେଣ୍ଟ କଡ଼ା ସୁରକ୍ଷା ପ୍ରୋଟୋକଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆଶ କରାଯାଏ।



ମୁବାସଶିର୍ ଉସ୍‌ମାନି

### ବାଂଲାଦେଶ ବୋଲର ଦୁଇ ବର୍ଷ ବାସନ୍ଦ

**ଢାକା, ୨୭।୭ (ପି.ଟି.):** ବାଂଲାଦେଶର ଯୁବ ପେସ୍ ବୋଲର କାଜି ଆନିକ୍ ଇସ୍‌ଲାମ ଦେଶର ଜାତୀୟ କ୍ରିକେଟ ବୋର୍ଡ (ବିସିବି) ଦୁଇ ବର୍ଷ ବାସନ୍ଦ କରିଛି। ୨୦୧୮ରେ ହୋଇଥିବା ଏକ ଡୋପ୍ ଟେଷ୍ଟରେ ସେ ଧରାପଡ଼ିଥିଲେ। ୧୯ବର୍ଷରୁ କମ୍ ବିଶ୍ୱକପ୍ ୨୦୧୮ରେ କାଜି ବାଂଲାଦେଶର ସବୁଠାରୁ ଅଧିକ ଉଇକେଟ ହାସଲକାରୀ ବୋଲର ଥିଲେ। ସେହିବର୍ଷ ଜାତୀୟ କ୍ରିକେଟ ଲିଗ୍‌ର ଏକ ମ୍ୟାଚ ବେଳେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ସାମ୍ପଲରୁ ନିଷିଦ୍ଧ ଦ୍ରବ୍ୟ ମେଥାମ୍‌ଫେଟାମାଇନ୍ ପାଇଁ ତାଙ୍କର ପଜିଟିଭ୍ ଆସିଥିଲା। ୨୧ବର୍ଷୀୟ ଏହି କ୍ରିକେଟର ତାଙ୍କ ଦୋଷ ସ୍ୱୀକାର କରିଛନ୍ତି। ବାସନ୍ଦ ଦଣ୍ଡ ପିଛିଲା ୨୦୧୯ ଫେବୃୟାରୀ ୮ରୁ ଲାଗୁ କରାଯାଇଛି। କାଜି ୪ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳିଛନ୍ତି ଏବଂ ୧୫ ଉଇକେଟ ଅକ୍ତିଆର କରିଛନ୍ତି।



କାଜି ଆନିକ୍ ଇସ୍‌ଲାମ

# ଇଂଲଣ୍ଡ-ଆୟର୍ଲାଣ୍ଡ ସିରିଜରୁ ବିଶ୍ୱକପ୍ ସୁପରଲିଗ୍

**ନୂଆଦିଲ୍ଲୀ, ୨୭।୭**

ଇଂଲଣ୍ଡ ଓ ଆୟର୍ଲାଣ୍ଡ ଏକଦିବସୀୟ କ୍ରିକେଟ ସିରିଜ ଚଳିତମାସ ୩୦ରୁ ଆରମ୍ଭ ହେବ। ଏହି ସିରିଜରୁ ଆନୁଷ୍ଠାନିକଭାବେ କ୍ରିକେଟ ବିଶ୍ୱକପ ସୁପରଲିଗ୍ ଆରମ୍ଭ ହେବ ବୋଲି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି) ପକ୍ଷରୁ ସୋମବାର ପ୍ରକାଶ କରାଯାଇଛି। ବିଶ୍ୱକପ ସୁପରଲିଗ୍ ପ୍ରଥମେ ୨୦୧୮ ଜୁନ୍‌ରେ ଘୋଷଣା ହୋଇଥିଲା। ମାତ୍ର ସେତେବେଳେ ତାହା କେବଳ ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ପ୍ରଯୁଜ୍ୟ ଥିଲା। ବର୍ତ୍ତମାନ ଏକଦିବସୀୟ କ୍ରିକେଟ ପାଇଁ ଘୋଷିତ ସୁପରଲିଗ୍ ୨୦୨୩ ପୁରୁଷ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟଭାବେ ବ୍ୟବହୃତ ହେବ। ୨୦୧୫-୧୭ ଆଇସିସି ୱାର୍ଲ୍ଡ କ୍ରିକେଟ ଲିଗ୍ ଚାମ୍ପିୟନ ନେଦରଲାଣ୍ଡ୍ସ ସମେତ ୧୨ଟି ଦଳ ଏଥିରେ ଭାଗନେବେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୭ ଦଳ ଏବଂ ଆୟୋଜକ ଭାରତ ୨୦୨୩ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ବିଶ୍ୱକପର ଅବଶିଷ୍ଟ ୨ ସ୍ଥାନ ପାଇଁ ଲିଗ୍ ଟେବୁଲର ଶେଷ ୫ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେମାନଙ୍କ ସହ କ୍ରିକେଟ ୱାର୍ଲ୍ଡ କପ୍ ଲିଗ୍-୨ ସିରିଜ ଦେଇ ଆସିଥିବା ସହଯୋଗୀ ଦେଶର ଦଳ ଗୁଡ଼ିକ ଯୋଗଦେବେ। କ୍ରିକେଟ ବିଶ୍ୱକପ ଲିଗ୍-୨ ସିରିଜ ନାମ୍ବିଆରେ ଆୟୋଜିତ ହେବ। ଆଇସିସି ବିଶ୍ୱକପ ୧୦ ଦଳକୁ ନେଇ ଅନୁଷ୍ଠିତ ହେବ।




ଲିଗ୍‌ର ନିୟମ ଅନୁସାରେ ପ୍ରତି ଦଳ ଘରୋଇ ଏବଂ ବାହାର ପରିବେଶରେ ୪ଟି ଲେଖାଏ ସିରିଜ ଖେଳିବେ। ବିଜେତା ଦଳକୁ ୧୦ ପଏଣ୍ଟ ମିଳିବ। କୌଣସି ମ୍ୟାଚରୁ ଫଳାଫଳ ନ ମିଳିଲେ କିମ୍ବା ମ୍ୟାଚ ଟାଇ ରହିଲେ ୫ ପଏଣ୍ଟ ଲେଖାଏ ପ୍ରଦାନ କରାଯିବ। ପ୍ରତି ସୁପରସିରିଜରେ ୩ଟି ଲେଖାଏ ମ୍ୟାଚ ରହିବ। କୌଣସି ସିରିଜରେ ଅତିରିକ୍ତ ମ୍ୟାଚ ରଖାଯାଇ ପାରିବ, ମାତ୍ର ସେଥିରେ ଲିଗ୍ ପଏଣ୍ଟ ବ୍ୟବସ୍ଥା ରହିବ ନାହିଁ। ବିଶ୍ୱକପ ସୁପରଲିଗ୍ ପ୍ରକୃତରେ ୨୦୨୦ ମେ'ରୁ ଆରମ୍ଭ ହୋଇ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବାର ଥିଲା। ମାତ୍ର କରୋନା ଭାଇରସ ସଂକ୍ରମଣ ଯୋଗୁ ଏହାକୁ ଜୁଲାଇ ୩୦ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆ ଯାଇଥିଲା।

**ସୁପରଲିଗ୍‌ର ଶ୍ରେଷ୍ଠ ୭ ଦଳ ଏବଂ ଆୟୋଜକ ଭାରତ ୨୦୨୩ ବିଶ୍ୱକପ ପାଇଁ ସିଧା ଯୋଗ୍ୟତା ଅର୍ଜନ କରିବେ**






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ